


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-26 ◆SUNDAY ◆20 JULY 2025 ◆PAGE-16 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୨୬ ◆ରବିବାର ◆୨୦ ଜୁଲାଇ ୨୦୨୫ ◆ପୃଷ୍ଠା-୧୬ ◆ଟ.୬.୦୦ (ସିନ୍ଦୂରା ସହ)



DADLS-39



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶକ୍ତିଶ୍ରୀ

## ଉଚ୍ଚଶିକ୍ଷା ଅନୁଷ୍ଠାନରେ ସୁନିଶ୍ଚିତ ହେବ ଛାତ୍ରୀ ସୁରକ୍ଷା

- ଛାତ୍ରୀଙ୍କୁ ଆତ୍ମସୁରକ୍ଷା ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ ଦେବା ପାଇଁ ୧୬ ବିଶ୍ୱବିଦ୍ୟାଳୟ ଏବଂ ୭୩୦ ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଖୋଲିବ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର
  - ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ରର ପରିଚାଳନା ପାଇଁ ଜଣେ ଛାତ୍ରୀ "ଶକ୍ତିଶ୍ରୀ ସାଥୀ" ଏବଂ ଜଣେ ଅଧାପିକା "ଶକ୍ତିଶ୍ରୀ ସଂଯୋଜିକା" ଭାବରେ ନିଯୁକ୍ତ ହେବେ
  - ଜିଲ୍ଲାପାଳଙ୍କ ଦ୍ୱାରା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା "ଶକ୍ତି ଅପା" ଭାବରେ ମନୋନୀତ ହେବେ
- ଶକ୍ତିଶ୍ରୀ ମୋବାଇଲ ଆପ୍ ସାଜିବ ଛାତ୍ରୀଙ୍କ ସାଥି
  - ପ୍ରତ୍ୟେକ ଛାତ୍ରୀଙ୍କ ପାଇଁ ସୂଚନା, ଅଭିଯୋଗ ଏବଂ SOS ସାହାଯ୍ୟ ସୁନିଶ୍ଚିତ କରିବ
  - ଗୋପନୀୟ ଭାବରେ ସିଧାସଳଖ ଅଭିଯୋଗ ପଞ୍ଜିକରଣ କରିପାରିବେ ଛାତ୍ରୀ
- ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ଲାଗୁ ହେବ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ
- SAFE କ୍ୟାମ୍ପେନ ମାଧ୍ୟମରେ ବର୍ଷକୁ ଦୁଇ ଥର ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା
- ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ୩୧ ଡିସେମ୍ବର ସୁଦ୍ଧା ପ୍ରଦାନ କରିବେ ବାର୍ଷିକ କ୍ୟାମ୍ପସ ସୁରକ୍ଷା ରିପୋର୍ଟ
- ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଲାଗିବ ସିସିଟିଭି କ୍ୟାମେରା
- POSH (Prevention of Sexual Harassment) ଆଇନର ଅନଲାଇନ ପ୍ରଶିକ୍ଷଣ ବାଧ୍ୟତାମୂଳକ ହେବ
- ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକ-ଦିବସୀୟ ଶକ୍ତି ସ୍ୱରୂପିଣୀ କର୍ମଶାଳା ଆୟୋଜିତ ହେବ




## ଛାତ୍ରୀ ସୁରକ୍ଷାକୁ ସଶକ୍ତ କରିବ ଶକ୍ତିଶ୍ରୀ

OIPR - 15001/13/0931/2526

ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାର




◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-26 ◆SUNDAY ◆20 JULY 2025 ◆PAGE-16 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୨୬ ◆ରବିବାର ◆୨୦ ଜୁଲାଇ ୨୦୨୫ ◆ପୃଷ୍ଠା-୧୬ ◆ଟ.୬.୦୦ (ସିନ୍ଦୂରା ସହ)


# ଲିଭୁନି ନିର୍ଯାତନା ନିଆଁ



## ସ୍ପଷ୍ଟ ଦିବାଲୋକରେ ନାବାଳିକାକୁ ଜାଳିଦେଲେ

■ ପୁରୀ/ବଳଙ୍ଗା/ସାକ୍ଷୀଗୋପାଳ, ୧୯।୭ (ସମିସ): ବାଲେଶ୍ୱର ପରେ ଏବେ ବଳଙ୍ଗାରେ ଲଜ୍ଜା। ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ 'ଆତ୍ମାହୁତି' ନିଆଁ ଥମି ନଥିବା ବେଳେ ପୁରୀ ଜିଲ୍ଲା ବଳଙ୍ଗାରେ ଆଜି ଜଣେ ନାବାଳିକାଙ୍କୁ ଜିଅନ୍ତା ଜାଳିଦେବାକୁ ଉଦ୍ୟମ ହୋଇଛି। ସ୍ପଷ୍ଟ ଦିବାଲୋକରେ ୩ ଦୁର୍ବୃତ୍ତ ଏଭଳି ନାରକୀୟ କାଣ୍ଡ ଭିଆଇଛନ୍ତି। ଦୁର୍ବୃତ୍ତମାନେ ନାବାଳିକାକୁ ରାସ୍ତାରେ

### ୭୫ ଭାଗ ଦଗ୍ଧ ପୀଡ଼ିତା ଏମ୍‌ସରେ ଭର୍ତ୍ତି
### ପୀଡ଼ିତାଙ୍କ ବୟାନ ରେକର୍ଡ କଲା ପୁଲିସ୍
### ନିଶା ଶୁଙ୍ଘାଇ ଅଚେତ ପରେ ଅପହରଣ
### ନଦୀବନ୍ଧ କଡ଼ରେ ନିଆଁ ଲଗାଇଦେଲେ
### ଘଟଣାସ୍ଥଳରେ କେନ୍ଦ୍ରାଞ୍ଚଳ ଆଇଜି


ଅଟକାଇବା ପରେ ମୁହଁରେ କପଡ଼ା ଦେଇ ତାଙ୍କୁ ଅଚେତ କରିବା ପରେ ବାଇକ୍‌ରେ ଉଠାଇ ନେଇଥିଲେ। ନିକଟସ୍ଥ ଭାର୍ଗବୀ ନଦୀବନ୍ଧକଡ଼କୁ ନେଇ ସେଠାରେ ତାଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ନାବାଳିକାଙ୍କ ଶରୀରର ବିଭିନ୍ନ ଅଂଶ ପୋଡ଼ିଯାଇଛି। ସଂକଟାପନ୍ନ ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଛି। କେନ୍ଦ୍ରାଞ୍ଚଳ



ଆଇଜି ପ୍ରବୀଣ କୁମାର ପୀଡ଼ିତାଙ୍କ ଘର ଏବଂ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ହେଲେ, ସଂପୃକ୍ତ ▶ପୃଷ୍ଠା-୭

## ଆବଶ୍ୟକ ହେଲେ ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍‌ସ ଏୟାରଲିଫ୍ଟ: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୯।୭ (ସମିସ): ପୁରୀ ଜିଲ୍ଲା ବଳଙ୍ଗାଠାରେ ନାବାଳିକାଙ୍କୁ ନିଆଁ ଲଗାଇ ଦେବାପରି ଅଭାବନୀୟ ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି, ଘଟଣାରେ ପୁଲିସ ଆମୂଳଚୂଳ ତଦନ୍ତ ଜାରି ରଖିଛି। ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିବା ପୀଡ଼ିତାଙ୍କ ଜୀବନ ରକ୍ଷା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି। ଆବଶ୍ୟକ ପଡ଼ିଲେ ପୀଡିତାଙ୍କୁ ଏୟାରଲିଫ୍ଟ କରି ଦିଲ୍ଲୀ ଏମ୍‌ସରେ ଚିକିତ୍ସା କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ଏବଂ ସିଏମ୍‌ଓ ଏମ୍‌ସ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ଅଛନ୍ତି। ଯଦି ତାଙ୍କୁ ଏୟାରଲିଫ୍ଟ କରିବା ପାଇଁ ପରିସ୍ଥିତି ଅନୁକୂଳ ହୁଏ ଏବଂ ଭୁବନେଶ୍ୱର ଏମ୍‌ସର ନିର୍ଦ୍ଦେଶକ ଅନୁମୋଦନ ଦିଅନ୍ତି, ତେବେ ତାଙ୍କୁ ଦିଲ୍ଲୀ ନେବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ। ଏହି ଘଟଣାରେ ଅପରାଧୀଙ୍କୁ କଠୋରରୁ କଠୋରତମ ଦଣ୍ଡ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



"ସରକାରୀ ନିଷ୍କ୍ରିୟତା ଓ ରାଜନୈତିକ ପୃଷ୍ଠପୋଷକତା କାରଣରୁ ରାଜ୍ୟରେ ମହିଳା ଅସୁରକ୍ଷିତ"

### କ୍ଷୋଭ ପ୍ରକାଶ କଲେ ନବୀନ
## ନିଦରୁ ଉଠନ୍ତୁ ସରକାର

■ ଭୁବନେଶ୍ୱର, ୧୯।୭ (ସମିସ): ପୁରୀ ଜିଲ୍ଲା ନିମାପଡ଼ା ଅନ୍ତର୍ଗତ ବଳଙ୍ଗା ଅଞ୍ଚଳରେ ଜଣେ ନାବାଳିକାଙ୍କୁ କେତେକ ଦୁର୍ବୃତ୍ତ ଜାଳି ଦେଇଥିବାରୁ ଏହାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ମହିଳାମାନଙ୍କ ବିରୁଦ୍ଧରେ ଏପରି ଅକଳ୍ପନୀୟ ହିଂସା ଏବେ ସାରା ଓଡ଼ିଶାରେ ପ୍ରାୟ ପ୍ରତିଦିନ ଘଟୁଛି। ସରକାରୀ ନିଷ୍କ୍ରିୟତା ଏବଂ ରାଜନୈତିକ ପୃଷ୍ଠପୋଷକତା କାରଣରୁ ଓଡ଼ିଶା ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ସରକାର ଗଭୀର ନିଦରୁ ଉଠି ଅପରାଧୀଙ୍କୁ ଗିରଫ କରିବା ପାଇଁ ତ୍ୱରିତ୍ ପଦକ୍ଷେପ ନେବେକି ବୋଲି ପ୍ରଶ୍ନ କରିଛନ୍ତି ନବୀନ।

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ ଲେଖିଛନ୍ତି, ପୁରୀ ଜିଲ୍ଲାର ବଳଙ୍ଗା ଅଞ୍ଚଳରେ ଜଣେ ଛାତ୍ରୀଙ୍କୁ ପୋଡ଼ି ଦିଆଯାଇଥିବା ଜାଣି ମୁଁ ଗଭୀର ମର୍ମାହତ। ▶ପୃଷ୍ଠା-୭


## ଶିଶୁକନ୍ୟାକୁ ଦୁଷ୍କର୍ମ; ବୃଦ୍ଧ ଗିରଫ

■ ବାଲେଶ୍ୱର, ୧୯।୭ (ସମିସ): ବାଲେଶ୍ୱର ସହରରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ୭ ବର୍ଷର ଏକ ଶିଶୁକନ୍ୟାକୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ୍ ଜଣେ ୬୦ବର୍ଷର ବୃଦ୍ଧଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଜଣଙ୍କ ସ୍ଥାନୀୟ ବହଖୁଆ ଅଞ୍ଚଳର ସେକ ମେହେବୁବ। ବାଲେଶ୍ୱର ଟାଉନ୍ ଥାନା ଅଞ୍ଚଳରେ ଶିଶୁକନ୍ୟାଙ୍କ ପରିବାରର ଏକ ▶ପୃଷ୍ଠା-୭

ଲଜ୍ଜା

## ଘରୁ ଟେକିନେଇ ୩ ଦିନ ଦୁଷ୍କର୍ମ

■ ସାନଖେମୁଣ୍ଡି, ୧୯।୭ (ସମିସ): ଗଞ୍ଜାମରେ ପୁଣି ଲଜ୍ଜା। ଘରୁ ଟେକିନେଇ ଏକ ପରିତ୍ୟକ୍ତ ଘରେ ବାରମ୍ବାର ଦୁଷ୍କର୍ମ କରିବା ପରେ ପାଖ ଜଙ୍ଗଲରେ ଏକୁଟିଆ ଛାଡ଼ି ଚାଲିଗଲେ ଦୁଷ୍କର୍ମକାରୀ। ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ପାଟପୁର ଥାନା ଅଞ୍ଚଳରୁ ଆଜି ଏପରି ଏକ ଛାତିଥରା ଘଟଣା ପଦାକୁ ଆସିଛି। ଜଣେ ନାବାଳିକା ୩ ଦିନ ଧରି ଏଭଳି ପାଶବିକ ଅତ୍ୟାଚାରର ଶିକାର ହୋଇଛନ୍ତି। ▶ପୃଷ୍ଠା-୭




## ୧୬ ମିନିଟ୍ ଭିତରେ ଫେରିଆସିଲା ବିମାନ

ହାଇଦରାବାଦ୍, ୧୯ ।୭(ଏଜେନ୍ସି): ଏୟାର ଇଣ୍ଡିଆର ଏକ ଏକ୍ସପ୍ରେସ୍ ବିମାନ ଟେକ୍ ଅଫ୍ କରି ୧୬ ମିନିଟ୍ ଆକାଶରେ ଉଡିବା ପରେ ପ୍ରତ୍ୟାବର୍ତ୍ତନ କରିବା ଭଳି ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ରାଜୀବ ଗାନ୍ଧୀ ବିମାନ ବନ୍ଦରରେ ଏହି



ଘଟଣା ଘଟିଛି। ଫଳରେ ଏକ ବଡ଼ ଅଘଟଣ ହେବାରୁ ବିମାନ ବର୍ତ୍ତିଯାଇଛି। ସକାଳ ୬.୪୦ରେ ବୋଇଂର ବିମାନ ମ୍ୟାକ୍ସ ୮ ଆଇଏକ୍ସ ୧୧୦ ହାଇଦରାବାଦ୍‌ରୁ ଥାଇଲାଣ୍ଡର ଫୁକେଟ୍‌କୁ ବାହାରିଥିଲା। କିନ୍ତୁ ଟେକ୍ ଅଫ୍ କରିବାର କିଛି ସମୟ ପରେ ହିଁ ବିମାନ ଫେରିଆସିଥିଲା। ବିମାନରେ ବୈଷୟିକ ତ୍ରୁଟି ରହିଥିଲା। ତେବେ କି ପ୍ରକାର ତ୍ରୁଟି ଥିଲା ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଏହି ବିମାନ ଫୁକେଟ୍‌ରେ ପୂର୍ବାହ୍ଣ୧୧.୪୫ରେ ଫୁକେଟ୍‌ରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଥିଲା। ଅବଶ୍ୟ ବୈଷୟିକ ତ୍ରୁଟି କାରଣରୁ ବିମାନ ଫେରିବା ଘଟଣା ନୂଆ ନୁହଁ। ଆଗରୁ ମଧ୍ୟ ଏକାଧିକ ବାର ଏହି ଭଳି ଘଟଣା ଘଟିଛି। ପୂର୍ବରୁ ଚଳିତ ସପ୍ତାହରେ ଦିଲ୍ଲୀରୁ ଇମ୍ଫାଲ ଯାଉଥିବା ଇଣ୍ଡିଗୋ ବିମାନ ମଧ୍ୟ ସମ କାରଣ ଯୋଗୁଁ ଟେକ୍ ଅଫ୍ କରିବାର କିଛି ସମୟ ପରେ ଫେରିଆସିଥିଲା।

## ବଙ୍ଗଳା ଭାଷୀଙ୍କୁ ଆସାମ ସରକାର ଧମକାଉଛନ୍ତି: ମମତା

କୋଲକାତା, ୧୯ ।୭(ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆସାମର ବିଜେପି ସରକାରଙ୍କ ବିରୋଧରେ ଏକ ବଡ଼ ଅଭିଯୋଗ ଆଣିଛନ୍ତି। ଆସାମର ହିମନ୍ତ ବିଶ୍ୱ ଶର୍ମା ସରକାର ବଙ୍ଗଳା ଭାଷୀଙ୍କୁ ଧମକାଉଛନ୍ତି। ଆସାମରେ ଯେଉଁ ଲୋକମାନେ ସବୁ ଭାଷା, ଧର୍ମ ତଥା ସମ୍ପ୍ରଦାୟ ସହ ମିସିକରି ରହିବାକୁ ଚାହୁଁଛନ୍ତି, ସେମାନଙ୍କୁ ସରକାର ଧମକାଉଛନ୍ତି ବୋଲି ସେ କହିଛନ୍ତି। କିନ୍ତୁ ହିମନ୍ତ ମମତାଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ନିଜ ନାଗରିକଙ୍କ ସହ ନୁହଁ ସୀମାପାରରୁ ଆସିଥିବା ଅନୁପ୍ରବେଶକାରୀଙ୍କ ସହ ଆମେ ଲଢେଇ କରୁଛୁ ବୋଲି ସେ କହିଛନ୍ତି। ଅନୁପ୍ରବେଶକାରୀଙ୍କ ଯୋଗୁଁ ଆସାମ ଜନସଂଖ୍ୟାରେ ବଡ଼ ପରିବର୍ତ୍ତନ ହୋଇଛି। କେତୋଟି ଜିଲ୍ଲାରେ ଏବେ ହିନ୍ଦୁ ଅଳ୍ପସଂଖ୍ୟକ ହୋଇଛନ୍ତି। ଆମେ ଆସାମର ସଂସ୍କୃତି, ପରମ୍ପରା ଓ ପରିଚୟକୁ ବଜାୟ ରଖିବାକୁ ସଂଘର୍ଷ କରୁଛୁ ବୋଲି ହିମନ୍ତ ସ୍ପଷ୍ଟ କରିଛନ୍ତି। ମମତା ଅଜଥାରେ ଏ ନେଇ ରାଜନୀତି କରୁଛନ୍ତି ବୋଲି ସେ ପାଲଟା ଅଭିଯୋଗ ଆଣିଛନ୍ତି।

## ଗୋଟିଏ ଝିଅକୁ ବାହା ହେଲେ ଦୁଇ ଭାଇ

ନାହନ, ୧୯ ।୭(ଏଜେନ୍ସି): ହିମାଚଳ ପ୍ରଦେଶରେ ଦୁଇଭାଇ ଗୋଟିଏ ଝିଅକୁ ବିବାହ କରିଛନ୍ତି। ସିରମୋର ଜିଲ୍ଲାର ଶିଲାଇ ଗାଁର ପ୍ରଦୀପ ନେଗୀ ଓ କପିଲ ନେଗୀ କହ୍ନାଟ ଗାଁର ଯୁବତୀ ସୁନୀତା ଚୌହାନଙ୍କୁ ବିବାହ କରିଛନ୍ତି। ଏହି ଅଞ୍ଚଳରେ ଅବଶ୍ୟ ଏଭଳି ବିବାହ ଆଦୌ ନୂଆ ନୁହଁ। ଏଠାରେ ଏଭଳି ବିବାହର ପରମ୍ପରା ରହିଆସିଛି।



ଏହି ପରମ୍ପରାକୁ ବହୁପତି ବିବାହ କୁହାଯାଇଥାଏ। ଏହି ବିବାହ ଉତ୍ସବ ୩ ଦିନ ଧରି ଚାଲିଥିଲା। ପ୍ରଦୀପ ଜଳ ଶକ୍ତି ନିଗମର କର୍ମଚାରୀ ଭାବେ ଚାକିରି କରୁଛନ୍ତି। ସେହିପରି ତାଙ୍କ ଭାଇ କପିଲ୍ ମଧ୍ୟପ୍ରାଚ୍ୟ ଦେଶ ବାହରିନର ଏକ ହୋଟେଲରେ ଚାକିରି କରିଛନ୍ତି। ଏଭଳି ବିବାହ ପରିବାରକୁ ଏକାଠି କରି ରଖିଥାଏ ବୋଲି କୁହାଯାଉଛି। ୩ ଜଣ ମିଳିତ ଭାବେ ଏହି ବିବାହ କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି।

## ଧରାପଡ଼ିଲେ ହସ୍ପିଟାଲରେ ଗ୍ୟାଙ୍ଗଷ୍ଟର ହତ୍ୟାକାରୀ


କୋଲକାତା, ୧୯ ।୭(ଏଜେନ୍ସି): ପାଟନାର ଏକ ହସ୍ପିଟାଲରେ ଗ୍ୟାଙ୍ଗଷ୍ଟର ଚନ୍ଦନ ମିଶ୍ରା ହତ୍ୟା ମମଲାରେ କୋଲକାତାରୁ ସବୁ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। କୋଲକାତା ନିକଟସ୍ଥ ନ୍ୟୁ ଟାଉନ୍‌ାରେ ବିହାର ପୁଲିସ ଓ ପଶ୍ଚିମବଙ୍ଗ ପୁଲିସ ମିଳିତ ଭାବେ ଚଢ଼ାଉ କରି ଏକ ହାଉସିଂ କମ୍ପ୍ଲେକ୍ସରେ ହିଁ ଅପରାଧୀମାନଙ୍କୁ ଗିରଫ କରିଛି। ବିହାରର ବକ୍ସର ଜିଲ୍ଲାରେ ରହୁଥିବା ଚନ୍ଦନ ମିଶ୍ରା ପାଟନାର ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଏହି ୫ ଜଣ ବନ୍ଧୁକଧାରୀ ତାଙ୍କୁ ଗୁଳି କରି ହତ୍ୟା କରିଥିଲେ। ସେଠାରୁ ଫେରାର ହୋଇ ଏକ ଫ୍ଲାଟ୍‌ରେ ୫ଜଣ ଅଭିଯୁକ୍ତ ଲୁଚି ରହିଥିଲେ। ମୋବାଇଲ ଫୋନ୍‌ର ଟାୱାର ଲୋକେଶନରୁ ସେମାନଙ୍କୁ ପୁଲିସ ଟ୍ରାକ୍ କରିଥିଲା। ଏହି ହତ୍ୟାକାଣ୍ଡ ପରେ ବିହାରରେ ଆଇନ ଶୃଙ୍ଖଳା ସ୍ଥିତି ନେଇ ରାଜନୀତି ଆରମ୍ଭ ହୋଇଥିଲା।

## କାଲିଫର୍ଣ୍ଣିଆରେ ଭିଡ଼ ଭିତରେ ପଶିଗଲା କାର୍

ୱାସିଂଟନ, ୧୯ ।୭(ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟର ଲସ୍ ଏଞ୍ଜେଲ୍ସରେ ଶନିବାର ଏକ କାର ଚାଳକ ଭିଡ ଉପରେ ଗାଡି ଚଢାଇ ଦେଇଛନ୍ତି। ଏହି ଘଟଣାରେ ୩୦ଜଣ ଆହତ ହୋଇଛନ୍ତି। ୧୦ଜଣଙ୍କ ଅବସ୍ଥା ଗମ୍ଭୀର ବୋଲି କୁହାଯାଇଛି। ଏକ ମ୍ୟୁଜିକ ଭେନ୍ୟୁ ନିକଟରେ ଏହି ଘଟଣା ସକାଳେ ସାନ୍ତା ମୋନିକା ବୁଲେୱାର୍ଡରେ ଘଟିଥିଲା। ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି ବୋଲି ଲସ୍‌ଏଞ୍ଜେଲ୍ସ ଫାୟାର ଡିପାର୍ଟମେଣ୍ଟ ସୂଚନା ଦେଇଛି। ଏପର୍ଯ୍ୟନ୍ତ କାର ଚାଳକଙ୍କ ପରିଚୟ ମିଳିପାରିନାହିଁ। ଏହାକୁ ସେ ଜାଣିଶୁଣି କରିଛନ୍ତି ବା ଅଜାଣତରେ ହୋଇଛି ସେ ନେଇ ମଧ୍ୟ ସ୍ପଷ୍ଟ କରାଯାଇନାହିଁ। ସୋସିଆଲ ମିଡିଆରେ ଏହାର ଭିଡିଓ ଭାଇରାଲ ହୋଇଛି। ଘଟଣା ପୂର୍ବରୁ ଜଣେ ମହିଳା ଗୁଳି ଚଳାଇବାର ଶବ୍ଦ ଶୁଣିଥିଲେ। ଦୁଇମାସ ତଳେ ବ୍ରିଟେନରେ ମଧ୍ୟ ଏହିଭଳି ଘଟଣା ଘଟିଥିଲା।

## ନୋଏଡା ବିଶ୍ୱବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୧୯ ।୭(ଏଜେନ୍ସି): ଗ୍ରେଟର ନୋଏଡାର ଶାରଦା ବିଶ୍ୱବିଦ୍ୟାଳୟରେ ଜଣେ ବ୍ୟାଚଲର ଅଫ୍ ଡେଣ୍ଟାଲ ସର୍ଜରୀ (ବିସଡିଏସ୍)ର ଦ୍ୱିତୀୟ ବର୍ଷ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଦୁଇଜଣ ଶିକ୍ଷକ ନିର୍ଯାତନା ଦେବାରୁ ସେ ଏହି ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି ପୁଲିସ କହିଛି। ଛାତ୍ରୀଜଣକ ଗର୍ଲ୍ସ ହଷ୍ଟେଲ୍‌ରେ ହିଁ ଆତ୍ମହତ୍ୟା କରିଛନ୍ତି। ଏହି ଛାତ୍ରୀ ହେଉଛନ୍ତି ଗୁରଗ୍ରାମର ଜ୍ୟୋତି ଶର୍ମା। ଶୁକ୍ରବାର ରାତିରେ ଏହି ଘଟଣା ଘଟିଥିଲା। ଗୌତମବୁଦ୍ଧ ନଗରର ପାର୍କ ଥାନାରେ ଏ ନେଇ ମାମଲା ରୁଜୁ କରାଯାଇଛି। ଶିକ୍ଷକ ମହେନ୍ଦ୍ର ଓ ମହିଳା ଫ୍ୟାକଲ୍ଟି ସେରୀଙ୍କୁ ଗିରଫ୍ କରାଯାଇଛି। କଲେଜ କ୍ୟାମ୍ପସ୍‌ରେ ଏ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ହଷ୍ଟେଲ ରୁମ୍‌ରୁ ଛାତ୍ରୀଙ୍କ ସୁଇସାଇଡ୍ ନୋଟକୁ ପୁଲିସ ଜବତ କରିଛି। ଏଥିରେ ଜ୍ୟୋତି ମହେନ୍ଦ୍ର ଓ ସେରୀଙ୍କ ନାମ ଉଲ୍ଲେଖ କରିଛନ୍ତି। ଏହି ଦୁଇଜଣ ଦୀର୍ଘ ଦିନ ହେବ ମୋତେ ମାନସିକ ନର୍ଯାତନା ଦେଇଛନ୍ତି। ନିଜର ମୃତ୍ୟୁ ପାଇଁ ସେ ଏହି ଦୁଇଜଣଙ୍କୁ ଦାୟୀ କରିଛନ୍ତି। ଜ୍ୟୋତିଙ୍କ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇ ଦିଆଯାଇଛି।



## ଏମ୍ସ ପାଟନାରେ ଓଡ଼ିଶା ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ପାଟନା, ୧୯।୭ (ଏଜେନ୍ସି): ଏମ୍ସ ପାଟନା ହଷ୍ଟେଲରୁ ଶନିବାର ଜଣେ ଓଡ଼ିଆ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ପ୍ରଥମ ବର୍ଷର ମେଡିକାଲ ଛାତ୍ର ଥିଲେ। ତାଙ୍କ ନାମ ଯାଦବେନ୍ଦ୍ର ସାହୁ ବୋଲି ଜଣାପଡ଼ିଛି। ଏହାକୁ ନେଇ ମେଡିକାଲରେ ଚାଞ୍ଚଲ୍ୟ ଖେଳିଯାଇଛି। ଛାତ୍ରମାନେ ଭୟଭୀତ ହୋଇ ପଡ଼ିଛନ୍ତି। ପୁଲିସ ସୂଚନା ଅନୁଯାୟୀ ସକାଳ ହେବା ପରେ ଛାତ୍ର ନିଜ ପ୍ରକୋଷ୍ଠରୁ ବାହାରି ନ ଥିଲେ। ତାଙ୍କ ଫୋନ୍ ବାରମ୍ବାର ରିଙ୍ଗ ହେଉଥିଲା। ସେ ଏହାକୁ ନ ଉଠାଇବାରୁ ଛାତ୍ରଙ୍କ ସନ୍ଦେହ ହୋଇଥିଲା। ଦ୍ୱିପହର ୧ଟାରେ ହଷ୍ଟେଲ କର୍ତ୍ତୃପକ୍ଷ ଫୁଲୱାରିସରିଫ ଥାନାକୁ ଏହାର ସୂଚନା ଦେଇଥିଲେ। ଏସ୍‌ଡିପିଓ ସୁଶୀଲ କୁମାରଙ୍କ ଅନୁଯାୟୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏମ୍ସ ପ୍ରଶାସନ ଏବଂ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ହଷ୍ଟେଲ କବାଟ ଭାଙ୍ଗି ଭିତରେ ପ୍ରବେଶ କରିଥିଲା ଏବଂ ବେଡ୍ ଉପରେ ଛାତ୍ରଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲା। ପରେ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଫରେନସିକ ସାଇନ୍ସ ଲାବୋରାଟୋରି (ଏଫଏସଏଲ) ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଟେକ୍ନିକାଲ ପ୍ରମାଣ ସଂଗ୍ରହ କରାଯାଉଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ତେବେ ଘଟଣାସ୍ଥଳରୁ କୌଣସି ସୁଇସାଇଡ ନୋଟ୍ ଜବତ କରାଯାଇ ନାହିଁ। ଏ ପର୍ଯ୍ୟନ୍ତ ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ଓଡ଼ିଶାରେ ରହୁଥିବା ସାହୁଙ୍କ ପରିବାରକୁ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଟ୍ରମ୍ପଙ୍କ ଆଉ ଏକ ବିବାଦୀୟ ବୟାନ

## 'ଅପରେସନ୍ ସିନ୍ଦୂର'ରେ ୫ଟି ଜେଟ୍ ବିମାନ ଖସିଛି

## ମଧ୍ୟସ୍ଥତା କଥା ପୁଣି ଦୋହରାଇଲେ ରାଷ୍ଟ୍ରପତି

ୱାସିଂଟନ, ୧୯।୭ (ଏଜେନ୍ସି): ପାକିସ୍ତାନ ବିରୋଧରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ ସିନ୍ଦୂର'କୁ ନେଇ ଆଉ ଏକ ବିବାଦୀୟ ବୟାନ ଦେଇଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ସେ କହିଛନ୍ତି ଯେ ଗତ ମେ ମାସରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସଂଘର୍ଷ ସମୟରେ ୫ଟି ଜେଟ୍ ବିମାନକୁ ଧ୍ୱଂସ କରାଯାଇଛି। ତେବେ ଯୁଦ୍ଧ ବିମାନ କାହାର ଖସିଛି ଏବଂ କିଏ ଖସାଇଛି, ତାହା ସେ କହି ନାହାନ୍ତି। ଏହାସହିତ ସେ ପୁଣି ଦୋହରାଇଛନ୍ତି ଯେ ତାଙ୍କର ମଧ୍ୟସ୍ଥତା ଯୋଗୁଁ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବନ୍ଦ ହୋଇଥିଲା।

ହ୍ୱାଇଟ୍ ହାଉସରେ ରିପବ୍ଲିକାନ ସିନେଟରଙ୍କ ସମ୍ମାନରେ ଆୟୋଜିତ ନୈଶଭୋଜି ସଭାରେ ରାଷ୍ଟ୍ରପତି ଟ୍ରମ୍ପ ଦେଇଥିବା ଉପରୋକ୍ତ ବୟାନ ପୁଣି ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। କାରଣ ଭାରତ ବାରମ୍ବାର କହି ଆସୁଛି ଯେ ଭାରତ-ପାକ୍ ଯୁଦ୍ଧ ବିରତିରେ ତୃତୀୟ ପକ୍ଷର କୌଣସି ଭୂମିକା ନଥିଲା। ନୈଶଭୋଜି ସଭାରେ ଟ୍ରମ୍ପ କହିଲେ ଯେ ଭାରତ ଓ ପାକିସ୍ତାନ ଭୟଙ୍କର ଭାବେ ଲଢୁଥିଲେ। ଏଥିରେ ୫ଟି ଜେଟ୍ ବିମାନକୁ ଗୁଳି କରି ଖସାଇ ଦିଆଯାଇଥିଲା। ଉଭୟ ଦେଶ ପରସ୍ପରକୁ ମାଡ଼ କରୁଥିଲେ। ଭାରତ ଏବଂ ପାକିସ୍ତାନ ପରମାଣୁ ରାଷ୍ଟ୍ର ହୋଇଥିବାରୁ ଏହି ସଂଘର୍ଷ ପରମାଣୁ ଯୁଦ୍ଧ ଆଡ଼କୁ ମୁହାଁଉଥିବା ଭଳି ମନେ ହେଉଥିଲା। ଏହା ହୋଇଥିଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥାଆନ୍ତା। ଏଥିରେ ସେ ତୁରନ୍ତ ହସ୍ତକ୍ଷେପ କରି ଉଭୟ ଦେଶକୁ ଯୁଦ୍ଧବିରତି ପାଇଁ ରାଜି କରାଇଥିଲେ। ସେମାନଙ୍କୁ କୁହାଯାଇଥିଲା ଯେ ଯୁଦ୍ଧବିରତି ନକଲେ ଆମେରିକା ସେମାନଙ୍କ ସହିତ ବାଣିଜ୍ୟ କାରବାର ବନ୍ଦ କରିଦେବ। ଏହାପରେ ଯୁଦ୍ଧବିରତି ହୋଇଥିଲା।

ଟ୍ରମ୍ପଙ୍କ ଏହି ବୟାନ ପୁଣି ବିବାଦ ସୃଷ୍ଟି କରିଛି। କାରଣ ସେ କହିଛନ୍ତି ଏହି ୪ ଦିନର ସଂଘର୍ଷରେ ୫ଟି ଜେଟ୍ ବିମାନ ଖସିଛି। ତେବେ ଏହି ଲଢୁଆ ବିମାନ କାହାର ଥିଲା ଏବଂ କିଏ ଖସାଇଛି। ଲଢୁଆ ବିମାନ ଉଭୟ ଦେଶର ଥିଲା ନା ଗୋଟିଏ ଦେଶର ଥିଲା, ତାହା ସେ ସ୍ପଷ୍ଟ କରି ନାହାନ୍ତି। କାରଣ ଭାରତ ସରକାର ଏହାର ୪ କି ୫ଟି ଜେଟ୍ ବିମାନକୁ ଖସାଇଥିଲା ବୋଲି ପାକିସ୍ତାନର ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲା। ପୁଣି ଦୁଇ ଦେଶ ମଧ୍ୟରେ ମଧ୍ୟସ୍ଥତା ନେଇ ଟ୍ରମ୍ପଙ୍କ ଦାବିକୁ ଭାରତ ମିଛ ବୋଲି କହି ଆସୁଛି। ଏହାସତ୍ତ୍ୱେ ଟ୍ରମ୍ପ ଆଜିକୁ ମିଶାଇ ୨୦ରୁ ଅଧିକ ଥର କହିଲେଣି ଯେ ତାଙ୍କର ମଧ୍ୟସ୍ଥତା ଯୋଗୁଁ ଭାରତ-ପାକିସ୍ତାନ ସଂଘର୍ଷ ବିରତି ହୋଇଛି।



ସୂଚନାଯୋଗ୍ୟ ଯେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ବିରୋଧରେ ଭାରତ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ପ୍ରଥମ ପର୍ଯ୍ୟାୟରେ ମେ ୭ ତାରିଖରେ ପାକିସ୍ତାନରେ ଥିବା ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପାକିସ୍ତାନର ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରାଯାଇଥିଲା। ୪ ଦିନ ଧରି ଚାଲିଥିବା ଏହି ଯୁଦ୍ଧରେ ପାକିସ୍ତାନର ବ୍ୟାପକ ସାମରିକ କ୍ଷତି ହୋଇଥିଲା। ଶେଷରେ ପାକିସ୍ତାନ ଅନୁରୋଧ କ୍ରମେ ମେ ୧୦ ତାରିଖରେ ଅସ୍ତ୍ରବିରତି ଘୋଷଣା କରାଯାଇଥିଲା।

## କାର୍ ଚଢ଼ାଇ ଦୁଇ ଜଣଙ୍କୁ ମାରିଲେ ପୁଲିସ ପୁଅ

ଅହମଦାବାଦ, ୧୯ ।୭(ଏଜେନ୍ସି): ଗୁଜରାଟର ଭବନଗରରେ ଜଣେ ପୁଲିସ ଅଧିକାରୀଙ୍କ ପୁଅ ନିଜ ବନ୍ଧୁଙ୍କ ସହ କାର୍ ରେସିଂ କରିବା ବେଳେ ଅଘଟଣ ଘଟିଛି। ୨୦ ବର୍ଷୀୟ ହର୍ଷରାଜ ସିଂ ଗୋହଲି ଏସ୍‌ୟୁଭି ଚଢ଼ାଇ ଦୁଇଜଣ ବ୍ୟକ୍ତିଙ୍କୁ ମାରିଛନ୍ତି। କଲିୟାବିଦ ଅଞ୍ଚଳରେ ଏକ ଜନଗହଳି ରାସ୍ତାରେ ସେ ନିଜ ବନ୍ଧୁଙ୍କ ସହ କାର ରେସିଂ କରୁଥିଲେ। ହର୍ଷରାଜ କ୍ରେଟା ଗାଡି ଓ ତାଙ୍କ ବନ୍ଧୁ ରେଡ ବ୍ରେଜା କାର ଚଳାଉଥିଲେ। ଏହି ଘଟଣା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ରାସ୍ତାରେ ଚାଲୁଥିବା ଦୁଇଜଣଙ୍କ ଉପରେ ସେ କ୍ରେଟା କାର ଚଢାଇଦେଇଥିଲେ ଓ ପରେ ଏକ ସ୍କୁଟରକୁ ମାଡ଼ କରିଥିଲେ। ହର୍ଷରାଜ ହେଉଛନ୍ତି ସ୍ଥାନୀୟ କ୍ରାଇମବ୍ରାଞ୍ଚ୍ ଅନିରୁଦ୍ଧ ସିଂ ଭାଜୁଭା ଗୋହଲିଙ୍କ ପୁଅ। ସେ ଘଣ୍ଟାପ୍ରତି ୧୨୦ରୁ ୧୫୦ କିମି ବେଗରେ ଗାଡି ଚଳାଇବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଏହି ଘଟଣାରେ ଏକାଧିକ ଗାଡି ଭାଙ୍ଗିଯାଇଛି। ଏହି ଘଟଣାରେ ମୃତ୍ୟୁବରଣ କରିଥିବା ଦୁଇଜଣ ବ୍ୟକ୍ତି ହେଲେ ୩୦ ବର୍ଷୀୟ ଭାର୍ଗଭ ଭଟ୍ଟ ଓ ୬୫ ବର୍ଷୀୟ ଚମ୍ପାବେନ ଉଚାନୀ।

## ଇଣ୍ଡିମେଣ୍ଟ ନେତାମାନଙ୍କ ଅନ୍‌ଲାଇନ୍ ବୈଠକ

ନୂଆଦିଲ୍ଲୀ, ୧୯।୭ (ଏଜେନ୍ସି): ଆସନ୍ତା ୨୧ ତାରିଖରେ ସଂସଦର ବର୍ଷାକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହାପୂର୍ବରୁ ଆଜି ସନ୍ଧ୍ୟାରେ ଇଣ୍ଡିଆ ମେଣ୍ଟ ନେତାମାନଙ୍କର ଅନଲାଇନ ବା ଆଭାସୀ ବୈଠକ ହୋଇଥିଲା। ବୈଠକରେ ମଲ୍ଲିକାର୍ଜୁନ ଖଡ଼ଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଶରଦ ପାୱାର, ଉଦ୍ଧବ ଠାକରେ, ସଂଜୟ ରାଉତ, ହେମନ୍ତ ସୋରେନ, ରାମଗୋପାଳ ଯାଦବ, ତେଜସ୍ୱୀ ଯାଦବ, ଓମାର ଅବଦୁଲ୍ଲା, ଫାରୁକ ଅବଦୁଲ୍ଲା, ଅଭିଷେକ ବାନାର୍ଜୀଙ୍କ ସମେତ ଅନେକ ନେତା ଭାଗ ନେଇଥିଲେ। ବୈଠକ ପରେ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ପ୍ରମୋଦ ତିୱାରୀ କହିଲେ ଯେ ମେଣ୍ଟରେ ୨୪ଟି ଦଳ ସାମିଲ ଅଛନ୍ତି। ଆଜିର ବୈଠକରେ ସ୍ଥିର ହୋଇଥିଲା ଯେ ଆଗାମୀ ସଂସଦ ଅଧିବେଶନରେ ଏହି ଦଳ ଗୁଡ଼ିକ ମିଳିତ ହୋଇ କାମ କରିବେ। ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ଘେରିବା ଲାଗି ମିଳିତ ରଣନୀତି ପ୍ରସ୍ତୁତ କରାଯାଇଛି। ସେ କହିଲେ ଯେ ପହଲଗାମ ଆକ୍ରମଣ, ଅପରେସନ ସିନ୍ଦୂର ଓ ଟ୍ରମ୍ପଙ୍କ ଦାବି, ବିହାରରେ ଭୋଟର ତାଲିକା ସଂଶୋଧନ, ବିଭିନ୍ନ ରାଜ୍ୟରେ ବଙ୍ଗଳାଭାଷୀ ଲୋକଙ୍କୁ ଅଟକାଯିବା, ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣାଙ୍ଗ ରାଜ୍ୟର ମାନ୍ୟତା, ଅହମଦାବାଦ ବିମାନ ଦୁର୍ଘଟଣା ସମେତ ନାରୀ, ଦଳିତ ଓ ସଂଖ୍ୟାଲଘୁ ସଂପ୍ରଦାୟ ବିରୋଧରେ ବଢୁଥିବା ନିର୍ଯାତନା ଭଳି ପ୍ରସଙ୍ଗକୁ ନେଇ ସଂସଦ ସରଗରମ ରହିବ। ବିରୋଧୀ ଦଳ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କ ଠାରୁ ଉତ୍ତର ।।ଲୋଡ଼ିବେ। ବିଶେଷ କରି ବିହାରରେ ବଢ଼ିଚାଲିଥିବା ଗୁଳିକାଣ୍ଡ ଘଟଣା ଏବଂ ଓଡ଼ିଶାରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ। କାରଣ ବିଜେପି ଶାସନ ଅଧୀନରେ ଥିବା ଏହି ଦୁଇ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି। ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଛାତ୍ରୀଙ୍କ ଆତ୍ମଦାହ ଓ ବଳଙ୍ଗା ଛାତ୍ରୀଙ୍କୁ ନିଆଁ ଲଗାଇ ହତ୍ୟା ଉଦ୍ୟମ କେନ୍ଦ୍ର ପାଇଁ ଚିନ୍ତାର କାରଣ ହୋଇଛି।

## ଚୀନ୍‌କୁ ଚେକ୍ ଦେବା ପାଇଁ ଯୋଜନା

## ଲାକ୍ଷାଦ୍ୱୀପର ବିତ୍ରା ଦ୍ୱୀପରେ ସାମରିକ ଘାଟୀ

ନୂଆଦିଲ୍ଲୀ, ୧୯।୭ (ଏଜେନ୍ସି): ଆରବ ମହାସାଗରରେ ଚୀନ୍‌କୁ ଚେକ୍ ଦେବା ପାଇଁ ଭାରତ ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଲାକ୍ଷାଦ୍ୱୀପର ବିତ୍ରା ଦ୍ୱୀପକୁ ଅଧିଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାକୁ ପ୍ରତିରକ୍ଷା ଘାଟୀ ଭାବେ ବ୍ୟବହାର କରାଯିବ। ଏବେ ଏହି ଦ୍ୱୀପରେ ୧୦୫ ପରିବାର ରହୁଛନ୍ତି। ଏହି ଦ୍ୱୀପ ନିକଟସ୍ଥ ସାମୁଦ୍ରିକ ମାର୍ଗ ଦେଇ ଚୀନ୍ ୟୁରୋପ ଏବଂ ଆଫ୍ରିକା ସହ କାରବାର କରୁଛି। ସମୁଦ୍ରରେ ଚୀନ୍ ଦାଦାଗିରିକୁ ଶେଷ କରିବା ପାଇଁ ଭାରତ ଏହି ପଦକ୍ଷେପ ନେଉଥିବା କୁହାଯାଉଛି। ଏଠାରୁ ପାକିସ୍ତାନର ବେଆଇନ କାର୍ଯ୍ୟକଳାପ ଉପରେ ମଧ୍ୟ ରୋକ୍ ଲଗାଯାଇପାରିବ। ଏହି ଦେଶକୁ ଘେରିବାରେ ସହାୟକ ହେବ। ଲାକ୍ଷାଦ୍ୱୀପ ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି ଯେ ରଣନୈତିକ ସ୍ଥିତି ଦୃଷ୍ଟିରୁ ଏହି ଦ୍ୱୀପ ଗୁରୁତ୍ୱପୂର୍ଣ୍ଣ। ଏହା ଜାତୀୟ ସୁରକ୍ଷା ପାଇଁ ମଧ୍ୟ ଜରୁରୀ। କିନ୍ତୁ ଲୋକେ ବାସ କରୁଥିବା ଯୋଗୁ ଲଜିଷ୍ଟିକ ଜନିତ ଏବଂ ପ୍ରଶାସନିକ ସମସ୍ୟା ସୃଷ୍ଟି ହେଉଛି। ସେଥିପାଇଁ ସମ୍ପୂର୍ଣ୍ଣ ଦ୍ୱୀପକୁ ଅଧିଗ୍ରହଣ କରାଯିବ। ଏହା ଭାରତକୁ ସୁରକ୍ଷିତ ରଖିବା ପାଇଁ ମଧ୍ୟ ଜରୁରୀ। ପରେ ଏହାକୁ କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ଏବଂ ରଣନୈତିକ ଏଜେନ୍ସିକୁ ହସ୍ତାନ୍ତର କରାଯିବ। ଏଥିପାଇଁ ସୋସିଆଲ ଇମ୍ପାକ୍ଟ ଆସେସମେଣ୍ଟ (ଏସଆଇଏ) ଆରମ୍ଭ ହୋଇଯାଇଛି। ଏହା ଦୁଇ ମାସ ମଧ୍ୟରେ ଶେଷ ହେବ। ଏହା ମଧ୍ୟରେ ଲୋକଙ୍କୁ କ୍ଷତିପୂରଣ ଦେଇ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ନେଇ ଅଧ୍ୟୟନ କରାଯିବ। ଗ୍ରାମସଭା ମଧ୍ୟ କରାଯିବ। ତେବେ ନୂଆ ଆଇନରେ ଏହା ନ କରି ଜମି ଅଧିଗ୍ରହଣ କରିବାର ମଧ୍ୟ ବ୍ୟବସ୍ଥା ରହିଛି।



ସୂଚନା ଅନୁଯାୟୀ ଲାକ୍ଷାଦ୍ୱୀପର ଜନବସତି ପୂର୍ଣ୍ଣ ୧୦ ଦ୍ୱୀପ ମଧ୍ୟରୁ ବିତ୍ରା ଅନ୍ୟତମ। ଏହି କେନ୍ଦ୍ରଶାସିତ ଅଞ୍ଚଳ ଆରବ ସାଗରରେ ୩୨ ସ୍କୋୟାର କିମି ପର୍ଯ୍ୟନ୍ତ ବ୍ୟାପିଛି। ଏହା କୋଚି ଉପକୂଳରୁ ପ୍ରାୟ ୨୨୦ରୁ ୪୪୦ କିମି ମଧ୍ୟରେ ରହିଛି। ଏଠାରେ ଭାରତୀୟ ନୌସେନାର ସର୍ଦ୍ଦର୍ଣ୍ଣ ନାଭାଲ କମାଣ୍ଡ ମଧ୍ୟ ରହିଛି। ବିତ୍ରା ଦ୍ୱୀପ ପ୍ରାୟ ୯୧, ୭୦୦ ସ୍କୋୟାର ମିଟର (୦.୦୯୧ ସ୍କୋୟାର କିମି) ପର୍ଯ୍ୟନ୍ତ ବ୍ୟାପିଛି। ଏଠାରେ ପ୍ରାୟ ୩୫୦ ଲୋକ ରହୁଛନ୍ତି। ତେବେ ମାଛମାରି ଜୀବିକା ଅର୍ଜନ କରୁଥିବା ସ୍ଥାନୀୟ ଅଧିବାସୀ ଏହି ପଦକ୍ଷେପକୁ ବିରୋଧ କରୁଛନ୍ତି। ଏହା ଦ୍ୱାରା ଜୀବିକା ଉପରେ ପ୍ରଭାବ ପଡ଼ିବ ବୋଲି ଲୋକେ ଭାବୁଛନ୍ତି। ସ୍ଥାନୀୟ ସାଂସଦ ହମଦୁଲ୍ଲା ସୈଦ ମଧ୍ୟ ଏହି ପଦକ୍ଷେପ ବିରୋଧରେ ଛିଡ଼ା ହୋଇଛନ୍ତି। ଆବଶ୍ୟକ ପଡ଼ିଲେ ଲୋକେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

# ଥମୁନି ବିମାନ ଦୁର୍ଘଟଣା ତଦନ୍ତ ବିବାଦ

ନୂଆଦିଲ୍ଲୀ, ୧୯।୭ (ଏଜେନ୍ସି): ଅହମଦବାଦ ବିମାନ ଦୁର୍ଘଟଣା ସମ୍ବନ୍ଧରେ ପ୍ରକାଶିତ ରିପୋର୍ଟକୁ ନେଇ ଆମେରିକୀୟ ଖବରକାଗଜ 'ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' (ଡବ୍ଲୁଏସ୍‌ଜେ) ଏବଂ ନ୍ୟୁଜ ଏଜେନ୍ସି 'ରଏଟର୍ସ'ର ସମସ୍ୟା ବଢ଼ିବାରେ ଲାଗିଛି। ଭାରତୀୟ ପାଇଲଟ ସଂଘ (ଏଫ୍‌ଆଇପି) ଦୁଇ ସଂସ୍ଥାର ରିପୋର୍ଟକୁ ଭ୍ରମାତ୍ମକ ଏବଂ ମିଥ୍ୟା କହିଛି। ଏଏଆଇବିର ପ୍ରାଥମିକ ଯାଞ୍ଚ ରିପୋର୍ଟ ଆସିବା ପରେ ରଏଟର୍ସ ଏବଂ ଡବ୍ଲୁଏସ୍‌ଜେ ଜାରି କରିଥିବା ରିପୋର୍ଟକୁ ଏଫଆଇପିର ଅଧ୍ୟକ୍ଷ କ୍ୟାପ୍‌ଟେନ ସିଏସ୍ ରନ୍ଧୱା ତୀବ୍ର ସମାଲୋଚନା କରିଛନ୍ତି। ଏହା ଦ୍ୱାରା ମୃତ ପାଇଲଟ୍ ସୁମିତ ସଭରୱାଲଙ୍କ ପ୍ରତିଷ୍ଠା ଉପରେ ଆଞ୍ଚ ଲାଗିଛି ବୋଲି କହିଛନ୍ତି। ଏହାକୁ ନେଇ ରଏଟର୍ସ ଏବଂ ଡବ୍ଲୁଏସ୍‌ଜେକୁ ଏଫ୍‌ଆଇପି ପକ୍ଷରୁ ଆଇନଗତ ନୋଟିସ ପଠାଯାଇଛି। ମିଥ୍ୟା ରିପୋର୍ଟ ପ୍ରକାଶକୁ ନେଇ ଆନୁଷ୍ଠାନିକ ଭାବେ କ୍ଷମା ମାଗିବାକୁ ଏଥିରେ ଦାବି କରାଯାଇଛି।

ରନ୍ଧାୱା କହିଛନ୍ତି ଯେ ଏହି ଦୁଇ ସଂସ୍ଥା ମିଥ୍ୟା ଖବର ଉପସ୍ଥାପନ କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଏହି ରିପୋର୍ଟ ସତ୍ୟ ଉପରେ ଆଧାରିତ ନାହିଁ। ସେମାନେ ନିଜ ଆଡୁ ନିଷ୍କର୍ଷରେ ପହଞ୍ଚି ଯାଉଛନ୍ତି। ଉଭୟେ କୌଣସି ତଦନ୍ତକାରୀ ଅନୁଷ୍ଠାନ ନୁହଁନ୍ତି। ଏହା ସତ୍ତ୍ୱେ କେମିତି ନିଷ୍କର୍ଷରେ ପହଞ୍ଚି ରିପୋର୍ଟ ଜାରି କରିଦେଲେ? ଏଏଆଇବି ରିପୋର୍ଟରେ ସ୍ପଷ୍ଟ ସୂଚନା ଦିଆଯାଇ ନ ଥିବାବେଳେ କେମିତି ପାଇଲଟଙ୍କୁ ଦୋଷ ଦେଇଦେଲେ? ରଏଟର୍ସ ଏବଂ ଡବ୍ଲୁଏସଜେକୁ ପଠାଯାଇଥିବା ଇମେଲରେ ସ୍ପଷ୍ଟ କରିଦିଆଯାଇଛି ଯେ ଉଭୟଙ୍କ ରିପୋର୍ଟ କେବଳ ତଥ୍ୟହୀନ ନ ଥିଲା, ବରଂ ଭାରତରେ ବିମାନ ସୁରକ୍ଷାକୁ ନେଇ ସାରା ବିଶ୍ୱରେ ଭୁଲ୍‌ଧାରଣା ସୃଷ୍ଟି କରାଯାଇଥିଲା।

### ରଏଟର ଓ ଡବ୍ଲୁଏସ୍‌ଜେକୁ ପାଇଲଟ ସଂଘର ନୋଟିସ୍

### ସାର୍ବଜନୀନ ଭାବେ କ୍ଷମା ମାଗ ଓ ସ୍ପଷ୍ଟୀକରଣ ଦିଅ



ଗତ ୧୭ ତାରିଖରେ ପ୍ରକାଶିତ ରିପୋର୍ଟକୁ ସମୀକ୍ଷା କରିବା ପାଇଁ ରଏଟର୍ସକୁ କୁହାଯାଇଛି। ରିପୋର୍ଟକୁ ନେଇ ସ୍ପଷ୍ଟୀକରଣ ଦେବାକୁ କୁହାଯାଇଛି। ଏବେ କୌଣସି ନିର୍ଦ୍ଦିଷ୍ଟ ସୂଚନା ସାମ୍ନାକୁ ଆସିନାହିଁ ଏବଂ ରିପୋର୍ଟ ସୂତ୍ର ଏବଂ ତଥ୍ୟ ଉପରେ ଆଧାରିତ ନ ଥିଲା ବୋଲି ଲେଖିବାକୁ କୁହାଯାଇଛି। ଏଭଳି ରିପୋର୍ଟ ଦ୍ୱାରା କେବଳ ପାଇଲଟଙ୍କ ଛବି ଖରାପ ହୋଇନାହିଁ, ବରଂ ତାଙ୍କ ସମ୍ପର୍କୀୟଙ୍କୁ ମଧ୍ୟ ମାନସିକ ଉତ୍ପୀଡ଼ନ ଭୋଗିବାକୁ ପଡ଼ିଛି। ଏହା ଦ୍ୱାରା ପୂର୍ବରୁ ଅଧିକ ଚାପର ବଶବର୍ତ୍ତୀ ହୋଇ କାର୍ଯ୍ୟ କରୁଥିବା ପାଇଲଟ ଗୋଷ୍ଠୀର ମନୋବଳ ଉପରେ ମଧ୍ୟ ପ୍ରଭାବ ପଡ଼ିଛି। ତେଣୁ ଏହାକୁ ନେଇ ସ୍ପଷ୍ଟୀକରଣ ଏବଂ ବିବୃତ୍ତି ଜାରି କରି କ୍ଷମା ମାଗିବାକୁ ଦୁଇ ସଂସ୍ଥାକୁ କୁହାଯାଇଛି। ଯଦି ରଏଟର୍ସ ଏବଂ ଡବ୍ଲ୍ୟୁଏସଜେ କ୍ଷମା ନ ମାଗନ୍ତି ତେବେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଗଣମାଧ୍ୟମ ରିପୋର୍ଟ କେବଳ ଅନୁମାନ: ଆମେରିକା

ୱାଶିଂଟନ, ୧୯।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ଉପରେ ସାମ୍ନାକୁ ଆସୁଥିବା ଗଣମାଧ୍ୟମ ରିପୋର୍ଟକୁ ନେଇ ସାବଧାନ ରହିବାକୁ ଆମେରିକା ଏଜେନ୍ସି ପରାମର୍ଶ ଦେଇଛି। ଯେଉଁ ରିପୋର୍ଟ ସାମ୍ନାକୁ ଆସିଛି ତାହା କେବଳ ଆକଳନ ବୋଲି ୟୁଏସ୍ ନ୍ୟାସନାଲ ଟ୍ରାନ୍ସପୋର୍ଟେସନ ସେଫ୍ଟି ବୋର୍ଡ (ଏନ୍‌ଟିଏସ୍‌ବି) ର ଅଧ୍ୟକ୍ଷ ଜେନିଫର ହୋମେଣ୍ଡ କହିଛନ୍ତି। ଏବେ ଭାରତର ବିମାନ ଦୁର୍ଘଟଣା ଯାଞ୍ଚ ବ୍ୟୁରୋ (ଏଏଆଇବି) କେବଳ ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ଜାରି କରିଛି। ଏଭଳି ଯାଞ୍ଚରେ ସମୟ ଲାଗେ। ତେଣୁ ଏହାକୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଆମେରିକା ଖବରକାଗଜ ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ (ଡବ୍ଲ୍ୟୁଏସ୍‌ଜେ)ର ରିପୋର୍ଟକୁ ନେଇ ହୋମେଣ୍ଡ ଏହି ଟିପ୍ପଣୀ ଦେଇଛନ୍ତି। ତିନି ଦିନ ତଳେ ଏହି ଖବରକାଗଜ ଜାରି କରିଥିବା ରିପୋର୍ଟରେ ଅହମଦାବାଦ ବିମାନ ଦୁର୍ଘଟଣା ଲାଗି କ୍ୟାପ୍‌ଟେନ ସୁମିତ ସଭରୱାଲଙ୍କୁ ଦୋଷ ଦେଇଥିଲା। କ୍ୟାପ୍‌ଟେନ ହିଁ ଇଞ୍ଜିନକୁ ଇନ୍ଧନ ଯୋଗାଣ ବନ୍ଦ କରି ଦେଇଥିଲେ ବୋଲି କୁହାଯାଇଥିଲା। ଭାରତୀୟ ପାଇଲଟ୍ ମହାସଂଘ (ଏଫଆଇପି) ଅଧ୍ୟକ୍ଷ କ୍ୟାପ୍‌ଟେନ ସି.ଏସ. ରନ୍ଧୱା ଏନ୍‌ଟିଏସ୍‌ବିର ଏହି ଟିପ୍ପଣୀକୁ ସ୍ୱାଗତ କରିଛନ୍ତି। ଏହା ଦ୍ୱାରା ପାଶ୍ଚାତ୍ୟ ଗଣମାଧ୍ୟମଙ୍କୁ ଚେତାବନୀ ମିଳିବ ବୋଲି କହିଛନ୍ତି।





ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍‌ର ବଲଙ୍ଗା ଅଞ୍ଚଳରେ ନାବାଳିକାକୁ ପୋଡ଼ିମାରିବା ଉଦ୍ୟମ ଘଟଣାରେ ତଦନ୍ତକାରୀ ଦଳର ଛାନଭିନ୍

### ବଲଙ୍ଗାରେ ନାବାଳିକାକୁ ପୋଡ଼ିଦେବା ଘଟଣା

# ୭୫ ଭାଗ ଜଳିଯାଇଛନ୍ତି ପୀଡ଼ିତା: ଏମ୍‌ସ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୯।୭(ସମିସ): ଦୁର୍ବୃତ୍ତଙ୍କ ପାଶବିକ ଅତ୍ୟାଚାରର ଶିକାର ହୋଇ ଜଳି ଯାଇଥିବା ବଲଙ୍ଗା ଥାନା ଅଞ୍ଚଳର ୧୫ବର୍ଷୀୟା ପୀଡ଼ିତାଙ୍କ ଏମ୍‌ସରେ ଚିକିତ୍ସା ଚାଲିଛି। ତାଙ୍କ ଶରୀରର ୭୦ରୁ ୭୫ପ୍ରତିଶତ ଜଳିଯାଇଥିବା ବେଳେ ମାନସିକ ଅବସ୍ଥା ଭଲ ନାହିଁ। ଚିକିତ୍ସା ପାଇଁ ଏମ୍‌ସ ପକ୍ଷରୁ ୧୪ ଜଣିଆ ବିଶେଷଜ୍ଞ ଟିମ୍ ଗଠନ କରାଯାଇଛି। ଅଗାମୀ ୪୮ରୁ ୭୨ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ବୋଲି ଏମ୍‌ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି। ପୀଡ଼ିତାଜଣଙ୍କ ଆଗାମୀ ୪୮ ଘଣ୍ଟା ଅବଜରଭେସନ୍‌ରେ ରହିବେ। ସେ ଆଇସିୟୁରେ ଅକ୍ସିଜେନ୍ ସପୋର୍ଟରେ ଅଛନ୍ତି। ପୀଡ଼ିତା ଏବେ କଥାବାର୍ତ୍ତା କରୁଛନ୍ତି ବୋଲି ଡଃ ବିଶ୍ୱାସ କହିଛନ୍ତି।

**ଚିକିତ୍ସା ପାଇଁ ୧୪ ଜଣିଆ ବିଶେଷଜ୍ଞ ଟିମ୍**

ପୀଡ଼ିତାଙ୍କ ଶରୀରର ୨୦ରୁ ୨୫ପ୍ରତିଶତ ବ୍ୟତୀତ ଅନ୍ୟ ସ୍ଥାନ ପୋଡ଼ିଯାଇଛି। ଏହା ସେକେଣ୍ଡ ଓ ଥାର୍ଡ ଡିଗ୍ରୀ ହୋଇଥିବା ବେଳେ ବର୍ଣ୍ଣ ଚିକିତ୍ସା ତଦାରଖ କରିବା ପାଇଁ ଏମ୍‌ସ ପକ୍ଷରୁ ବିଶେଷଜ୍ଞ ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ଜେନେରାଲ ମେଡିସିନ ବିଭାଗର ପ୍ରଫେସର ଡାକ୍ତର ଅନୁପମ ଦେ, ପଲ୍ମୋନାରି ମେଡିସିନର ପ୍ରଫେସର ମନୋଜ ପାଣିଗ୍ରାହୀ, ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗର ଅତିରିକ୍ତ ପ୍ରଫେସର୍ ଡାକ୍ତର ସଞ୍ଜୟ ଗିରି, ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଶ୍ୟାମସୁନ୍ଦର ବେହେରା, କାର୍ଡିଓଲୋଜି ବିଭାଗର ସହକାରୀ ପ୍ରଫେସର୍ ଡାକ୍ତର ଦେବାଶିଷ ଆଚାର୍ଯ୍ୟ, ଆନେସ୍ଥେସିଆ ବିଭାଗର ସହକାରୀ ପ୍ରଫେସର ଡାକ୍ତର ଆଲୋକ ସାହୁ, ଆସିଷ୍ଟାଣ୍ଟ ପ୍ରଫେସର୍ ତରୁଣ କୁମାର ପାତ୍ର, ଟ୍ରମା ଓ ଏମରଜେନ୍ସି ସହକାରୀ ପ୍ରଫେସର୍ ଡାକ୍ତର ରିତେଶ ପଣ୍ଡା, ଏଫଏମଟିର ସହକାରୀ ପ୍ରଫେସର୍ ଡାକ୍ତର ସିନ୍ଧୁସୁଧା ସାହୁ, ସ୍ତ୍ରୀ ଓ ପ୍ରସୂତି ବିଭାଗର ସହକାରୀ ପ୍ରଫେସର୍ ସୁବର୍ଣ୍ଣ ମିତ୍ର, ନେଫ୍ରୋଲୋଜିର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ପ୍ରୀତି ମୀନା, ଆନେସ୍ଥେସିଆ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଦେବିଶ୍ରୀ ଦାସ, ନର୍ସିଂ ଅଧିକ୍ଷକ ଡାକ୍ତର ମହାଲିଙ୍ଗମ ଓ ଆସିଷ୍ଟାଣ୍ଟ ନର୍ସିଂ ଅଧିକ୍ଷକ ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ରହିଛନ୍ତି। ଏନେଇ ଡାକ୍ତରଖାନା ଅଧିକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା

# ୩ ତଦନ୍ତକାରୀ ଦଳର ମାରାଥନ୍ ଜେରା

ବାଲେଶ୍ୱର, ୧୯।୭(ସମିସ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାରେ ୩ ତଦନ୍ତକାରୀ ଦଳ ଛାନଭିନ୍ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ତଦନ୍ତ ସରିଥିବା ବେଳେ କ୍ରାଇମବ୍ରାଞ୍ଚ ଓ ୟୁଜିସି ଟିମ୍ ତଦନ୍ତ ଜାରି ରଖିଛନ୍ତି।

କ୍ରାଇମବ୍ରାଞ୍ଚର ଦୁଇଜଣିଆ ଟିମ୍ ଆଜି କଲେଜରେ କିଛି ବିଏଡ୍ ବିଭାଗ ଛାତ୍ରଛାତ୍ରୀଙ୍କୁ ଡାକି ଅଭିଯୁକ୍ତ ଅଧ୍ୟାପକ ସମୀର ସାହୁଙ୍କ ବାବଦରେ ଅଧିକ ପଚରାଉଚରା କରିଛନ୍ତି। ଏଥିସହ ଘଟଣା ଦିନ ଉପସ୍ଥିତ ଥିବା କିଛି ପିଲାଙ୍କୁ ମଧ୍ୟ ଡକାଯାଇ ସେମାନଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି। ଡିଏସ୍‌ପି ଇମନ କଲ୍ୟାଣ ନାୟକଙ୍କ ସମେତ ଅନ୍ୟ ଜଣେ ଅଧିକାରୀ ଉପସ୍ଥିତ ଥିଲେ। ଗତ ଦୁଇ ଦିନ ଧରି କ୍ରାଇମବ୍ରାଞ୍ଚର ଟିମ୍ ମୃତ ଛାତ୍ରୀଙ୍କ ଘରଠୁ ଆରମ୍ଭ କରି କଲେଜ ସବୁଠି ଖୋଳତାଡ଼ କରୁଛି। ଖାଲି ସେତିକି ନୁହେଁ, କଲେଜ ନିକଟସ୍ଥ ପେଟ୍ରୋଲ ପମ୍ପରୁ ମଧ୍ୟ ତଥ୍ୟ ଓ ସିସିଟିଭି ଫୁଟେଜ୍ ସଂଗ୍ରହ କରିଛି। ଗତକାଲି ପେଟ୍ରୋଲ ପମ୍ପକୁ ଯାଇ ସିସିଟିଭି ଫୁଟେଜ୍ ସଂଗ୍ରହ କରିଥିଲା। ବର୍ତ୍ତମାନ ସୋସିଆଲ ମିଡିଆରେ ପେଟ୍ରୋଲ ପମ୍ପର ସିସିଟିଭି ଭିଜୁଆଲ ଭାଇରାଲ ହେବାରେ ଲାଗିଛି। ସେଥିରେ ଜଣେ ଝିଅ ବୋତଲରେ ପେଟ୍ରୋଲ ନେବା ପରେ ଅନଲାଇନ୍‌ରେ ପେମେଣ୍ଟ କରୁଥିବା ଦେଖିବାକୁ ମିଳୁଛି। ଯେଉଁଥିପାଇଁ ଯୁବତୀଜଣଙ୍କ ସନ୍ଦେହଘେରରେ ରହିଥିବା ଜଣାପଡ଼ିଛି। ଏନେଇ କ୍ରାଇମବ୍ରାଞ୍ଚ କିଛି ସ୍ପଷ୍ଟ କରିନାହିଁ।

ସେହିପରି ୟୁଜିସି ଟିମ୍ ଗତକାଲି ପ୍ରଥମଥର ପାଇଁ ତଦନ୍ତ ଆରମ୍ଭ କରିବା ପରେ ଶନିବାର ଥିଲା ତଦନ୍ତର ଦ୍ୱିତୀୟ ଦିବସ। ଆଜି ଏହି ଟିମ କମିଟିର ଚେୟାରମ୍ୟାନ୍ ରାଜକୁମାର ମିଉଲଙ୍କ ଅଧକ୍ଷତାରେ ତଦନ୍ତ ଚଳାଇଛି। ସେମାନେ ଆସନ୍ତାକାଲି (ରବିବାର) ମଧ୍ୟ ଏହାର ତଦନ୍ତ କରିବେ ବୋଲି ଜଣାଯାଇଛି। ୟୁଜିସିର ଚାରିଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷଙ୍କଠୁ ତଥ୍ୟ ଗ୍ରହଣ କରିଛି। ଘଟଣାର ପାରିପାର୍ଶ୍ୱିକ ସ୍ଥିତିକୁ ଯାଞ୍ଚ କରିବା ସହ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛି। ଏପରିକି, ସେମାନଙ୍କର ବୟାନ ମଧ୍ୟ ରେକର୍ଡ




କରିଛି। ଘଟଣା ଘଟିବା ଦିନ ଛାତ୍ରୀ କେଉଁ ସ୍ଥାନରେ ନିଜ ଦେହରେ ନିଆଁ ଲଗାଇଥିଲେ ଏବଂ ନିଆଁ ଲଗାଇବା ପରେ ସେ କେଉଁ ଆଡ଼କୁ ଯାଇଥିଲେ; ତାହା ପଚାରି ବୁଝିଥିଲେ। ଏହି ଟିମ୍ ସୌମ୍ୟାଶ୍ରୀଙ୍କ ଘରକୁ ଯାଇ ତଦନ୍ତ ମଧ୍ୟ କରିବ ବୋଲି ଜଣାଯାଇଛି। ଆଜି ଦ୍ୱିତୀୟ ଦିନରେ ମଧ୍ୟ ଉକ୍ତ ଟିମ ପାଖାପାଖି ୨୫ଜଣ ପିଲାଙ୍କୁ ପଚରାଉଚରା କରିଛି।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଭାଗର ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ରଙ୍କ ନେତୃତ୍ୱରେ ତିନିଜଣିଆ ଟିମ୍ ମଧ୍ୟ ତଦନ୍ତ ଜାରି ରଖିଛି। ଦ୍ୱିତୀୟ ଦିନରେ ଏହି ଟିମ୍ ୨୩ଜଣ ଛାତ୍ରଛାତ୍ରୀଙ୍କ ବୟାନ ରେକର୍ଡ କରିଛନ୍ତି। ଦୁଇଦିନ ଧରି ଉଚ୍ଚ ଶିକ୍ଷା ବିଭାଗର ତଦନ୍ତ କମିଟି ନିକଟରେ ଆଇସିସି ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ଏପରିକି, ଏହି ଉଚ୍ଚସ୍ତରୀୟ ଟିମ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ସେହିପରି ଜୁଲାଇ ୧୩ତାରିଖରେ ଉଚ୍ଚସ୍ତରୀୟ କମିଟି ପ୍ରାଥମିକ ତଦନ୍ତ କରି ଅନ୍ତରୀଣ ରିପୋର୍ଟ ଦାଖଲ କରିଛନ୍ତି। ଗତକାଲିଠାରୁ ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ଟିମ ପହଞ୍ଚି ଏହି ତଦନ୍ତ ଆରମ୍ଭ କରିଛି। ଦୁଇଦିନ ଧରି ମାରାଥନ୍ ତଦନ୍ତ ସାରି ଆଜି ସେମାନେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏପରିକି, ଖୁବ୍‌ଶୀଘ୍ର ସେମାନେ ସରକାରଙ୍କୁ ରିପୋର୍ଟ ମଧ୍ୟ ପ୍ରଦାନ କରିବେ ବୋଲି ଜଣାଯାଇଛି।

ଏ ନେଇ ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର କହିଛନ୍ତି ଯେ ଆଜି ପାଖାପାଖି ୨୩ଜଣଙ୍କୁ ଡକାଯାଇ ପଚରାଉଚରା କରାଯାଇଥିଲା। ଦିନ ସାରା ଗୋଟିଏ ମିନିଟ ପାଇଁ ମଧ୍ୟ ଛଡ଼ାଯାଇନାହିଁ। ଗୋଟିଗୋଟି କରି ସମସ୍ତଙ୍କୁ ପଚରା ଉଚରା କରାଯାଇଛି। ସମସ୍ତଙ୍କ ନିକଟରୁ ନିଆଯାଇଥିବା ବୟାନଗୁଡ଼ିକୁ ସଠିକ ଭାବେ ସ୍ଥାନିତ କରାଯିବ। ଆଜି ତଦନ୍ତ ତଦନ୍ତ ସରିଛି ଖୁବ୍‌ଶୀଘ୍ର ରିପୋର୍ଟ ପ୍ରଦାନ କରାଯିବ। ଏପରିକି, ୟୁଜିସି ଗାଇଡଲାଇନ୍ ଅନୁସାରେ ସବୁପ୍ରକାର ତଦନ୍ତ କରାଯାଇଛି। ଦୁଇ ଦିନ ମଧ୍ୟରେ ୩୨ଜଣଙ୍କର ବୟାନ ରେକର୍ଡ କରାଯାଇଛି। ଏହାରି ମଧ୍ୟରେ କିଛି ପୂର୍ବତନ ଛାତ୍ରଛାତ୍ରୀ ମଧ୍ୟ ରହିଛନ୍ତି।

ଅନ୍ୟପଟେ ଆହତ ହୋଇ କଟକରେ ଚିକିତ୍ସିତ ହେଉଥିବା ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ସମେତ ତାଙ୍କ ବାପାଙ୍କ ସହ ଭେଟି ଆଲୋଚନା କରାଯାଇଛି। ଏନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଫିରୋଜ ପାତ୍ରୀ କହିଛନ୍ତି ଯେ, ଆଜି ମହାବିଦ୍ୟାଳୟରେ ୟୁଜିସି, କ୍ରାଇମବ୍ରାଞ୍ଚ ଏବଂ ଉଚ୍ଚଶିକ୍ଷା ବିଭାଗର ଏକ ଉଚ୍ଚସ୍ତରୀୟ କମିଟିର ତଦନ୍ତ କରିଛନ୍ତି। ଏହି ଦୁଇଦିନରେ ଆଇସିସି ବିଭାଗ କମିଟି, ଅଧ୍ୟକ୍ଷ, ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପ୍ରଶ୍ନ କରାଯାଇଛି। ବିଶେଷକରି ଏଥିରେ ପୂର୍ବତନ ଛାତ୍ରଛାତ୍ରୀଙ୍କ ସମେତ ବିଏଡ ପିଲାମାନଙ୍କର ବୟାନ ରେକର୍ଡ ମଧ୍ୟ କରାଯାଇଛି। କିଛି ପିଲାମାନଙ୍କୁ, ଯାହାକୁ ସରକାରୀ ସ୍ତରରେ ଚିଠି ଆସିଥିଲା ସେମାନଙ୍କୁ ମଧ୍ୟ ପଚରାଉଚରା କରାଯାଇଛି।

**ପେଟ୍ରୋଲ ପମ୍ପରେ ପେଟ୍ରୋଲ କିଣା ବେଳର ଭିଡିଓ ଭାଇରାଲ**

# ଏନ୍‌ଏଚ୍‌ଆର୍‌ସିରେ ମାମଲା

ଭୁବନେଶ୍ୱର, ୧୯।୭ (ସମିସ): ବଲଙ୍ଗାରେ ଆଜି ୧୫ବର୍ଷୀୟା ଜଣେ ନାବାଳିକାଙ୍କ ଦେହରେ ୩ଜଣ ଦୁର୍ବୃତ୍ତ ନିଆଁ ଲଗାଇଦେବା ଘଟଣା ଜାତୀୟ ମାନବାଧିକାର କମିସନ (ଏନ୍‌ଏଚ୍‌ଆରସି)ରେ ପହଞ୍ଚିଛି। ମାନବାଧିକାର କର୍ମୀ ଜୟନ୍ତ ଦାସଙ୍କ ଦ୍ୱାରା ଶନିବାର ଏନେଇ ଏକ ମାମଲା ଦାୟର କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ ଥାନାଠାରୁ ମାତ୍ର ୫ କି.ମି ଦୂରରେ ଦୁର୍ବୃତ୍ତମାନେ ଏଭଳି ଲୋମହର୍ଷଣକାରୀ କାଣ୍ଡ ଘଟାଇଛନ୍ତି। ଏହା ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା କିଭଳି ବିପର୍ଯ୍ୟସ୍ତ ହୋଇପଡ଼ିଛି, ତାହା ଦର୍ଶାଉଛି। ରାଜ୍ୟରେ ଶାସନତନ୍ତ୍ର ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଗଲାଣି। ବାଲେଶ୍ୱର ଜିଲ୍ଲା ଫକୀର ମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତିର ମାତ୍ର କିଛି ଦିନ ପରେ ଆଜି ଜଣେ ନାବାଳିକାଙ୍କୁ ଜାଳି ଦିଆଯିବା ଘଟଣା ରାଜ୍ୟରେ ବଢ଼ିଚାଲିଥିବା ମହିଳା ହିଂସାର ଭୟଙ୍କର ବାସ୍ତବତାକୁ ସ୍ପଷ୍ଟ କରୁଛି।

ତେଣୁ, ବଲଙ୍ଗାର ଉକ୍ତ ପୀଡ଼ିତାଙ୍କୁ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ସେ କମିସନଙ୍କ ନିକଟରେ ଦାବି କରିଛନ୍ତି। ଏହାସହ ଡିଜିପି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲାର ତଦନ୍ତ, ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ସହ ସମୟ ଅନୁଯାୟୀ ଚାର୍ଜସିଟ୍ ଦାଖଲ କରିବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ସେ ଅନୁରୋଧ କରିଛନ୍ତି। ସେହିପରି ଏହି ଘଟଣାରେ ବର୍ତ୍ତମାନ ପର୍ଯ୍ୟନ୍ତ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ, ସେଥିପ୍ରତି କ'ଣ କରିବାକୁ ଯାଉଛନ୍ତି, ତାହାର ସବିଶେଷ ରିପୋର୍ଟ ମୁଖ୍ୟ ଶାସନ ସଚିବ ଏବଂ ଡିଜିପି ମାଗାଯାଉ ବୋଲି ସେ ଗୁହାରି କରିଛନ୍ତି।

ଅପରପକ୍ଷେ, ରାଜ୍ୟକୁ ବାରମ୍ବାର ଭିଭିଆଇପିଙ୍କ ଗସ୍ତ ହେଉଛି। ରାଷ୍ଟ୍ରପତି ବାରମ୍ବାର ଓଡ଼ିଶା ଆସୁଛନ୍ତି। ଫଳରେ ସେମାନଙ୍କୁ ସୁରକ୍ଷା ଦେବାକୁ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଉଛି। ଅଧିକାଂଶ ଦିନ ଭିଭିଆଇପିଙ୍କ ସେବାରେ ପୁଲିସ ନିୟୋଜିତ ରହୁଥିବାରୁ ସାଧାରଣଲୋକଙ୍କ ସୁରକ୍ଷା ଏକପ୍ରକାର ପ୍ରଭାବିତ ହେଉଛି। ତେଣୁ, ଭିଭିଆଇପିଙ୍କ ଗସ୍ତ ବେଳେ ଯେପରି ପୁଲିସିଂ ବ୍ୟବସ୍ଥା ବାଧାପ୍ରାପ୍ତ ନ ହୁଏ, ସେଥିପ୍ରତି କେନ୍ଦ୍ର ଗୃହ ମନ୍ତ୍ରାଳୟ ଏବଂ ରାଜ୍ୟ ସରକାର ଏକ ନିର୍ଦ୍ଦେଶାବଳୀ ଜାରି କରନ୍ତୁ ବୋଲି ସେ ପ୍ରାର୍ଥନା କରିଛନ୍ତି।

# ବଜ୍ରପାତରେ ଚାଷୀ ମୃତ

ବଣାଇଁ, ୧୯।୭ (ସମିସ): ବଣାଇଁ ଥାନା ଦନ୍ତା ଗ୍ରାମରେ ଜଣେ ଯୁବକ ଆଜି ବଜ୍ରପାତରେ ପ୍ରାଣ ହରାଇଛନ୍ତି। ମୃତକ ହେଲେ, ଦନ୍ତା ଗ୍ରାମର ମାନନ୍ତା ମୁଣ୍ଡାରୀ। ସେ ସକାଳେ ବିଲକୁ ଚାଷ କରିବାକୁ ଯାଇଥିଲେ। ଚାଷ



ଘର ନିକଟକୁ ଯାଇପାରିଲାନି ଆମ୍ବୁଲାନ୍ସ

କାମ ସାରି ସନ୍ଧ୍ୟାରେ ଗାଇ ଚରାଉଥିବା ବେଳେ ବଜ୍ରପାତରେ ତଳେ ପଡ଼ି ଯାଇଥିଲେ। ଗ୍ରାମବାସୀମାନେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ତେବେ ରାସ୍ତା ଶୋଚନୀୟ ହୋଇଥିବାରୁ ତାଙ୍କ ଘର ନିକଟରେ ଆମ୍ବୁଲାନ୍ସ ପହଞ୍ଚି ପାରିନଥିଲା। ଫଳରେ ଭରା ନାଳ ଦେଇ ଆମ୍ବୁଲାନ୍ସର କର୍ମଚାରୀମାନେ ତାଙ୍କୁ ଷ୍ଟ୍ରେଚର ଯୋଗେ ଦୀର୍ଘ ୩ କିଲୋମିଟର ବୋହି ଆଣି ପରେ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ସରସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୁଲିସ୍ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ମହିଳା କଂଗ୍ରେସର ଟମାଟୋ ମାଡ଼

### ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ : ମୀନାକ୍ଷୀ



ଭୁବନେଶ୍ୱର,୧୯।୭(ସମିସ): ରାଜ୍ୟରେ ଗୋଟିଏ ପରେ ଗୋଟିଏ ହୃଦୟବିଦାରକ ଘଟଣାରେ ଛାତ୍ରୀମାନେ ନିଆଁରେ ପୋଡ଼ିହେବା ରାଜ୍ୟ ସରକାରଙ୍କ ବିଫଳତାକୁ ଦର୍ଶାଉଛି। 'ବେଟି ପଢ଼ାଓ ବେଟି ବଚାଓ' ସ୍ଲୋଗାନ ଦେଉଥିବା ବିଜେପି ସରକାରଙ୍କ ଶାସନରେ ମହିଳା ଛାତ୍ରୀମାନେ ସବୁଠାରୁ ଅସୁରକ୍ଷିତ। ବ୍ୟବସ୍ଥାରେ ଅତିଷ୍ଠ ଓ ନିରାଶ ହୋଇ ବାଲେଶ୍ୱରର ସୌମ୍ୟାଶ୍ରୀ ନିଜକୁ ଜାଳିଦେଇଥିବା ବେଳେ ବଲଙ୍ଗାରେ ଜଣେ ଯୁବତୀଙ୍କୁ ଅପରାଧୀ ଆଜି ଜାଳି ଦେଇଛନ୍ତି। ରାଜ୍ୟ ସରକାରଙ୍କ ବିଫଳତା ଏବଂ ଆଇନଶୃଙ୍ଖଳା ସଂପୂର୍ଣ୍ଣ ବିଗିଡ଼ି ଯାଇଥିବା ବେଳେ ନାରୀ ଆଉ ଘରୁ ବାହାରିବା କଷ୍ଟ ହୋଇପଡ଼ିଛି। ମହିଳାଙ୍କୁ ସୁରକ୍ଷା ଦେଇନପାରିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି। ଶ୍ରୀମତୀ ବାହିନୀପତିଙ୍କ ନେତୃତ୍ୱରେ ଶନିବାର ମହିଳା କଂଗ୍ରେସର କାର୍ଯ୍ୟକର୍ତ୍ତା ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବାସ ଭବନ ଘେରଉ କରିଛନ୍ତି।

ଶନିବାର ମହିଳା କଂଗ୍ରେସର କର୍ମୀମାନେ ଉପମୁଖ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ୍ ଦେବା ସହ ତାଙ୍କ ବାସଭବନ ଘେରଉ କରିବାକୁ ଉଦ୍ୟମ କରିଥିଲେ। ଏପରିକି, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଘର ଉପରକୁ ଟମାଟୋ ମାଡ଼ ମଧ୍ୟ କରାଯାଇଥିଲା। ପରେ ପୁଲିସ୍ କେତେକ କର୍ମୀଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇଥିଲା। ଶ୍ରୀମତୀ ବାହିନୀପତଙ୍କ ଅଭିଯୋଗ ଅନୁଯାୟୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ନ ମିଳିବାରୁ ଶେଷରେ ଏଫ୍‌ଏମ୍ କଲେଜ ଆଗରେ ନିଜକୁ ଜାଳିଦେଲେ। ତାଙ୍କୁ ନ୍ୟାୟ ଦେବା ପାଇଁ ସାରା ଓଡ଼ିଶାରେ ଆନ୍ଦୋଳନ ମୁଣ୍ଡ ଟେକିଛି। ସୌମ୍ୟାଶ୍ରୀଙ୍କ ପରେ ନିମାପଡ଼ା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନମଣ୍ଡଳୀ ବଲଙ୍ଗାଠାରେ ଜଣେ ଯୁକ୍ତ ଦୁଇ ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ନିଆଁରେ ପୋଡ଼ି ମାରିଦେବା ପାଇଁ ଉଦ୍ୟମ କରିଛନ୍ତି। ପୀଡ଼ିତାଜଣଙ୍କର ୭୨ଭାଗ ପୋଡ଼ି ଯାଇଥିବା ବେଳେ ସେ ଏବେ ଏମ୍ସରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ରାଜ୍ୟ ସରକାରଙ୍କ ବିଫଳତା ଏବଂ ଆଇନ ଶୃଙ୍ଖଳା ସଂପୂର୍ଣ୍ଣ ବିଗିଡ଼ି ଯାଇଥିବା ବେଳେ ନାରୀ ଆଉ ଘରୁ ବାହାରିବା କଷ୍ଟ ହୋଇପଡ଼ିଛି। ନିଜେ ରାଜ୍ୟ ସରକାର ଏକ ଅଧ୍ୟାଦେଶରେ ସନ୍ଧ୍ୟା ୫ ଟା ପରେ ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନେ ନ ରହିବା ପାଇଁ ନିର୍ଦ୍ଦେଶାନାମ ଜାରି କରିଛନ୍ତି। ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ରାଜ୍ୟ ସରକାର ନାରୀକୁ ସୁରକ୍ଷା ଦେବା ପାଇଁ ଅସମର୍ଥ। ଏଭଳି ସରକାର ଶାସନ ଗାଦିରେ ବସିବାର ସମସ୍ତ ନୈତିକ ଅଧିକାର ହରାଇ ବସିଛନ୍ତି ବୋଲି ଶ୍ରୀମତୀ ବାହିନୀପତି କହିଛନ୍ତି।

# ୨୪ ଘଣ୍ଟାରେ ବଢ଼ିବ ବର୍ଷା

ଭୁବନେଶ୍ୱର,୧୯।୭(ସମିସ): ଓଡ଼ିଶାରେ ସକ୍ରିୟ ରହିଛି ମୌସୁମୀ ବାୟୁ। ଏହାର ପ୍ରଭାବରେ କିଛି ଜିଲ୍ଲାରେ ଲାଗି ରହିଛି ବର୍ଷା। ଆସନ୍ତା ୨୪ ତାରିଖ ମଧ୍ୟରେ ଉତ୍ତର ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଲଘୁଚାପ ପ୍ରଭାବରେ ରାଜ୍ୟରେ ୨୩ ତାରିଖରୁ ବର୍ଷା ଆହୁରି ବଢ଼ିବ। ୨୬ ତାରିଖ ଯାଏଁ କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ

- ■ ୟେଲୋ ୱାର୍ଣ୍ଣିଂ ଜାରି କଲା ପାଣିପାଗ ବିଭାଗ
- ■ ବଜ୍ରପାତ ସହ ଘଣ୍ଟାପ୍ରତି ୪୦ କିମି ବେଗରେ ପବନ
- ■ ୨୪ରେ ସୃଷ୍ଟି ହେବ ଆଉ ଏକ ଲଘୁଚାପ

ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଲଘୁଚାପ ପରବର୍ତ୍ତୀ ସମୟରେ ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହୋଇପାରେ। ଆଗାମୀ ୨୪ ଘଣ୍ଟାରେ ସାରା ରାଜ୍ୟରେ ବର୍ଷା, ବଜ୍ରପାତ ଓ ପବନର ଘଣ୍ଟାପ୍ରତି ବେଗ ୩୦-୪୦ କିମି ରହିବାର ସମ୍ଭାବନା ରହିଛି। ଏଥିପାଇଁ ରାଜ୍ୟର ସବୁ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, କନ୍ଧମାଳ, ଗଜପତି, ରାୟଗଡ଼ା ଓ କୋରାପୁଟକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟ ସବୁ ଜିଲ୍ଲାରେ ହାଲୁକା ବର୍ଷା ସହ ପ୍ରବଳ ବଜ୍ରପାତ ହେବା ନେଇ ପୂର୍ବାନୁମାନ କରାଯାଇଛି।

ଆସନ୍ତାକାଲି ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ସହ ବଜ୍ରପାତ ରହିବ। ଏସବୁ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ଚେତାବନୀ ଜାରି କରିଛି। ସେପଟେ ହାଲୁକା ବର୍ଷା ସହ ବଜ୍ରପାତ ପାଇଁ ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର, ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୱାର୍ଣ୍ଣିଂ ହହୋଇଥିବା ସବୁ ଜିଲ୍ଲାରେ ପବନର ବେଗ ୩୦-୪୦ କିମି ରହିବ। ସେପଟେ ୨୧ ତାରିଖରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ଏଥିପାଇଁ ୫ ଜିଲ୍ଲା ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ପ୍ରବଳ ବଜ୍ରପାତ ପାଇଁ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସୋନପୁର, ବଲାଙ୍ଗୀର, ନୂଆପଡ଼ା, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ବର୍ଷେ ବିତିଗଲା; ଅଧ୍ୟକ୍ଷା ନିଯୁକ୍ତି ନୋହିଲା

# ମହିଳା କମିସନ ଅଫିସ ଆଗରେ ଗର୍ଜିଲା ବିଜୁ ମହିଳା ଜନତା ଦଳ

- ■ ରାଜ୍ୟରେ ମହିଳା ଓ ଶିଶୁମାନେ ଅସୁରକ୍ଷିତ
- ■ ଦିନକୁ ଦିନ ବଢ଼ିଚାଲିଛି ନାରୀ ନିର୍ଯାତନା ଓ ଦୁଷ୍କର୍ମ
- ■ ନାରୀଟିଏ ନ୍ୟାୟ ପାଇଁ କାହାର ଦ୍ୱାରସ୍ଥ ହେବ?



ଭୁବନେଶ୍ୱର,୧୯।୭(ସମିସ): ରାଜ୍ୟରେ ଦିନକୁ ଦିନ ନାରୀ ନିର୍ଯାତନା ଓ ଦୁଷ୍କର୍ମ ହାର ବୃଦ୍ଧି ପାଇବାରେ ଲାଗିଛି। ମହିଳା ଓ ଶିଶୁମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ରାଜ୍ୟରେ ବିଜେପି ସରକାର ଆସିବାର ୧୪ ମାସ ବିତିଯାଇଥିଲେ ମଧ୍ୟ ରାଜ୍ୟ ମହିଳା କମିଶନ ଓ ଶିଶୁ ସୁରକ୍ଷା କମିଶନ ପଦବୀ ଏ ପର୍ଯ୍ୟନ୍ତ ପୂରଣ ହୋଇପାରିଲା ନାହିଁ। ଫଳରେ ରାଜ୍ୟରେ ପ୍ରତ୍ୟେକ ଦିନ ମହିଳା ଓ ଶିଶୁ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିବାଦରେ ଶନିବାର ସକାଳ ୧୧ଟାରେ ମହିଳା ବିଜେଡି ପକ୍ଷରୁ ରାଜ୍ୟ ମହିଳା କମିଶନ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା।

ବିଜେଡିର ଅଭିଯୋଗ ଅନୁଯାୟୀ, ମହିଳାଟିଏ ଅତ୍ୟାଚାରର ଶିକାର ହେଲେ ପ୍ରଥମେ ମହିଳା କମିଶନର ଦ୍ୱାରସ୍ଥ ହୋଇଥା'ନ୍ତି। ମାତ୍ର ରାଜ୍ୟ ସରକାର ଏଯାବତ୍ ମହିଳା କମିଶନ ଓ ଶିଶୁ ସୁରକ୍ଷା କମିଶନର ଅଧ୍ୟକ୍ଷ ନିଯୁକ୍ତ ଦେଇନାହାନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ ନ ହେବାରୁ ରାଜ୍ୟର ବିଭିନ୍ନ ଅତ୍ୟାଚାରର ଶିକାର ହୋଇଥିବା ମହିଳା ଓ ଶିଶୁ ନିଜ ନିଜର ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଯଦି ସରକାର ଆଗାମୀ ଦିନରେ ଏହି ଗୁରୁତ୍ୱପୂର୍ଣ୍ଣ ପଦ ପୂରଣ ନ କରନ୍ତି, ବିଜୁ ମହିଳା ଜନତା ଦଳ କମିଶନ ଅଫିସରେ ତାଲା ପକାଇବା ସହ ଘେରାଉ କରିବ ବୋଲି ଚେତାବନୀ ଦେଇଛି।

ଏହି ଧାରଣାରେ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କସ୍ତୁରୀ ମହାପାତ୍ର, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ଟଂକିତା ସାହୁ, ମୁଖପାତ୍ର ଇପ୍ସିତା ସାହୁ, ଇଲା ସ୍ୱାଇଁ, ଲୋରା ମହାପାତ୍ର, ଭାରତୀ ସିଂ, ପ୍ରୀତିନନ୍ଦା ରାଉତରାୟ, ସୁମିତ୍ରା ଜେନା, ମାନସୀ ସୁନ୍ଦରାୟ, ରଞ୍ଜୁଲତା ରାୟ, ପୁଷ୍ପାଞ୍ଜଳି ସେଠୀ, ପୁଷ୍ପା ରାଉତ, ପଦ୍ମଜା ପ୍ରିୟଦର୍ଶିନୀ, ରୁନୁ ଜେନା, କିରଣବାଳା ମାଝୀ, ଶ୍ରମିତା ମହାନ୍ତି, ତିଳୋତ୍ତମା ଚୌଧୁରୀ, ସ୍ମୀତା ସ୍ୱାଇଁ, ଅନସୂୟା ରାୟ, ପୂଜା ମହାରଣା, ମୋନାଲିସା ବେହେରାଙ୍କ ସମେତ ବହୁ ନାରୀନେତ୍ରୀ ଯୋଗ ଦେଇଥିଲେ।

# ଗାଈଗୋରୁଙ୍କ କବ୍‌ଜାରେ ୨୬ନଂ ଜାତୀୟ ରାଜପଥ

ନବରଙ୍ଗପୁର, ୧୯।୭ (ସମିସ)

ନବରଙ୍ଗପୁର ସହରରେ ବୁଲା ଗାଈଗୋରୁଙ୍କ କବ୍‌ଜାରେ ରହିଛି ୨୬ ନମ୍ବର ଜାତୀୟ ରାଜପଥ ତଥା ସହରର ଏକ ମାତ୍ର ମୁଖ୍ୟ ରାସ୍ତା। ସନ୍ଧ୍ୟା ହେଲେ ରାସ୍ତା ଉପରେ ମାଳମାଳ ଗାଈ ବାଛୁରୀ। ଗୋଟିଏ କିମ୍ବା ଦୁଇଟି ଗାଈ ବାଛୁରୀ ନୁହେଁ ବରଂ ଏକା ସଙ୍ଗରେ ୨୦ରୁ ୩୦ ଗାଈ ବାଛୁରୀ ସହରର ମୁଖ୍ୟରାସ୍ତାରେ ଶୋଇ ରହୁଥିବା ଦେଖିବାକୁ ମିଳିଛି। ଯାହା ଫଳରେ ଲୋକେ ବିଭିନ୍ନ ଦୁର୍ଘଟଣାର ଶିକାର ହେବା ସହ ସହର ମଧ୍ୟରେ ଟ୍ରାଫିକ ସମସ୍ୟା ମଧ୍ୟ ଦିନକୁ ଦିନ ବଢ଼ି ଚାଲିଛି। ନବରଙ୍ଗପୁର ସହରର ବାହାରକୁ ଯିବା ପାଇଁ ହେଲେ ବାଇପାସ୍ ସୁବିଧା ମଧ୍ୟ ନାହିଁ। ଯାହାଫଳରେ ମୋଟର ସାଇକେଲ ଠାରୁ ଆରମ୍ଭ କରି କାର୍, ବସ୍, ମାଲବାହି ଟ୍ରକ୍ ମଧ୍ୟ ଏହି ସହର ମଧ୍ୟ ଦେଇ ଯାଉଛି। ସହର ମଧ୍ୟରେ ଯାତାୟାତ କରୁଥିବା ହଜାର ହଜାର ସଂଖ୍ୟକ ଗାଡ଼ି ମୋଟର ସହ ସାଧାରଣ ଜନ ସାଧାରଣଙ୍କ ଚାଲି ଯିବା ଆସିବାରେ ମଧ୍ୟ ବହୁ ଅସୁବିଧା ହେଉଛି। ଏପରିକି ଏହି ଗାଈ ବାଛୁରୀ ରାସ୍ତା ମଝିରେ ରହିଯିବା ଦ୍ୱାରା ଅନେକ ଥର ଛୋଟ ବଡ ଦୁର୍ଘଟଣା ମଧ୍ୟ ଘଟୁଥିବା ଦେଖିବାକୁ ମିଳୁଛି।। ସହର ମଧ୍ୟରେ ଏହି ଗୋଟିଏ ମାତ୍ର ମୁଖ୍ୟ ରାସ୍ତା ରହିଥିବାରୁ ଅନେକ ସମୟରେ ଏହି ରାସ୍ତା ଦେଇ ସନ୍ଧ୍ୟା ହେଲେ ଛାତ୍ରଛାତ୍ରୀ ଟ୍ୟୁସନ୍ ମଧ୍ୟ ଯାଇଥାନ୍ତି। ରାସ୍ତା ମଝିରେ ଗାଈ ଗୋରୁ ରହିଥିବାରୁ ଛାତ୍ରଛାତ୍ରୀ, ବୃଦ୍ଧ ବୃଦ୍ଧା ଙ୍କ ଯିବା ଆସିବାରେ ମଧ୍ୟ ବହୁ ଅସୁବିଧା ହେଉଛି। ଅନେକ ସମୟରେ ଛୋଟ ବଡ ମହିଳା ପୁରୁଷ ଗାଈଗୋରୁଙ୍କ ଆକ୍ରମଣର ଶିକାର ହେଉଥିବା ନଜର ରହିଛି। ସହରର ମୁଖ୍ୟ ମୁଖ୍ୟ ଗହଳିଆ ସ୍ଥାନ ଅର୍ଥାତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଛକ,



ପୁରୁଣା ଥାନା ଛକ, ଦଶହରାପଦା ଛକ, ଚାମୁରିଆଗୁଡା ଛକ, ତେଲିସାହି ଛକ, ଭଣ୍ଡାର ଘରଣୀ ମନ୍ଦିର ଛକ ଆଦି ପ୍ରମୁଖ ସ୍ଥାନରେ ବୁଲାଗାଈ ବାଛୁରୀଙ୍କ ଭିଡ଼ ସହ ଟ୍ରାଫିକ ସମସ୍ୟା ଦେଖାଦେଉଛି। ପୌର ସଂସ୍ଥା ପକ୍ଷରୁ କାହାର ଗାଈ ବାଛୁରୀ ଚିହ୍ନଟ କରି ଗାଈ ମାଲିକମାନଙ୍କ ଉପରେ ବେଳେ ବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲେ ମଧ୍ୟ ସେମାନଙ୍କ କୌଣସି ପ୍ରକାର ପ୍ରଭାବ ପଡୁ ନଥିବାରୁ ସେଥିପାଇଁ ରାସ୍ତା ମଝିରେ ଆସି ରାସ୍ତା ଅବରୋଧ କରି ରହୁଥିବା ଗାଈଗୋରୁ ମାଲିକଙ୍କୁ ଅଧିକରୁ ଅଧିକ ଜରିମାନା ଆଦାୟ କରିବା ସହ ଗାଈ ଗୋରୁ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାର ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନଙ୍କ ନିକଟରେ ସହରର ବୁଦ୍ଧିଜୀବୀ ଏବଂ ବହୁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

# ସାପକାମୁଡାରେ ନାବାଳକ ମୃତ

ମାଥିଲି, ୧୯ ।୭ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କିଆଙ୍ଗ ପଞ୍ଚାୟତ ଅନ୍ତର୍ଗତ ସର୍ଗିଗୁଡା ଗ୍ରାମର ବାବୁ ରାମ କୋଟପାଡ଼ିଆଙ୍କ ଦଶ ବର୍ଷର ପୁଅ ରାହୁଲ କୋଟପାଡ଼ିଆ ଗତକାଲି ରାତିରେ ଶୋଇଥିବା ବେଳେ ତାଙ୍କୁ ଏକ ଏକ ବିଷଧର ସାପ କାମୁଡିଦେଇଥିଲା। ପରିବାର ଲୋକେ ତାଙ୍କୁ ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ମାଥିଲି ଅଞ୍ଚଳର ଯୁବ କଂଗ୍ରେସ ନେତା ବାଲରାଜୁ କୋପେ ଖବର ପାଇ ମେଡିକାଲରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ରାହୁଲଙ୍କ ବାପା ମାଥିଲି ଥାନାରେ ଏନେଇ ଲିଖିତ ଅଭିଯୋଗ କରିବା ପରେ ମାଥିଲି ଥାନା ଅଧିକାରିଣୀ ଦୀପାଞ୍ଜଳି ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଟିମ୍ ମେଡିକାଲରେ ପହଞ୍ଚି ନାବାଳକଙ୍କ ଶବ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

# ରାମଗିରି କ୍ଲଷ୍ଟରସ୍ତରୀୟ ବୈଠକ



ବୈପାରୀଗୁଡ଼ା, ୧୯।୭ (ସମିସ): ବୈପାରୀଗୁଡ଼ା ବ୍ଲକ ଅନ୍ତର୍ଗତ ରାମଗିରି କ୍ଲଷ୍ଟରସ୍ତରୀୟ ବୈଠକ ରା.ଭାଲୁଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅକ୍ଷୟ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ସିଆରସିସିଙ୍କ ଦ୍ୱାରା ଶିକ୍ଷାର ଗୁଣବତ୍ତା ବୃଦ୍ଧି, ଶିକ୍ଷକଙ୍କ ସମୟୋପଯୋଗୀ ଉନ୍ନତି ଓ ବିଦ୍ୟାଳୟ ବିକାଶ ଯୋଜନା ସୂଚନା ଦିଆଯାଇଥିଲା। ବୈଠକରେ ଶିଶୁ ଭାଟିକା କାର୍ଯ୍ୟ ପୁସ୍ତିକା, ଶିକ୍ଷଣ ସହାୟକ ପୁସ୍ତିକା ଓ ଜୁଲାଇ ମାସର ଶୈକ୍ଷିକ କ୍ୟାଲେଣ୍ଡର ବିଷୟରେ ଅନୁଚିନ୍ତା କରାଯାଇଥିଲା। ବହୁ ଶ୍ରେଣୀୟ ଶ୍ରେଣୀ ପରିଚାଳନା (ଏମ୍‌ଜିଏମ୍‌ଏଲ୍ )ପ୍ରଣାଳୀ ଓ ଏହାର କାର୍ଯ୍ୟକ୍ଷମ ବ୍ୟବହାର ଉପରେ ଅଲୋଚନା ହୋଇଥିଲା। ଶିକ୍ଷକଙ୍କ ଦ୍ୱାରା ପାଠ୍ୟ ଟୀକା ପ୍ରସ୍ତୁତି, ଉପସ୍ଥାପନା ଏବଂ ଦୈନନ୍ଦିନ କାର୍ଯ୍ୟନିର୍ଘଣ୍ଟ ରୂପରେ ବିଦ୍ୟାଳୟ ଶିକ୍ଷାକ୍ରମ କିପରି ସଫଳ ହୋଇପାରିବ ତାହା ଉପରେ ମନୋନିବେଶ କରାଯାଇଥିଲା। ବିଶେଷ କରି ବିଦ୍ୟାଳୟ ବିକାଶ ଯୋଜନା ( ଏସଡିପି )ପ୍ରସ୍ତୁତି ଓ ଏହାର କାର୍ଯ୍ୟାନ୍ୱୟନ ପାଇଁ ଚର୍ଚ୍ଚା ହୋଇଥିଲା। ଏହି ବୈଠକରେ ସମ୍ବଳ ଶିକ୍ଷକ ଭାବରେ ଅଂଶଗ୍ରହଣ କରିଥିଲେ ରା. ଭାଲୁଗୁଡା ବିଦ୍ୟାଳୟର ସହକାରୀ ଶିକ୍ଷକ କାହ୍ନୁ ଚରଣ ବେହେରା। ରମଗିରି ନୋଡାଲ ବିଦ୍ୟାଳୟର ଶିକ୍ଷକ ରମେଶ ଘଡେଇ, ଅନିତା ଦଳାଇ, କୌଶଲ୍ୟା ନାୟକ ଓ ତପନ ମିଶ୍ର। ଏମାନେ ତାଙ୍କର ଅଭିଜ୍ଞତା ଓ ପ୍ରାୟୋଗିକ ଜ୍ଞାନ ଦ୍ୱାରା ଅନ୍ୟ ଶିକ୍ଷକମାନଙ୍କୁ ପ୍ରେରଣା ଦେଇଥିଲେ। ବୈଠକର ଶେଷରେ ଲକିରାମ ଗଡଡ ଧନ୍ୟବାଦ ଜଣାଇଥିଲେ।

# ୩୦ କିଲୋ ଗଞ୍ଜେଇ ଜବତ; ଜଣେ ଗିରଫ

 କୋରୁକୋଣ୍ଡା, ୧୯ ।୭ (ସମିସ): ବେଆଇନ ଭାବେ ଏକ ଜରି ବସ୍ତାରେ ୩୦କିଲୋ ଗଞ୍ଜେଇକୁ ବାହାର ଅଞ୍ଚଳକୁ ଚୋରାଚାଲାଣ କରୁଥିବା ବେଳେ ପୁଲିସ ହାତରେ ଧରାପଡ଼ିଛି। ପୁଲିସ ଉକ୍ତ ଗଞ୍ଜେଇକୁ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ଜଣେ ବ୍ୟକ୍ତିକୁ ଓର୍କେଲ ପୁଲିସ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତି ଜଣକ କାଲିମେଳା ଥାନା ଅଧିନସ୍ତ ତାଟିଗୁଡା ଗ୍ରାମରେ ରହୁଥିବା ଜଗା ମାଡ଼କାମୀଙ୍କ ପୁଅ ରାମ ମାଡ଼କାମୀ (୩୯) ବୋଲି ଜଣାପଡ଼ିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଗତ ଶୁକ୍ରବାର ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ମିଳନ ବରିହାଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ କୋରୁକୋଣ୍ଡା ବ୍ଲକ ପୁରୁଣା ଚିମଟାପାଲ୍ଲୀ ପଞ୍ଚାୟତ ଅଧିନସ୍ତ କାତାପାଲୀ ଗ୍ରାମ ନିକଟ ଅଞ୍ଚଳରେ ଅପରାହ୍ନ ପ୍ରାୟ ୨ ଟା ସମୟରେ ପାଟ୍ରୋଲିଂ କରୁଥିବା ବେଳେ ଜଣେ ବ୍ୟକ୍ତି ଏକ ଜରି ବସ୍ତାରେ କଛି ସାମଗ୍ରୀ ଧରି କାଲିମେଳା ଅଞ୍ଚଳକୁ ଯିବା ପାଇଁ ଗାଡିକୁ ଅପେକ୍ଷା କରିଥିବା ପୁଲିସ ଦେଖିବାକୁ ପାଇଥିଲା। ସନ୍ଦେହ ହେବାରୁ ପୁଲିସ ତାଙ୍କୁ ଅଟକାଇ




ତାଙ୍କ ପାଖରେ ଥିବା ବସ୍ତାକୁ ଖୋଲି ଯାଞ୍ଚ କରିବାରୁ ସେଥିରେ ୩୦ କିଲୋ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଘଟଣା ସ୍ଥଳରୁ ପୁଲିସ ଉକ୍ତ ଗଞ୍ଜେଇକୁ ଜବତ କରିବା ସହିତ ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିକୁ ଧରି ଥାନାକୁ ଆଣିଥିଲେ। ଏନେଇ ଥାନାରେ କେସ ନମ୍ବର-୧୯୧/୨୦୨୫ ଏନ୍‌ଡିପିଏସ୍ ଧାରାରେ ରାମ ମାଡ଼କାମୀକୁ ଆଜି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ସୀମାନ୍ତରେ ଓଡ଼ିଶା-ଆନ୍ଧ୍ର ଅବକାରୀ ବିଭାଗର ଚଢ଼ଉ

**■ ବିପୁଳ ପୋଚ ଓ ରନ୍ଧା ମଦ ଜବତ**

କୋରାପୁଟ, ବନ୍ଧୁଗାଁ, ୧୯।୭ (ସମିସ): ଓଡ଼ିଶା ଆନ୍ଧ୍ର ପ୍ରଦେଶ ସୀମା ବନ୍ଧୁଗାଁ ଥାନା ଅନ୍ତର୍ଗତ ଜାଗୁଗୁଡ଼ା ଓ ଆଲମଣ୍ଡା ଗ୍ରାମ ନିକଟ ଜଙ୍ଗଲରେ ଶନିବାର ପୂର୍ବାହ୍ନରେ ଦୁଇ ରାଜ୍ୟର ଅବକାରୀ ବିଭାଗ ଟିମ୍ ମିଳିତ ଚଢ଼ଉ କରି ବିପୁଳ ପରିମାଣର ପୋଚ ଏବଂ ରନ୍ଧା ଦେଶୀ ମଦ ଜବତ କରିଥିବା କୋରାପୁଟ ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି। ଦୁଇ ରାଜ୍ୟର ସୀମାବର୍ତ୍ତୀ ଆଲମଣ୍ଡା ଓ ଜାଗୁଗୁଡ଼ା ନିକଟ ଜଙ୍ଗଲରେ ଚୋରା ମଦ ବ୍ୟବସାୟୀ ମାନଙ୍କ ଦ୍ୱାରା ନିୟମିତ ଦେଶୀ ମଦ ପ୍ରସ୍ତୁତ କରାଯାଇ କୋରାପୁଟ ଜିଲ୍ଲା ଓ ପଡ଼ୋଶୀ ଆନ୍ଧ୍ର ପ୍ରଦେଶର ମାନ୍ୟମ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଯୋଗାଣ ହେଉଥିବା ଗୋଇନ୍ଦା ପକ୍ଷରୁ ସୂଚନା ମିଳିଥିଲା। ସୂଚନା ଆଧାରରେ କୋରାପୁଟ ଅବକାରୀ ଅଧିକ୍ଷକ



ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର ସୁଧୀର କୁମାର ସାହୁ, ଚନ୍ଦ୍ର ଶେଖର ପଡ଼ିଆରୀ, ସବ ଇନ୍ସପେକ୍ଟର ରାଜ କୁମାର କ୍ଷିତି, ମାଝୀ ଗୌରୀ ପଟ୍ଟନାୟକ, ଏଏସ୍‌ଆଇ ସୁଶାନ୍ତ କୁମାର ନାୟକ, ଉମେଶ କୁମାର ଦୋରା ଓ ଅନ୍ୟମାନଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ପାର୍ବତୀପୁରମ୍ ଅତିରିକ୍ତ ଅବକାରୀ ଅଧିକ୍ଷକ ଓ ଅନ୍ୟ କର୍ମଚାରୀମାନଙ୍କ ସହ ମିଳିତ ଚଢ଼ଉ କରିଥିଲେ। ଚଢଉ ସମୟରେ ଦୁଇଟି ସ୍ଥାନରୁ ୫୬୦୦ ଲିଟର ପୋଚ ଏବଂ ୪୦୦ ଲିଟର ଦେଶୀ ରନ୍ଧା ମଦ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରି ନଷ୍ଟ କରାଯାଇଥିଲା। ତେବେ କୌଣସି ସୂତ୍ରରୁ ସୂଚନା ପାଇ ଚୋରା ମଦ ବ୍ୟବସାୟୀ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଅବକାରୀ ବିଭାଗ ଦୁଇଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଆସନ୍ତା ଦିନରେ ମଧ୍ୟ ଚୋରା ମଦ ରୋକିବା ପାଇଁ ଏଭଳି ଚଢଉ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀ ପ୍ରକାଶ କରିଛନ୍ତି।

# ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

କୋରାପୁଟ, ୧୯ ।୭ (ସମିସ): ଆଜି ସମଗ୍ର ରାଜ୍ୟରେ ଚଳିତ ଶିକ୍ଷାବର୍ଷର ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଓସେପା, ଭୁବନେଶ୍ୱର ଦ୍ୱାରା ଆୟୋଜନ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଆଜି କୋରାପୁଟ ଜିଲ୍ଲାର ସମସ୍ତ କ୍ଲଷ୍ଟରରେ ମଧ୍ୟ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଏଏସ୍ ପ୍ରୋବେସନର ସନ୍ତୋଷ କୁମାର ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି ଏବଂ ଗୁଣାତ୍ମକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି, କୋରାପୁଟ



ବ୍ଲକ ଲାଉରିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇଥିଲେ। ଏହି କ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଲକ୍ଷ୍ମୀପୁର ବ୍ଲକର କିଛି ବୈଠକରେ ଯୋଗ ଦେଇଥିବାବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରା ପଟାଙ୍ଗି ବ୍ଲକର କିଛି ବୈଠକରେ ଯୋଗ ଦେଇଥିଲେ। କୋରାପୁଟ ସହରର ମାଳିସାହି କ୍ଲଷ୍ଟରରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ପାତ୍ର ବୈଠକ ପରିଚାଳନା କରିଥିଲେ। ଏହି ବୈଠକରେ ଗୁଣାକକ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି ଯୋଗ ଦେଇଥିଲେ। କୋରାପୁଟ ବ୍ଲକ ଅନ୍ତର୍ଗତ କୋରାପୁଟ ସହରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ଡଙ୍ଗରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ବିଭିନ୍ନ କ୍ଲଷ୍ଟରରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି।

# କ୍ଲଷ୍ଟରସ୍ତରୀୟ ଚାରାରୋପଣ



କୋରୁକୋଣ୍ଡା, ୧୯।୭ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଶିକ୍ଷା ଅନ୍ତର୍ଗତ କେନ୍ଦ୍ରାଗୁମ୍ମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀଙ୍କ ନେତୃତ୍ୱରେ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ଲକ ବିଧାୟକ ପ୍ରତିନିଧି ବିନାୟକ ପାତ୍ର ଯୋଗ ଦେଇଥିଲେ। ପ୍ରଥମେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ଅଞ୍ଚଳର ସିଆରସିସିମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିଭିନ୍ନ ପ୍ରକାର ଫଳନ୍ତି ବୃକ୍ଷ ତଥା ଆମ୍ବ, ପଣସ, ପିଜୁଳି, ଆତ ଆଦି ବୃକ୍ଷ ଚାରାରୋପଣ କରାଯାଇଥିଲା। ବନ ବିଭାଗର ସହାୟତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସ୍ଥାନୀୟ ବନପାଳ ଜ୍ୟୋତି ଡୁଙ୍ଗଡୁଙ୍ଗ, ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ମିଳିତ ଭାବେ ଚାରାରୋପଣ କରିଥିଲେ। ତେବେ ବ୍ଲକ ଶିକ୍ଷା ବିଭାଗର ବୃକ୍ଷରୋପଣ ପରି ଏପରି ମହତ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# କ୍ଲଷ୍ଟର୍‌ସ୍ତରୀୟ ପ୍ରଥମ ବୈଠକ


କାକିରିଗୁମ୍ମା, ୧୯।୭ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା କୁସୁମଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାକିରିଗୁମ୍ମା ଓ ତେୟାପୁଟ କ୍ଲଷ୍ଟର୍ ୧୫ଟି ବିଦ୍ୟାଳୟକୁ ନେଇ କ୍ଲଷ୍ଟରସ୍ତରୀୟ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କାକିରିଗୁମ୍ମା ସିଆରସିସି ଭେଙ୍କଟେଶ୍ୱର ରାୟ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କାହ୍ନୁଚରଣ ସାହୁ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୫ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୩ ଜଣ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏପେଲନ ଗ୍ରେଡ୍ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥଲେ। ଉକ୍ତ ବୈଠକ ପରିଦର୍ଶନ ନିମନ୍ତେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ଓ ଲକ୍ଷ୍ମୀପୁର ଗୋଷ୍ଠୀ ଅତିରିକ୍ତ ଶିକ୍ଷା ଅଧିକାରୀ ମଦନ ମୁଦୁଲି ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଶିକ୍ଷା ବିକାଶ ଧାରା କୁ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ। ବୈଠକ ଶେଷରେ ସିଆରସିସି ଧନ୍ୟବାଦ ପ୍ରଦାନ କରି ଥିଲେ।











# ଢେପାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବି

ଗୁଡାରୀ, ୧୯।୭ (ସମିସ)

ପ୍ରାୟ ୨ ବର୍ଷ ଧରି ଢ଼େପାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ପଦ ଖାଲିପଡ଼ିଛି। ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଚେତୁନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଡାକ୍ତର ନିଯୁକ୍ତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନା ମୁତାବକ, ଡା. ଗୌରବ କୁମାର ସାହୁ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱ ତୁଲାଉ ଥିବାବେଳେ ତାଙ୍କୁ ୨୦୨୩ ଅକ୍ଟୋବର ୨୪ରେ ବଦଳି କରାଯାଇଥିଲା। ତାଙ୍କ ବଦଳି ପରେ ଏଠାରେ ଡାକ୍ତର ପଦବୀ ପୂରଣ ହୋଇପାରୁନାହିଁ। ଚାରିଗୋଟି ଗ୍ରାମ ପଞ୍ଚାୟତ ତଥା ପେଣ୍ଡିଲି, ମଧୁବନ, ଖାରୀଗୁଡା ଓ କରଲାଘାଟି ଜନ ସାଧାରଣ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଢେପାଗୁଡା ଉପରେ ନିର୍ଭର କରିଥାନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ଦିନ ହେବ ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ଡାକ୍ତରଙ୍କ କାମ ଫାର୍ମାସିଷ୍ଟ ବିଷ୍ଣୁପ୍ରସାଦ ସାହୁ ତୁଲାଉ ଥିବାବେଳେ ସ୍ୱିପେର ଚନ୍ଦ୍ର ପାଲକା ଫାର୍ମାସିଷ୍ଟ କାମ ତୁଲାଉଛନ୍ତି। ସେହିପରି ଏଠାରେ




ନିଯୁକ୍ତ ପାଇଥିବା ସାନିଟାଇଜର ୱାର୍କର ଗୁଡାରି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କେନ୍ଦ୍ରରେ ନିଯୁକ୍ତି ପାଇଥିବା ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ସାନହୁମାକୁ ପଠାଇ ଦିଆଯାଇଛି। ସେହିଦିନ ଠାରୁ ଗର୍ଭବତୀ ମହିଳା ପ୍ରସବ ପାଇଁ ଅସୁବିଧାର ସମ୍ମୁଖୀନ ହୋଇ ଗୁଡାରି ଯିବା ପାଇଁ ବାଧ୍ୟ ହେଉଛନ୍ତି। ସେହିପରି ଲ୍ୟାବ୍ ଟେକ୍ନିସିଆନ୍ ପୋଷ୍ଟିଙ୍ଗ ଢେପାଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ହୋଇଥିଲେ ମଧ୍ୟ ସେ ଗୁଡାରି ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଛନ୍ତି। ଏହି ମେଡିକାଲରେ ଷ୍ଟାଫ୍ କହିଲେ ଫାର୍ମାସିଷ୍ଟ, ସୁଇପର ଏବଂ ସିକ୍ୟୁରିଟି ଗାର୍ଡଙ୍କୁ ନେଇ କାମ ଚାଲିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରତିଦିନ ୪୦ ରୁ ୫୦ ଜଣ ରୋଗୀ ଚିକିତ୍ସା ନିମନ୍ତେ ଆସିଥାନ୍ତି। ଠିକ୍‌ରେ ସ୍ୱାସ୍ଥ୍ୟସେବା ପାଇ ପାରୁ ନଥିବାରୁ ବାଧ ହୋଇ ବାହାର କ୍ଲିନିକ୍‌ରେ ଚିକିତ୍ସା ହୋଇ ଗରିବ ଆଦିବାସୀ ଠକାମୀରେ ଶିକାର ହୋଇ ଖର୍ଚ୍ଚାନ୍ତ ହେଉଛନ୍ତି। ବର୍ଷାଦିନ ଆସୁଥିବାରୁ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଭଳି ଅନେକ ରୋଗ ଆକ୍ରାନ୍ତ ହେଉଛନ୍ତି। ତେଣୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ସହ ଅନ୍ୟାନ୍ୟ ଖାଲିଥିବା ପଦ ପୂରଣ କରବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ନାବାଳିକାକୁ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

ଜୟପୁର, ୧୯।୭(ସମିସ): ଜୟପୁର ମହିଳା ଥାନା ପୁଲିସ ଜଣେ ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ଆଜି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ବୈପାରିଗୁଡା ଥାନା ବୁରୁଡିପୁଟ ଗ୍ରାମର ଗୁରୁ ମାଛ(୨୧)। ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ଜଣକ ନିଜ ଦାଦାଙ୍କ ଘର କଟନିପାବଲି ଗ୍ରାମରେ ୩ ଦିନ ରହିଥିଲେ। ସେଠାରେ ଗତ ୨୦୨୪ ମସିହା ଅକ୍ଟୋବର ୩୦ ତାରିଖରେ ଗ୍ରାମର ଜଣେ ୧୬ ବର୍ଷିୟା ନାବାଳିକା ନଦୀ କୂଳକୁ ଶୌଚ କରିବାକୁ ଯାଇଥିବା ବେଳେ ଅଭିଯୁକ୍ତ ତାଙ୍କୁ ଜୋର ଜବରଦୋସ୍ତ ଦୁଷ୍କର୍ମ କରିଥିଲେ। ନବାଳିକା ଜଣକ ବିରୋଧ କରି ପାଟି କରିବାରୁ ଅଭିଯୁକ୍ତ ଜଣକ ନାବାଳିକାକୁ ମାଡ ମାରିଥିଲେ। ନାବାଳିକା ଜଣକ ଘରକୁ ନ ଫେରିବାରୁ ନାବାଳିକାର ମା' ନଦୀକୂଳକୁ ଯାଇ ଖୋଜିବା ସମୟରେ ଅଭିଯୁକ୍ତ ଜଣକ ଦୁଷ୍କର୍ମ କରୁଥିବା ଦେଖି ପାଟି କରିବାରୁ ଅଭିଯୁକ୍ତ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ନାବାଳିକାର ମା' ନାବାଳିକାଙ୍କୁ ଉଦ୍ଧାର କରିବା ସହ ଘରକୁ ଆଣିଥିଲେ। ନାବାଳିକାଙ୍କ ଠାରୁ ସମସ୍ତ ଘଟଣା ଜାଣିବା ପରେ ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ମହିଳା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ଅଭିଯୁକ୍ତ ଉକ୍ତ ଦିନଠାରୁ ଫେରାର ରହିଥିଲା। ପୁଲିସ ଅଭିଯୁକ୍ତ ତାଙ୍କ ଗ୍ରାମକୁ ଆସିଥିବା ସୂଚନା ପାଇ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ମହିଳା ଥାନା ଅଧିକାରୀ ଆଶ୍ରିତା ଖାଲ୍‌କୋ ସୂଚନା ଦେଇଛନ୍ତି।

## ବୃଦ୍ଧାଙ୍କ ଟାଙ୍ଗିଆ ଚୋଟରେ ପଡୋଶୀ ଗୁରୁତର

ଲକ୍ଷ୍ମୀପୁର, ୧୯।୭(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ଅନ୍ତର୍ଗତ ବନ୍ଧିକାର ଗାଁରେ ଜଣେ ବୃଦ୍ଧାଙ୍କ ଟାଙ୍ଗିଆ ଚୋଟରେ ପଡୋଶୀ ଗୁରୁତର ହୋଇଛନ୍ତି। ଗୁରୁତର ଆହତ ଜଣକ ଭମ୍ବର୍ ମିଣିଆକା (୪୫) ବୋଲି ଜଣାପଡ଼ିଛି। କାମ୍ବିଡି ମିଣିଆକା ନାମକ ଜଣେ ୬୦ ବର୍ଷୀୟ ବୃଦ୍ଧ ଭମ୍ବର ଘରେ ଏକାକୀ ରହିଥିବା ସମୟରେ ହଠାତ୍ ଆସି ଟାଙ୍ଗିଆରେ ଆକ୍ରମଣ କରିଥିଲେ। ତେବେ ଆକ୍ରମଣର କାରଣ ଜଣାପଡ଼ି ନଥିବା ବେଳେ ଗୁରୁତର ଅବସ୍ଥାରେ ଭମ୍ବରଙ୍କୁ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବରପାଇ ଲକ୍ଷ୍ମୀପୁର ପୁଲିସ୍ ବନ୍ଧିକାର ଯାଇ ଆକ୍ରମଣକାରୀ କାମ୍ବିଡିକୁ କାବୁ କରି ଥାନାରେ ଅଟକ ରଖିଛି।

# ପିଚୁ ରାସ୍ତା ପାଲଟିଲା କାଦୁଅ ରାସ୍ତା

ବୈପାରିଗୁଡ଼ା, ୧୯।୭(ସମିସ)

ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଜି. ମାଝିଗୁଡ଼ା ପଞ୍ଚାୟତର ବାଙ୍କୁଲିଗାଁକୁ ପକ୍କା ରାସ୍ତା ନଥିଲା। ଗାଁ ଲୋକଙ୍କ ବହୁବାର ଅଭିଯୋଗ ପରେ ଗତ ୨୦୧୮ ମସିହାରେ ଗାଁ ମୁଣ୍ଡରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ଫଳକ ଲାଗିଲା। କିନ୍ତୁ ସାତ ବର୍ଷ ବିତିଯାଇଥିଲେ ସୁଦ୍ଧା ରାସ୍ତା ନିର୍ମାଣ ଶେଷ ହୋଇନଥିଲା। କିନ୍ତୁ ଗତ ୩ ମାସ ପୂର୍ବେ ତରବରିଆ ଭାବେ ଠିକାଦାର ରାସ୍ତାରେ ପିଚୁ ଢାଳି କାମ ସାରିଦେଇଛି। ଯାହା ଫଳରେ ଏବେ ସ୍ୱଳ୍ପ ବର୍ଷାରେ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ

**● ମାଝୀଗୁଡ଼ା ପଞ୍ଚାୟତର ୯ ଖଣ୍ଡ ଗ୍ରାମବାସୀ ହନ୍ତସନ୍ତ**

ହୋଇଯାଇଛି। ପିଚୁ ରାସ୍ତା କାଦୁଅ ରାସ୍ତା ପାଲଟିଛି। ଏପରି ସ୍ଥଳେ ଗାଡ଼ି ମଟର ଦୂରର କଥା ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଏହି ରାସ୍ତା ଦେଇ ବଡ଼ବାଙ୍କୁଲି, ସନବାଙ୍କୁଲି, ଲକ୍ଷ୍ମଣପୁର, ଗୁଣ୍ଡରିଗୁଡା, ବାଲିଭଟା, ଲିମାପଡି, ଅଣ୍ଡରୀ, ଯୋଡିଧାରା, ଡୁଡୁମାଗୁଡା ୯ ଖଣ୍ଡ ଗାଁ ଲୋକେ ଯାତାୟତ



ପାଇଁ ନିର୍ଭର କରନ୍ତି। ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ବିଭିନ୍ନ କାମରେ ପଞ୍ଚାୟତ କିମ୍ବା ବ୍ଲକସଦର ମହକୁମାକୁ ଯିବାକୁ ପଡୁଥିବା ବେଳେ ରାସ୍ତା ପ୍ରତିବନ୍ଧକ ସାଜିଛି। ସବୁଠାରୁ ବେଶି ଅସୁବିଧା ଭୋଗୁଛନ୍ତି ଭତ୍ତା ଆଣିବାକୁ ଯାଉଥିବା ବୃଦ୍ଧବୃଦ୍ଧା। ବାଙ୍କୁଲି ଗ୍ରାମକୁ ଆମ୍ବୁଲାନ୍ସ ପହଞ୍ଚି ପାରୁନଥିବାରୁ ଗୁରୁତର ରୋଗୀଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା କଷ୍ଟକର ହୋଇପଡୁଛି। ଏଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହୋଇଛି।

## ଡିଜିଟାଲ ଶ୍ରେଣୀଗୃହ ଶିକ୍ଷାଦାନକୁ ନେଇ ଅଧ୍ୟାପିକା ବିକାଶ କାର୍ଯ୍ୟକ୍ରମ




ଜୟପୁର, ୧୯।୭(ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ପକ୍ଷରୁ ଡିଜିଟାଲ ଶ୍ରେଣୀଗୃହ ଶିକ୍ଷାଦାନକୁ ନେଇ ଅଧ୍ୟାପିକା ବିକାଶ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଅଧୀନରେ ବିଭିନ୍ନ ବିଭାଗ ଏବଂ ଅନୁବନ୍ଧିତ କଲେଜର ଅଧ୍ୟାପକମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ବାଣିଜ୍ୟ ବିଭାଗର ମୁଖ୍ୟ ତଥା ମାନବସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ଡଃ. ଦେବଦତ୍ତ ଇନ୍ଦୋରିଆ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରେଣୀ ଗୃହର ପରିବର୍ତ୍ତନ କରିବା ଏବଂ ଜାତୀୟ ଶିକ୍ଷାନୀତି-୨୦୨୦ ସହ ନୂତନ ଶିକ୍ଷାଦାନ ପଦ୍ଧତିକୁ ନେଇ ଶିକ୍ଷକମାନଙ୍କୁ ସଶକ୍ତ କରିବାରେ ଡିଜିଟାଲ୍ ଉପକରଣ ଏବଂ ଶିକ୍ଷାଦାନର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ବିଶ୍ୱସ୍ତରୀୟ ଶୈକ୍ଷିକ ମାନଦଣ୍ଡ ପୂରଣ କରିବା ଏବଂ ଅନ୍ତର୍ଭୁକ୍ତ, ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ସେମାନଙ୍କର ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାରେ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାକୁ ସମନ୍ୱିତ କରିବାର ଜରୁରୀ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ମହେଶ୍ୱର ଚନ୍ଦ୍ର ନାୟକ ଶୈକ୍ଷିକ ଏବଂ ସଂସ୍ଥାଗତ ବିକାଶରେ ଯୋଗଦାନ ଦେଉଥିବା ପଦକ୍ଷେପଗୁଡ଼ିକର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥି ସ୍ନାତକୋତ୍ତରର ଅଧ୍ୟକ୍ଷ ଡଃ. ପ୍ରଶାନ୍ତ କୁମାର ପାତ୍ର ଡିଜିଟାଲ୍ ଶ୍ରେଣୀଗୃହ ଶିକ୍ଷାଦାନ ସମ୍ପର୍କରେ ନିଜ ମତ ପ୍ରକାଶ କରିଥିଲେ। ବାଣିଜ୍ୟ ବିଭାଗର ପ୍ରଧାପକ ତଥା ମାନବ ସମ୍ବଳ ବିକାଶ ବିଭାଗର ଉପନିର୍ଦ୍ଦେଶକ ସଚିନ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବୈଷୟିକ ବିଷୟବସ୍ତୁକୁ ନେଇ ଅଧିବେଶନରେ ବିଶିଷ୍ଟ ଶିକ୍ଷାବିତ୍ ଏବଂ ଡିଜିଟାଲ ବିଶେଷଜ୍ଞ ଜ୍ଞାନ ରଞ୍ଜନ ମହାନ୍ତି ବିଷୟବସ୍ତୁ ସୃଷ୍ଟି ଏବଂ ମୂଲ୍ୟାଙ୍କନ ଉପକରଣ ପାଇଁ ବ୍ୟବହାରିକ ରଣନୀତି ଏବଂ ପ୍ଲାଟଫର୍ମ ବିଷୟରେ କହିଥିଲେ। ଡଃ. ଉଜ୍ୱଳ କୁମାର ଷଡଙ୍ଗୀ ଡିଜିଟାଲ ଶିକ୍ଷାଦାନ ଦ୍ୱାରା ଆଗତ ଶିକ୍ଷାଗତ ପରିବର୍ତ୍ତନ ଉପରେ ବକ୍ତବ୍ୟ ରଖିଥିଲେ। ସେ ଅଧ୍ୟାପକମାନଙ୍କ ମଧ୍ୟରେ ଛାତ୍ର ପାରସ୍ପରିକ କ୍ରିୟା ଏବଂ କ୍ଷମତା-ନିର୍ମାଣର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଯୌନ ନିର୍ଯାତନା ନିବାରଣ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଅଧ୍ୟକ୍ଷା ଡଃ. ସାଗରିକା ମିଶ୍ର ଯୋଗଦେଇ ଆଇନଗତ ଢାଞ୍ଚା, ଅଭିଯୋଗ ପ୍ରଣାଳୀ ଏବଂ ଏକ ସୁରକ୍ଷିତ କ୍ୟାମ୍ପସ ପରିବେଶ ସୁନିଶ୍ଚିତ କରିବାରେ କମିଟିର ଭୂମିକା ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ସର୍ମିଷ୍ଠା ଦାସ ଓ ସାକ୍ଷୀ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଛେଳିପାଳନ କରି ସ୍ୱାବଲମ୍ବୀ ହେଲେ ମହିଳା



କୋଟପାଡ, ୧୯।୭(ସମିସ): କୋଟପାଡ ବ୍ଲକର ଜାଗୃତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସୁଶ୍ରୀ ରେଖା ରନ୍ଧାରି, ଗାୟତ୍ରୀ ବିଷୋୟୀ ପ୍ରମୁଖ ଛେଳି ପାଳନ କରି ସ୍ୱାବଲମ୍ବୀ ହୋଇଛନ୍ତି। ଏମାନେ ପ୍ରଥମେ ୨୦୨୩ ରୁ ୫ ଗୋଟି ଛେଳି ପାଳନ କରିବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ପ୍ରାଣୀ ଚିକିତ୍ସକ, କୁସୁମୀଙ୍କ ପରାମର୍ଶ କ୍ରମେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୩୨ ଛେଳି ପାଳନ ନିମନ୍ତେ ଆବେଦନ କରିଥିଲେ। ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ବି.ପି.ସି. ମିଶନ ଶକ୍ତି ଅଧିକାରୀଙ୍କ ମାଧ୍ୟମରେ ଗୋଷ୍ଠୀର ସଦସ୍ୟମାନଙ୍କ ସହ ବୈଠକ କରାଇ ଛେଳି ଗୃହ ନିର୍ମାଣ ଓ ଛେଳିର ଲାଳନପାଳନ ପାଇଁ ଆବଶ୍ୟକ ତାଲିମ ପ୍ରଦାନ କରିଥିଲେ। ୨୦୨୪ ମସିହାରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ପାଇବା ପରେ ଛେଳି ଗୁହାଳ ନିର୍ମାଣ କରି ୩୦ ଟି ମାଇ ଓ ୨ ଟି ଅଣ୍ଡିରା ଛେଳି ପାଳନ କରିଥିଲେ। ବର୍ତ୍ତମାନ ଜାଗୃତି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ପାଖରେ ସମୁଦାୟ ୮୫ଟି ଛେଳି ଅଛି। ଛେଳି ପାଳନ କରି ସେମାନେ ବର୍ଷକ ଭିତରେ ବା ବର୍ତ୍ତମାନ ପର୍ଯ୍ୟନ୍ତ ପାଖାପାଖି ୯୦ ହଜାର ଟଙ୍କା ଆୟ କରି ଲାଭବାନ ହୋଇପାରିଛନ୍ତି। ଭବିଷ୍ୟତରେ ଗାୟତ୍ରୀ ବିଷୋୟୀ ବ୍ୟକ୍ତିଗତ ସ୍ତରରେ ୧୦୫ ଛେଳି ପାଳନ ନିମନ୍ତେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଆବେଦନ କରିବେ ବୋଲି ମନସ୍ଥ କରିଛନ୍ତି।






## ନଦୀଘାଟରେ ଡଙ୍ଗା ଓଲଟି ଯୁବକ ନିଖୋଜ



ଚିତ୍ରକୋଣ୍ଡା/କୋରୁକୋଣ୍ଡା, ୧୯।୭(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅଧୀନ ନାକାମାମୁଡି ଗ୍ରାମ ପଞ୍ଚାୟତ ଅଧୀନ ଡାଇକ-୩ ନଦୀ ଘାଟରେ ଡଙ୍ଗା ବୁଡି ଜଣେ ନିଖୋଜ ହୋଇଛନ୍ତି। ନିଖୋଜ ଜଣକ ରାମଚନ୍ଦ୍ର ପାଙ୍ଗି ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ ଡାଇକ-୩ ନଦୀ ଘାଟରୁ ଆରପାରିରେ ଥିବା ତାଲାପଦର ଗ୍ରାମକୁ ଗୋଟାଏ ଦେଶୀ ଡ଼ଙ୍ଗାରେ ଗତକାଲି ସନ୍ଧ୍ୟା ସମୟରେ ୪ ଜଣ ଯାଉଥିଲେ। ବର୍ଷା ପବନ ଆସିବା ଫଳରେ ଭାରସାମ୍ୟ ହରାଇ ଡ଼ଙ୍ଗାଟି ନଦୀ ମଝିରେ ଓଲଟି ପଡିଥିଲା। ଡ଼ଙ୍ଗାରେ ଥିବା ଚାରିଜଣଙ୍କ ମଧ୍ୟରୁ ୩ ଜଣକୁ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ କୂଳକୁ ଫେରାଇ ଅଣାଯାଇଥିବାବେଳେ ରାମଚନ୍ଦ୍ର ପାଙ୍ଗି ନାମକ ବ୍ୟକ୍ତି ପାଣି ଭିତରେ ନିଖୋଜ ହୋଇଯାଇଥିଲେ। ଗ୍ରାମବାସୀ କୋରୁକୋଣ୍ଡା ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ସୂଚନା ପାଇବା ବେଳକୁ ସନ୍ଧ୍ୟା ହୋଇଯାଇଥିବା କାରଣରୁ ଆଜି ସକାଳେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ ଏଲ୍‌ଏଫ୍ ଏଫ୍ ବାସୁଦେବ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଅଞ୍ଚଳବାସୀଙ୍କ ସାହାଯ୍ୟରେ ଖୋଜା ଖୋଜି କରିଥିଲେ। ବହୁ ସମୟ ଖୋଜା ଖୋଜି ପରେ ମଧ୍ୟ ନିଖୋଜ ବ୍ୟକ୍ତି କୌଣସି ସୂଚନା ମିଳି ନଥିବା ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି।

## ବଦଳିଲେ ଦଶମନ୍ତପୁର ଓ ଲକ୍ଷ୍ମୀପୁର ବିଡିଓ

କୋରାପୁଟ, ୧୯।୭(ସମିସ): ରାଜ୍ୟ ସରକାର ଶନିବାର ୧୦ ଜଣ ବିଡିଓଙ୍କ ବଦଳି ତାଲିକା ପ୍ରକାଶ କରିଥିବାବେଳେ ଦଶମନ୍ତପୁର ଓ ଲକ୍ଷ୍ମୀପୁର ବ୍ଲକରେ ନୂତନ ବିଡିଓ ନିଯୁକ୍ତ ପାଇଛନ୍ତି। ମଦନପୁର ରାମପୁର ବ୍ଲକରେ କାର୍ଯ୍ୟରତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବ୍ୟସାଚୀ ବେହେରାଙ୍କୁ ଲକ୍ଷ୍ମୀପୁର ବିଡିଓ ଭାବେ ବଦଳି ହୋଇଥିବାବେଳେ ବାରକୋଟ ବିଡିଓ ସିଦ୍ଧେଶ୍ୱର ନାୟକଙ୍କୁ ଦଶମନ୍ତପୁର ବ୍ଲକକୁ ବଦଳି ହୋଇଛି। ଲକ୍ଷ୍ମୀପୁର ବିଡିଓ ଗୁରେଶ୍ୱର୍ ଭୋଇଙ୍କୁ ପୂର୍ବରୁ ବଲାଙ୍ଗୀର ଜିଲ୍ଲାର ଗୁଡ଼ଭେଲା ବିଡିଓ ଭାବେ ବଦଳି ହୋଇଥିବା ଜଣାପଡ଼ିଛି। ସେହିପରି ଦଶମନ୍ତପୁର ବିଡିଓ ଥିବା ମିଳନ କୁମାର ଝାଙ୍କରଙ୍କୁ ମଧ୍ୟ ପୂର୍ବରୁ ରାଜ୍ୟ ସରକାର ଅନ୍ୟତ୍ର ବଦଳି କରିଛନ୍ତି।

## ନୂତନ ସିଡିପିଓ ନିଯୁକ୍ତି ପାଇଁ ଅଙ୍ଗନବାଡି କର୍ମୀଙ୍କ ଦାବି

ପୋଡ଼ା ଗଡ଼, ୧୯।୭(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକର କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଶିଶୁ ବିକାଶ କାର୍ଯ୍ୟାଳୟର କିରାଣି କାମ କରି ନ ପାରିଲେ ଚାକିରି ଛାଡ଼ି ଦିଅ ବୋଲି ଯୁମ ମିଟିଂରେ ଧମକ ଦେଉଥିବା ଅଭିଯୋଗ କରିଛନ୍ତି। ତୁରନ୍ତ କାର୍ଯ୍ୟାଳୟରେ ଏକ ସ୍ଥାୟୀ ସିଡିପିଓ ନିଯୁକ୍ତି କରିବା ଲାଗି ଅଙ୍ଗନବାଡି କର୍ମୀମାନେ ଦାବି କରିଛନ୍ତି। ସିଡିପିଓ ନଥିବା ଯୋଗୁଁ କେତେକ ଅଧିକାରୀ ମନମୁଖୀ ଶାସନ କରୁଛନ୍ତି ବୋଲି ଭାଗ୍ୟଲତା ଦାଶ, ଅନିତା ନାୟକ, ବୈଜୟନ୍ତ ମାଳା ବାଘ, ସୁକନ୍ତଲା ଭୁୟାଁ, ସୁନିତା ହୁଇକା, ପ୍ରମିଳା ଦେବି, ରଶ୍ମୀତା ମୁଦୁଲି ପ୍ରମୁଖ ଅଙ୍ଗନବାଡି କର୍ମୀ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ, ବର୍ତ୍ତମାନ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରର ହିତାଧିକାରୀ, ମା' ଓ ଶିଶୁମାନଙ୍କ ଅନଲାଇନ୍ ପଞ୍ଜୀକରଣ ପାଇଁ ଆଧାର କାର୍ଡର ଇ-କେୱାଇସିର ଆବଶ୍ୟକ ରହିଛି। ହେଲେ ଗାଁ ଗହଳିରେ ରହୁଥିବା ଗରିବ ଆଦିବାସୀଙ୍କ ପାଖରେ ମୋବାଇଲ୍ ଫୋନ ନାହିଁ କିମ୍ବା ନେଟୱର୍କ ସୁବିଧା ମଧ୍ୟ ନାହିଁ। ତେଣୁ ହିତାଧିକାରୀଙ୍କ ପଞ୍ଜିକରଣରେ ବିଳମ୍ବ ହେଉଛି। ଏ ସମ୍ପର୍କରେ ଆଇସିଡିଏସ୍ କିରାଣୀ ସତ୍ୟ ନାରାୟଣ ଦଳେଇଙ୍କୁ ପଚାରିବାରୁ ଆମକୁ ଜିଲ୍ଲା ଅଧିକାରୀ ପକ୍ଷରୁ ଶିଘ୍ର କାମ ସାରିବାକୁ କହିଛନ୍ତି। ତେଣୁ ଆମେ ମଧ୍ୟ ଅଙ୍ଗନବାଡ଼ି କର୍ମୀମାନଙ୍କୁ, ଶିଘ୍ର କାମ କରିବାକୁ କହୁଛୁ। କାମ ଧିର ହେଲେ ଆମେ ମଧ୍ୟ ଗାଳି ଶୁଣୁଛୁ ବୋଲି କହିଛନ୍ତି। ଭାରପ୍ରାପ୍ତ ସିଡିପିଓ ରାଜେଶ୍ୱରୀ ତୁରୁକ କହିଛନ୍ତି, ବର୍ତ୍ତମାନ ଆବଶ୍ୟକ ଠାରୁ କମ୍ କାମ ହୋଇଛି। ଜିଲ୍ଲାର ଅନ୍ୟାନ୍ୟ ବ୍ଲକରେ କାମ ଶିଘ୍ର ହେଉଛି। ଏହି ବ୍ଲକରେ ମୋଟ ୨୬୪ ଅଙ୍ଗନବାଡ଼ି କେନ୍ଦ୍ର ଅଛି। ବର୍ତ୍ତମାନ ୬୦ ପ୍ରତିଶତ କାମ ହୋଇଛି। ତେଣୁ ଶୀଘ୍ର କାମ ସାରିବାକୁ ଡିଏସ୍‌ଡବ୍ଲ୍ୟୁ ତାଗିଦ କରୁଛନ୍ତି ବୋଲି ସେ କହିଛନ୍ତି।





**ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ଗୁଣପୁର**

**ଜିଲ୍ଲା-ରାୟଗଡା (ଓଡିଶା)**

ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରାଚୀନ ଐତିହ୍ୟ ସଂପନ୍ନ ଗୁଣପୁର କଳା, ସଂସ୍କୃତି ଓ କୃଷି କ୍ଷେତ୍ରରେ ନିଜତ୍ୱ ବଜାଇ ରଖିଛି। ବଂଶଧାରା ଉପତ୍ୟକାରେ ପ୍ରାୟ ୯୦ ଭାଗ ଲୋକ ଚାଷ ଉପରେ ହିଁ ନିର୍ଭରଶୀଳ। କେଉଁ କେଉଁ ଧାନକ୍ଷେତ ସାଙ୍ଗକୁ ଶ୍ୱେତବର୍ଣ୍ଣର ବରଫର ଆସ୍ତରଣ ଭଳି ଭ୍ରମ ସୃଷ୍ଟି କରୁଥିବା କପା କ୍ଷେତ ଯେକୌଣସି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରେ। ତେଣୁ ଏହି ଅଞ୍ଚଳର କୃଷକର କୃଷିଜାତ ଦ୍ରବ୍ୟର ସଠିକ୍ ବଜାର ନିମନ୍ତେ ୧୯୬୧ ମସିହାର ଜୁଲାଇ ମାସ ୯ ତାରିଖରେ ଏହି କମିଟି ଜନ୍ମ ଲାଭ କରିଥିଲା। ଓଡିଶା ରାଜ୍ୟ ସରକାରଙ୍କର ନିର୍ଦ୍ଧାରିତ ବଜାର ପ୍ରାଙ୍ଗଣ ତଥା ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତି କ୍ରମେ ପରିଚାଳିତ ସମସ୍ତ ବଜାର ପ୍ରାଙ୍ଗଣ ମାନଙ୍କରେ ଚାଷୀମାନେ ନିଜର ବିକ୍ରି ଯୋଗ୍ୟ କୃଷିଜାତ ଦ୍ରବ୍ୟର ସୁଲଭ ବିକ୍ରି ବଟାର ସୁଯୋଗ ନିମନ୍ତେ ଆପଣଙ୍କୁ ନିୟନ୍ତ୍ରିତ ବଜାର କମିଟି, ଗୁଣପୁରର ସମସ୍ତ ପରିଚାଳନା ସଭ୍ୟ ଓ କର୍ମଚାରୀମାନଙ୍କ ତରଫରୁ ବିନମ୍ର ଅନୁରୋଧ।

ଆଗାମୀ ଦିନର ଲକ୍ଷ- ଇ-ନାମ (e-NAM) ଜରିଆରେ ଉନ୍ନତ ବଜାର ଭିତ୍ତିଭୂମିର ବିକାଶ

ଆମର ଉଦ୍ଦେଶ୍ୟ - ଚାଷର ଉନ୍ନତି ଓ ଚାଷୀର ଆର୍ଥିକ ବିକାଶ

ଓଡିଶା ରାଜ୍ୟ କୃଷି ବିପଣନ ପରିଷଦଙ୍କ ଆଦେଶକ୍ରମେ ଏବଂ ଉପଜିଲ୍ଲାପାଳ-ତଥା ଅଧ୍ୟକ୍ଷଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନିୟନ୍ତ୍ରିତ ବଜାର କମିଟି ଗୁଣପୁରର ମୁଖ୍ୟ ବଜାର ପ୍ରଙ୍ଗଣ ମଧ୍ୟରେ ଭାରତ ସରକାରଙ୍କ ଦ୍ୱାରା ନିର୍ମିତ ଜାତୀୟ କୃଷି ବଜାର ଇ-ନାମ (e-NAM) ଜରିଆରେ ନିଜ ଉତ୍ପାଦିତ ଧାନ ବ୍ୟତୀତ ଅନ୍ୟ ସମସ୍ତ କୃଷିଜାତ ଦ୍ରବ୍ୟକୁ ବିକ୍ରୟ କରି ଲାଭବାନ ହେବାକୁ ଆମର ଅନୁରୋଧ। ଏଥିନିମନ୍ତେ ସମସ୍ତ ଚାଷୀ ଓ ବ୍ୟବସାୟୀଙ୍କୁ ଇ-ନାମ ପୋର୍ଟାଲରେ ନିଜ ନାମ ପଞ୍ଜିକରଣ କରିବାକୁ ଅନୁରୋଧ।

ଶ୍ରୀ ଦଳପତୀ କାର୍ଯ୍ୟୀ
ସଂପାଦକ

ଶ୍ରୀ ଲଳିତ କୁମାର କହଁର, (ଓ.ପ୍ର.ସେ)
ଉପ-ଜିଲ୍ଲାପାଳ ତଥା ଅଧ୍ୟକ୍ଷ



# ଛୋଟ ଦୁଃଖ



ଜୟନ୍ତୀ ରଥ

ସେଦିନ ବି ନିର୍ଦ୍ଦିଷ୍ଟ ସମୟରେ ଫୋନ୍ କରିଥିଲା ବୋଉ। ପୂଜା ସାରି, ଜଳଖିଆ ଖାଇସାରି ଖବର କାଗଜ ପଢ଼ିବା ପରେ । ଶୁଭ୍ରା ଫୋନ୍ ଧରୁ ଧରୁ ତା' ମନର ପାଗ ଭଲ ନ ଥିବା ଅନ୍ଦାଜ କରି ନେଲା। ଗୋଟିଏ ଶବ୍ଦ ହ୍ୟାଲୋ। ତାହା ବି ସୂଚେଇ ଦେଇପାରେ ମନର ହାଲ୍‌ଚାଲ୍।

- କ' ଣ ହେଲା ଧନ। ତୋ' ସ୍ୱରଟା କାହିଁକି ଗଣଗଣିଆ ଶୁଭୁଚି। କାନ୍ଦୁଥିଲୁ କି!

ବୋଉ କଥା ଶୁଣି ଶୁଭ୍ରାର ରୁଦ୍ଧ କୋହ ଉଛୁଳି ପଡ଼ିଲା। ଛୋଟ ଝିଅଙ୍କ ପରି ସେ ଜୋରରେ କାନ୍ଦି ଉଠିଲା।

ଦୁଇଘଣ୍ଟା ହେଲାଣି ଘରୁ ଏକାଠି ଆଠଜଣ ବାହାରି ଗଲେଣି ହକି ମ୍ୟାଚ୍ ଦେଖିବା ପାଇଁ। ତପନ ବଡ଼ି ଭୋର୍‌ରୁ ତାକୁ ନିଦରୁ ଉଠେଇ କହିଥିଲେ – "ବେଶି କିଛି କରିବା ଦରକାର ନାହିଁ। ଆମେ ଶୀଘ୍ର ଖାଇ ବାହାରି ପଡ଼ିବୁ। "

ଆଗରୁ ତ ଜଣା ଥିଲା ତା'ର ଯିବାର ନାହିଁ। ଟିକେଟ୍ ତ ସେଇ ଅନୁସାରେ ହୋଇଥିଲା। ଦିନକୁ ଅନ୍ତତଃ ଦୁଇଥର ଭାଇ, ଭଉଣୀଙ୍କ ସହ ଏଇ ବାବଦରେ କଥା ହେଉଥିଲେ ତପନ।

ଆଜି କାହିଁକି ତାକୁ ଏତେ ଖରାପ ଲାଗୁଛି। ସେମାନେ ଯିବା ପରେ ସେ ବିଛଣାରେ ମୁହଁ ମାଡ଼ି ପଡ଼ି ରହିଛି। ସାନ୍‌ଭି ହୋମ୍‌ୱାର୍କ ପାଇଁ ଡାକିଲାଣି କେତେ ଥର। ସେ ଉଠୁ ନ ଥିଲା।

ବୋଉର ଫୋନ୍ ନ ଧରିଲେ ନ ଚଳେ। ତା'ର କୋହ ଭରା ସ୍ୱର ଶୁଣି ବୋଉ କହିଲା- "ତୁନି ହଅ। ତୁନି ହଅ। କାନ୍ଦୁଚୁ କାହିଁକି। ପଛରେ କାନ୍ଦିଲେ କିଏ ଶୁଣିବ ନା ବୁଝିବ। ସବୁ ତ କରି ଧରି ଦେଉଛୁ। ଭୁବନେଶ୍ୱରରେ ଘରେ ବସି ଅର୍ଡର ଦେଲେ ଅଧଘଣ୍ଟାରେ ଖାଇବା ଜିନିଷ ପାର୍ସଲ ହୋଇ ଆସୁଚି। ସେଇଟା କ'ଣ ତପନଙ୍କୁ ଜଣା ନାହିଁ। ତୁ କ' ଣ ସେ ଘରେ ବିନା ବେତନରେ ଚାକରାଣୀ। ମୁହଁ ଖୋଲି କହି ପାରିବୁନି ମୋର ବି ଯିବାକୁ ମନ। ମୁଁ ବି ଖେଳ ଦେଖିବାକୁ ଯିବି। ଆଲୋ କଅଁଳ ଛୁଆ ପରା ଭୋକ ହେଲେ କାନ୍ଦୁଚି। ତା' ଦାବି ଜାହିର କରୁଛି। ତୁ ପାରୁନୁ। ଅଶାନ୍ତି ହେବ ବୋଲି ଡରୁଛୁ। ଏମିତି କ'ଣ ତୁ ଶାନ୍ତିରେ ଅଛୁ। ଥରେ କହି ଦେଖ। ତୁ କିଛି ନ କହିବାରୁ ତୋ ମୂଲ୍ୟ ସେମାନେ ବୁଝି ପାରୁ ନାହାନ୍ତି। ଏତେ ଭଲ ବାସ୍‌କେଟ୍ ବଲ ଖେଳୁଥିଲୁ। ଦିଲ୍ଲୀ, ଆସାମ, କୋଲକାତା, ପାଟନା, କେତେଆଡ଼େ ଯାଇଛୁ ସବୁ ଭୁଲି ଗଲୁ। ସମସ୍ତଙ୍କୁ ଯଥାମାନ୍ୟ କରି ଚଳିବୁ ବୋଲି କହିଥିଲି। ଅନ୍ୟାୟ ସହିବାକୁ ତ କହି ନଥିଲି। ଏଇ ନଖରେ ଛିଣ୍ଡେଇଲା ପରି ଛୋଟ କଥାରେ ମନଊଣା କରୁଛୁ। କାନ୍ଦୁଚୁ, ଏତେ ପାଠ ପଢ଼ିଚୁ। ନିଜ ଇଚ୍ଛା ଜଣାଇବାର ବାଟ ପାଉନୁ ? "

ବୋଉ ଫୋନ୍ ରଖିବା ପରେ ସେ ବହୁ ସମୟ ନିଶ୍ଚଳ ହୋଇ ବସି ରହିଥିଲା। ତା' ଆଖିରୁ ଲୁହ ଝରିବା ବନ୍ଦ ହୋଇଯାଇଥିଲା। ସେମାନଙ୍କର ଆସିବା ବେଳ ପାଖେଇ ଆସିଲାଣି।

ଆଜି ତା'ର ବିଲ୍‌କୁଲ୍ ରାନ୍ଧିବାକୁ ଇଚ୍ଛା ହେଉ ନାହିଁ। ସଖୀ କଣ୍ଢେଇ ଭଳି ମିଛ ହସି ହସି, ଅତିଥି ଅଭ୍ୟାଗତଙ୍କୁ ପରଷିବାକୁ ଇଚ୍ଛା ହେଉ ନାହିଁ।


ସାନ୍‌ଭିକୁ ନେଇ ରେବା ଘର ଆଡ଼େ ଯିବ କି?
ନା - ସେଇଟା ତା ପଳାୟନ ପନ୍ଥା ହେବ।
ମୁଣ୍ଡ ଜୋରରେ ବିନ୍ଧୁଚି ବୋଲି ଶୋଇ ରହିବ କି।
ନା - ସେଇଟା ବି ଅଭିନୟ ହୋଇଯିବ।
ତା' ହେଲେ ସେ କରିବ କ' ଣ
ଶୁଭ୍ରା ଜୋର୍‌ରେ ଚାପି ଧରିଲା କପାଳକୁ!
ଇଚ୍ଛା ଜଣାଇପାରିଲା ନାହିଁ।
କି ଅନିଚ୍ଛା ଜଣାଇବାର ବାଟ ତାକୁ ଦିଶୁ ନାହିଁ। ■

ମୋ: ୮୮୯୫୬୧୭୯୫୬

## ପୁସ୍ତକ ଓ ପତ୍ରିକା ପରିଚୟ

### ମୋ ଚିବୁକରେ ଗଙ୍ଗାଧରଙ୍କ ସ୍ନେହଚିହ୍ନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର




ନ୍ୟୁଟ୍ରା କ୍ରିଏସନ୍ସ
ପ୍ଲଟ ନଂ:୫, ଜୟଦେବ ନଗର
ଭୁବନେଶ୍ୱର-୭୫୧୦୦୨
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପବିତ୍ର ଜନ୍ମ ପୀଠ ବରପାଲି। ଏବେ ବି ଗଙ୍ଗାଧରଙ୍କ ବ୍ୟବହୃତ ସ୍ମୃତି ସନ୍ତକ ପରିବାରଙ୍କ ନୂତନ ବାସଭବନରେ ଶୋଭା ପାଉଛି। କବିଙ୍କ ବ୍ୟବହୃତ ଖଟ, ପିଢ଼ା, କଠଉ, କୋଟ୍, କମିଜ, ଦୁଆତ, କଲମ,ହସ୍ତତନ୍ତ, କବିଙ୍କ କାବ୍ୟକବିତାର ପାଣ୍ଡୁଲିପି ଆଦି ସାମଗ୍ରୀ ସହିତ କବି ପରିବାର ସଦସ୍ୟମାନଙ୍କ ଆତ୍ମିକ ସଂପର୍କ ରହିଛି। ସେଇ ସବୁ ସାମଗ୍ରୀ ଭିତରେ କିଭଳି କବିଙ୍କ ଆତ୍ମାକୁ ପ୍ରାଣପୂର୍ଣ୍ଣ ଭାବେ ଅନୁଭବ କରନ୍ତି, ତାକୁ ନେଇ ପ୍ରକାଶ ପାଇଛି ସ୍ୱଭାବକବିଙ୍କ ପ୍ରପୌତ୍ର ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ 'ମୋ ଚିବୁକରେ ଗଙ୍ଗାଧରଙ୍କ ସ୍ନେହଚିହ୍ନ' ପୁସ୍ତକ। 'ମୋ ବାଲ୍ୟକାଳର ଆଶ୍ରୟ: କବିଙ୍କ ଖଟ', 'ସ୍ୱଭାବ କବିଙ୍କ କମିଜର ଆତ୍ମକଥା', 'ହସ୍ତତନ୍ତର ସଙ୍ଗୀତ', 'ଦୁଇ ପବିତ୍ର ପାଦୁକା', 'ଗଙ୍ଗାଧରଙ୍କ ଚୌକି', 'ଗଙ୍ଗାଧରଙ୍କ କୋଟ୍', 'ଗଙ୍ଗାଧରଙ୍କ ପିଢ଼ା', 'ଆଲୋକଚିତ୍ରରେ ଗଙ୍ଗାଧର', 'ଗଙ୍ଗାଧରଙ୍କ ଅମୃତପାତ୍ର' ଆଦି ଆଲେଖ୍ୟଗୁଡ଼ିକରେ କବିଙ୍କ ସ୍ନେହର ସ୍ପର୍ଶ, ତାଙ୍କ ଅନ୍ତର୍ଦର୍ଶନର ବିମୁଗ୍ଧ ଅନୁଭବକୁ ଲେଖକ ପ୍ରଫେସର ମେହେର ହୃଦୟସ୍ପର୍ଶୀ ଭାବେ ପ୍ରକାଶ କରିଛନ୍ତି। 'କବି ଭବନ'ରେ ବିତାଇଥିବା ଶୈଶବର ଅଭୁଲା ମୁହୂର୍ତ୍ତକୁ ମଧ୍ୟ ଅତି ଚମତ୍କାର ଭାବେ ଲେଖକ ବର୍ଣ୍ଣନା କରିଛନ୍ତି। ଗଙ୍ଗାଧର ସାହିତ୍ୟ ପ୍ରେମୀଙ୍କୁ ଏହି ପୁସ୍ତକଟି ଭଲ ଲାଗିବ ବୋଲି ଆଶା କରାଯାଏ। ■

# କୋଉ ବଡ଼ କଥା



ଶର୍ମିଷ୍ଠା ସାହୁ

କୋଉ ବଡ଼ କଥା !
ଗଛଟେ ଉପୁଡ଼ି ଯିବା
ଆଉ ଚଢ଼େଇବସା ଭାଙ୍ଗିଯିବା।
ଦୁଃଖରେ ସୂର୍ଯ୍ୟ ବୁଡ଼ିଯିବା
ଆଉ ପତ୍ରମାନେ
କାନ୍ଦି କାନ୍ଦି ଭୂଇଁରେ ଲୋଟିବା।

କୋଉ ବଡ଼ କଥା
ଅହଙ୍କାରର ଅସ୍ତ୍ରରେ
ଶହଶହ ମୁଣ୍ଡକାଟ ହେବା!
ଧର୍ମାନ୍ଧଙ୍କ ଖେଳରେ
ଆଖିଥିବା ସବୁଲୋକ
ଆଖିବୁଜି ବାଟ ଚାଲୁଥିବା!


କୋଉ ବଡ଼ କଥା
କିଛି ପାଗଳଙ୍କ ଖୁସିର ବିସ୍ଫୋରଣରେ
ଶହ ଶହ ଘର ଭାଙ୍ଗି ଚୁର୍‌ମାର୍ ହେବା!
ନିଃଶ୍ୱାସରେ ଧୂଆଁ ଆଉ ଧମନୀରେ ବାରୁଦ ଭରିବା!

କୋଉ ବଡ଼ କଥା
ମଣିଷଙ୍କ ଜଙ୍ଗଲରେ ପ୍ରତିଦିନ କିଛି ଝିଅ
ଶିକାର ହୋଇଯିବା!
ଆଖିରେ ପଟି ବାନ୍ଧି ନ୍ୟାୟାଳୟରେ
ତରାଜୁ ଧରିଥିବା ସ୍ତ୍ରୀଲୋକଟି
ଜୀବନକୁ ଆଉ ମାପି ନ ପାରିବା!

କୋଉ ବଡ଼ କଥା
ଧୀରେ ଧୀରେ ଛାଇ ସବୁ
ଚାଲିବା ଆରମ୍ଭ କରିବା
ଆଉ ଦେହ ଅଟକି ଯିବା!
ଶବ୍ଦମାନେ ଇତସ୍ତତଃ ବିଛାଡ଼ି ହୋଇଯିବା
ଆଉ ଆଖି ନିରବି ଯିବା!

ଅଭ୍ୟାସରେ ପଡ଼ି ଗଲାଣି
ହୃଦୟକୁ ବାରମ୍ବାର ସମୟର ପରୀକ୍ଷାଗାରରେ ରଖିବା।
ଅଭ୍ୟାସରେ ପଡ଼ି ଗଲାଣି
ହୃଦୟହୀନ ସମୟକୁ
ନିଜର ଭାବିନେବା। ■

୪୦୩, ଓମ୍ ପ୍ଲାଜା
ଅନୁଗୁଳ



# ପୃଥିବୀର ଦେହ



ଶୁଭଶ୍ରୀ ଶୁଭସ୍ମିତା ମିଶ୍ର

ଆଷାଢ଼ିଆ ଲଘୁଚାପରେ ବି ସେ ସମ୍ଭାଳି
ରଖିଥାଏ ସୂର୍ଯ୍ୟଙ୍କୁ ପଣତରେ,
ଉହ୍ଲେଇରେ ନିଆଁ,
ଆଉ ଭାତଥାଳି ପାଖରେ କୋଳାଏ ରସୁଣ!

ତା'ର ଦାୟିତ୍ୱ ଏସବୁ ବୋଲି ଯେଉଁ ପାଠ ତାକୁ
ପଢ଼ାଯାଇ ଥାଏ, ଜନ୍ମର ନାହିନାଡ଼ରୁ,
ନାହିକଟା ପରେ ବି ତାହା ବିସ୍ମୃତି ହୁଏନା

ସେ ଦେହକୁ ପୃଥିବୀ କରିବାର କଥା
କେମିତି ବୁଝିନିଏ, ଆଖିରେ ଆକାଶ ସମ୍ଭାଳି
ପାଦ କଣନଖାରେ ସୁଧା ଆବୋରି ବସିଥାଏ
ପାତାଳି ସଂସାର!

"ଦୋଳେ ଚ ଦୋଳଗୋବିନ୍ଦଂ/ ଚାପେଚ ମଧୁସୂଦନମ୍/
ରଥେ ତୁ ବାମନଂ ଦୃଷ୍ଟ୍ୱା/ ପୁନର୍ଜନ୍ମ ନ ବିଦ୍ୟତେ।"
ଶ୍ଳୋକ ବୋଲିଲା ବେଳେ ମୋତେ ପଞ୍ଚମ ଅବତାର
ଦିଶୁଥାଏ ତା' ବିକ୍ଷିପ୍ତ, ଜୀର୍ଣ୍ଣ ଦେହରେ!

ସେ ହୁଏତ ଗୋଟେ ଆପେକ୍ଷିକ ନୀରବତା
ତା'ର ବିଶାଳ ରୂପ କେବେ ଦିଶିନି
ମହାଭାରତ ଯୁଦ୍ଧରେ, ତଥାପି ଯୁଦ୍ଧର ବିଗୁଲ୍
ଶୁଭୁଥିଲା କାଳେ ତା ନାସାଗ୍ରେ!

ତାକୁ ବାଟି, କାଟି, ଛାଣ୍ଟି,
ତୁମେ ଗୋଟେ ଅବୟବ ତିଆରି କରିଛ
ମର୍ଜିରେ, ସେ ସେଠି ବସିଥାଏ
ଚୁପଚାପ୍!

ତା' ହସରେ ବିଜୁଳି
ତା' ଆଖିରେ ମହାପ୍ରଳୟ
ତା' ହାତରେ ଅମୃତ
ତା' ପାଦତଳେ ଆଦିପୁରୁଷ,

ତଥାପି ସେ ହିଁ ଅତ୍ୟାଚାରିତ,
ଧର୍ଷିତ, ନିଷ୍ପେଷିତ ହୁଏ ପୃଥିବୀର ଦେହ ଧରି,

ମୋତେ ଲାଗେ ତାର ମୌନତା ହୁଏତ
ଗୋଟେ ଅଶାନ୍ତ ଶାନ୍ତି ,
ତା' ପରେ ଆସିପାରେ ପ୍ରଳୟ
ଖବରଦାର! ■

ମୋ: ୯୮୬୧୭୮୮୯୯୯

## ଗଳ୍ପ ଗଞ୍ଜାମ

ମୁଖ୍ୟ ସଂପାଦକ
ଭାଗୀରଥି ବେହେରା




ଗଞ୍ଜାମର କବିତା ଘର ଲିଟେରାରୀ ଟ୍ରଷ୍ଟ
ଆଙ୍କୁଲି, ବ୍ରହ୍ମପୁର
ସଂସ୍କରଣ: ୨୦୨୫
ମୂଲ୍ୟ: ୨୫୦ ଟଙ୍କା

ଗଞ୍ଜାମ କବିତା ଘର ଲିଟେରାରୀ ଟ୍ରଷ୍ଟର ବାର୍ଷିକ ଗଳ୍ପ ସଂକଳନ 'ଗଳ୍ପ ଗଞ୍ଜାମ'ର ଷଷ୍ଠ ସଂସ୍କରଣ ପ୍ରକାଶ ପାଇଛି। ମୁଖ୍ୟ ସଂପାଦକ ଭାଗୀରଥି ବେହେରା ଓ ସଂପାଦକ ଧର୍ମାନନ୍ଦ ମହାରଣାଙ୍କ ସଂପାଦନାରେ ପ୍ରକାଶିତ ଏହି ପୁସ୍ତକରେ ୪୮ଟି ଗଳ୍ପ ସଂକଳିତ ହୋଇଛି। ଏହି ପୁସ୍ତକରେ ସନ୍ନିବେଶିତ ସ୍ମୃତି ପଟ୍ଟନାୟକଙ୍କ 'ଅଙ୍କାବଙ୍କା ଜୀବନ', ସୁକାନ୍ତି ରାଉତଙ୍କ 'ଥିଲେ ଜଣେ ରାଣୀ', ପରୀକ୍ଷିତ ସାହୁଙ୍କ 'ମୃତ୍ୟୁ ମନାସ', ଗୋପୀନାଥ ଦାଶଙ୍କ 'ଦୁର୍ଦ୍ଦାନ୍ତ ଦନ୍ତା', ଡକ୍ଟର ମମତା ରାଣୀ ନାୟକଙ୍କ 'ଘୁମୁ ଘୁମୁ ଘୁମୁରେ ପାରା', ଧର୍ମରାଜ ମାଝୀଙ୍କ 'ଐକ୍ୟ ଏକାନ୍ତ' ଆଦି ଗପଗୁଡ଼ିକରେ ମାନବୀୟ ସ୍ନେହ, ପ୍ରେମ,ବିରହ, ଆଶା, ବିଶ୍ୱାସର ସ୍ୱର ମାର୍ମିକ ଭାବେ ଫୁଟି ଉଠିଛି। ସେଭଳି ଅନୀତା ପାଣିଙ୍କ 'ରକ୍ତ ସଂପର୍କ', ସୁବାସ ଚନ୍ଦ୍ର ସାହୁଙ୍କ 'ପୁନଃର୍ମିଳନ',ଦେବେନ୍ଦ୍ର କୁମାର ବାଉରୀଙ୍କ 'ପୁଣ୍ୟର ପଦଧ୍ୱନି', ଡକ୍ଟର ଅସିତ୍ କୁମାର ସ୍ୱାଇଁଙ୍କ 'ରେଳଗାଡ଼ିରେ ଏକ ରାତି', ବିଦେଶୀ ନାୟକଙ୍କ 'ଭାଙ୍ଗି ଯାଉଥିବା ପ୍ରେମ, ଯୋଡ଼ି ହେଉଥିବା ସଂପର୍କ', ଅଞ୍ଜନା ବେହେରାଙ୍କ 'ବସୁନ୍ଧରା', ପ୍ରିୟଙ୍କା ମହାପାତ୍ରଙ୍କ 'ଫର୍ଚ୍ଚା ଆକାଶରୁ ମେଞ୍ଚାଏ ଖୁସି', ସୁଦାମ ଦଳବରାଙ୍କ 'ପ୍ରେମ ବରଗଛ' ଆଦି ଗପଗୁଡ଼ିକରେ ମାନବୀୟ ସମ୍ବନ୍ଧ, ସାମାଜିକ ବାସ୍ତବତା, ସାଂପ୍ରତିକ ସମସ୍ୟା, ଦ୍ୱନ୍ଦ୍ୱ, ସଂଘର୍ଷର ଚିତ୍ର ପ୍ରତିଫଳିତ ହୋଇଛି। ବହୁ ପ୍ରବୀଣ ଓ ଯୁବ ଗାଳ୍ପିକଙ୍କ ହୃଦୟସ୍ପର୍ଶୀ ଗଳ୍ପରେ ସଂକଳିତ ଏହି ପୁସ୍ତକଟି ଓଡ଼ିଆ ଗଳ୍ପ ସାହିତ୍ୟକୁ ସମୃଦ୍ଧଶାଳୀ କରିବ ବୋଲି ଆଶା କରାଯାଏ। ■

# ସାଂପ୍ରତିକ ଓଡ଼ିଆ କବିତାରେ ଜନବାଦୀ ସ୍ୱର



ଡକ୍ଟର ଶ୍ରୀକାନ୍ତ କୁମାର ବାରିକ

ସାଂପ୍ରତିକ ଓଡ଼ିଆ କବିତାର ଧାରାରେ ଜନବାଦୀ ଚେତନା ଏକ ଶ୍ରେଷ୍ଠ କାବ୍ୟାଭିବ୍ୟକ୍ତି ଭାବରେ ଦେଖାଦେଇଛି। ଯେଉଁ କବିତାରେ ସାଧାରଣ କୃଷକ, ଶ୍ରମିକ, ଜଙ୍ଗଲ ନିବାସୀ, ମତ୍ସ୍ୟଜୀବୀ, ଆଦିବାସୀ, ହରିଜନ, ଭୂମିହୀନ ସର୍ବହରା, ଦଳିତ, ବିସ୍ଥାପିତ ମଣିଷର ସଂଘର୍ଷ ରୂପାୟିତ ହେବା ସହିତ ସେମାନଙ୍କ ସାମାଜିକ, ଆର୍ଥିକ ପ୍ରଗତିର ବିଜ୍ଞାନସମ୍ମତ ଗୁଣସୂତ୍ରଗୁଡ଼ିକର ନିର୍ଣ୍ଣୟ କରାଯାଇଥାଏ, ତାକୁ ଜନବାଦୀ କବିତା କୁହାଯାଏ। ଏହା କେବଳ ଏକ ଭାବାତ୍ମକ ଅଭିବ୍ୟକ୍ତି ନୁହେଁ, ବରଂ ଏହା ଏକ ବୈପ୍ଳବାତ୍ମକ ଅଭିବ୍ୟକ୍ତି। ଏଥିରେ ଜାଗରଣ ତଥା କ୍ରାନ୍ତିର ସ୍ୱର ଅନୁରଣିତ ହୋଇଥାଏ। ସାଂପ୍ରତିକ ଓଡ଼ିଆ କବିତାରେ ଏହି ଚେତନାର ପରିପ୍ରକାଶ ଏକ ଅଗ୍ରଗତିର ସୂଚକ। ଜମି, ଜଙ୍ଗଲ, ଡଙ୍ଗର, ମାଳି, ପର୍ବତ, ନଦୀ, ହ୍ରଦ, ସମୁଦ୍ର, କାଜୁବଣ,କିଆବଣ, ମହୁଲ ଝାର ଏସବୁକୁ ଜୀବନ ଜୀବିକାର ମୂଳଉତ୍ସ ଭାବେ ଗ୍ରହଣ କରିଥିବା ସାଧାରଣ ମଣିଷମାନେ ହିଁ ଜନବାଦୀ କବିତାର ଚରିତ୍ର। ପ୍ରକୃତି ଓ ମଣିଷର ଜୀବନରେଖା ମଧ୍ୟରେ ଏମାନେ ସନ୍ତୁଳକର ଭୂମିକା ନିର୍ବାହ କରନ୍ତି। ମାଟିକୁ ମାଆ ବୋଲି ଆବୋରି ରଖନ୍ତି। କିନ୍ତୁ ଯେତେବେଳେ କୌଣସି ସରକାରୀ ଅବା ବେସରକାରୀ ପ୍ରକଳ୍ପ ଏବଂ ଯୋଜନା ନାଁରେ ତା'ର ଏହି ଜୀବନ ଉତ୍ସଟି ଧ୍ୱସ୍ତବିଧ୍ୱସ୍ତ ହୋଇଯାଏ କିମ୍ବା ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ଅର୍ଥନୈତିକ ବିସଙ୍ଗତି ହେତୁ ତା'ର ଅସ୍ତିତ୍ୱ ସଂକଟାଭିମୁଖୀ ହୁଏ, ସେତେବେଳେ ସେ ପ୍ରତିରୋଧ କରେ। ଏହି ପ୍ରତିବାଦୀ ସ୍ୱର ହିଁ ଜନବାଦୀ ସ୍ୱର। ଏହା ଏକ ଅଗ୍ରଗାମୀ ସ୍ୱର। ଉଭୟ ପ୍ରବୀଣ ଏବଂ ତରୁଣଙ୍କ କାବ୍ୟସର୍ଜନାର ନୂଆ ଭାବବସ୍ତୁ ଭାବରେ ଏହି ଚେତନାର ସ୍ଫୁରଣ ଘଟିଛି। କବି ଆଶୁତୋଷ ପରିଡ଼ାଙ୍କ 'ଚଣ୍ଡାଳ' କବିତାକୁ ଏଠାରେ ଆଲୋଚନାର ଅନ୍ତର୍ଭୁକ୍ତ କରାଯାଇପାରେ। କବିଙ୍କର ଜୀବନର ଗଭୀରତମ ଅନୁଭବରେ ଗଢ଼ା 'ଚଣ୍ଡାଳ' କବିତା। ଏହି 'ଚଣ୍ଡାଳ' ଭିତରେ ସେ ଏପରି ଏକ ମଣିଷର ଛବି ଦେଖିଥିଲେ, ଯିଏ ଅନ୍ତନ ପୀଡ଼ାର ଗହ୍ୱର ଭିତରୁ ଅମିତ ସ୍ପର୍ଦ୍ଧାରେ ମୁଣ୍ଡ ଟେକିଥିଲା। ଏକ ନିଷ୍ଠୁର ବାସ୍ତବତାର ଆତ୍ମୀକରଣ ପାଇଁ ସେ ଅନନ୍ୟ ସମ୍ଭାବନାଟିଏ ସୃଷ୍ଟି କରିଥିଲା। ଭାରତୀୟ ସାଂପ୍ରତିକ କବିତାର ଧାରାରେ ଏଭଳି ଚରିତ୍ର ବିରଳ। ଏହି କାବ୍ୟିକ ଉଚ୍ଛ୍ୱାସ କେଡ଼େ ତୀର୍ଯ୍ୟକ ତାହା କାବ୍ୟ ନାୟକଙ୍କର ଦୃଢ଼ୋକ୍ତିକୁ ଅନୁଭବ କଲେ ଜାଣିପାରିବେ। ସେ କହୁଛି "କିଏ ଜନ୍ମ ଦେଇଛି ମୋତେ ଓ ଭୋକକୁ/ କିଏ ଚାବୁକ୍ ସହିତ ବାନ୍ଧି ଦେଇଛି ଖାଦ୍ୟକୁ/ ଭୋକର କପାଳରୁ ରକ୍ତ ଝରୁଛି/ ସେ ରକ୍ତକୁ ଚାଟିଛି ସବୁବେଳେ/ ଏକାଠି ମିଶାଇ ଖାଇଛି ଭାତ ଓ ଚାବୁକ/ ଏକାଠି ମିଶାଇ ପିଇଛି ବିଷ ଓ ବିଶ୍ୱାସ/ ଏକାଠି ବିଛାଇ ଶୋଇଛି କଣ୍ଟା ଓ କାକର।" ବଡ଼ ନିର୍ଭୀକ ଏ ଚରିତ୍ର। ଏ ସବୁ ସତ୍ତ୍ୱେ ମାଟିକୁ ସେ ଆବୋରି ବସିଛି। ବିନ୍ଦୁଏ ଲୁହରେ ପବିତ୍ର କରି ଦେଇଛି ସମୁଦ୍ର ଓ ପୃଥିବୀକୁ।

ପ୍ରଖ୍ୟାତ ଭାରତୀୟ ଇଂରାଜୀ କବି ଜୟନ୍ତ ମହାପାତ୍ରଙ୍କ କବିତାରେ ମଧ୍ୟ ଏହି ସ୍ୱରକୁ ଆମେ ଉପଲବ୍ଧି କରିଥାଉ। ଦଳିତ, ନିଷ୍ପେଷିତ ମଣିଷର ଅନନ୍ତ ପୀଡ଼ାକୁ ସେ ଖୁବ୍ ନିକଟରୁ ବୁଝିଥିଲେ। ବ୍ୟଞ୍ଜନାତ୍ମକ ଢଙ୍ଗରେ ସମାଜର ଏହି କଳୁଷିତ ବ୍ୟବସ୍ଥାକୁ ତୀବ୍ର ବ୍ୟଙ୍ଗ କରି ତାଙ୍କ କାବ୍ୟ ନାୟକ କହନ୍ତି – "ସୁଇପର୍ ମୁଁ/ ରାସ୍ତା ନର୍ଦ୍ଦମାରେ ମଇଳାରେ/ ଘୁଅ ଗୋବରରେ ମୋର କାମ/ ସେ ଘୁଅ ଚୁପୁଡ଼ିଲେ ମୋ ପିଲାଙ୍କ ଭାତ ବାହାରେ/ ଓ ନର୍ଦ୍ଦମା ପଙ୍କରୁ ପଢ଼ା ସିଲେଟ୍ ଖଡ଼ି।" (ଖୋଳତାଡ଼) ସେଭଳି କୁମାର ହାସନଙ୍କ 'ଜଣେ ନାରୀର ଜମାନବନ୍ଦୀ', 'ତେଣୁ ତୁମେ ମରିବ', 'ଠିଆ ଲଙ୍ଗଳା', ଅଖିଳ ନାୟକଙ୍କ 'ଧିକ୍', 'ଧୋବ ଫରଫର', ବାସୁଦେବ ସୁନାନୀଙ୍କ 'ମହୁଲ ବଣ', 'ଅସ୍ପୃଶ୍ୟ', 'ଛି', ପୀତାମ୍ବର ତରାଇଙ୍କ 'ଇତର', ହେମନ୍ତ ଦଳପତିଙ୍କ 'ତୀରରେ ଲେଖିଲୁ ନାଁ ତୁମର' ପ୍ରମୁଖ କବିତା ଜନବାଦୀ ସ୍ୱରକୁ ବଳିଷ୍ଠ କରିଛି।

ଜଗତୀକରଣର ପ୍ରଭାବରେ ବହୁ ରାଷ୍ଟ୍ରୀୟ କମ୍ପାନୀଗୁଡ଼ିକକୁ ଅବାଧରେ ଡକାଗଲା ଶିଳ୍ପ ସଂସ୍ଥାପନା ପାଇଁ। ଲାଭଖୋର କମ୍ପାନୀଗୁଡ଼ିକ ପ୍ରାକୃତିକ ସଂପଦର ଉପଯୋଗ ସହ ପ୍ରକୃତିକୁ ମଧ୍ୟ ଲୁଟି ଚାଲିଲେ। ଜମି-ଜଳ-ଜଙ୍ଗଲ-ପାହାଡ଼-ଖଣି ସବୁକୁ ବିପର୍ଯ୍ୟସ୍ତ କରିଦେଲେ। ଜଗତୀକରଣର ଆଁ ଭିତରେ ବୁନିଆଦି ସଂସ୍କୃତିଟିଏ ଏବେ ଲୀନ ହେବାକୁ ଯାଉଛି। ନବ୍ୟ ପୁଞ୍ଜିବାଦର ବେଡ଼ିରେ ବନ୍ଧା ପଡ଼ିଛି ସାଧାରଣ ଜୀବନ। ମାୟା ନଗରୀର ମୋହରେ ମଣିଷ ଭୁଲି ଯାଇଛି ଶାଗୁଆ ପୃଥିବୀକୁ। ଉପଭୋକ୍ତାବାଦୀ ସଂସ୍କୃତି ଏକ ବ୍ୟାଧିଗ୍ରସ୍ତ ଶତାବ୍ଦୀକୁ ଜନ୍ମ ଦେଇଛି। ବିଶ୍ୱର ଜଣେ ଶ୍ରେଷ୍ଠ ଅର୍ଥନୀତିକ ଯୋଶେଫ୍ ଇ.ଷ୍ଟିଗଲିଜ୍ ତାଙ୍କର 'Global Crisis: The way Forward' ପୁସ୍ତକରେ ଜଗତୀକରଣ ଓ ଉପଭୋକ୍ତାବାଦୀ ସଂସ୍କୃତିର ଅନ୍ଧାରୀ ଦିଗ ସଂପର୍କରେ ଉଲ୍ଲେଖ କରି କହିଛନ୍ତି "ମଣିଷ ନିଜକୁ ଉପଭୋକ୍ତାବାଦର ଅକ୍ଟୋପସୀୟ ବନ୍ଧନରୁ ମୁକ୍ତ ନ କଲେ କେବେ ବି 'ବିଶ୍ୱଗ୍ରାମ'ର ସ୍ୱପ୍ନ ସାକାର ହେବ ନାହିଁ। ସେମିତି ଶୋଷଣର ଧାରା ଅବିରତ ଚାଲିଥିବ।"

କବି ସଦାଶିବ ଦାଶଙ୍କ କବିତାରେ ଏହିଭଳି ବିଚାର କାବ୍ୟ ରୂପ ଘେନିଛି। ସମୟର ଏହି ସଂକଟକୁ ଅତି ନିକଟରୁ ତାଙ୍କ କବିତାରେ ଉପଲବ୍ଧି କରି ହେବ – "କିଏ ଏଠି ଚାଲାକିରେ ଚୋରି କରେ/ ପାଚିଲା କ୍ଷେତରୁ ଧାନ, ପ୍ରକୃତିରୁ ସୁଷମା/ ବନପରବତ,ମାୟା ଗାଁଠୁ ସମୁଦ୍ର/ ସବୁ କିବା ବଳି ପଡ଼େ/ ସମୃଦ୍ଧିର ମାୟନଗରୀରେ/ ଜଗତୀକରଣ ଯନ୍ତା ଦେଶକୁ ସଂହାରେ।" (କେଉଁଠି ହଜାଇ ଦେଲି) କବି ହେମନ୍ତ ଦଳପତି କମ୍ କବିତା ରଚନା କରିଥିଲେ ହେଁ ଏ କ୍ଷେତ୍ରରେ ସେ ଅଧିକ ସକ୍ରିୟ ଓ ତୀବ୍ର। ତାଙ୍କର 'ତୀରରେ ଲେଖିଲୁ ନାଁ ତୁମର' କବିତା ପୁସ୍ତକରେ ସେ ଯେଉଁ ସ୍ୱର ଉଠାଇଛନ୍ତି ତାହା ଆମ ସମାଜର ବାସ୍ତବ ସ୍ୱର, ଜନବାଦୀ ସ୍ୱର। ସମାଜର ବିଭେଦୀକରଣ ନୀତି, ରାଷ୍ଟ୍ର ନିୟନ୍ତ୍ରିତ ଅଥଚ ଶିଳ୍ପାୟନଜନତି ବିସ୍ଥାପନ, ଶାସକବର୍ଗଙ୍କ ଅର୍ଥ ଲୋଲୁପତା ଓ ଶୋଷଣବାଜି ବିରୋଧରେ ସେ ତାଙ୍କ କବିତାରେ ବୈପ୍ଳବିକ ପ୍ରତିକ୍ରିୟା ପ୍ରକାଶ କରନ୍ତି।

ଏ ସମୟର ଅନେକ କବି ଅଛନ୍ତି, ଯେଉଁମାନେ ଏଭଳି ଏକ ପ୍ରଖର ସ୍ୱରକୁ ଆତ୍ମସ୍ଥ କରି ଲେଖନୀ ଚାଳନା କରୁଛନ୍ତି ସେମାନଙ୍କ ମଧ୍ୟରେ ସରୋଜ ମହାନ୍ତି, ଲେଲିନ୍ କୁମାର, ଦୁର୍ଗା ପ୍ରସାଦ ପଣ୍ଡା, ନରେନ୍ଦ୍ର ଭୋଇ, ଜୟଦ୍ରଥ ସୁନା, ଅଜିତ ଭୋଇ, ସୁଜାତା ସାହାଣୀ, ନବୀନ ବିଶ୍ୱବନ୍ଧୁ ପ୍ରମୁଖ ଅନ୍ୟତମ। ଏକ ଅଗ୍ରଗାମୀ କାବ୍ୟଚେତନା ସବୁବେଳେ ସମୟର ସ୍ପନ୍ଦନ ଓ ଆତ୍ମାକୁ ନେଇ ଗତି କରେ। ସମାଜର ଯେତେ ସବୁ ପ୍ରଗତିଶୀଳ ସଂଘର୍ଷ ଓ ବିପ୍ଳବକୁ ନେଇ ସେ ପୂର୍ଣ୍ଣଗର୍ଭା। ଏହି ଦୃଷ୍ଟିରୁ ଜନବାଦୀ କାବ୍ୟଚେତନା ସାଂପ୍ରତିକ ଓଡ଼ିଆ କବିତାର ଏକ ବଳିଷ୍ଠ ପ୍ରତିବଦ୍ଧଶୀଳ କାବ୍ୟସ୍ୱର। ■

ଅଧ୍ୟାପକ, ଓଡ଼ିଆ ବିଭାଗ
ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ନୂଆପଡ଼ା, ଖଡ଼ିଆଳ
ମୋ: ୯୯୩୭୪୬୫୩୬୯

## ରେବତୀ

ସଂପାଦକ
ସୁବାସିନୀ ଜେନା




ଓଟି ରୋଡ୍ ରୋଡ୍, ବାଲେଶ୍ୱର
ମୂଲ୍ୟ: ୭୦ ଟଙ୍କା

ନୂତନ କଳେବର ନେଇ ସୁବାସିନୀ ଜେନାଙ୍କ ସଂପାଦିତ ଆମ ମାଟିର ସ୍ୱର 'ରେବତୀ'ର ଜୁଲାଇ ୨୦୨୫ ସଂଖ୍ୟା ବଜାରକୁ ପ୍ରବେଶ କରିଛି। ଏଥର ପ୍ରସଙ୍ଗର ମୁଖ୍ୟ ଆକର୍ଷଣ ରହିଛି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ଓ ଲୀଳା ସଂପର୍କିତ ଆଲେଖ୍ୟ। ଅସିତ ମହାନ୍ତିଙ୍କ 'ରଥର ରୂପକ', ପୀତବାସ ରାଉତରାୟଙ୍କ 'ପାତାଳୀ ଶ୍ରୀକ୍ଷେତ୍ର', ଡକ୍ଟର ରାଧାରଞ୍ଜନ ପଟ୍ଟନାୟକଙ୍କ 'ନୀଳଗିରିରେ ନୀଳାଚଳିଆ', ଡକ୍ଟର ହେନେରିଟା ମିଶ୍ରଙ୍କ 'ବ୍ରହ୍ମାଦ୍ରିରୁ ନୀଳାଦ୍ରି' ଡକ୍ଟର ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ 'ବାଲିକୁଦା ଜଗନ୍ନାଥ ମନ୍ଦିର' ପ୍ରଭୃତି ଆଲେଖ୍ୟଗୁଡ଼ିକ ପାଠକମାନଙ୍କୁ ଶ୍ରୀଜଗନ୍ନାଥଙ୍କ ଭକ୍ତିଭାବରେ ତଲ୍ଲୀନ କରିଦିଏ। ଏହି ଆଲେଖ୍ୟଗୁଡ଼ିକରେ ରଥକୁ ନେଇ ପୌରାଣିକ ତତ୍ତ୍ୱଠାରୁ ଆରମ୍ଭ କରି ଓଡ଼ିଶାର କେତୋଟି ପ୍ରମୁଖ ଜଗନ୍ନାଥ ମନ୍ଦିର ସଂପର୍କରେ ହୃଦୟସ୍ପର୍ଶୀ ଭାବେ ବର୍ଣ୍ଣନା କରାଯାଇଛି। ସେହିପରି ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ, ଡାକ୍ତର ଦୀନବନ୍ଧୁ ସାହୁ, ଦେବଯାନୀ ରାୟ, ଐଶ୍ୱର୍ଯ୍ୟା ପ୍ରଧାନ, ହଂସନାଥ ମୁଦୁଲି ପ୍ରମୁଖଙ୍କ କବିତା ମନଛୁଆଁ ହୋଇଛି। ସେଭଳି ସୁଧିରାଜ ରାଉତ ଓ ସୁବ୍ରତା ସୁଦର୍ଶନୀ ବେହେରା ଗପ ଦୁଇଟି ମାର୍ମିକ ହୋଇଛି। 'ରେବତୀ'ର ସଂପାଦକୀୟଠାରୁ ଆରମ୍ଭ କରି 'ଶେଷପୃଷ୍ଠା' ପର୍ଯ୍ୟନ୍ତ ପ୍ରତିଟି ବିଭାଗ ଆକର୍ଷଣୀୟ ହୋଇଛି। 'ରେବତୀ'ର ଏହି ସଂଖ୍ୟାଟି ପାଠକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା କରାଯାଏ। ■

# ଏମ୍‌ସରେ ବଳଙ୍ଗା ପୀଡ଼ିତାଙ୍କ ବୟାନ ରେକର୍ଡ

**ଭୁବନେଶ୍ୱର, ୧୯।୭ (ସମିସ):** ଦୁର୍ବୃତ୍ତଙ୍କ ନିଆଁରେ ପୋଡ଼ିହୋଇ ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିବା ବଳଙ୍ଗା ଅଞ୍ଚଳର ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ପୀଡ଼ିତାଙ୍କ ମାଆଙ୍କ ଅଭିଯୋଗକ୍ରମେ ବଳଙ୍ଗା ଥାନା ପୁଲିସ କେସ୍ ନଂ ୧୬୨/୨୫ ରେ ଦଫା ୧୦୯/୧୨୩/୧୨୭(୨) ଓ ୩(୫) ବିଏନ୍‌ଏସରେ ମାମଲା ରୁଜୁ କରିଛି। ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ଉଦ୍ୟମ ଚଳାଇଛି।

ସେପଟେ ପୀଡ଼ିତା ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ବେଳେ ଅଭିଯୁକ୍ତମାନେ ଏଯାଏ ଚିହ୍ନଟ ହୋଇନାହାନ୍ତି। ହେଲେ ପୁଲିସ ପ୍ରମାଣ ସଂଗ୍ରହ କରିବାକୁ ଯାଇ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି। ଭୁବନେଶ୍ୱର ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ମନୋରଞ୍ଜନ ସାହୁ, ଡାକ୍ତର ଓ ପୁଲିସର ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ପୀଡ଼ିତା କେତେବେଳେ ଓ କାହାକୁ କହି ଘରୁ ବାହାରିଲେ, ବାଟରେ କେଉଁଠି ଅଟକିଥିଲେ କି ନାହିଁ ଓ କେଉଁ ରାସ୍ତା ଦେଇ ଘରକୁ ଫେରୁଥିଲେ, ସେନେଇ ତାଙ୍କୁ ପ୍ରଶ୍ନ କରାଯାଇଥିଲା। ଏଥିସହ କେଉଁଠାରେ ଓ କେଉଁମାନେ ଏଭଳି କାଣ୍ଡ ଭିଆଇଲେ, ସେମାନଙ୍କୁ ଆଗରୁ ଜାଣିଛନ୍ତି କି ନାହିଁ ବୋଲି ମଧ୍ୟ ପ୍ରଶ୍ନ କରିଥିଲା ପୁଲିସ। ତେବେ ପୀଡ଼ିତା ପୂର୍ବରୁ ଅଭିଯୁକ୍ତମାନଙ୍କୁ ଚିହ୍ନି ନଥିବା କହିଛନ୍ତି। ଭାରତୀୟ ସାକ୍ଷ୍ୟ ଅଧିନିୟମ ଧାରା ୨୬ (ଏ) ଅନୁସାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି ପୁଲିସ।

## ଇଏସଆଇ ଫାର୍ମାସିଷ୍ଟମାନଙ୍କ ତାଲିମ କାର୍ଯ୍ୟକ୍ରମ ଉଦଯାପିତ

**ଭୁବନେଶ୍ୱର, ୧୯ ।୭ (ସମିସ):** ଶ୍ରମ ବିଭାଗ ପକ୍ଷରୁ ରାଜ୍ୟ ଶ୍ରମ ସଂସ୍ଥାନ ଆନୁକୂଲ୍ୟରେ ଓ କର୍ମଚାରୀ ରାଜ୍ୟ ବୀମା ଯୋଜନା (ଇଏସଆଇ) ନିର୍ଦ୍ଦେଶାଳୟ ସହଯୋଗିତାରେ ଇଏସଆଇ ଔଷଧ ବିଶେଷଜ୍ଞ(ଫାର୍ମାସିଷ୍ଟ)ମାନଙ୍କ ନିମନ୍ତେ ଆୟୋଜିତ ଦୁଇ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୨୫ ଜଣ ଇଏସଆଇ ଔଷଧ ବିଶେଷଜ୍ଞ(ଫାର୍ମାସିଷ୍ଟ) ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଶିକ୍ଷାର୍ଥୀମାନଙ୍କୁ ଯୋଗ ଉପରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଥିଲା। ଆଜି ପ୍ରଶିକ୍ଷାର୍ଥୀମାନେ ସେମାନଙ୍କର କ୍ଷେତ୍ର ପରିଦର୍ଶନରେ ଭୁବନେଶ୍ୱରର କ୍ୟାପିଟାଲ ହସ୍ପିଟାଲ ପରିଦର୍ଶନ କରିଥିଲେ। ଡାକ୍ତର ଜଗତ ଜୀବନ ପତି, ମିହିର କୁମାର କର, ମନୋଜ କୁମାର ହାଁସଦା, ବିବେକାନନ୍ଦ ବେହେରା, ଲକ୍ଷ୍ମୀକାନ୍ତ ଦେବତା, ଭାନୁପ୍ରସାଦ ମିଶ୍ର, ବି କେ. ଲୀନା, ଅଶୋକ କୁମାର ପାତ୍ର, ସୁରେଶ କୁମାର ମହାପାତ୍ର, ମଞ୍ଜୁ ମିଶ୍ର, ଶ୍ୱେତାଲିନ ଆସେ ଇତ୍ୟାଦି ପ୍ରମୁଖ ପ୍ରଶିକ୍ଷକ ଭାବେ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଶେଷରେ କୃତୀ ଇଏସଆଇ ଔଷଧ ବିଶେଷଜ୍ଞ(ଫାର୍ମାସିସ୍ଟ)ମାନଙ୍କୁ ପ୍ରମାଣପତ୍ର ରାଜ୍ୟ ଶ୍ରମ ସଂସ୍ଥାନ ନିର୍ଦ୍ଦେଶକ ତଥା ଶ୍ରମ ବିଭାଗ ଅତିରିକ୍ତ ଶାସନ ସଚିବ ନୀତିରଂଜନ ସେନ୍ ପ୍ରଦାନ କରିଥିଲେ।

## ସେବାଶ୍ରମର ଦଶମ ଛାତ୍ରୀ ଗର୍ଭବତୀ

**ତୁମୁଡ଼ିବନ୍ଧ,୧୯।୭(ସମିସ):** କନ୍ଧମାଳ ଜିଲ୍ଲାରେ ପୁଣି ଲଜ୍ଜା। ତୁମୁଡ଼ିବନ୍ଧ ବ୍ଲକ ବେଲଘର ପଞ୍ଚାୟତ ରାଙ୍ଗାପାରୁ ବାଳିକା ସେବାଶ୍ରମର ଜଣେ ଦଶମ ଛାତ୍ରୀ ଗର୍ଭବତୀ ହୋଇଛନ୍ତି। ତାଙ୍କ ଘର ତୁମୁଡ଼ିବନ୍ଧ ବ୍ଲକ ମୁଣ୍ଡିଗଡ଼ ଅଞ୍ଚଳରେ ବୋଲି ଜଣାପଡ଼ିଛି। ଗ୍ରୀଷ୍ମ ଛୁଟିରୁ ଫେରିବା ପରେ ଛାତ୍ରୀଙ୍କ ସେବାଶ୍ରମ ଫେରିବା ପରେ ସେବାଶ୍ରମର ସ୍ୱାସ୍ଥ୍ୟକର୍ମୀ ଛାତ୍ରୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେ ସମୟରେ ସ୍ୱାସ୍ଥ୍ୟକର୍ମୀମାନେ ସେ ଗର୍ଭବତୀ ଥିବା ନେଇ କୌଣସି ପ୍ରକାରର ଲକ୍ଷଣ ପରିଲକ୍ଷିତ କରିପାରି ନ ଥିଲେ। ତେବେ, ସେବାଶ୍ରମରେ ଋତୁସ୍ରାବ ସମୟରେ ବ୍ୟବହାର ହେଉଥିବା ପ୍ୟାଡ୍ ବଣ୍ଟନ ସମୟରେ ଛାତ୍ରୀଜଣଙ୍କ ତାହା ଗ୍ରହଣ କରି ନ ଥିଲେ। ଏନେଇ ସେବାଶ୍ରମର ସ୍ୱାସ୍ଥ୍ୟକର୍ମୀ ଓ ମାଟ୍ରନ୍ ସନ୍ଦେହ କରିଥିଲେ। ପରେ ପରିବାରଲୋକଙ୍କ ଉପସ୍ଥିତିରେ ବାଲିଗୁଡ଼ା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେଠାରେ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା।

**ତୁମୁଡ଼ିବନ୍ଧ ଥାନାରେ ଏତଲା ଦେଲେ ପ୍ରଧାନଶିକ୍ଷକ**

ଏ ସଂପର୍କରେ ପ୍ରଧାନଶିକ୍ଷକ ତୁମୁଡ଼ିବନ୍ଧ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପଚରାଉଚରା ପରେ ଛାତ୍ରୀଜଣଙ୍କ ପୁଲିସ ସମ୍ମୁଖରେ ମୁହଁ ଖୋଲିଛନ୍ତି। ତାଙ୍କ କହିବାନୁଯାୟୀ, ସେ ଜଣେ ଯୁବକକୁ ଭଲପାଉଥିଲେ। ଦୀର୍ଘ ଦିନ ଧରି ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଛି। ଗ୍ରୀଷ୍ମ ଛୁଟିରେ ଘରକୁ ଯାଇଥିବା ବେଳେ ସମ୍ପୃକ୍ତ ଯୁବକଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ବର୍ତ୍ତମାନ ତଦନ୍ତ ଚାଲିଛି। ତଦନ୍ତ ପରେ ସମ୍ପୃକ୍ତ ଯୁବକକୁ ପୁଲିସ ଚିହ୍ନଟ କରିବା ପରେ ଯୁବକଜଣକଙ୍କ ବୟାନ ନିଆଯାଇ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତୁମୁଡ଼ିବନ୍ଧ ଥାନା ଅଧିକାରୀ କହିଛନ୍ତି।

## ଆବାସିକ ବିଦ୍ୟାଳୟର ଅଷ୍ଟମ ଛାତ୍ରୀ ଅନ୍ତଃସତ୍ତ୍ୱା

**ବାରିପଦା/ବାଙ୍ଗିରିପୋଷି, ୧୯ ।୭(ସମିସ):** ମୟୂରଭଞ୍ଜ ଜିଲ୍ଲାର ଅନ୍ୟ ଏକ ଘଟଣା ଜିଲ୍ଲା ପାଇଁ ଲଜ୍ଜା ଆଣିଛି। ବାଙ୍ଗିରିପୋଷି ଥାନା ଅଧୀନ ଏକ ଆବାସିକ (ଏସଏସଡି) ବାଳିକା ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରୀ ୨ ମାସର ଗର୍ଭବତୀ ହେବା ଘଟଣା ସାମ୍ନାକୁ ଆସିଛି। ଛାତ୍ରୀ ନିବାସରେ ରହୁଥିବା ନାବାଳିକାଜଣକଙ୍କ ଦେହ ଅସୁସ୍ଥ ଥିବା ଜାଣିବା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। ତାଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରିବା ପରେ ଛାତ୍ରୀ ଜଣକ ୨ମାସ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଶିକ୍ଷୟିତ୍ରୀ ଛାତ୍ରୀଙ୍କୁ ଘଟଣା ସଂପର୍କରେ ପଚାରିବା ପରେ ତାଙ୍କ ମା'ଙ୍କୁ ଖବର ଦେଇଥିଲେ। ପରେ ତାଙ୍କ ମା' ଝିଅକୁ ପଚାରିବାରୁ ସେ ଛୁଟିରେ ଘରକୁ ଯାଇଥିବା ବେଳେ ଗ୍ରାମର ଜଣେ ନାବାଳକ ପୁଅ ସହ ତାଙ୍କର ପ୍ରେମସମ୍ପର୍କ ଗଢି ଉଠିବା ସହିତ ଶାରୀରିକ ସମ୍ପର୍କ ହୋଇଥିବା ସ୍ୱୀକାର କରିଥିଲେ। ପରେ ଏ ନେଇ ଛାତ୍ରୀଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର ବାଙ୍ଗିରିପୋଷି ପୁଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତ ନାବାଳକକୁ ଥାନାକୁ ଡାକି ପଚରାଉଚୁରା ଚଳାଇଛି।

## ଅବଶିଷ୍ଟାଂଶ

### ସ୍ୱଷ୍ଟ ଦିବାଲୋକରେ...

ଦୁର୍ବୃତ୍ତମାନେ କିଏ ଏବଂ କାହିଁକି ସେମାନେ ଏଭଳି ନୃଶଂସ କାଣ୍ଡ ଘଟାଇଲେ, ସେ ସମ୍ପର୍କରେ କୌଣସି ସୁରାକ୍ ମିଳିପାରିନାହିଁ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରାଜ୍ୟରେ ଏବେ ଆଇନଶୃଙ୍ଖଳା ବ୍ୟବସ୍ଥା ସଂପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ପୁଲିସ୍ ଓ ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ଏବେ ସମ୍ପୂର୍ଣ୍ଣ ଭୁଶୁଡ଼ିପଡ଼ିଛି। ଅପରାଧୀମାନେ ସକ୍ରିୟ ହୋଇପଡ଼ିଥିବା ବେଳେ ମହିଳା, ଛାତ୍ରୀ ଏବେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ପ୍ରତିଦିନ ନାରୀବିରୋଧୀ ହିଂସା, ଅତ୍ୟାଚାର, ଦୁଷ୍କର୍ମ, ଗଣଦୁଷ୍କର୍ମ, ଦୁଷ୍କର୍ମ ପରେ ହତ୍ୟା ଭଳି ଘଟଣା ସାମ୍ନାକୁ ଆସୁଛି।

ଅଭିଯୋଗ ଅନୁଯାୟୀ, ଶନିବାର ସକାଳ ପ୍ରାୟ ୮ଟାରେ ବଳଙ୍ଗା ଥାନା ବାୟାବର ନୂଆ ଗୋପାଳପୁରର ଜଣେ ନାବାଳିକା (ଦଶମ ପାସ୍ ପରେ ଘରେ ରହୁଛନ୍ତି) ଅନ୍ୟ ଜଣେ ବାନ୍ଧବୀଙ୍କ ସହ ସମ୍ପର୍କୀୟଙ୍କ ଘରକୁ ବହି ଦେବାକୁ ଯାଉଥିଲେ। ବଳଙ୍ଗା-ହରିପୁର କେନାଲ ବନ୍ଧ ରାସ୍ତାରେ ଦୁହେଁ ଯାଉଥିବା ବେଳେ ତାଙ୍କ ବାନ୍ଧବୀ ଅଧାବାଟରୁ ଫେରିଆସିଥିଲେ। ନାବାଳିକାଜଣଙ୍କ ଏକୁଟିଆ ଯାଉଥିବା ବେଳେ ୩ଜଣ ସେଠାରେ ବାଇକ୍‌ରେ ପହଞ୍ଚିଥିଲେ। ସେମାନେ ଯୁବତୀଙ୍କ ମୁହଁରେ କପଡ଼ା ବାନ୍ଧି ତାଙ୍କୁ ଚେତାଶୂନ୍ୟ କରିବା ପରେ ତାଙ୍କୁ ଅପହରଣ କରି ତେରହଳ ନିକଟସ୍ଥ ଭାର୍ଗବୀ ନଦୀବନ୍ଧ ତଳକୁ ନେଇଯାଇଥିଲେ। ପରେ ସେଠାରେ ତାଙ୍କ ଦେହରେ ନିଆଁ ଲଗାଇ ପୋଡ଼ି ମାରିଦେବାକୁ ଉଦ୍ୟମ କରିଥିଲେ। ହେଲେ ନାବାଳିକାଜଣଙ୍କ ଗୁରୁତର ଅବସ୍ଥାରେ ତେରହଳ ଗାଁ ମୁଣ୍ଡରେ ଥିବା ଦୁଃଖୀଶ୍ୟାମ ସେନାପତିଙ୍କ ଘର ପାଖରେ ପହଞ୍ଚି ଆକୁଳ ବିକଳ ହୋଇ 'ମତେ ରକ୍ଷା କର' ବୋଲି ଚିତ୍କାର କରିଥିଲେ। ନାବାଳିକାଙ୍କ ଦେହରେ ନିଆଁ ଲାଗିଥିବା ଦେଖି ଦୁଃଖୀଶ୍ୟାମ ତତ୍‌କ୍ଷଣାତ ତାଙ୍କୁ ଏକ ଡ୍ରେସ୍ ପିନ୍ଧାଇବା ସହ ପାଣି ପିଇବାକୁ ଦେଇଥିଲେ। ନାବାଳିକାଙ୍କଠାରୁ ତାଙ୍କ ଘରର ଠିକଣା ବୁଝି ତାଙ୍କ ଘରକୁ ଖବର ଦେଇଥିଲେ। ଖବର ପାଇବା ପରେ ଗାଁର କିଛି ଲୋକ ଓ ତାଙ୍କ ପରିବାର ସଦସ୍ୟ ପହଞ୍ଚିଥିଲେ। ସଙ୍ଗେସଙ୍ଗେ ସ୍ଥାନୀୟ ବଳଙ୍ଗା ପୁଲିସ ଏବଂ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସରେ ପ୍ରଥମେ ପୀଡ଼ିତାଙ୍କୁ ପିପିଲି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ନାବାଳିକାଙ୍କ ଗୋଡ଼, ପିଠି, ହାତ ଆଦି ଶରୀରର ବିଭିନ୍ନ ଅଂଶ ପୋଡ଼ିଯାଇଛି ବୋଲି ପିପିଲିରେ ପ୍ରାଥମିକ ଚିକିତ୍ସା କରିଥିବା ଡାକ୍ତର କହିଛନ୍ତି।

ଏହି ଘଟଣା ଜଣାପଡ଼ିବା ପରେ ବଳଙ୍ଗା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ଏଥିସହ ନିମାପଡ଼ା ତହସିଲ୍‌ଦାର ମନୋଜ କୁମାର ପ୍ରଧାନ, ବିଡିଓ ଅଭିଜିତ ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲାପାଳ, ଅତିରିକ୍ତ ଏସ୍‌ପି, ଡିଏସ୍‌ପି ଦେବାଶିଷ ମିଶ୍ର ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ଦୁଇଟି ବୋତଲରେ ଥିବା କିରାସିନି, ଦିଆସିଲି, ପୀଡ଼ିତାଙ୍କ ଚପଲ, ଚୁଡ଼ି, ଅଧାପୋଡ଼ା ଡ୍ରେସ୍, ତାବିଜ୍ ଆଦି ଜବତ କରିଛି। ଅଭିଯୁକ୍ତଙ୍କ ସମ୍ପର୍କରେ ପ୍ରମାଣ ପାଇ ସନ୍ଧାନୀ କୁକୁର ସହାୟତା ମଧ୍ୟ ନିଆଯାଇଛି। ହେଲେ ସେଭଳି କୌଣସି ସୁରାକ୍ ଏ ପର୍ଯ୍ୟନ୍ତ ମିଳିନାହିଁ। ଅନ୍ୟପକ୍ଷରେ ବିଭିନ୍ନ ରାଜନୈତିକ ଦଳର ନେତୃତ୍ୱ ପହଞ୍ଚି ତୁରନ୍ତ ଏହି ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ପୁରୀ ଏସ୍‌ପି ପିନାକ୍ ମିଶ୍ର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏସ୍‌ପି କହିଛନ୍ତି, ଏହା ସ୍ପର୍ଶକାତର ଓ ସମ୍ବେଦନଶୀଳ ଘଟଣା। ଷଡ଼ଯନ୍ତ୍ର ଦିଗକୁ ତଦନ୍ତରେ ପ୍ରାଥମିକତା ଦିଆଯାଇଛି। କାରଣ, କେଉଁଠୁ କିରାସିନି ଆସିଲା, ତାକୁ ବି ଅନୁଧ୍ୟାନ କରାଯାଉଛି। ସାଇବର୍ ଏକ୍ସପର୍ଟମାନଙ୍କ ମଧ୍ୟ ସହଯୋଗ ନିଆଯାଉଛି। ସିସିଟିଭି ଫୁଟେଜ୍ ମିଳିନି କି କେହି ଅଟକ ନାହାନ୍ତି। କେବଳ ପୀଡ଼ିତାଙ୍କ ସମ୍ପର୍କୀୟ ଓ ସାଙ୍ଗଙ୍କ ବୟାନ ରେକର୍ଡ କରାଯାଉଛି। ସକାଳ ୯ଟାରେ ପୁଲିସ ଏହି ଘଟଣା ସମ୍ପର୍କରେ ଖବର ପାଇଲା। ପୀଡ଼ିତାଙ୍କ ମାଆ ବଳଙ୍ଗା ଥାନାରେ ଏତଲା ଦେଇଛନ୍ତି। ପୀଡ଼ିତା ମଧ୍ୟ ବିଚାରପତିଙ୍କ ଉପସ୍ଥିତିରେ ବୟାନ ଦେଇଛନ୍ତି। ସବୁ ଦିଗକୁ ନେଇ ତଦନ୍ତ ହେଉଛି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

ସେହିପରି ଅପରାହ୍ଣରେ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ଏସ୍‌ପିଙ୍କ ସହ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୀଡ଼ିତାଙ୍କ ଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବାରକୁ ଆଶ୍ୱାସନା ଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପୀଡ଼ିତାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ବଳଙ୍ଗା ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଥାନାଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି।

ଏନେଇ ପୀଡ଼ିତାଙ୍କ ଉଦ୍ଧାରକାରୀ ତେରହଳ ଗ୍ରାମର ଦୁଃଖୀଶ୍ୟାମ ସେନାପତିଙ୍କ ବୟାନ ଅନୁସାରେ, ଝିଅଟି ଜଳୁଥିବା ଅବସ୍ଥାରେ ବଞ୍ଚାଅ ବଞ୍ଚାଅ କହି ଆମ ଘରକୁ ଦୌଡ଼ି ଆସିଥିଲା। ମୋ ଘର ଭିତରକୁ ପଶି ଆସିବାରୁ ମୁଁ ତୁରନ୍ତ ନିଆଁ ଲିଭାଇ ହଳେ ଡ୍ରେସ୍ ପିନ୍ଧାଇଦେଲି। ପୂରା ଶରୀର ପୋଡ଼ି ଯାଇଛି। ୩ ଦୁର୍ବୃତ୍ତ ବାଇକ୍‌ରେ ସମ୍ପୃକ୍ତ ନାବାଳିକାକୁ ଅପହରଣ କରି ନେଇ ଆସି ଏଭଳି କାଣ୍ଡ ଭିଆଇଛନ୍ତି। କୌଣସିମତେ ନାବାଳିକାଜଣଙ୍କ ଖସି ଆସିଥିବା ବେଳେ ଦୁର୍ବୃତ୍ତମାନଙ୍କ ବିଷୟରେ ପଚାରିବାରୁ ସେମାନଙ୍କୁ ଚିହ୍ନିନି ବୋଲି ପୀଡ଼ିତାଜଣଙ୍କ କହିଥିବା ଦୁଃଖୀଶ୍ୟାମ ବୟାନ ଦେଇଛନ୍ତି।

### ନିଦରୁ ଉଠନ୍ତୁ...

ସ୍ୱଷ୍ଟ ଦିବାଲୋକରେ ତାଙ୍କୁ ହତ୍ୟା କରିବାକୁ ପ୍ରୟାସ କରାଯାଇଛି। ମୁଁ ଏହି ଭୟଙ୍କର କାର୍ଯ୍ୟର ଦୃଢ଼ ନିନ୍ଦା କରୁଛି। ନବୀନ କହିଛନ୍ତି ଯେ ଗୋପାଳପୁରରେ ଗଣଦୁଷ୍କର୍ମ ଘଟଣାର ଗୋଟିଏ ମାସ ପରେ ଏଫ୍‌ଏମ୍ କଲେଜରେ ଜଣେ ଛାତ୍ରୀ ନ୍ୟାୟ ନପାଇ ନିଜକୁ ଜାଳି ଦେବା ପରି ଭୟଙ୍କର ଘଟଣା ଘଟିଲା। ଏହାର ଗୋଟିଏ ସପ୍ତାହ ମଧ୍ୟରେ ଆଜି ଏପରି ଆକ୍ରମଣ ହୋଇଛି। ମହିଳାଙ୍କ ବିରୁଦ୍ଧରେ ଏପରି ଅକଳ୍ପନୀୟ ହିଂସା ଏବେ ସାରା ଓଡ଼ିଶାରେ ପ୍ରାୟ ପ୍ରତିଦିନ ଘଟୁଛି। ଏଗୁଡ଼ିକ ଛୋଟ ଛୋଟ ହିଂସାଜନିତ ଘଟଣା ନୁହେଁ। ଏହି ଘଟଣାଗୁଡ଼ିକ ଶାସନର ଏକ ଗଭୀର ବ୍ୟବସ୍ଥାଗତ ବିଫଳତାକୁ ସୂଚିତ କରୁଛି। ବର୍ତ୍ତମାନ ସରକାରଙ୍କ ଅଧୀନରେ ଅପରାଧୀମାନେ ବେଲଗାମ ହୋଇଯାଇଛନ୍ତି। ଏପରିକି ସେମାନେ ଦଣ୍ଡ ପାଇବା ପାଇଁ ଚିନ୍ତିତ ନୁହନ୍ତି ବୋଲି ନବୀନ ଚିନ୍ତା ବ୍ୟକ୍ତ କରିଛନ୍ତି। ସରକାରୀ ନିଷ୍କ୍ରିୟତା ଏବଂ ରାଜନୈତିକ ପୃଷ୍ଠପୋଷକତା ଯୋଗୁଁ ଓଡ଼ିଶା କିପରି ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଅସୁରକ୍ଷିତ ହେଉଛି, ତାହା ଏପରି ଘଟଣାର ପୁନରାବୃତ୍ତି ସ୍ପଷ୍ଟ ରୂପେ ଦର୍ଶାଉଛି। ସରାକର ଗଭୀର ନିଦ୍ରାରୁ ଉଠି ଅପରାଧୀମାନଙ୍କୁ ଗିରଫ କରିବା ପାଇଁ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବେ କି? ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ସରକାର କ'ଣ ଏପରି ଘଟଣାର ପୁନରାବୃତ୍ତି ନହେବା ପାଇଁ କୌଣସି ପ୍ରତିକ୍ରିୟା ରଖିବେ। ଓଡ଼ିଶାର ଝିଅ ଏବଂ ମହିଳାମାନେ ସରକାରଙ୍କ ଉତ୍ତର ଅପେକ୍ଷାରେ ଅଛନ୍ତି ବୋଲି ନବୀନ ଉଲ୍ଲେଖ କରିଛନ୍ତି।

### ଶିଶୁକନ୍ୟାକୁ ଦୁଷ୍କର୍ମ...

ଦୋକାନ ରହିଛି। ଆଜି ଦୋକାନରେ ଶିଶୁକନ୍ୟାକୁ ବସାଇ ତାଙ୍କ ମା' କିଛି କାମରେ ବାହାରକୁ ଯାଇଥିଲେ। ସେହି ସମୟରେ ଅଭିଯୁକ୍ତ ସେକ ମେହେବୁବ ସେଠାକୁ ଆସି ଶିଶୁକନ୍ୟାକୁ ଏକୁଟିଆ ପାଇ ଦୁଷ୍କର୍ମ କରିଥିଲା। ଘଟଣା ବାବଦରେ ପରିବାରଲୋକେ ଜାଣିବା ପରେ ତୁରନ୍ତ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଉକ୍ତ ଦୁଷ୍କର୍ମକାରୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଟାଉନ୍ ଥାନା ଅଧିକାରୀ ବିଜୟ କୁମାର ଦାସ ସୂଚନା ଦେଇଛନ୍ତି।

### ଘରୁ ଟେକିନେଇ...

ଏହି ଘଟଣାରେ ପୁଲିସ୍ ନମ୍ବର ୩୪୦/୨୫ରେ ଏକ ମାମଲା ରୁଜୁ କରି ଆଜି ଜଣେ ନାବାଳକକୁ ଅଟକ ରଖିଛି। ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲା। ଅଭିଯୁକ୍ତଜଣଙ୍କ ନାବାଳିକାକୁ ତାଙ୍କ ଘରୁ ଟେକିନେଇ ଗୋଟିଏ ଭଙ୍ଗା ଘରେ ରଖିଥିଲା। ସେଠାରେ ସେ ନାବାଳିକାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲା। ପରେ ତାଙ୍କୁ ଦିଗପହଣ୍ଡି ଥାନା ଅଧୀନସ୍ଥ ଚାଙ୍ଗୁଡ଼ିଦେଇ ପାହାଡ଼ ପାଖ ଜଙ୍ଗଲକୁ ନେଇ ଯାଇଥିଲା। ସେଠାରେ ମଧ୍ୟ ସେ ନାବାଳିକାଙ୍କୁ ଦୁଷ୍କର୍ମ କରି ଏକୁଟିଆ ଛାଡ଼ି ପଳାଇ ଯାଇଥିଲା। ଅପରପକ୍ଷେ ନାବାଳିକାର ପରିବାର ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ଚାଙ୍ଗୁଡ଼ିଦେଇ ପାହାଡ଼ରୁ ଉଦ୍ଧାର କରିଥିଲେ। ଏ ସଂପର୍କରେ ନାବାଳିକାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ପାଟପୁର ପୁଲିସ୍ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଏହି ଘଟଣାରେ ପୁଲିସ୍ ଆଜି ଜଣେ ନାବାଳକକୁ ଗିରଫ କରି ବାଳ ସୁଧାର ଗୃହକୁ ପଠାଇଥିବା ଜଣାପଡ଼ିଛି।

## ଏମ୍ସରେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ନେତା

**ଭୁବନେଶ୍ୱର,୧୯।୭(ସମିସ):** ବଳଙ୍ଗା ଘଟଣାରେ ଏମ୍ସରେ ଚିକିତ୍ସାଧୀନ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି କଂଗ୍ରେସର ବରିଷ୍ଠ ନେତା। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ନେତା ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ସେଠୀ, ଦେବାଶିଷ ପଟ୍ଟନାୟକ, ମୀନାକ୍ଷୀ ବାହିନୀପତି, ସୋଫିଆ ଫିର୍ଦ୍ଦୋଷ, ୟାସିର ନୱାଜ, ରଞ୍ଜିତ ପାତ୍ର, ଉଦିତ ପ୍ରଧାନ ପ୍ରମୁଖ ଏମ୍ସ ଯାଇ ଝିଅଟିର ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ବିଶେଷଜ୍ଞମାନେ ଝିଅଟିକୁ ବଞ୍ଚାଇବାକୁ ଯଥାସାଧ୍ୟ ଉଦ୍ୟମ କରୁଥିବା କଂଗ୍ରେସ ନେତାଙ୍କୁ ଅବଗତ କରାଇଥିବା ବେଳେ ପିସିସି ପକ୍ଷରୁ ଝିଅଟିର ଆଶୁ ଆରୋଗ୍ୟ କାମନା କରାଯାଇଛି। କଂଗ୍ରେସର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ମଧ୍ୟ ପାଟନାରୁ ନାବାଳିକାର ଆରୋଗ୍ୟ କାମନା କରିଛନ୍ତି। ସେହିପରି ବିଜୁ ଜନତା ଦଳର ନେତୃବୃନ୍ଦ ମଧ୍ୟ ଏମ୍‌ସରେ ପହଞ୍ଚି ପୀଡ଼ିତାର ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ବ୍ୟବସ୍ଥା ବୁଝିଛନ୍ତି। ସେମାନେ ପୀଡ଼ିତାର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ସର୍ବନିମ୍ନ ପେନସନ ବୃଦ୍ଧି ଲାଗି ପ୍ରଧାନମନ୍ତ୍ରୀଙ୍କୁ ଇପିଏଫ୍ ପେନସନ ସଂଘର ସ୍ମାରକପତ୍ର

ଭୁବନେଶ୍ୱର, ୧୯ ।୭(ସମିସ): ଅଲ୍ ଓଡିଶା ଇପିଏଫ୍ ପେନସନ ଆସୋସିଏସନ୍ ତରଫରୁ ସର୍ବନିମ୍ନ ପେନ୍‌ସନ୍ ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଶ୍ରମମନ୍ତ୍ରୀ ମନସୁଖ୍ ମାଣ୍ଡଭିୟ, ଲୋକସଭାର ବିରୋଧଦଳ ନେତା ରାହୁଲ ଗାନ୍ଧୀ ଏବଂ ରାଜ୍ୟସଭାର ବିରୋଧ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖାଡେଗଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇ ଅନୁରୋଧ କରାଯାଇଛି। ଦେଶରେ ଥିବା ୮୦ ଲକ୍ଷ ପେନସନଭୋଗୀଙ୍କ ମଧ୍ୟରୁ ୩୫ ଲକ୍ଷ ପେନସନ ଭୋଗୀ ମାସିକ ୧ ହଜାର ଟଙ୍କାରୁ କମ୍ ପେନସନ ପାଉଛନ୍ତି। ୨୦୧୪ ମସିହାରେ କେନ୍ଦ୍ର ସରକାର ଇପିଏଫ୍ ପେନସନ ଭୋଗୀଙ୍କ କ୍ଷେତ୍ରରେ ସର୍ବନିମ୍ନ ମାସିକ ପେନସନ ୧ ହଜାର ଟଙ୍କା ଲାଗୁ କରିଛନ୍ତି। ତାହା ପୁଣି ବିନା ମହଙ୍ଗା ଭତ୍ତାରେ। ଏକ ପରିସଂଖ୍ୟାନ ଅନୁଯାୟୀ ହାରାହାରି ଇପିଏଫ୍ ପେନସନ ଭୋଗୀଙ୍କୁ ଜଣ ପିଛା ୧୫୦୦ ଟଙ୍କା ମାତ୍ର ମିଳୁଛି। ଏହା କେତେକ ରାଜ୍ୟ ସରକାର ପ୍ରଦାନ କରୁଥିବା ବାର୍ଦ୍ଧକ୍ୟ ଭତ୍ତାଠାରୁ ମଧ୍ୟ କମ୍ ଅଟେ। ଇତିମଧ୍ୟରେ ୧୧ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଏହି ସର୍ବନିମ୍ନ ୧ ହଜାର ଟଙ୍କା ପେନସନ ରାଶିକୁ ବୃଦ୍ଧି କରିବାରେ କେନ୍ଦ୍ର ସରକାର ଚରମ ଅବହେଳା ପ୍ରଦର୍ଶନ କରି ଆସୁଛନ୍ତି। ପେନସନ ବୃଦ୍ଧି ବାବଦରେ ବିଗତ ବର୍ଷରେ ବିଭିନ୍ନ ମହଲରୁ ଦାବି ହୋଇ ଆସୁଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କର ଉଦାସୀନତା ମନୋଭାବ ପ୍ରଦର୍ଶନ କରୁଛନ୍ତି। ଏହା ପେନସନ ଭୋଗୀ ତଥା ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଘୋର୍ ଅସନ୍ତୋଷ ଓ ନୈରାଶ୍ୟ ସୃଷ୍ଟି କରିଛି। ଏଣୁ ଇପିଏଫ୍ ପେନସନ ଭୋଗୀମାନଙ୍କର ଦୟନୀୟ ଆର୍ଥିକ ଦୂରାବସ୍ଥାକୁ ସହୃଦୟତାର ସହ ବିଚାର କରି ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ କରିବା ଲାଗି ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ଉଭୟ ସଦନର ବିରୋଧୀଦଳ ନେତାଙ୍କୁ ଆସୋସିଏସନ୍ ପକ୍ଷରୁ ପୁନର୍ବାର ଦାବୀପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି। ଏ ବାବଦରେ ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।


**OFFICE OF THE PANCHAYAT SAMITI KORUKONDA** i-228

No. 3035/VI-155/2025/Dev. Date 18.07.2025

**TENDER CALL NOTICE NO- 02/2025-26**

Sealed Tender in the prescribed form to be eventually drawn up in PWD Form P-1 (Percentage Rate Bids) in conformity with detailed Tender Call Notice are invited by the Block Development Officer, Korukonda on behalf of Government of Odisha for tenders for construction of various work as mentioned below from eligible Contractors registered with the State Government and Contractor of equivalent grade/class registered with Central Government /MES/ Railways, having registration for Civil works on production of definite proof from the appropriate authority. The detailed of the works are available in the Website https://malkangiri.odisha.gov.in and Office Notice Board. Any further deviation/ corrigendum will be available in the above website.

| | |
|---|---|
| Name of the works | Construction of GPLF building with market complex at Old Chimtapally under Mission Shakti and Kalyan Mandap of Korukonda Block under BGBO Scheme |
| No.of works | 02 nos ( Two) only |
| Amount put to Tender | As laid down in the DTCN/ Tender call notice |
| Tender Paper Cost | As laid down in the DTCN/ Tender call notice |
| E.M.D amount required | As laid down in the DTCN/ Tender call notice |
| Period of completion | As laid down in the DTCN for each Work |
| Date of sale of Tender paper | The Bid documents can be downloaded from the Govt. Website https://malkangiri.odisha.gov.in from 21.07.2025 to 05.08.2025 |
| Date of receipt of Tender paper | From 21.07.2025 to 05.08.2025 up to 5.30 P.M (in working days) through Registered post / Speed post only. |
| Date of opening of Tender papers | At 11.00 A.M on dated 06.08.2025 in the office of the Block Development Officer, Korukonda in presence of Tenderer/their authorized representatives. |

If the last date of receipt of tender paper turns out be a holiday, it will automatically be extended to next working day.

Block Development Officer, Korukonda

OIPR-19021/11/0008/2526



**ସତ୍ୟପାଠ**

ମୁଁ, ମମତା ସୁନ୍ଦରାୟ, ସ୍ୱାମୀ: ନୟନ କିଶୋର ଜେନା, ବାସସ୍ଥାନ: ବାଲିଆପଟା ବସ୍ତି, ରସୁଲଗଡ, ପୋ: ଜିଜିପି କଲୋନୀ, ସବ୍ ଡିଷ୍ଟ୍ରିକ୍ଟ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୨୫, ଓଡିଶା ଏହି ସତ୍ୟପାଠ ନଂ.: C.F. No.: 16, ତା. ୧୦.୦୬.୨୦୨୫ ମାଧ୍ୟମରେ ଘୋଷଣା କରୁଅଛି କି ବର୍ତ୍ତମାନ ଠାରୁ ଭବିଷ୍ୟତରେ ମୁ **ମମତା ଜେନା** ଭାବେ ପରିଚିତ ହେବି।

**AFFIDAVIT**

By virtue of an affidavit sworn before Notary Public Titilagarh, dated 15.07.2025 I, Keshamati Majhi, Adress At- Khairkhunta, Po- Ghantabahali, Ps- Titilagarh, Dist- Balangir, Odisha, Pin- 767033 declare that I have changed my son's name from Kundhar Majhi to Kuldhar Majhi. Henceforth, he shall be known as Kuldhar Majhi for all purposes.

Keshamati Majhi

**LOST**

By the virtue of an affidavit sworn before The Executive Magistrate Gop, CF No. 2561/1 on dated 16-07-2025 , I JITENDRA KUMAR LENKA, S/o Late Kulamani Lenka residing At - Sorava , PO - Sorava, PS- Gop, Dist - Puri , Odisha declare that my son Trinath Lenka lost his Transfer Certificate bearing No. 2250, and his admission No. 4616. The said certificate is necessery for my son but I could not find out. This Newspaper publication is required to be produced before the Principal of Kendriya Vidyalaya Sangathan, Bhubaneswar for issue aduplicate Transfer Certifacate in my Son's favour.

**AFFIDAVIT**

By virtue of an affidavit sworn before Notary Public Titilagarh, dated 15.07.2025 I, Peshkara Nag, Adress At- Laitara, Po- Katarkela, Ps- Titilagarh, Dist- Balangir, Odisha, Pin- 767033 declare that I have changed my daughter's name from Laxmipriya Nag to Lovely Nag. Henceforth, she shall be known as Lovely Nag for all purposes.

Peshkara Nag

**NOTICE (For Minor)**

By virtue of an affidavit sworn before The Executive Magistrate (K) Udala, Mayurbhanj, dated 19-07-2025 I, Mangal Tudu Address AT- Astapura, PO- Balidiha, PS- Khunta, Dist- Mayurbhanj, PIN-757019 declare that I have change the name of my daughter Baishnabi Soren to Baishnabi Tudu. Henceforth, she shall be known as Baishnabi Tudu for all purposes.

Mangal Tudu

**AFFIDAVIT**

By virtue of an affidavit before the Notary Public, Jeypore, Koraput. I PRIYANKA PRIYADARSINI PRAHARA, W/o Sambit Kumar Padhy resident of Paik Street, Po-Jayanagar, PS -Jeypore Dt- Koraput, Odisha -764005 declare by this Affidavit No.3185, Dated - 16/07/2025, that now onwards I shall be known as **PRIYANKA PRIYADARSINI PRAHARAJ** for all future purpose.

**AFFIDAVIT**

I, Bikash Agrawal, aged about 42 years, S/o- Om Prakash Agrawal, resident of At- Dehuripada, PO- Garpos, PS- Govindpur, Dist- Sambalpur, Odisha, PIN- 768224 declared by this affidavit No. 1402, dtd- 17/07/2025 that now onwards I shall be known as **BIKASH KUMAR AGRAWAL** for all future purposes.

**AFFIDAVIT**

By virtue of an affidavit sworn before the Notary Public, Bhubaneswar. I, R. Rameswari Reddy, W/o- R. Santosh Kumar Reddy, resident of Plot No. K2-146, Kalinga Nagar, Ghatikia, Bhubaneswar-751029, Dist.- Khordha, Odisha, do hereby declare that I have changed my name from G. Rameswari to R. Rameswari Reddy (also known as Rawada Rameswari Reddy) for all purposes. Henceforth, I shall be known as **R. Rameswari Reddy.**

Sd/-R. Rameswari Reddy

**AFFIDAVIT**

I, Meherun Nesa Bibi, aged about 65 years, W/o- Shaikh Nasimuddin, resident of At- Quazi Mohalla, Mir Sahi, Po/Ps- Purunabazar, Dist- Bhadrak, Odisha, PIN- 756100 declare by this affidavit No.1204, dtd. 08/07/2025, that now onwards I shall be known as **MEHERUN NISA** for all future purposes.

**AFFIDAVIT**

By virtue of an affidavit before the Executive Magistrate, Khariar, No.272, dated 08/07/2025. I, Tikeram Sabar, AT/PO:-Ward no.10, Sabarpada, N.A.C, Khariar, P.S.: Khariar, Dist- Nuapada declare that, my minor daughter's actual name is Bebita mentioned in her Highschool certificate but in her Aadhar Card mentioned as Babita Sabar instead of Bebita Sabar. That, Babita and Bebita Sabar is one and the same person. Henceforth, she will be known as **Bebita Sabar** for all purposes.

Sd/- Tikeram Sabar

**ଅଭିଯୁକ୍ତ ବ୍ୟକ୍ତିଙ୍କ ଉପସ୍ଥିତି ଆବଶ୍ୟକ ନିମନ୍ତେ ଘୋଷଣା**

**ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩, ଧାରା ୮୪ ଅନୁସାରେ**

ଏତଦ୍ୱାରା ଏକ ମାମଲା ମୋ ନିକଟକୁ ଆସିଅଛି ଯେ, ଅଭିଯୁକ୍ତ ବ୍ୟକ୍ତି କୃଷ୍ଣ ପ୍ରସାଦ ପାତ୍ର, ସା: ୧୩୧, ନିଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଜିଲ୍ଲା-ଭୁବନେଶ୍ୱର, ଓଡ଼ିଶା, ଏକ ଅପରାଧ କରିଛନ୍ତି (କିମ୍ବା କରିଥିବା ଆଶଙ୍କା ଅଛି) ଯାହା ମାମଲା: CTC.: 469560/2016, ପିଏସ୍ ସଫଦରଜଙ୍ଗ ଏନକ୍ଲେଭ୍, ସାଉଥ୍-ୱେଷ୍ଟ ଜିଲ୍ଲା, ନୂଆଦିଲ୍ଲୀ ରେ ଘଟିଛି ଏବଂ ଏହା ଜାରି ହୋଇଥିବା ଏକ ଗିରଫ ଓଜର ଫେରତ କରାଯାଇଛି ଯେ କୃଷ୍ଣ ପ୍ରସାଦ ପାତ୍ର ନାମକ ଅଭିଯୁକ୍ତ ମିଳିପାରିନାହାନ୍ତି ଏବଂ ମୋର ସନ୍ତୋଷଜନକ ହୋଇଛି ଯେ କୃଷ୍ଣ ପ୍ରସାଦ ପାତ୍ର ନାମକ ଅଭିଯୁକ୍ତ ପଳାୟନ କରିଛନ୍ତି (ଅଥବା ସେ ନିଜେ କେଉଁଠାରେ ଲୁଚି ରହିଛନ୍ତି ଓ ସେହି ଓଜରସେବାରୁ ବଞ୍ଚିବାକୁ ଚେଷ୍ଟା କରୁଛନ୍ତି);

ଏହି ଘୋଷଣା ମାଧ୍ୟମରେ ସୂଚିତ କରାଯାଉଛି କି, ଅଭିଯୁକ୍ତ କୃଷ୍ଣ ପ୍ରସାଦ ପାତ୍ର (CTC.: 469560/2016, ପିଏସ୍ ସଫଦରଜଙ୍ଗ ଏନକ୍ଲେଭ୍, ସାଉଥ୍-ୱେଷ୍ଟ ଜିଲ୍ଲା, ନୂଆଦିଲ୍ଲୀ କୁ ଏହି ଅଭିଯୋଗର ଉତ୍ତର ଦେବା ପାଇଁ 04.09.2025 ରେ କିମ୍ବା ତା'ପୂର୍ବରୁ ଅଦାଲତ ସମ୍ମୁଖରେ ଉପସ୍ଥିତ ହେବାକୁ ଆଦେଶ ଦିଆଯାଉଛି।

ଆଦେଶରେ
ଶ୍ରୀମତୀ ନିଧି ସିଂ
ନ୍ୟାୟଧିଶ, ପ୍ରଥମ ଶ୍ରେଣୀ - ୦୩, ଦକ୍ଷିଣ ଜିଲ୍ଲା
ରୁମ୍ ନଂ- 212, ସାକେତ କୋର୍ଟ, ନୂଆଦିଲ୍ଲୀ

DP/9423/SW/2025 (Court Matter)

**OFFICE OF THE PANCHAYAT SAMITI, BORIGUMMA**
**DISTRICT- KORAPUT** i-226
**NOTICE INVITING TENDER (NIT)**
**E-PROCUREMENT NOTICE NO-05/2025**

Sealed tenders are invited from Registered Contractors from State PWD/ M.I / Irrigation/ Rural works for execution of Building etc. The details information of which are made available in the (www.tendersorissa.gov.in) website and also in Koraput Dist. Website i.e. http://www.koraput.nic.in.

The date and time of apply & receive of tender paper is from 21.07.2025 at 10.00Hrs to 29.07.2025 up to 17.30 Hrs through www.tendersorissa.gov.in website only.

Tender will be opened on 30.07.2025 at 11:00 Hrs onwards in the office of the Panchayat Samiti, Borigumma, Dist- Koraput.

Sd/- Block Development Officer, Borigumma

OIPR-19033/11/0004/2526

Office of the Principal
**SANTHA KABI BHIMA BHOI MAHIMA +3 MAHAVIDYALAYA**
AT/PO-CHAKARKEND VIA-SOHELA, PS/DIST- BARGARH, PIN-768033
e-mail-skbbm3ckd@gmail.com, Mob.No- 8328932842, 7377549302

**Walk-in-Interview**

A walk-in interview will be held on **dated. 02.08.2025 at 10.00am** in the office of the undersigned for the post of lecturers in **ECONOMICS & HISTORY (2nd post).**

Candidates with minimum 55% marks at PG level (M.Phil & Ph.D will be preferable) in respective subjects for lecturers are invited to report themselves with all relevant documents and resume before 10.00am on the stipulated date.

The undersigned reserves the right to cancel the interview without showing any reason thereof.

N.B.: No TA/DA will be paid.

Sd/- Principal
S.K.B.B.M +3 Mahavidyalaya, Chakarkend

# ବାଇକ୍ ସହ ଦେଢ଼ କ୍ୱିଣ୍ଟାଲ ଗଞ୍ଜେଇ ଜବତ



ଫିରିଙ୍ଗିଆ,୧୯।୭(ସମିସ): ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ଅଧିକାରୀ ଚିରଞ୍ଜୀବ ବେହେରାଙ୍କ ନେତୃତ୍ୱରେ ଏସ୍ଆଇ ଅନନ୍ତ ପ୍ରଧାନଙ୍କ ସହ ଏକ ଟିମ୍ ପେଟ୍ରୋଲିଂ କରୁଥିବା ସମୟରେ ସାଲାଗୁଡା ପଞ୍ଚାୟତ ମୁଣ୍ଡାସାହି କାଠ୍ରାମାଲା ନିକଟରୁ ଜଣେ ନାବାଳକ ସହ ୧୧ ଜଣ ଗଞ୍ଜେଇ ମାଫିଆଙ୍କୁ କାବୁ କରିବାରେ ସଫଳ ହୋଇଛି। ସେମାନଙ୍କ ଠାରୁ ଦେଢ଼ କ୍ୱିଣ୍ଟାଲ ଗଞ୍ଜେଇ ଓ ୬ ଟି ଦାମୀ ବାଇକ୍ ଜବତ କରାଯାଇଛି। ଗିରଫ ସମସ୍ତ ମାଫିଆ ବଲାଙ୍ଗିର ଅଞ୍ଚଳର ଓ ସେମାନେ ଗୋଚ୍ଛାପଡା ଅଞ୍ଚଳରୁ ବଲାଙ୍ଗୀରକୁ ଗଞ୍ଜେଇ ଚାଲାଣ କରୁଥିବା ପୁଲିସ ସ୍ପଷ୍ଟ କରିଛି। ଗିରଫମାନେ ହେଲେ ବଲାଙ୍ଗିର ଜିଲ୍ଲା ଲାଠୋର ଗାଁର ବିଭୂତି ସାହୁ, ଲାଇସା ଥାନା ଘୁମେର ଗାଁର ଅରୁଣ ସାହୁ, ଲାଠୋର

**ପୁଲିସ୍ କବ୍ଜାରେ ନାବାଳକ ସହ ୧୧ ଅଭିଯୁକ୍ତ**

ଗାଁର ସଞ୍ଜୟ ସାହୁ, ଘୁମେର ଗାଁର ଅନିଲ ସାହୁ, ଲାଠୋର ଗାଁର ଶିବ ସାହୁ, ପାଟଣାଗଡ଼ ଥାନା କଇଁଖାପାଲି ଗାଁର ଜିତେନ୍ଦ୍ର ସାଏ ଓ ଅଜିତ ବାରିକ, ଘୁମେର ଗାଁର ଶ୍ରୀକାନ୍ତ ବନସ୍ରିୟା, ସୁମନ୍ତ ଦଲେଇ ଓ ପବିତ୍ର ସାହୁ। ଏହି ଘଟଣାରେ ଗୋଚ୍ଛାପଡା ପୁଲିସ ଏକ ମାମଲା ରୁଜୁ କରି ଶନିବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଚିରଞ୍ଜୀବ ବେହେରା ସୂଚନା ଦେଇଛନ୍ତି। ଗିରଫ ନାବାଳକକୁ ରାଉରକେଲାରେ ଥିବା ନାବାଳକ ସେଲଟର ହୋମକୁ ପଠାଇ ଦିଆଯାଇଛି।

## ୧୩.୫ କେଜି ଗଞ୍ଜେଇ ଜବତ; ଅଭିଯୁକ୍ତ ଗିରଫ

ବାଲିଗୁଡା/ କ.ନୁଆଗାଁ,୧୯।୭(ସମିସ): କନ୍ଧମାଳ ଜିଲ୍ଲା କ.ନୁଆଗାଁ ପୁଲିସ ୧୩.୫



କେଜି ଗଞ୍ଜେଇ ସହ ଜଣଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ଗୁରୁବାର ଦିନ କ.ନୁଆଗାଁ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଜଣେ ମାଫିଆ ବାଇକରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଜାଣିପାରି ମାଡ଼ି ବସିଥିଲେ। ଘଟଣା ସ୍ଥଳରୁ ୧୩.୫ କେଜି ଗଞ୍ଜେଇ ମିଳିଥିବା ବେଳେ ଗୋଟିଏ ବାଇକ୍ ମଧ୍ୟ ଜବତ କରିଥିଲା କ.ନୁଆଗାଁ ପୁଲିସ। ଅଭିଯୁକ୍ତ ଜଣକ କ.ନୁଆଗାଁ ଥାନା ଅନ୍ତର୍ଗତ କନ୍ଦରମୁଣ୍ଡା ଗ୍ରାମର ସୁବଦ ଦିଗାଲ (୩୪)। ଏ ନେଇ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା କ.ନୁଆଗାଁ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ




ଟିକାବାଲି/ଜି.ଉଦୟଗିରି, ୧୯।୭ (ସମିସ): ଟିକାବାଲି ବନାଞ୍ଚଳ ପୋକାଗୋବରା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟତ୍ରୀ ଝୁନୁରାଣୀ ପ୍ରଧାନଙ୍କ ନେତୃତ୍ୱରେ ୭୬ତମ ବନମହୋତ୍ସବ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରକୃତିପ୍ରେମୀ ତଥା ଆଦର୍ଶ ଖେଳ ଶିକ୍ଷୟିତ୍ରୀ ତନୁରେଖା ନାୟକ ଯୋଗ ଦେଇଥିଲେ। ଛାତ୍ରୀ ଓ ଗ୍ରାମବାସୀ ଏବଂ ବନ ବିଭାଗ ପକ୍ଷରୁ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। ଅନ୍ୟ ଅତିଥି ଭାବେ ବନପାଳ ମନୋଜ କୁମାର ଖୁ, ବନରକ୍ଷୀ ପ୍ରତାପ ବେହେରା ଯୋଗ ଦେଇଥିଲେ। ବୃକ୍ଷର ଉପକାରିତା ବିଷୟରେ ଓ ଏକକ ପ୍ଲାଷ୍ଟିକ ବ୍ୟବହାରର ପରିଣାମ ବିଷୟରେ ଅତିଥିମାନେ କହିଥିଲେ। ଗ୍ରାମବାସୀଙ୍କୁ ମାଗଣା ଚାରା ବଣ୍ଟନ ସହ "ମା ପାଇଁ ଗଛଟିଏ" କାର୍ଯ୍ୟକ୍ରମରେ ସମସ୍ତେ ମିଶି ଗୋଟିଏ ଗୋଟିଏ ଗଛ ଲଗାଇବାକୁ ପରାମର୍ଶ ଦିଆଯାଇଥିଲା।

## ଦୁର୍ଘଟଣାରେ ପରିବା ବ୍ୟବସାୟୀଙ୍କ ମୃତ୍ୟୁ

ମୋହନା,୧୯।୭(ସମିସ): ଗଜପତି ଜିଲ୍ଲା ଆର.ଉଦୟଗିରି ଥାନା ଅନ୍ତର୍ଗତ ମାଛଗରା ଗ୍ରାମ ନିକଟରେ ଶନିବାର ମଧ୍ୟାହ୍ନରେ ଏକ ବାଇକ ଓ ମୋପେଡ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଜଣେ ପରିବା ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତ ମୋପେଡ ଚାଳକ ଗଞ୍ଜାମ ଜିଲ୍ଲା ଗୁରୁବୁଡି ବାଉଳିଆ ଗ୍ରାମର ପ୍ରଫୁଲ୍ଲ



ସାହୁ। ପ୍ରଫୁଲ୍ଲ ପ୍ରତ୍ୟେକ ଦିନ ଗଞ୍ଜାମରୁ କାନକଟା ଦେଇ ଗଜପତି ଜିଲ୍ଲାକୁ ଆସି ପରିବା ବ୍ୟବସାୟ କରି ଫେରିବା ବେଳେ ବିପରୀତ ଦିଗରୁ ଆସୁଥିବା ବାଇକ ସହ ତାଙ୍କ ମୋପେଡର ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ପ୍ରଫୁଲଙ୍କୁ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାନୀୟ ଲୋକେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ଘଟାଇଥିବା ବାଇକ ଚାଳକ ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ଜଣାପଡିଛି। ଆର.ଉଦୟଗିରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିବା ଥାନା ଅଧିକାରୀ ଅଶିନୀ ଭିତ୍ରିଆ ସୂଚନା ଦେଇଛନ୍ତି।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର; ଆତ୍ମହତ୍ୟା ସନ୍ଦେହ

କାଶୀନଗର,୧୯।୭(ସମିସ): ଗଜପତି ଜିଲ୍ଲା କାଶୀନଗର ସହରର ଜଣେ ଯୁବକ ଅନ୍ଧ୍ରର ରାଜନ୍ଦ୍ରୋ ସହର ନିକଟସ୍ଥ ରାଜନଗର ଗ୍ରାମରେ ଆତ୍ମହତ୍ୟା କରିଥିବା ଜଣାପଡିଛି। ଯୁବକ ଜଣକ ହେଲେ କାଶୀନଗର ସହରର ଆର. ଗିରିଧର। ଗିରିଧର ତିନିଦିନ ହେଲା ନିଖୋଜ ଥିବା ନେଇ ତାଙ୍କ ବଡ଼ଭାଇ କାଶୀନଗର ଥାନାରେ ଏତଲା ଦେଇଥିଲେ। ଗୁରୁବାର ଯୁବକ ଜଣକ ଆତ୍ମହତ୍ୟା କରିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଥିବା ଜଣାପଡିଛି। ଉକ୍ତ ଭିଡିଓ କାଶୀନଗର ସହରରେ ମୋବାଇଲକୁ ମୋବାଇଲ ଘୁରି ବୁଲୁଛି। ଉକ୍ତ ଏତଲାକୁ କେନ୍ଦ୍ର କରି କାଶୀନଗର ପୁଲିସ ତଦନ୍ତ ଜାରି ରଖିଥିଲେ। ହେଲେ ଅନ୍ଧ୍ର ରାଜନଗର ଗ୍ରାମର ଏକ ବିଶ୍ରାମାଗାରରେ ଯୁବକଙ୍କ ମୃତଦେହ ପଡିଥିବାରୁ ଅନ୍ଧ୍ର ପୁଲିସ ଘଟଣାର ତଦନ୍ତ କରିଥିଲେ। ପରେ ସେଠାରୁ ତାଙ୍କ ଆଧାର କାର୍ଡ ମିଳିଥିଲା। ଆଧାର କାର୍ଡକୁ ଭିତ୍ତି କରି କାଶୀନଗର ପୁଲିସକୁ ଅନ୍ଧ୍ର ପୁଲିସ ସୂଚନା ଦେଇଥିଲେ। କାଶୀନଗର ପୁଲିସ ଉକ୍ତ ମୃତ ଯୁବକଙ୍କ ପରିବାରକୁ ସୂଚନା ଦେଇଥିଲେ। ପୂର୍ବରୁ ଉକ୍ତ ଯୁବକଙ୍କ ବ୍ୟକ୍ତିଗତ କିଛି ସମସ୍ୟା ରହିଥିବା ନେଇ ପରିବାର ବର୍ଗ କହୁଥିବା ବେଳେ ଏହାକୁ ନେଇ ଯୁବକ ଜଣକ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

## ଗ୍ରାମ୍ୟ ସମ୍ବଳ କର୍ମୀଙ୍କ ତାଲିମ ଶିବିର




ଟିକାବାଲି,୧୯।୭(ସମିସ): ଟିକାବାଲି ବ୍ଲକ ସଭାଗୃହରେ ଗ୍ରାମ୍ୟ ସମ୍ବଳ କର୍ମୀଙ୍କ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ପଞ୍ଚାୟତ ସ୍ତରରେ କରାଯାଉଥିବା ସାମାଜିକ ସମୀକ୍ଷାକୁ ଅଧିକ ସ୍ୱଚ୍ଛ ଏବଂ ଶକ୍ତ କରିବା ସଙ୍ଗେ ସଙ୍ଗେ ସରକାରୀ ଯୋଜନା ତ୍ୱରାନ୍ୱିତ ପାଇଁ ପ୍ରୟାସ କରିବା ଦିଗରେ କାର୍ଯ୍ୟ କରିବାକୁ ଗ୍ରାମ୍ୟ ସମ୍ବଳ କର୍ମୀଙ୍କୁ ସାମାଜିକ ସୁରକ୍ଷା, ଖାଦ୍ୟ ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ମନରେଗା ସମ୍ପର୍କରେ ତାଲିମ ଦିଆଯାଇଥିଲା। ତାଲିମରେ ବ୍ଲକରେ ଥିବା ୧୧ ପଞ୍ଚାୟତର ଗ୍ରାମ୍ୟ ସମ୍ବଳ କର୍ମୀ(ଭିଆରପି) ଉପସ୍ଥିତ ଥିବା ବେଳେ ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାରାୟଣ ଦାକ୍ଷିତ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ କୁମାର ମଲ୍ଲିକ, ବ୍ଲକ ସାମାଜିକ ସମୀକ୍ଷକ ପ୍ରଫୁଲଚନ୍ଦ୍ର ପ୍ରଧାନ, ଏପିଓ ଅନୁରାଧା ମଲ୍ଲିକ, ଏମଆଇ ଅଞ୍ଜନ କୁମାର ଦିଗାଲ, ବିଏସଏସଓ ଅଶିଷ ବିଶୋଇ, ଜିପିସି ଅର୍ଜୁନ ନାୟକ ଏବଂ ବ୍ଲକର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

■ ବ୍ରହ୍ମପୁର ସାଂସଦଙ୍କ ଗଜପତି ଗସ୍ତ

## ଜଳବନ୍ଦୀ ସମସ୍ୟାରୁ ମୁକୁଳିବାକୁ ନାଳ ପୁନରୁଦ୍ଧାର ପାଇଁ ଦାବି

ପାରଳାଖେମୁଣ୍ଡି,୧୯।୭(ସମିସ): ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ଗଜପତି ଗସ୍ତରେ ଆସି ଶନିବାର ପାରଳାଖେମୁଣ୍ଡି ସହରର ୩ ଓ ୪ ନମ୍ବର ୱାର୍ଡରେ ଲୋକଙ୍କ ବିଭିନ୍ନ ସମସ୍ୟା ଓ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସହରର ଡଳି ଅଞ୍ଚଳରେ ପାହାଡ଼ର ବର୍ଷା ଜଳ ଏବଂ ପ୍ରତ୍ୟେକ ସାହିର ନାଳ ଜଳ ଏହି ୱାର୍ଡ ଦେଇ ଗତି କରୁଥିବାରୁ ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ଆଣ୍ଠୁଏ ଲେଖାଏ ପାଣି ରହୁଛି ଯାହାକି ଅଞ୍ଚଳବାସୀଙ୍କ ମୁଖ୍ୟ ସମସ୍ୟା। ତେଣୁ ଏହି ନାଳର ପୁନରୁଦ୍ଧାର ପାଇଁ ସାଂସଦଙ୍କୁ ଅବଗତ କରାଇଥିଲେ ସ୍ଥାନୀୟ ୱାର୍ଡ କାଉନସିଲର ବାଲକୃଷ୍ଣ ପାତ୍ର ଓ ଜନସାଧାରଣ। ଗସ୍ତ ସମୟରେ ସାଂସଦଙ୍କ ସହ



ଜିଲ୍ଲାପାଳ ବିଜୟ କୁମାର ଦାଶ, ପୌର ଅଧ୍ୟକ୍ଷା ନିର୍ମଳା ସେଠୀ, ପୌରନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ। ସମସ୍ୟାର ସମାଧାନ ପାଇଁ ଖସଡା ପ୍ରସ୍ତୁତ କରିବା ସହ ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ପରେ ଗୁମ୍ମା ବ୍ଲକ ଠାରେ ନିର୍ମିତ ହୋଇଥିବା ବଣ ସୁରକ୍ଷା ସମିତି ଗୃହ ଉଦ୍‌ଘାଟନ ସହ ଖମ୍ପା ପଞ୍ଚାୟତର ବଜାର ଗୃହ ଉଦ୍‌ଘାଟନ କରିଥିଲେ। ପରେ କାଶୀନଗର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଗସ୍ତର ଅନ୍ତିମ ପର୍ଯ୍ୟାୟରେ ପାରଳାଖେମୁଣ୍ଡିରେ ପ୍ରସ୍ତାବିତ ମେଡିକାଲ କଲେଜ କିପରି ଶୀଘ୍ର ରୂପରେଖ ନେଇ ପାରିବ ସେ ଦିଗରେ ତାଙ୍କର ଉଦ୍ୟମ ଜାରି ରହିଛି ବୋଲି ସାଂସଦ କହିଥିଲେ। ମଧ୍ୟାହ୍ନ ସମୟରେ ଗୋଶାଣି ବ୍ଲକର ମାଛମରା ଠାରେ ସ୍କୁଲ ଗୃହ, ଗୁରାଣ୍ଡି ଠାରେ ମାର୍କେଟ କମ୍ପ୍ଲେକ୍ସ, ଯୁବରାଜପୁର ଓ ଶରଧାପୁର ଠାରେ ସ୍କୁଲ ଗୃହ ଉଦ୍‌ଘାଟନ କରିଥିଲେ। ଗୁରାଣ୍ଡି ଠାରେ ସରପଞ୍ଚ ଶିଳ୍ପାପାତ୍ର ଏବଂ ଜନ ସାଧାରଣଙ୍କ ପକ୍ଷରୁ ସାଂସଦଙ୍କୁ ସ୍ୱାଗତ ଜଣାଯାଇଥିଲା। ଏଠାରେ ମାର୍କେଟ କମ୍ପ୍ଲେକ୍ସ ଓ ପାଠାଗାରର ଉଦ୍‌ଘାଟନ ପରେ ଲୋକେ ବିଭିନ୍ନ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ସମସ୍ତ ଅଭିଯୋଗ ଗୁଡିକୁ ଶୁଣି ଏହାର ସମାଧାନ କରାଯିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଗୋଶାଣି ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, ଗୁରାଣ୍ଡି ସମିତିସଭ୍ୟା ପି.ମାଳାକ୍ଷୀ, ସମାଜସେବୀ ଉମାଶଙ୍କର ପାତ୍ରସହ ଗୁରାଣ୍ଡି ଗ୍ରାମର ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

## ବଜ୍ରପାତରେ ୫ ଛେଳି ମୃତ



ଦାରିଙ୍ଗବାଡି,୧୯।୭(ସମିସ): ଦାରିଙ୍ଗବାଡି ବ୍ଲକ ତିଲୋରି ପଞ୍ଚାୟତ ଅନ୍ତର୍ଗତ ଜରେଗମାହା ଗ୍ରାମରେ ବଜ୍ରପାତରେ ୫ ଛେଳିର ମୃତ୍ୟୁ ହୋଇଛି। ଛେଳି ମାଲିକ ଜୋସେଫ ଦିଗାଲ ଗାଈ ଓ ଛେଳି ଧରି ଗାଁ ପାଖ ଜଙ୍ଗଲକୁ ଚରାଇବାକୁ ଯାଇ ଘରକୁ ଫେରୁଥିଲେ। ଫେରିବା ସମୟରେ ହଠାତ ବର୍ଷା ହୋଇଥିଲା। ବର୍ଷାରୁ ରକ୍ଷା ପାଇବା ପାଇଁ ଗଛ ମୂଳକୁ ପଳାଇଥିଲେ। ସେହି ସମୟରେ ଗଛ ଉପରେ ବଜ୍ରପାତ ହୋଇଥିଲା। ଗଛ ମୂଳରେ ଥିବା ୫ ଛେଳିଙ୍କ ମୃତ୍ୟୁ ହୋଇଥିଲା। ସରକାରୀ ସହାୟତା ଯୋଗାଇ ଦେବାକୁ ଜୋସେଫ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ସୌମ୍ୟାଶ୍ରୀଙ୍କ ଶ୍ରଦ୍ଧାଞ୍ଜଳି ଜଣାଇ ଶୋଭାଯାତ୍ରା



ଫୁଲବାଣୀ,୧୯।୭(ସମିସ): ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଆଜି କନ୍ଧମାଳ ଜିଲ୍ଲାର ସମାଜ ସେବୀ ସଂଗଠନ ୟୁଥ୍ ଫର୍ ଚେଞ୍ଜ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରାରେ ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ଯୋଗ ଦେଇଥିଲେ। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଫୁଲବାଣୀ ଇନ୍ଦିରାଗାନ୍ଧୀ ଛକଠାରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ର ହୋଇଥିଲେ। ସଂଗଠନର ସଭାପତି ଅମରଜ୍ୟୋତି ରାଇ, ଯୁବନେତା ରାଜେନ୍ଦ୍ର ପାତ୍ର, ସମାଜସେବୀ ଓମ୍ ସ୍ୱରୂପ ପଟ୍ଟନାୟକଙ୍କ ସମେତ ବହୁ ଛାତ୍ର ଉପସ୍ଥିତ ଥିଲେ।

## ମହିଳା ଗୋଷ୍ଠୀଙ୍କ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି ପ୍ରତିଯୋଗିତା

ଗୁମ୍ମା,୧୯।୭(ସମିସ): ଆଜିର ଅତ୍ୟାଧୁନିକ ଏବଂ ଚଟାପଟ ଖାଦ୍ୟଆଗରେ କିଛି ମାତ୍ରାରେ ପାରମ୍ପରିକ ଖାଦ୍ୟର ଚାହିଦା ବଢି ପାରୁନାହିଁ। ପାରମ୍ପରିକ ଖାଦ୍ୟକୁ ଲୋକପ୍ରିୟ କରିବା ପାଇଁ ଗଜପତି ଜିଲ୍ଲା ଗୁମ୍ମା ମିଶନ ଶକ୍ତି ଭବନରେ ମୋଗାଲିଫ୍ ଜଳସେଚନ ପ୍ରକଳ୍ପରେ ଫସଲ ବିବିଧତା କାର୍ଯ୍ୟକ୍ରମ ତଥା ଏସଡବ୍ଲୁଡବ୍ଲୁଏସ ଘରୋଇ ସଂସ୍ଥା ଆନୁକୂଲ୍ୟରେ ରୋଷେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ବିଡ଼ିଓ ଦୁଲାରାମ ମାରାଣ୍ଡି, ତହସିଲଦାର ଶରତ ଶବର, ସୁରଜ କୁମାର ପାତ୍ର, ଜିଲ୍ଲା କୃଷି ଅଧିକାରୀ ରବୀନ୍ଦ୍ର କୁମାର ଆଦେଶ, ବ୍ଲକ କୃଷି ଅଧିକାରୀ ନାରାୟଣ ଚାନ୍ଦ, ସିଡ଼ିପିଓ ପୁଷ୍ପାଞ୍ଜଳି ସାହୁ, ଯୋଜନା ଅଧିକାରୀ, ବ୍ଲକ ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି ଶ୍ରୀକାନ୍ତ ପଟ୍ଟନାୟକ ଏବଂ ସଂସ୍ଥାର ଅଧ୍ୟକ୍ଷ ଡ଼. ଜଗନ୍ନାଥ ରାଜୁ ଓ ଏମବିକେ,ସିଆରପି/ ସିଏମ,ବ୍ଲକ ମହାସଂଘର ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ



ଗୁମ୍ମା ବ୍ଲକ ଅନ୍ତର୍ଗତ ୧୨ ପଞ୍ଚାୟତର ୧୪ ସଂଘ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ ପାରମ୍ପରିକ ଖାଦ୍ୟ ସାମଗ୍ରୀର ଚାହିଦା ବୃଦ୍ଧି କରାଯିବା ଆବଶ୍ୟକତା ରହିଛି ବୋଲି କହିବା ସହିତ ମାଣ୍ଡିଆ, କୋଳଥ, ବିରି, ମୁଗ, ଜହ୍ନା ଓ ସୁଆଁରୁ ପ୍ରସ୍ତୁତି ଚକୁଳି, କାକରା, ଉପୁମା, ବରା ଓ ଖିରି ଆଦି ଖାଦ୍ୟକୁ ପରିଷିବା ପରେ ସମସ୍ତ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଡ଼ିପିଏନଏଲଆଇପି ଅଧିକାରୀ ଟିଙ୍କୁ କାଳକାରାୟା, ନିହାରିକା ଗୁରକ ଓ ମିଶନ ଶକ୍ତି ସଦସ୍ୟମାନେ ପରିଚାଳନା କରିଥିଲେ।

## ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ଗୋଶାଣି,୧୯।୭(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ତିଲି ଗ୍ରାମର ଜଣେ ମହିଳାଙ୍କର ତାମ୍ପକୋଇଠା ଗ୍ରାମରେ ଥିବା ଏକ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ନାମ ଜ୍ୟୋତିକା ଶବର (୩୬)। ତାଙ୍କ ନିଜ ଗ୍ରାମ ତିଲି ହୋଇଥିବା ବେଳେ ସେ ଗୋଶାଣି ବ୍ଲକର ତାମ୍ପକୋଇଠା ଗ୍ରାମରେ କାମ କରି ନିଜ ପରିବାର ସହ ଜୀବିକାନିର୍ବାହ କରୁଥିଲେ। ଅଜ୍ଞାନପାଇଁ ସେ ପୋଖରୀକୁ ଯାଇ କୌଣସି କାରଣରୁ ବୁଡ଼ି ଯାଇଥିଲେ। ପରେ ତାଙ୍କୁ ଉଦ୍ଧାର କରି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଏନେଇ ତାଙ୍କ ସ୍ୱାମୀ ଶଙ୍କର ଶବର ଗାରାବନ୍ଧ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଧିକାରୀ ଅମର ମିଶ୍ର ସୂଚନା ଦେଇଛନ୍ତି।

**ମୋହନା ପଞ୍ଚାୟତ ସମିତି ବୈଠକ**

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ନେଇ ବର୍ଷିଲେ ଜନପ୍ରତିନିଧି

ମୋହନା,୧୯।୭(ସମିସ): ଗଜପତି ଜିଲ୍ଲା ମୋହନା ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ରଞ୍ଜିବ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ମୋହନା ବିଧାୟକ ଦାଶରଥି ଗମାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ଯୋଜନା ସମ୍ପର୍କରେ କହିବା ସହ ଉନ୍ନୟନ କାର୍ଯ୍ୟ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ବିଶେଷ କରି ମୋହନାରେ ପାନୀୟ ଜଳ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ମେଗା




ପ୍ରକଳ୍ପ କାମ ଧୀମେଇ ଚାଲିଥିବା ବେଳେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ଅବ୍ୟବସ୍ଥା ଲାଗିରହିଛି। ଏସବୁର ତୁରନ୍ତ ସମାଧାନ ପାଇଁ ଦାବି କରିଥିଲେ ଜନ ପ୍ରତିନିଧି। ଏଥିସହ ଏହି ବୈଠକରେ ବିକଶିତ ଗାଁ ବିକଶିତ ଓଡିଶା ଅନୁଦାନ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ମୋହନା ବିଡ଼ିଓ ରାଜୀବ ଦାସ, ବ୍ଲକ ଉପାଧ୍ୟକ୍ଷ ବାଲ୍ମୀକା ଅଧିକାରୀ, ସାଂସଦ ପ୍ରତିନିଧି ଜିତେନ୍ଦ୍ର ବେହେରା, ଏବିଡ଼ିଓ ରମାକାନ୍ତ ଚୌଧୁରୀ ଯୋଗ ଦେଇଥିଲେ। ବୈଠକକୁ ସହକାରୀ ନିର୍ବାହୀଯନ୍ତ୍ରୀ ନାରାୟଣ ପାଢ଼ୀ ଓ ଜିପିଡିଓ ଦୀପକ ପ୍ରଧାନ ପରିଚାଳନା କରିଥିଲେ। ଏହାପରେ ମୋହନା ବ୍ଲକ କାର୍ଯ୍ୟାଳୟ ଆଗରେ ନୂତନ ଭାବେ ନିର୍ମାଣ ହୋଇଥିବା ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟନ କରିଥିଲେ ବିଧାୟକ।

# ୩ ବର୍ଷ ପରେ ମା'କୁ ଫେରି ପାଇଲେ ଦିବ୍ୟାଙ୍ଗ ପୁଅ-ଝିଅ

ଆସିକା,୧୯ ।୭ (ସମିସ):

ଅସହ୍ୟ ହେଲା ସ୍ୱାମୀଙ୍କ ନିର୍ଯାତନା। ତେଣୁ ଘରେ ଦୁଇ ଦିବ୍ୟାଙ୍ଗ ପୁଅ ଝିଅକୁ ଛାଡ଼ି କେଉଁଆଡେ ଚାଲିଯାଇଥିଲେ। ତେବେ କେରଳରୁ ଏକ ସ୍ୱେଚ୍ଛାସେବୀ ସଂଗଠନ ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର କରି ତାଙ୍କ ଘରେ ଆଣି ଛାଡିଛି। ଆସ୍କା ଥାନା ଗଣ୍ଡପଲ୍ଲିରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଗୁଣ୍ଡପଲ୍ଲୀରେ ରହୁଥିଲେ ଏସ.ମଞ୍ଜୁ। ସ୍ୱାମୀ ଡି.ଆଶୋକ ଓ ଦୁଇ ଦିବ୍ୟାଙ୍ଗ ପୁଅ ଝିଅକୁ ନେଇ ତାଙ୍କର ସୁନାର ସଂସାର ଚାଲିଥିଲା। ହେଲେ ୨୦୨୧ରେ ହଠାତ ତାଙ୍କ ସୁଖର ସଂସାରରେ ଲାଗିଥିଲା ନିଆଁ। ସ୍ୱାମୀ ଅନ୍ୟ ସ୍ତ୍ରୀ ସହ ସମ୍ପର୍କ ରଖି ଦିବ୍ୟାଙ୍ଗ ପୁଅ ଝିଅ ଓ ସ୍ତ୍ରୀ ମଞ୍ଜୁକୁ ମାରଧର କରିଥିଲେ। ଶେଷରେ ସ୍ୱାମୀଙ୍କ କଥା ଚିନ୍ତା କରି କରି ମଞ୍ଜୁ ମାନସିକ ଭାରସାମ୍ୟ ହରାଇ ଘର ଛାଡ଼ି କେଉଁଆଡ଼େ ଚାଲି ଯାଇଥିଲେ। ଏହା ପରେ ମଞ୍ଜୁଙ୍କ ସ୍ୱାମୀ ବି ଦିବ୍ୟାଙ୍ଗ ପୁଅ-ଝିଅକୁ ଛାଡି ଅନ୍ୟ ମହିଳାଙ୍କ ସହ ଚାଲି ଯାଇଥିଲେ। ଫଳରେ ବାପା ମା'ହରା ଦୁଇ ଦିବ୍ୟାଙ୍ଗ ପୁଅ-ଝିଅକୁ ଗାଁର ସାହି ଭାଇ ଖାଇବାକୁ ଦେଇ ରଖିଥିଲେ। ଗାଁର ସାହି ଲୋକ ବି ନିଖୋଜ ମଞ୍ଜୁକୁ ବହୁ ଖୋଜା ଖୋଜି କରି ପାଇନଥିଲେ। ଅପରପକ୍ଷେ ମଞ୍ଜୁ ମାନସିକ ସନ୍ତୁଳନ ହରାଇ ପ୍ରଥମେ ପୁରୀ ଓ ପରେ ଭୁଲବଶତଃ କେରଳ ଚାଲି ଯାଇଥିଲେ। ସେଠାରେ ତାଙ୍କୁ ଶ୍ରଦ୍ଧା ଫାଉଣ୍ଡେସନ ନାମକ ସ୍ୱେଚ୍ଛାସେବୀ ସଙ୍ଗଠନ ଉଦ୍ଧାର କରି ମେଣ୍ଟାଲ ହସ୍ପିଟାଲରେ ଚିକିତ୍ସା କରିବା ପରେ ମଞ୍ଜୁ ଭଲ ହୋଇଥିଲେ। ପରେ ମଞ୍ଜୁଙ୍କ ଠାରୁ ତାଙ୍କ ଠିକଣା ଜାଣିବା ପରେ ମଞ୍ଜୁଙ୍କ ଘରେ ତାଙ୍କୁ ଛାଡି ଯାଇଛନ୍ତି। ଦୀର୍ଘ ୩ ବର୍ଷ ପରେ ନିଜ ହଜିଲା ମା'କୁ ଦେଖି ଖୁସିରେ ଭାବବିହ୍ୱଳ ହୋଇ ଯାଇଛନ୍ତି ଦୁଇ ଦିବ୍ୟାଙ୍ଗ ପୁଅ-ଝିଅ। ଏବେ ବି ମଞ୍ଜୁଙ୍କ ମାନସିକ ସନ୍ତୁଳନ ସମ୍ପୂର୍ଣ୍ଣ ଠିକ୍ ହୋଇନାହିଁ। ତେଣୁ ବିଦ୍ୟାଙ୍ଗ ପୁଅ ଝିଅ ସହ ଫେରିବା ମାନସିକ ବିକାରଗ୍ରସ୍ତ ମା'କୁ ସହଯୋଗ କରିବା ପାଇଁ ତାଙ୍କ କୁଳ ସମାଜ ଅଣ୍ଟା ଭିଡିଥିବା ବେଳେ ସରକାରୀ ସହଯୋଗ ପାଇଁ ଗାଁ ଲୋକ ଅନୁରୋଧ କରିଛନ୍ତି।


ଦ୍ୱିତୀୟ ବିବାହ କରି ଛାଡ଼ି ଯାଇଛନ୍ତି ବାପା

## ଶିକ୍ଷାବିତ୍‌ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗଞ୍ଜାମ,୧୯ ।୭ (ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ କ୍ଲଷ୍ଟର ତରଫରୁ କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା ପୋଡ଼ମପେଟା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ ନିରଞ୍ଜନ ମହାପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସନ୍ତୋଷ ତ୍ରିପାଠୀ, ଦୁର୍ଗା ପଟ୍ଟନାୟକ, ସୁକାନ୍ତ ଚୌଧୁରୀ ମଞ୍ଚାସୀନ ରହି ନିରଞ୍ଜନ ସାରଙ୍କ ଶିକ୍ଷକତା ସମୟର ସ୍ମୃତିଚାରଣ କରିଥିଲେ। କ୍ଲଷ୍ଟରର ମହେନ୍ଦ୍ର ସେଠୀ, ବିପିନ ପଟ୍ଟନାୟକ, ପର୍ଶୁରାମ ବେହେରା, ଅଭି ସାର, ଲକ୍ଷ୍ମୀ ସାର ପ୍ରମୁଖଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

## ପ୍ରେମ ବ୍ୟାପାରକୁ ନେଇ ଛାତ୍ରଙ୍କୁ ଛୁରାମାଡ଼

ଖଲ୍ଲିକୋଟ,୧୯ ।୭ (ସମିସ): ଖଲ୍ଲିକୋଟ ଥାନା କହ୍ନେଇପୁର ରାହଣଦେବୀ ଛକରେ ଜଣେ ଛାତ୍ରଙ୍କୁ ଛୁରାମାଡ଼ ହୋଇଛି। ପ୍ରେମ ବ୍ୟାପାରକୁ ନେଇ ଲାଗି ରହିଥିବା ଶତ୍ରୁତାରୁ ଏଭଳି କାଣ୍ଡ ଘଟିଛି। ଆହତ ଛାତ୍ରଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

ମାଣିକପୁର ଗ୍ରାମର ଶମ୍ଭୁ ସିଂ(୧୭) ଶନିବାର ମଧ୍ୟାହ୍ନରେ କହ୍ନେଇପୁର ରାହାଣଦେବୀ ଛକକୁ ଆସିଥିଲେ। ଏତିକିବେଳେ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା କନ୍ଦିଗାଁର ବାଲ୍ମୀକୀ ସେଠୀ(୨୦) ତାଙ୍କୁ ଛୁରାମାଡ଼ କରିଥିଲେ। ପ୍ରତିରୋଧ କରିବାବେଳେ ବାଲ୍ମୀକୀଙ୍କ ମୁହଁରେ ମଧ୍ୟ ଛୁରୀ ବାଜି ସେ ସାମାନ୍ୟ ଆହତ ହୋଇଥିଲେ। ଶମ୍ଭୁଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ବାଲ୍ମୀକୀ ସେଠୀ ଜଣେ ଡିପ୍ଲୋମା ଛାତ୍ର ହୋଇଥିବାବେଳେ ଗୁରୁତର ଆହତ ଶମ୍ଭୁ ସିଂ ଚଳିତ ବର୍ଷ ମାଟ୍ରିକ ପାସ୍ କରିଛନ୍ତି। ପୁଲିସ ମେଡିକାଲରେ ପହଞ୍ଚି ଆହତ ଶମ୍ଭୁଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏ ସମ୍ପର୍କରେ



ଶମ୍ଭୁଙ୍କ ବଡ଼ ଭାଇ ଦେବାଶିଷ ସିଂ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ତେବେ ପ୍ରେମ ବ୍ୟାପାରକୁ ନେଇ ଲାଗି ରହିଥିବା ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଘଟିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏଥିସହ ପୁଲିସ ଅଭିଯୁକ୍ତ ବାଲ୍ମୀକୀକୁ ଅଟକ ରଖି ପଚରାଉଚରା କରୁଥିବା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି।

## ମଦ ଜବତ; ୨ ଗିରଫ

ହୁମ୍ମା,୧୯ ।୭ (ସମିସ): ରମ୍ଭା ଥାନା କୁମୁଣ୍ଡ ଛକ ନିକଟରେ ୧୪୦ ଲିଟର ମଦ ଜବତ କରିବା ସହ ୨ ମଦ ବ୍ୟବସାୟୀଙ୍କୁ ଗିରଫ କରିଛି ରମ୍ଭା ପୁଲିସ। ସେମାନେ ହେଲେ ଖଲ୍ଲିକୋଟ ଥାନା ଅଞ୍ଚଳର ଏନ.ସୌରାପଲ୍ଲୀ ଗ୍ରାମର ବିକ୍ରମ ଶବର ଓ ଜିତୁ ଜାନୀ। ଗତ ଶୁକ୍ରବାର ସନ୍ଧ୍ୟାରେ ରମ୍ଭା ଥାନା ଆଇଆଇସି କୁମାର ମୁଦୁଲିଙ୍କ ନେତୃତ୍ୱରେ ଏଏସଆଇ ଛବିରାଣୀ ନାୟକ, ଏଏସଆଇ ପ୍ରଭାତ ବାଲିକାନା ସଦଳବଳ ବେଆଇନ ମହୁଲି ମଦ ଚାଲାଣ ହେଉଥିବା ଖବର ପାଇ ଚଢ଼ଉ କରିଥିଲେ। ଘଟଣାସ୍ଥଳରୁ ୧୪୦ ଲିଟର ମଦ, ଏକ ନମ୍ବର ବିହୀନ ବାଇକକୁ ଜବତ କରିବା ସହ ଦୁଇ ବ୍ୟବସାୟୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ରମ୍ଭା ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଏଏସଆଇ ପ୍ରଭାତ କୁମାର ବାଲିକାନା ତଦନ୍ତ ଜାରି ରଖିଛନ୍ତି।

## ୪୦ ହଜାର ଟଙ୍କାର ବିଦ୍ୟୁତ୍ ତାର ଚୋରି

ହୁମ୍ମା,୧୯ ।୭ (ସମିସ): ଗଂଜାମ ବିଦ୍ୟୁତ୍ ଡିଭିଜନ୍ ଅଧୀନସ୍ଥ ଖଣ୍ଡିଦେଉଳି ଫିଡର ପଏଣ୍ଟ ଅଧିନ କାଳଚୁଆଗୌରୀ ନିକଟରୁ ୪୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ୧୧କେଭି ବିଦ୍ୟୁତ ତାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ରମ୍ଭା ଥାନାରେ ଗଞ୍ଜାମ ବିଦ୍ୟୁତ ଡିଭିଜନର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସାଗର ପରିଡ଼ା ଲିଖିତ ଅଭିଯୋଗ କରିଛନ୍ତି। କାଳଚୁଆଗୌରୀ ଗ୍ରାମର ସୁବାଷ ନାହାକ ଏହି ତାର ଚୋରି କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ରମ୍ଭା ପୁଲିସ ନଂ.୫୬୪/୨୫ରେ ମାମଲା ରୁଜୁ କରିବା ସହ ରମ୍ଭା ଥାନା ଏସ୍ଆଇ ଅମରକାନ୍ତ ଷଡଙ୍ଗୀ ତଦନ୍ତ ଆରମ୍ଭ କରିଛନ୍ତି।

## ଜିଲ୍ଲାପାଳଙ୍କୁ ସିଆର୍‌ପି ସଂଘର ଦାବିପତ୍ର

ଛତ୍ରପୁର,୧୯ ।୭ (ସମିସ): ସିଆରପି ସିଏମ୍‌ମାନଙ୍କ ବିଭିନ୍ନ ଦାବି ନେଇ ଭାରତୀୟ ମଜଦୂର ସଂଘ ଅନୁବନ୍ଧିତ ଗଞ୍ଜାମ ଜିଲ୍ଲା ସିଆରପି. ସିଏମ ଆସୋସିଏସନ ପକ୍ଷରୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ( ସାଧାରଣ) ଡ଼ଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସିଆରପି.ସିଏମ. ମାନଙ୍କ ପାଇଁ ଇନସେନଟିଭକୁ ବନ୍ଦ କରାଯାଇ ମାସିକ ବେତନ ୧୦ହଜାର ଟଙ୍କା ପ୍ରଦାନ କରାଯାଉ, ଅନଲାଇନ କାର୍ଯ୍ୟ ପାଇଁ ଟାବଲେଟ ମେସିନ ପ୍ରଦାନ କରାଯାଉ, ସିଆରପି. ସିଏମ. ମାନଙ୍କୁ ପରିଚୟପତ୍ର ପ୍ରଦାନ ସହ ମାସିକ ବେତନ ଏକାଉଣ୍ଟ ଜରିଆରେ ପ୍ରଦାନ କରାଯାଉ ଭଳି ବିଭିନ୍ନ ଦାବିରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା ସଭାପତି ନେତ୍ରୀ ପି. ଗାୟତ୍ରୀ, ସମ୍ପାଦିକା ଗାୟିତ୍ରୀ ପ୍ରଧାନ, ବିଏମସିର ଗଞ୍ଜାମ ଜିଲ୍ଲା ସମ୍ପାଦକ ଉମା ଶଙ୍କର ସାହୁଙ୍କ ସମେତ ୨୨ଟି ବ୍ଲକର ସିଆରପି. ସିଏମ ଏବଂ ଲିଡର୍‌ମାନେ ଉପସ୍ଥିତ ଥିଲେ।

## ମତ୍ସ୍ୟଜୀବୀଙ୍କୁ ଜୀବନ ରକ୍ଷାକାରୀ ଉପକରଣ ବଣ୍ଟନ



ଛତ୍ରପୁର,୧୯ ।୭ (ସମିସ): ମତ୍ସ୍ୟ ବିଭାଗ ଓ ସିଫ୍ ନେଟ୍‌ର ମିଳିତ ଆନୁକୂଲ୍ୟରେ ଟାକିରିଆ ବ୍ରହ୍ମପୁର ଠାରେ ତିନିଦିନ ଧରି ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ନିମନ୍ତେ ମାଛଧରା ପୋତ ପରିଚାଳନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶେଷ ଦିନରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ମତ୍ସ୍ୟଜୀବୀଙ୍କୁ ଜୀବନ ରକ୍ଷାକାରୀ ଉପକରଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପ ମତ୍ସ୍ୟ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିସହ ଜିଲ୍ଲା ମତ୍ସ୍ୟ ଅଧିକାରୀ ବିବିଜେ ସାହୁ ଯୋଗଦେଇଥିଲେ। ଅତିରିକ୍ତ ମତ୍ସ୍ୟ ଅଧିକାରୀ(ସାମୁଦ୍ରିକ) ସୁବ୍ରତ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା କରିବା ସହ ସହକାରୀ ମତ୍ସ୍ୟ ଅଧିକାରୀ ପୂଜା ରାଣୀ ସାହୁ, କୁଞ୍ଜ ବିହାରୀ ଦାଶ, ବିଶ୍ୱଭୂଷଣ ଜେନା, ଜେଏଫଟିଏ ଗୀତାରାଣୀ ନାୟକଙ୍କ ସମେତ ସାଗରମିତ୍ରମାନେ ଉପସ୍ଥିତ ଥିଲେ।

## ଅନ୍‌ଲାଇନ୍ ଟ୍ରେଡିଂ ନାଁରେ ୨.୫୫ ଲକ୍ଷ ଠକେଇ

ବ୍ରହ୍ମପୁର,୧୯।୭ (ସମିସ): ଅନ୍‌ଲାଇନ ଟ୍ରେଡିଂ ନାଁରେ ଜଣେ ଯୁବକଙ୍କଠାରୁ ୨ଲକ୍ଷ ୫୫ହଜାର ଠକେଇ ହୋଇଛି। ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ ଇଣ୍ଡିଆ (ସେବି)ରେ ପଞ୍ଜିକୃତ ହୋଇଥିବା ଏକ ସଂସ୍ଥାର ସହଯୋଗୀ ସଂସ୍ଥା ପକ୍ଷରୁ ଏହି ଠକେଇ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ବ୍ରହ୍ମପୁର ସାଇବର ଓ ଅପରାଧ ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନାପ୍ରକାରେ, ବ୍ରହ୍ମପୁର ସିଦ୍ଧାର୍ଥନଗର ଅଞ୍ଚଳରେ ରହୁଥିବା ଜଣେ ଯୁବକଙ୍କ ନିକଟକୁ କିଛି ମାସ ତଳେ ହ୍ୱାଟ୍ସଆପ୍ ଜରିଆରେ ଅନଲାଇନ ଟ୍ରେଡିଂ ପାଇଁ ମେସେଜ ଆସିଥିଲା। ଟି-୨-ଆଇଏନ ନିଫ୍ଟି ଓ ସେନସେକ୍ସ ଟ୍ରେଡର୍ସ ହବ୍ ନାମକ ଏକ ହ୍ୱାଟ୍ସଆପ୍ ଗ୍ରୁପରୁ ଏହି ମେସେଜ ଆସିଥିବା ବେଳେ ଯୁବକ ଜଣଙ୍କ ଉକ୍ତ ମେସେଜ ଦେଖିବା ପରେ ସଂପୃକ୍ତ କମ୍ପାନୀ ବିଷୟରେ ଯାଞ୍ଚ କରିଥିଲେ। ଏହି ପିଭିଲେଜଡ୍ ଟ୍ରେଡିଂ ଗ୍ରୁପଟି ସେବି ଦ୍ୱାରା ପଞ୍ଜିକୃତ ଇଣ୍ଡିଆ ମନି ପ୍ରାଇଭେଟ ଲିମଟେଡ ନାମକ ଏକ କମ୍ପାନୀର ସହଯୋଗୀ ସଂସ୍ଥା ବୋଲି ସେ ଜାଣିବା ପରେ ସେଥିରେ ଇନଭେଷ୍ଟ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ତେବେ ଗ୍ରୁପ୍ ଆଡମିନ୍ ଥିବା ଶୈଳଜା ପାଇକ ନାମକ ଜଣେ ମହିଳା ଅଭିଯୋଗକାରୀ ଯୁବକଙ୍କ ସହ ବ୍ୟକ୍ତିଗତ ଚାଟିଂ କରି ଅନ୍‌ଲାଇନ୍‌ରେ ଇନଭେଷ୍ଟ କରି ମୋଟା ଅଙ୍କର କମିଶନ ହାସଲ କରିବାକୁ ପ୍ରବର୍ତ୍ତାଇଥିଲେ। ତାଙ୍କ କଥାରେ ପଡି ଯୁବକ ଜଣଙ୍କ ଏକ ପ୍ରିଭିଲେଜଡ୍ ଟ୍ରେଡିଂ ଆକାଉଣ୍ଟ ଖୋଲିଥିଲେ। ଏହି ଟ୍ରେଡିଂ ଗ୍ରୁପର ଆକାଉଣ୍ଟସ ମ୍ୟାନେଜର ରାଘବ ଶର୍ମା ତାଙ୍କୁ ମହିଳା ଜଣଙ୍କ ବିଭିନ୍ନ କମ୍ପାନୀର ଆଇପିଓ, ୟୁସି ଷ୍ଟକ୍ ଓ ବ୍ଲକ୍ ଷ୍ଟକ୍ ବିଷୟରେ ବୁଝାଇଥିଲେ। କମ୍ପାନୀର ସମସ୍ତ ଦିଗକୁ ଯାଞ୍ଚ କରିବା ପରେ ଏହା ବିଧିବଧ ଅନଲାଇନ ଟ୍ରେଡିଂ ସଂସ୍ଥା ଓ ସେବି ଦ୍ୱାରା ପଞ୍ଜିକୃତ ବୋଲି ଯୁବକ ଜଣଙ୍କ ହୃଦବୋଧ କରି ପ୍ରାଥମିକ ପର୍ଯ୍ୟାୟରେ ୪୦ ହଜାର ଟଙ୍କା ଜମା କରିଥିଲେ। ଏହି ୪୦ ହଜାର ଟଙ୍କା ତାଙ୍କ ନାମରେ ଖୋଲା ଯାଇଥିବା ଟ୍ରେଡିଂ ଆକାଉଣ୍ଟରେ ପ୍ରଦର୍ଶିତ ହୋଇଥିଲା। ସେ ଯେଉଁ କମ୍ପାନୀର ଷ୍ଟକ କିଣିଥିଲେ ଉକ୍ତ ଷ୍ଟକ ମୂଲ୍ୟ କମ ବେଶୀ ହେଲେ ଯୁବକ ଜଣଙ୍କ ଇନଭେଷ୍ଟ କରିଥିବା ଟଙ୍କା ମଧ କମ ବେଶୀ ହେଉଥିଲା। ପରେ ଏକାଧିକ ପର୍ଯ୍ୟାୟରେ ମୋଟ ୨ଲକ୍ଷ ୫୫ହଜାର ଟଙ୍କା ଇନଭେଷ୍ଟ କରିଥିଲେ। ସେ ମାସାଧିକ କାଳ ଟ୍ରେଡିଂ ମଧ କରିଥିଲେ। ଏହା ଭିତରେ ଟି-୨-ଆଇଏନ ନିଫ୍ଟି ଓ ସେନସେକ୍ସ ଟ୍ରେଡର୍ସ ହବ୍ ଗ୍ରୁପର ନାଁ ବଦଳି ଯାଇ ଟି-ଭିଆଇପି-୧ ଆଇଏନ୍ ଇନଣ୍ଟରନାଳ ଟ୍ରେଡିଂ ହୋଇଯାଇଥିଲା। ତେବେ କିଛି ଦିନ ଟ୍ରେଡିଂ କରିବା ପରେ ଯୁବକ ଜଣଙ୍କ ଯେତେବେଳେ ନିଜ ଷ୍ଟକ ବିକ୍ରି କରି ଟଙ୍କା ଉଠାଇବାକୁ ଚାହିଁଥିଲେ ତାହା ସମ୍ଭବ ହୋଇନଥିଲା। ଏପରିକି ତାଙ୍କୁ ଅଧିକରୁ ଅଧିକ ଟଙ୍କା ଇନଭେଷ୍ଟ କରିବାକୁ କୁହାଯାଇଥିଲା। ଏହାପରେ ଯୁବକ ଜଣଙ୍କ କମ୍ପାନୀର କର୍ମଚାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିବା ବେଳେ ତାହା ସମ୍ଭବ ହୋଇନଥିଲା। ତାଙ୍କ ନାମରେ ଖୋଲା ଯାଇଥିବା ଟ୍ରେଡିଂ ଆକାଉଣ୍ଟ ମଧ ଅଚଳ ହୋଇଯାଇଥିଲା। ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ଯୁବକ ଜଣଙ୍କ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିବା ଜଣାପଡିଛି।

## ଶିଶୁ ମନ୍ଦିରରେ ୧୦୮ ହନୁମାନ ଚାଲିଶା

ଛତ୍ରପୁର,୧୯ ।୭ (ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୧୦୮ ହନୁମାନ ଚାଲିଶା ପାରାୟଣ ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶଙ୍କ ପୌରହିତରେ ସଂସ୍କୃତ ପଣ୍ଡିତ ମନୋରଞ୍ଜନ ଦାଶ ଓ କୈଳାଶ ଚନ୍ଦ୍ର ଶତପଥି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସନା ଅନୁରାଗ ଚୈତନ୍ୟ, ସହରର ମାନ୍ୟଗଣ୍ୟ ବ୍ୟକ୍ତି ଆଡଭୋକେଟ ପ୍ରଦୀପ କୁମାର ପାଢ଼ୀ, ଗଙ୍ଗାଧର ପଣ୍ଡା, ଉମାକାନ୍ତ ତ୍ରିପାଠୀ, ଡଃ ଅଜୟ ତ୍ରିପାଠୀ, ବୁଦ୍ଧିଜୀବୀ, ଶୁଭେଚ୍ଛୁ, ସାମ୍ବାଦିକ, ଅଭିଭାବକ ମାନେ ଯୋଗ ଦେଇଥିଲେ। ପରିଚାଳନା ସମିତିର ସମ୍ପାଦକ ସନ୍ତୋଷ କୁମାର ସାହୁଙ୍କ ସମେତ ସଦସ୍ୟ ରାମପ୍ରସାଦ ରାଓ ଓ ମାତୃଭାରତୀର ସଦସ୍ୟମାନେ ସହଯୋଗ କରିଥିଲେ।

## ମାସିକ କ୍ଲଷ୍ଟର୍‌ସ୍ତରୀୟ ବୈଠକ




ବେଲଗୁଣ୍ଠା,୧୯ ।୭ (ସମିସ): ବେଲଗୁଣ୍ଠା ବ୍ଲକ୍‌ର ସମସ୍ତ ୧୧ଟି ଆଞ୍ଚଳିକ ସାଧନ କେନ୍ଦ୍ରରେ ସିଆରସିସି ମାନଙ୍କ ଅଧ୍ୟକ୍ଷତାରେ ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀ ଏବଂ ଏଫ୍. ଏଲ୍.ଏନ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ପ୍ରଥମ ମାସିକ କ୍ଲଷ୍ଟର୍‌ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗାଙ୍ଗପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମୃତ୍ୟୁଞ୍ଜୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଶିକ୍ଷକ ଶିବରାମ ବେହେରା ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ବେହେରା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଚରିତା ଗୌଡ଼, ଶାନ୍ତିଲତା ବେହେରା, ପ୍ରଧାନ ଶିକ୍ଷକ ଶିବରାମ ବେହେରା, ଗଙ୍ଗାଧର ସ୍ୱାଇଁ, ଲିଙ୍ଗରାଜ ସେଠୀ, ଶିଶିର କୁମାର ସ୍ୱାଇଁ,ଏଫ୍‌ଏଲ୍‌ଏନ୍ ଶିକ୍ଷକ ପରମାନନ୍ଦ ନାୟକ, ଦାଶରଥି ସେଠୀ, କାର୍ତ୍ତିକ ସେଠୀ, ଶିକ୍ଷୟିତ୍ରୀ ତୁଳସୀ ସ୍ୱାଇଁ, ସାନୁଜା ନାୟକ, ସିପ୍ରାସିନ୍ଧୁ ସ୍ୱାଇଁ, ଶୁଭଶ୍ରୀ ପଣ୍ଡା, ମିନି ସେଠୀ, ସ୍ମିତା ନାୟକ, ଦୀପା ପ୍ରଧାନ, କାଜଲ୍ ପ୍ରଧାନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ବିଦ୍ୟାଳୟ ସ୍ତରରେ ଶିଶୁ ବାଟିକା, ବିଦ୍ୟା ପ୍ରବେଶ, ଜୁଲାଇ ମାସର ଶୈକ୍ଷିକ କ୍ୟାଲେଣ୍ଡର୍, ବିଦ୍ୟାଳୟର ସମୟ ନିର୍ଘଣ୍ଟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ରଥ, ଏବିଇଓ ଗୋବିନ୍ଦ ଚନ୍ଦ୍ର ପାଢୀ, ପ୍ରତିଭା ରଥ ପ୍ରମୁଖ ବିଭିନ୍ନ କ୍ଲଷ୍ଟର୍ ପରିଦର୍ଶନ କରି ବୈଠକର ତଦାରଖ କରିଥିଲେ।

ବ୍ରହ୍ମପୁର ପୁଲିସ ଜିଲ୍ଲାର ଅପରାଧ ସମୀକ୍ଷା

## ପୁରୁଣା ମାମଲା ଶୀଘ୍ର ସାରିବାକୁ ନିର୍ଦ୍ଦେଶ

ବ୍ରହ୍ମପୁର,୧୯।୭ (ସମିସ): ବ୍ରହ୍ମପୁର ଏସ୍‌ପି ଡ଼ା. ସର୍ବଣା ବିବେକ ଏମଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏସ୍‌ପି ବହୁଦିନ ଧରି ପଡ଼ି ରହିଥିବା ପୁରୁଣା ମାମଲା ଗୁଡିକର ସ୍ଥିତି ବିଷୟରେ ଉପସ୍ଥିତ ଥାନା ଅଧିକାରୀଙ୍କୁ ପଚାରି ବୁଝିଥିଲେ। ପେଣ୍ଡିଂ ମାମଲା ଗୁଡ଼ିକର ତଦନ୍ତ ଶେଷ କରିବାକୁ ଏସ୍‌ପି ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ନିଖୋଜ, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ମାମଲା ଆସିଲେ ଗୁରୁତର ସହ ଗ୍ରହଣ କରିବାକୁ ସେ ଆଦେଶ ଦେଇଥିଲେ। ବିଶେଷ କରି ନିଖୋଜଙ୍କୁ ଖୋଜିବା ଦିଗରେ ପୁଲିସ ଅଧିକ ତତ୍ପରତା ପ୍ରକାଶ କରିବା ସହ ଟ୍ରାକିଂ କରୁଥିବା ଟିମ୍ ଅଧିକ କ୍ରିୟାଶୀଳ ହେବାକୁ ଏସପି ଗୁରୁତ୍ୱ ଦେଇଥିଲେ। କିଛି ମାସ ହେବ ବ୍ରହ୍ମପୁର ସହର ଓ ଉପକଣ୍ଠରେ ଉପରୋକ୍ତ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ଏଣୁ ସମସ୍ତ ଥାନା ଇଲାକାରେ କଡ଼ାକଡ଼ି ପାଟ୍ରୋଲିଂ ସହ ଅପରାଧିକ କାର୍ଯ୍ୟକଳାପ ଗୁଡ଼ିକ ପୁଲିସ ନଜର ରଖି ଏଗୁଡ଼ିକ ବନ୍ଦ କରିବା ଦିଗରେ ଯତ୍ନବାନ ହେବାକୁ ବୈଠକରେ ଜୋର ଦିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ସୀମା ସ୍ୱାଇଁ, କୈଳାସଚନ୍ଦ୍ର ବୁରୁଦାଙ୍କ ସମେତ ସମସ୍ତ ଏସଡ଼ିପିଓ, ଡ଼ିଏସପି ଓ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗଞ୍ଜାମ କଲେଜ ଦ୍ୱାରା ଏମ୍‌ଓୟୁ ସ୍ୱାକ୍ଷରିତ



ଗଞ୍ଜାମ,୧୯ ।୭ (ସମିସ): ଶିଳ୍ପ-ଅନୁଷ୍ଠାନର ମିଳିତ ଉଦ୍ୟମକୁ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଏକ ସ୍ୱୟଂଶାସିତ ସଂସ୍ଥା ବିଓପିଟି (ପୂର୍ବାଞ୍ଚଳ) କୋଲକାତା ସହିତ ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ କରିଛି ଗଞ୍ଜାମ ମହାବିଦ୍ୟାଳୟ। ଗଞ୍ଜାମ କଲେଜ ଅଧ୍ୟକ୍ଷା ଡ଼ଃ ସ୍ମରଣିକା ହୋତାଙ୍କ ତତ୍ତ୍ୱାବଧାନ ସହ ବାଣିଜ୍ୟ ବିଭାଗ ମୁଖ୍ୟ ପୁରୁଷୋତ୍ତମ ପାତ୍ର, ସୁମନ ସେଠୀ ଓ ଜଗଦୀଶ ପାଢ଼ୀଙ୍କ ସହଯୋଗରେ ସଫଳ ହୋଇଛି। ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାନବିଶ ସମୟର ପ୍ରଶିକ୍ଷଣକୁ ପ୍ରୋତ୍ସାହନ ଦେବା ଭାରତ ସରକାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଯାହାର ଫଳସ୍ୱରୂପ ଗଞ୍ଜାମ ମହାବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷା ବର୍ଷର ବାଣିଜ୍ୟ ଶିକ୍ଷାର୍ଥୀଙ୍କ ଠାରୁ ଆରମ୍ଭ ହୋଇଛି। ବାଣିଜ୍ୟରେ ସ୍ନାତକର ତୃତୀୟ ବର୍ଷରେ ଉପରୋକ୍ତ ଶିକ୍ଷାନବିସ ପ୍ରଶିକ୍ଷଣ ପାଇଁ ସରକାରଙ୍କ ତରଫରୁ ମାସିକ ସର୍ବନିମ୍ନ ନଅ ହଜାର ଟଙ୍କା ବିଦ୍ୟାର୍ଥୀ ପାଇବେ। ବ୍ରହ୍ମପୁର ବିଶ୍ୱବଦ୍ୟାଳୟ ଅଧିନରେ ଥିବା ମାତ୍ର ୫ଟି ମହାବିଦ୍ୟାଳୟ ମଧ୍ୟରେ ଗଞ୍ଜାମ ମହାବିଦ୍ୟାଳୟ ସ୍ଥାନିତ। ନିର୍ଦ୍ଦେଶକ ଉଚ୍ଚଶିକ୍ଷା ବିଭାଗ କାଳୀପ୍ରସନ୍ନ ମହାପାତ୍ର ମଧ ଆଭାସୀ ମାଧ୍ୟମରେ ଆଲୋଚନା କରିଛନ୍ତି।

ବିଳମ୍ବିତ ରାତିରେ ମଇଁଷି କିଣିବାକୁ ବୁଲୁଥିଲେ

# ବଟି ମାଗି ବିଫଳ ପରେ ଆକ୍ରମଣ; ୩ ବେପାରୀ ଗୁରୁତର

ହୁମ୍ମା,୧୯ ।୭ (ସମିସ):

ନୂତନ ପୋଡ଼ମପେଟା ଗ୍ରାମରେ ସ୍ଥାନୀୟ ଲୋକଙ୍କ ଆକ୍ରମଣରେ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରମାନେ ହେଲେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅଞ୍ଚଳ ବଡ଼ଅଁଳ ଗ୍ରାମର ବିଦେଶୀ ବିଶ୍ୱାଳ(୪୦), ମନୋଜ ପାହାନ ଓ ଗୋପବନ୍ଧୁ ପାହାନ। ସେମାନେ ମଇଁଷି କିଣିବାକୁ ଆସିଥିବାବେଳେ ଦୁର୍ବୃତ୍ତମାନେ ବଟି ମାଗି ବିଫଳ ହେବାରୁ ଏପରି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଗତ ଗୁରୁବାର ରାତି ପ୍ରାୟ ୨ଟା ବେଳେ ବିଦେଶୀ ଓ ତାଙ୍କ ବନ୍ଧୁ ପୁରୀ ଜିଲ୍ଲା କୃଷ୍ଣପ୍ରସାଦଗଡ଼ର ଅର୍ଜୁନ ପାହାନ, ମନୋଜ ପାହାନ, ଗୋପବନ୍ଧୁ ପାହାନ, ଗୋଳନ୍ଥରା ଥାନା ଅଞ୍ଚଳ ମଦନମୋହନପୁର ଗ୍ରାମର ଡ଼ି. ରାଜୁ, ଟି.ନାରାସୁମୁଲୁ, ଜି.ଭାଗିରଥିଙ୍କ ପାଇଁ ମଇଁଷି କିଣିବାକୁ ହୁମ୍ମା ଅଞ୍ଚଳ ନୂଆ ପୋଡ଼ମପେଟା ଗ୍ରାମରେ ବୁଲୁଥିଲେ। ରାତି ଦୁଇଟା ହୋଇଥିବାରୁ ସେମାନଙ୍କୁ ଚୋର ଭାବି ନୂତନ ପୋଡ଼ମପେଟା ଗ୍ରାମର ୮ ଜଣ ବ୍ୟକ୍ତି ଅଟକାଇ ଦେଢ଼ ଲକ୍ଷ ଟଙ୍କା ବଟି ମାଗିଥିଲେ। କିନ୍ତୁ ଟଙ୍କା ଦେବାକୁ ଅଭିଯୋଗକାରୀ ମନା କରିବାରୁ ହଠାତ୍ ସେମାନଙ୍କୁ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ମନୋଜ, ଗୋପବନ୍ଧୁ, ବିଦେଶୀ ଗୁରୁତର ଆହତ ହୋଇଛନ୍ତି। ଜୀବନ ବଞ୍ଚାଇବାକୁ ଉଦ୍ୟମ କରିବାକୁ ଯାଇ ଚିତ୍କାର କରିବାରୁ ଘଟଣାସ୍ଥଳରୁ ଆକ୍ରମଣକାରୀମାନେ ଫେରାର ହୋଇଯାଇଥିଲେ। ଚିକିତ୍ସା ପରେ ବିଦେଶୀ ବିଶ୍ୱାଳ ରମ୍ଭା ଥାନା ହୁମ୍ମା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପୁଲିସ ନଂ.୫୬୩/୨୫ରେ ମାମଲା ରୁଜୁ କରିଛି। ହୁମ୍ମା ଫାଣ୍ଡି ଅଧିକାରୀ ଶୁଭ୍ରଜିତ ସାମନ୍ତରାୟ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ରମ୍ଭା,୧୯ ।୭ (ସମିସ): କନକା କ୍ଲଷ୍ଟର ଅଧୀନସ୍ଥ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୋଦା କୁମାରୀ ପାଟ୍ଟଶାଣୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରା ଉଦଘାଟନ କରିଥିବାବେଳେ ପିତାଗାଡିଆ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମିଶ୍ର ଦୀପ ମନ୍ତ୍ର ଉଚ୍ଚାରଣ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ନାୟକ ମୁଖ୍ୟ ଅତିଥି, କନକା କ୍ଲଷ୍ଟରର ସିଆର୍‌ସିସି ଡକ୍ଟର ଦ୍ୱାରିକାନାଥ ମହାରଣା ମୁଖ୍ୟବକ୍ତା, କଞ୍ଚଣା କ୍ଲଷ୍ଟରର ସିଆର୍‌ସିସି ପବିତ୍ର କୁମାର ବେହେରା, କୈରାଶି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟରାମ ପ୍ରଧାନ, ଦଳିବାଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ପଣ୍ଡା, ପାନନୂଆ ଗାଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଡିମିରିଆ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲଳିତା ଶବର, ପିତାଗାଡିଆ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରଥ କୁମାର ଦାସ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆଶିଷ କୁମାର ପାଢ଼ୀ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୋଦା କୁମାରୀ ପାଟ୍ଟଶାଣୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ଶିକ୍ଷକ ସୁଶାନ୍ତ କୁମାର ପଲେଇ, ତ୍ରିନାଥ ସ୍ୱାଇଁ, ନିରଞ୍ଜନ ଜାଲି, ତପନ କୁମାର ଗୌଡ଼, ବୁଲୁ ପ୍ରଧାନ, ଦୀପକ କୁମାର ସେଠୀ, ସହକାରୀ ଶିକ୍ଷୟିତ୍ରୀ ସୋନାଲି ପାହାନ୍ତା ସିଂ, ଆରାଧନା ସାହୁ, କିରାଣୀ ଶର୍ମିଷ୍ଠା ପ୍ରଧାନଙ୍କ ସହିତ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା, ଅଭିଭାବକ ମାନେ ଉପସ୍ଥିତ ଥିଲେ।

## ଦୋକାନୀକୁ ଖଣ୍ଡାରେ ହାଣିବା ଘଟଣା; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୧୯।୭ (ସମିସ): ସଦର ଥାନା ଅନ୍ତର୍ଗତ ଲାଠି ଗ୍ରାମ ତଳ ସାହି ନିକଟ ଶଙ୍ଖଠାରେ ଦୋକାନୀ ଗଙ୍ଗାଧର ପଣ୍ଡାକୁ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଲାଠି ପାଢ଼ୀ ସାହିର ସୀମାଞ୍ଚଳ ବିଷୋୟୀ ଓରଫ ଜଡ଼ା(୩୯)। ତାଙ୍କ ନିକଟରୁ ଏକ ଖଣ୍ଡା ଜବତ କରିଛି ପୁଲିସ। ଗଙ୍ଗାଧର ଲାଠି ଗ୍ରାମରେ କୀଟନାସକ ଔଷଧ ଦୋକାନ କରିଛନ୍ତି। ଗତ ୨ମାସ ପୂର୍ବେ ଅଭିଯୁକ୍ତ ସୀମାଞ୍ଚଳ ଗଙ୍ଗାଙ୍କ ଦୋକାନ ନିକଟକୁ ଆସି କହିଥିଲେ କି ତାଙ୍କ ଭାଇ ମେହଙ୍କାଲ ବିଷୋୟୀ ମାନସିକ ଚିନ୍ତାରେ ରହୁଛି। କେତେବେଳେ ଆତ୍ମହତ୍ୟା କରିଦେବ। ଭାଇ ଯଦି ଦୋକାନକୁ ଆସିବ ତେବେ କିଛି କୀଟନାଶକ ଔଷଧ ଦେବ ନାହିଁ। ମାତ୍ର ତାଙ୍କ ଭାଇ ବାରମ୍ବାର ଆସିବାରୁ ଗଙ୍ଗାଧର କୀଟନାଶକ ଔଷଧ ଦେଇଥିଲେ ଯାହାକୁ ଖାଇ ସେ ଆତ୍ମହତ୍ୟା କରିଥିଲେ। ଭାଇର ଆତ୍ମହତ୍ୟା ପରଠାରୁ ସୀମାଞ୍ଚଳ ଗଙ୍ଗାକୁ ମାରିବାକୁ ଯୋଜନା କରୁଥିଲେ। ଶନିବାର ରାତିରେ ଗଙ୍ଗା ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ସୀମାଞ୍ଚଳ ପଛପଟୁ ଖଣ୍ଡାରେ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ଓ ଗଙ୍ଗାଙ୍କ ପରିବାର ଲୋକେ ଉଦ୍ଧାର ତାଙ୍କୁ କରି ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଖବର ପାଇ ପୁଲିସ ପହଞ୍ଚି ତଦନ୍ତ କରିବା ସହ ମେଡ଼ିକାଲରେ ଆହତ ଗଙ୍ଗାଙ୍କ ବୟାନ ରେକର୍ଡ କରିଥିଲା। ଘଟଣାକୁ ନେଇ ଗଙ୍ଗାଙ୍କ ପୁଅ ଅଂଶୁମାନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ସୀମାଞ୍ଚଳ ବିଷୋୟୀକୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ରାମ ସୁବ୍ରମନିୟମ୍ ପ୍ରଧାନ ସୂଚନା ଦେଇଛନ୍ତି।

ସକାଳ
THE SAKALA



## ଟ୍ରକ୍‌କୁ ପିଟିଲା ଯାତ୍ରୀବାହୀ ବସ୍; ୩୦ ଯାତ୍ରୀ ଆହତ



**ବସ୍ତା ବ୍ଲକ/ରାଜଘାଟ, ୧୯।୭ (ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥର ଗୁଡ଼ିଖାଳ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ୩୦ରୁ ଅଧିକ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଭୁବନେଶ୍ୱରରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଦାସ ଆଣ୍ଡ ଦାସ ନାମକ ଏକ ବସ୍‌ଟି ରାତି ପ୍ରାୟ ୧ଟାରେ ରାସ୍ତାକଡ଼ରେ ଥୁଆ ହୋଇଥିବା ଏକ କୋଇଲା ବୋଝେଇ ଟ୍ରକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ରାଜପଥ ପାଟ୍ରୋଲିଂ କର୍ମଚାରୀ, ରାଜପଥ ପୁଲିସ ପହଞ୍ଚି ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ବସ୍‌ରେ ୬୦ରୁ ଅଧିକ ଯାତ୍ରୀ ଥିବା ବେଳେ ସମସ୍ତେ ଆହତ ହୋଇଥିଲେ। ହସ୍ପିଟାଲରେ ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତର କରି ଦିଆଯାଇଥିଲା। ଉଦ୍ଧାର କାର୍ଯ୍ୟରେ ୪ଟି ୧୦୮ ଆମ୍ବୁଲାନ୍ସ, ଗୋଟିଏ ରାଜପଥ ଆମ୍ବୁଲାନ୍ସ ସହ ତିନୋଟି ପ୍ରାଇଭେଟ୍ ଆମ୍ବୁଲାନ୍ସ ଯୋଗେ ପୁଲିସ କର୍ମଚାରୀଙ୍କ ସହଯୋଗରେ ସମସ୍ତ ଯାତ୍ରୀଙ୍କୁ ମେଡିକାଲ ପଠାଯାଇଥିଲା। ଦୁର୍ଘଟଣା ଘଟିଥିବା ଦୁଇଟି ଗାଡ଼ିକୁ ପୁଲିସ ଅଟକ ରଖି ତଦନ୍ତ ଜାରି ରଖିଛି।

### ବଳଙ୍ଗାରେ ନାବାଳିକାଙ୍କୁ ଜିଅନ୍ତା ଜାଳିଦେବା ଉଦ୍ୟମ

# ରାଜ୍ୟରେ ମହିଳା ଓ ଛାତ୍ରୀ ଅସୁରକ୍ଷିତ: ବିଜେଡି

■ ପୀଡ଼ିତାଙ୍କୁ ତୁରନ୍ତ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଉ
■ ସପ୍ତାହ ନପୂରୁଣୁ ଛାତ୍ରୀଙ୍କ ବିରୋଧରେ ଦ୍ୱିତୀୟ ହିଂସା

**ଭୁବନେଶ୍ୱର, ୧୯।୭(ସମିସ):** ବାଲେଶ୍ୱର ଛାତ୍ରୀ ଆତ୍ମଦାହ ଘଟଣାର କିଛି ଦିନ ଭିତରେ ଆଜି ପିପିଲି ନିକଟବର୍ତ୍ତୀ ବଳଙ୍ଗାଠାରେ ଜଣେ ନାବାଳିକାକୁ ତିନିଜଣ ଦୁର୍ବୃତ୍ତ କିରୋସିନି ଢାଳି ଜିଅନ୍ତା ଜାଳି ଦେବାକୁ ଉଦ୍ୟମ କରିଛନ୍ତି। ଏହା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଓ ମହିଳା ଅସୁରକ୍ଷିତ ସ୍ଥିତିକୁ ଦର୍ଶାଉଛି ବୋଲି ବିଜୁ ଜନତା ଦଳ କହିଛି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଟୁକୁନି ସାହୁ ଓ ଭୁବନେଶ୍ୱର ମେୟର ସୁଲୋଚନା ଦାସ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଶ୍ରୀମତୀ ସାହୁ କହିଲେ, ରାଜଧାନୀଠାରୁ ମାତ୍ର ୫୦ କିମି ଦୂର ଓ ବଳଙ୍ଗା ଥାନାଠାରୁ ମାତ୍ର ୧ କିମି ଦୂରରେ ସ୍ପଷ୍ଟ ଦିବାଲୋକରେ ଜଣେ ନାବାଳିକାକୁ ରାସ୍ତାରୁ ଉଠାଇ ନେଇ ତିନିଜଣ ଦୁର୍ବୃତ୍ତ କିରୋସିନି ଢାଳି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଛନ୍ତି। ଗତ ଶନିବାର ବାଲେଶ୍ୱର ଏଫଏମ କଲେଜରେ ଛାତ୍ରୀ ଆତ୍ମାହୁତି ଘଟଣା ମନରୁ ଲିଭିନଥିବା ବେଳେ ଆଜି ବଳାଙ୍ଗାରେ ଜଣେ ନାବାଳିକାଙ୍କୁ ଜିଅନ୍ତା ଜାଳି ହତ୍ୟା ଉଦ୍ୟମ କରାଯାଇଛି। ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଥିବାର ଏହା ହେଉଛି ସଦ୍ୟତମ ନମୁନା। ରାଜ୍ୟରେ ମହିଳାମାନଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଡବଲ ଇଂଜିନ ସରକାର ଡବଲ ବିକାଶ ସହିତ ମା' ମାନଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନ କରିବେ ବୋଲି କହିଥିଲେ। କିନ୍ତୁ ଆଜି ଝିଅଟିଏ ଘରୁ ବାହାରିଲେ, ସୁରକ୍ଷିତ ଫେରିବ କି ନାହିଁ ସେ ଓ ତା' ପରିବାର ଭିତରେ ସଂଶୟ ସୃଷ୍ଟି ହେଉଛି।

ଶ୍ରୀମତୀ ଦାସ କହିଥିଲେ, ପୁଣି ଥରେ ସେଇ ଛାତି ଥରା ଦୃଶ୍ୟ। ବର୍ତ୍ତମାନ ପୀଡ଼ିତା ନାବାଳିକା



ଛାତ୍ରୀ ଜଣଙ୍କ ଗୁରୁତର ଅବସ୍ଥାରେ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଦେହ ପ୍ରାୟ ୭୦ରୁ ୭୫ ପ୍ରତିଶତ ପୋଡି ଯାଇଛି ବୋଲି ଏମ୍ସ ତରଫରୁ ସୂଚନା ଦିଆଯାଇଛି। ତାଙ୍କୁ ତୁରନ୍ତ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଉ। ଏହି ଅପରାଧରେ ସମ୍ପୃକ୍ତ ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ପୂର୍ବରୁ ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ଘଟଣା, ବହୁ ଚର୍ଚ୍ଚିତ ଏଫ୍ଏମ କଲେଜ ଆତ୍ମାହୁତି ଘଟଣା ପରେ ଆଜିର ଏହି ବର୍ବରୋଚିତ କାଣ୍ଡ ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଗତ ବର୍ଷକ ଭିତରେ ବିଜେପି ଶାସନରେ ନାରୀ ଓ ଛାତ୍ରୀ ନିର୍ଯାତନା ଅହେତୁକ ବୃଦ୍ଧି ପାଇଛି। ଗୋଟିଏ ପରେ ଗୋଟିଏ ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଲୋକଲୋଚନକୁ ଆସୁଥିବା ବେଳେ ସରକାରଙ୍କର ଦୃଢ କାର୍ଯ୍ୟାନୁଷ୍ଠାନ ଅଭାବରୁ ଅପରାଧୀମାନଙ୍କର ମନୋବଳ ବୃଦ୍ଧି ପାଉଛି। ଏ ସରକାରରେ ଅପରାଧୀମାନେ ଖୁଲମଖୁଲା ସାହାସ କରି ନାରୀ ଓ ଛାତ୍ରୀମାନଙ୍କ ବିରୋଧରେ ଅପରାଧିକ କାର୍ଯ୍ୟ ଘଟାଇ ଚାଲିଛନ୍ତି। ସରକାରଙ୍କ ନିଦ୍ରାଭଙ୍ଗ ହେଉ ଏବଂ ତୁରନ୍ତ ବିହିତ ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି।

# ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟରେ ଛାତ୍ରୀଙ୍କ ସୁରକ୍ଷା ଚିନ୍ତା

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା: ଆରମ୍ଭ ହେବ ଶକ୍ତିଶ୍ରୀ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୯।୭(ସମିସ):** ରାଜ୍ୟରେ ମହିଳା ଏବଂ ଶିଶୁ ବିରୋଧୀ ହିଂସା କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବେଳେ ଦୈନିକ ମହିଳାଙ୍କୁ ନେଇ ଅପରାଧ ସରକାରଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି। ମହିଳା ବିରୋଧୀ ହିଂସାକୁ ନେଇ ସରକାର ଚାରିଆଡୁ ଷଣ୍ଢଆସୀ ଆକ୍ରମଣର ଶିକାର ହେଉଥିବା ବେଳେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଶକ୍ତିଶ୍ରୀ କାର୍ଯ୍ୟକ୍ରମ' ସମ୍ପର୍କରେ ଘୋଷଣା କରିଛନ୍ତି। ରାଜ୍ୟବ୍ୟାପୀ କଲେଜ ଓ ବିଶ୍ୱବିଦ୍ୟାଳୟ ପରି ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକରେ ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ମାନଙ୍କରେ ଏହି ଯୋଜନା କାର୍ଯ୍ୟକାରୀ ହେବ ବୋଲି ମୁଖମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶକ୍ତିଶ୍ରୀ କାର୍ଯ୍ୟକ୍ରମର ୮ ଗୋଟି ପ୍ରମୁଖ ଦିଗ ରହିଛି। ତନ୍ମଧ୍ୟରୁ ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଏକ ସ୍ଥାୟୀ ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର ସ୍ଥାପନ କରାଯିବ ଯାହା ଛାତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହେବ। ଏହି କେନ୍ଦ୍ରରେ ଜଣେ ଛାତ୍ରୀ 'ଶକ୍ତିଶ୍ରୀ ସାଥୀ' ଓ ଜଣେ ଅଧ୍ୟାପିକା 'ଶକ୍ତିଶ୍ରୀ ସଂଯୋଜିକା' ଭାବରେ ଉକ୍ତ କେନ୍ଦ୍ରର ପରିଚାଳନା କରିବେ। ଏହା ସହିତ ଜିଲ୍ଲାପାଳଙ୍କ ଦ୍ୱାରା ମନୋନୀତ ହୋଇଥିବା ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା "ଶକ୍ତି ଅପା' ଭାବରେ କାର୍ଯ୍ୟ କରିବେ। ଏହି ଶକ୍ତି ଅପାମାନେ ପ୍ରତି ୩ ମାସରେ ଥରେ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବେ ଏବଂ ଛାତ୍ରୀମାନଙ୍କ ପାଇଁ ମେଣ୍ଟର ଭଳି କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶକ୍ତିଶ୍ରୀ ମୋବାଇଲ ଆପ୍ ନାମରେ ଏକ ନୂତନ ମୋବାଇଲ ଆପ୍ କାର୍ଯ୍ୟକାରୀ ହେବ। କ୍ୟାମ୍ପସରେ ଛାତ୍ରୀମାନଙ୍କର ସୁରକ୍ଷାକୁ

■ ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସ୍ଥାପନ ହେବ ସ୍ଥାୟୀ ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର
■ କାର୍ଯ୍ୟକାରୀ ହେବ ଶକ୍ତିଶ୍ରୀ ମୋବାଇଲ ଆପ୍
■ ମହିଳା ସଶକ୍ତୀକରଣ ପାଇଁ ଆରମ୍ଭ ହେବ 'ସେଫ୍' କ୍ୟାମ୍ପେନ

ସୁନିଶ୍ଚିତ କରିବାରେ ଏହା ସହାୟକ ହେବ। ସେହିପରି ଯଦି କୌଣସି ଛାତ୍ରୀ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତେବେ ସେ ନିଜର ପରିଚୟକୁ ଗୋପନୀୟ ରଖି ନିଜର ଅଭିଯୋଗକୁ ଉକ୍ତ ଆପ୍‌ରେ ପଞ୍ଜିକୃତ କରିପାରିବେ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ ଲାଗୁ ହେବ। ଏହା ମାଧ୍ୟମରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଏକ ବାର୍ଷିକ ଅନଲାଇନ୍ ଟ୍ରେନିଙ୍ଗ ମଡ୍ୟୁଲକୁ ସମ୍ପୂର୍ଣ୍ଣ କରିବେ, ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ମହିଳା ସୁରକ୍ଷା, ଲିଙ୍ଗଗତ ସମ୍ବେଦନଶୀଳତା ସମ୍ବନ୍ଧରେ ସଚେତନତା ବୃଦ୍ଧି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅପରପକ୍ଷେ ଲିଙ୍ଗଗତ ସମାନତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଏବଂ ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ସେଫ୍ ନାମକ ଏକ କ୍ୟାମ୍ପେନ୍‌ର ଆୟୋଜନ କରାଯିବ। ଏହି କ୍ୟାମ୍ପେନ୍ ମାଧ୍ୟମରେ ବାର୍ଷିକ ଦୁଇ ଥର ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର, ମହିଳାଙ୍କ ସୁରକ୍ଷା ଓ ଅଧିକାର ସମ୍ବନ୍ଧୀୟ ସଚେତନତା କର୍ମଶାଳା ଆଦିର ଆୟୋଜନ କରାଯିବ। କ୍ୟାମ୍ପସ ସୁରକ୍ଷାକୁ ନେଇ ପ୍ରତ୍ୟେକ କଲେଜ, ନିଜର ଏକ ବାର୍ଷିକ ରିପୋର୍ଟ ପ୍ରତିବର୍ଷ ଡିସେମ୍ବର ମାସ ୩୧ ତାରିଖ ସୁଦ୍ଧା ପ୍ରଦାନ କରିବେ। ଅପରପକ୍ଷେ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଯିବା ସହ କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଓ ପ୍ରତିକାର ) ଅଧିନିୟମ, ୨୦୧୩ ଏବଂ ଏହି ସମ୍ବନ୍ଧରେ ୟୁଜିସି ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ଅନଲାଇନ କୋର୍ସ ପ୍ରଦାନ କରାଯିବ। ରାଜ୍ୟର ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକ-ଦିବସୀୟ କର୍ମଶାଳା "ଶକ୍ତି ସ୍ୱରୂପିଣୀ"ର ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

### ଅସଦାଚରଣ ପରେ ତଦନ୍ତ ନାଁରେ ନିର୍ଯାତନା

# ମିଳୁନି ନ୍ୟାୟ; ମାନସିକ ଚିନ୍ତାରେ ଆର୍‌ଆଇ

**ପୁରୀ/ପିପିଲି,୧୯।୭(ସମିସ):** ଅସଦାଚରଣର ଶିକାର ହେଲେ। ନ୍ୟାୟପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କଲେ। ଅଭିଯୋଗର ତଦନ୍ତ ଲାଗି ଗଠନ ହେଲା ଡିଷ୍ଟ୍ରିକ୍ଟ ଲୋକାଲ କମ୍ପ୍ଲେନ କମିଟି (ଡିଏଲ୍‌ସିସି)। ଭାବିଥିଲେ ଉପଯୁକ୍ତ ନ୍ୟାୟ ମିଳିବ। କିନ୍ତୁ ନ୍ୟାୟ ପରିବର୍ତ୍ତେ କମିଟିଠାରୁ ପାଇଲେ ମାନସିକ ନିର୍ଯାତନା। ଅଭିଯୋଗ ପ୍ରତ୍ୟାହାର କରିବାକୁ ପଡିଲା ଚାପ। ଶେଷରେ ଅସହାୟ ହୋଇପଡିଲେ ଅଭିଯୋଗକାରୀ ରାଜସ୍ୱ ନୀରିକ୍ଷକ (ଆର୍‌ଆଇ)। ଘଟଣାକୁ ଦୁଇମାସ ବିତିବ। ହେଲେ ମାନସିକ ଚିନ୍ତାରୁ ମୁକୁଳି ପାରୁ ନ ଥିବାରୁ ଏବେ ସେ କର୍ମକ୍ଷେତ୍ରରୁ ଛୁଟି ନେଇ ଘରେ ରହିଛନ୍ତି। ଏଠାରେ ପ୍ରଶ୍ନଉଠୁଛି କେବେ ଜଣେ ମହିଳା କର୍ମଚାରୀଙ୍କୁ ଉଚିତ୍ ନ୍ୟାୟ ଦେବେ ରାଜ୍ୟ ସରକାର?

ଅଭିଯୋଗ ଅନୁଯାୟୀ, ଗତ ମେ' ୨୪ ତାରିଖରେ ପିପିଲି ତହସିଲ ଅନ୍ତର୍ଗତ ତେଇଶିପୁରର ପୂର୍ବତନ ମହିଳାଙ୍କ ଆର୍‌ଆଇଙ୍କ ସହ ଘଟିଥିଲା ଏହି ଘଟଣା। ତହସିଲଦାରଙ୍କ ପ୍ରକୋଷ୍ଠରେ ସବୁ ସର୍କଲର ଆର୍‌ଆଇଙ୍କୁ ନେଇ ବୈଠକ ହୋଇଥିଲା। ବୈଠକ ସରିଲା ବେଳକୁ ଝଡ଼ବର୍ଷା ହେଉଥିଲା। ଅନ୍ୟମାନେ ଚାଲିଯାଇଥିଲେ। ସମ୍ପୃକ୍ତା ଆର୍‌ଆଇ ଗୋଟିଏ ରୁମ୍‌ରେ ବସି ବର୍ଷା ଛାଡିବାକୁ ଅପେକ୍ଷା କରିଥିଲେ। ଏକୁଟିଆର ସୁଯୋଗ ନେଇ ପିପିଲିର ପ୍ରାକ୍ତନ ଅତିରିକ୍ତ ତହସିଲଦାର ପ୍ରବୋଧ ମହାନ୍ତି ତାଙ୍କ ସହିତ ଅସଦାଚରଣ କରିଥିଲେ। ଏ ସଂକ୍ରାନ୍ତରେ ସେ ତହସିଲଦାରଙ୍କ ସମେତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ସିସିଟିଭି ଫୁଟେଜ ଯାଞ୍ଚ ପରେ ଅଭିଯୋଗର ସତ୍ୟତା ଜଣାପଡିଥିଲା। ଅତିରିକ୍ତ ତହସିଲଦାର ତହସିଲଦାରଙ୍କ ପରାମର୍ଶକ୍ରମେ କ୍ଷମା ମାଗିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ଚରିତ୍ରକୁ ନେଇ ନାନା ପ୍ରକାର କଥା ବାହାରେ ପ୍ରକାଶ କରିଥିଲେ ଅତିରିକ୍ତ ତହସିଲଦାର। ଥାନାରେ ଅଭିଯୋଗ ନ କରିବା ପାଇଁ ତହସିଲଦାର କହିଥିଲେ। ମାତ୍ର ସେ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରିଥିଲା। ତାଙ୍କ କଥା ନ ମାନି ଥାନାରେ ଅଭିଯୋଗ କରିବାରୁ ସେବେଠାରୁ ତହସିଲଦାର ତାଙ୍କ ଉପରେ ରାଗ ରଖି ନାନା ପ୍ରକାର ମାନସିକ ନିର୍ଯାତନା ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି ସମ୍ପୃକ୍ତ ମହିଳା ଆର୍‌ଆଇ।

ଥାନାରେ ଅଭିଯୋଗ ପରେ ଅତିରିକ୍ତ ତହସିଲଦାରଙ୍କୁ କେବଳ ବଦଳି କରିଦିଆଯାଇ ଘଟଣାକୁ ଚପାଇବା ଦେବାକୁ ବିଭିନ୍ନ ମହଲରୁ ତାଙ୍କ ଉପରେ ଚାପ ପଡୁଛି। ଏପରି କି ଘଟଣାର ଅନୁସନ୍ଧାନ କରୁଥିବା ଟିମ୍‌ର ଅଧକ୍ଷ ମଧ ତାଙ୍କୁ ନାନା ପ୍ରକାର କଥା କହି ମାନସିକ ନିର୍ଯାତନା ଦେଇଥିବା ପୀଡିତା ଆର୍‌ଆଇ କହିଛନ୍ତି। ଏ ସଂକ୍ରାନ୍ତରେ ସେ ପୁରୀ ଜିଲ୍ଲାପାଳଙ୍କୁ ନିକଟରେ ଭେଟିଥିଲେ। ହେଲେ କୌଣସି ସୁଫଳ ମିଳି ନାହିଁ। ଏପରି କି ଘଟଣାକୁ ନେଇ ଜିଲ୍ଲା ଓ ରାଜ୍ୟ ରାଜସ୍ୱ କ୍ଷେତ୍ରାଧିକାରୀ ସଂଘ ଜିଲ୍ଲାପାଳଙ୍କୁ ଚିଠି ଲେଖି ସମ୍ପୃକ୍ତା ଆର୍‌ଆଇଙ୍କୁ ନ୍ୟାୟ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି ଆର୍‌ଆଇ। ବର୍ତ୍ତମାନ ତାଙ୍କର ଯେଉଁଠାକୁ ବଦଳି ହୋଇଛି ସେଠାରେ ମଧ ତାଙ୍କୁ ନାନା ପ୍ରକାର କଥା ଶୁଣିବାକୁ ମିଳୁଛି। ସେ ମାନସିକ ଚାପରେ ଥିବାରୁ ଏବେ ଛୁଟି ନେଇ ଘରେ ରହିଛନ୍ତି ବୋଲି କହିଛନ୍ତି।

ଏଠାରେ ପ୍ରଶ୍ନଉଠୁଛି ଜଣେ ମହିଳା ଆର୍‌ଆଇଙ୍କୁ ଯଦି କର୍ମକ୍ଷେତ୍ରରେ ଅସଦାଚରଣ କରାଯାଉଛି ଏବଂ ସେ ନ୍ୟାୟ ଭିକ୍ଷା କରୁଛନ୍ତି ତାଙ୍କୁ କ'ଣ ପାଇଁ ଉପଯୁକ୍ତ ନ୍ୟାୟ ମିଳୁନାହିଁ। ମାନସିକ ଚାପରେ ସେ ଯଦି କିଛି ଭିନ୍ନ ନିଷ୍ପତ୍ତି ନିଅନ୍ତି ତା' ହେଲେ ଏଥିପାଇଁ କିଏ ଦାୟୀ ରହିବେ? ଅନ୍ୟପକ୍ଷରେ ଏ ନେଇ ପିପିଲି ତହସିଲଦାରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ସୌମ୍ୟାଶ୍ରୀଙ୍କ ପରିବାରକୁ ମିଳିଲା ୨୦ ଲକ୍ଷର ସହାୟତା ରାଶି



**ଭୋଗରାଇ,୧୯।୭(ସମିସ):** ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆତ୍ମାହୁତି ଦେଇଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଥିଲେ। ଆଜି ଅପରାହ୍‌ଣରେ ଭୋଗରାଇ ବ୍ଲକ ପଳାସିଆ ଗ୍ରାମସ୍ଥିତ ସୌମ୍ୟାଶ୍ରୀଙ୍କ ବାସଭବନରେ ତାଙ୍କ ବାପା ବଳରାମ ବିଶିଙ୍କୁ ବାଲେଶ୍ୱର ଉପଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି। ଉପଜିଲ୍ଲାପାଳ ଶ୍ରୀମତୀ ସାମନ୍ତରାୟ ୨୦ ଲକ୍ଷ ଟଙ୍କାର ବ୍ୟାଙ୍କ ଚେକ୍ ବଳରାମଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ରେଡକ୍ରସ ପକ୍ଷରୁ ୨୫ ହଜାର ଟଙ୍କା ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ ପ୍ରଦାନ କରିଥିଲେ। ଚେକ୍ ପ୍ରଦାନ ସମୟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବିଜେପି ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଜଳେଶ୍ୱର ବିଜେପି ନେତା ବ୍ରଜମୋହନ ପ୍ରଧାନ, ବାଲିଆପାଳ ବିଜେପି ନେତା ରବିନ୍ଦ୍ର ଅଣ୍ଡିଆ, ଭୋଗରାଇ ବିଜେପି ନେତା ଆଶିଷ ପାତ୍ର, ବରିଷ୍ଠ ବିଜେପି ନେତା ଅଂଶୁମାନ ମହାନ୍ତି, ରାଜେଶ ଖଟୁଆ, ସରପଞ୍ଚ ଦିଲ୍ଲୀପ ଦତ୍ତ, ରାଧାକାନ୍ତ ପ୍ରଧାନ ଉପସ୍ଥିତ ଥିଲେ।

## ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ଏନ୍‌ଡିଡିବି ଓ ଓମ୍‌ଫେଡ୍ ମଧ୍ୟରେ ଚୁକ୍ତିନାମା

### ପ୍ଲାଣ୍ଟ କର୍ମଚାରୀମାନଙ୍କ ପାଇଁ ୬୨ଟି କ୍ୱାର୍ଟର୍ସ, ମିଲ୍କ ପାଉଡର ପ୍ୟାକିଙ୍ଗ ମେସିନ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୯।୭(ସମିସ):** ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇଁ କଟକ ସ୍ଥିତ ଓମ୍‌ଫେଡ୍ ପ୍ଲାଣ୍ଟ ପରିସରରେ ନ୍ୟାସନାଲ ଡେରୀ ଡେଭଲପମେଣ୍ଟ ବୋର୍ଡ(ଏନ୍‌ଡିଡିବି) ଏବଂ ଓମ୍‌ଫେଡ୍ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଓମ୍‌ଫେଡ୍ ସହିତ ଏହି ଚୁକ୍ତିନାମା ଜରିଆରେ ଏନ୍‌ଡିଡିବି ଓଡ଼ିଶାର ଦୁଗ୍ଧ ଚାଷୀମାନଙ୍କୁ ଅଧିକ ଦୁଗ୍ଧ ଅମଳକ୍ଷମ ଗୀର୍, ସହିୱାଲ୍ ଓ କ୍ରସ୍ ବ୍ରିଡ୍ ପ୍ରଜାତିର ପ୍ରାୟ ୩ରୁ ୪ ହଜାର ଗାଇ ଯୋଗାଇଦେବ। ଏଥିସହିତ ଆଗାମୀ ଦିନରେ ଏନ୍‌ଡିଡିବି ସହାୟତାରେ ରାଜ୍ୟରେ ଗୋବର ଗ୍ୟାସ ପ୍ଲାଣ୍ଟ ମଧ ସ୍ଥାପନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୭.୫୦ କୋଟି ଟଙ୍କା ବିନିଯୋଗରେ ୨ ହଜାରରୁ ୧୫ ହଜାର ଲିଟର ବିଶିଷ୍ଟ ୨୨ଟି ମିଲ୍କ ଟ୍ୟାଙ୍କର ରାଜ୍ୟର ବିଭିନ୍ନ ଦୁଗ୍ଧ ସଂଘ ମାନଙ୍କୁ ପ୍ରଦାନ କରିବା ସହିତ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ତିନୋଟି ଗୁଣ୍ଡ ଦୁଗ୍ଧ ପ୍ୟାକିଙ୍ଗ ମେସିନର ଉଦ୍‌ଘାଟନ କରିଥିଲେ।

ଏହି ଅବସରେରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏସମସ୍ତ ସୁବିଧା ଦ୍ୱାରା ରାଜ୍ୟର ଚାଷୀମାନଙ୍କଠାରୁ ଯଥେଷ୍ଟ ଅଧିକ ପରିମାଣର ଦୁଗ୍ଧ ସଂଗ୍ରହ କରାଯାଇପାରିବ। ଏବେ ରାଜ୍ୟର ଦୁଗ୍ଧ ଉତ୍ପାଦନ ୭୨ଲକ୍ଷ ଲିଟର ରହିଛି। କିନ୍ତୁ ୨୦୩୬ ସୁଦ୍ଧା ଏହି ପରିମାଣ ୧୬୫ ଲକ୍ଷ ଲିଟର ଏବଂ ୨୦୪୭ ସୁଦ୍ଧା ଏହାକୁ ୨୭୪ ଲକ୍ଷ ଲିଟରରେ ପହଞ୍ଚାଇବା ଆମର ଲକ୍ଷ୍ୟ। ସେ ଆହୁରି କହିଥିଲେ ଦୀର୍ଘ ୪୫ ବର୍ଷ ଧରି ଦୁଗ୍ଧ ଉତ୍ପାଦନ, ସଂଗ୍ରହ ଏବଂ ବିକ୍ରୟ ସହିତ ରାଜ୍ୟର ଦୁଗ୍ଧଚାଷୀ ମାନଙ୍କ ଆର୍ଥିକ ବିକାଶରେ ଓମ୍‌ଫେଡ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଆସୁଛି। ଆଗାମୀ ଦିନରେ ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନ ବୃଦ୍ଧି ନେଇ କାମଧେନୁ ଯୋଜନା ମାଧ୍ୟମରେ ଚାଷୀଙ୍କୁ ଅଧିକ ଅମଳକ୍ଷମ ପ୍ରଜାତିର ୧୦ ହଜାର ଗାଇ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଓମ୍‌ଫେଡ୍ ଡେରୀ ପ୍ଲାଣ୍ଟର କର୍ମଚାରୀ ମାନଙ୍କ ପାଇଁ ୬୨ଟି କ୍ୱାର୍ଟରର ଉଦ୍‌ଘାଟନ କରିବା ସହିତ ସେଠାରେ ନୂତନ ଦୁଗ୍ଧ ଟ୍ୟାଙ୍କର ଏବଂ ମିଲ୍କ ପାଉଡର ପ୍ୟାକିଙ୍ଗ ମେସିନଗୁଡିକର ଉଦଘାଟନ କରଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣୀ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କଟକ ସାଂସଦ ଭର୍ତ୍ତୃହରି ମହତାବ ଓମ୍‌ଫେଡ୍




**ଦୁଗ୍ଧ ଚାଷୀ ସଙ୍ଘ ମାନଙ୍କୁ ପ୍ରଦାନ କରାଗଲା ୨୨ ନୂତନ ଦୁଗ୍ଧ ପରିବହନ ଟ୍ୟାଙ୍କର**

ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଏନ୍‌ଡିଡିବି ଡେରୀ ସର୍ଭିସେସ୍‌ର ପରିଚାଳନା ନିର୍ଦ୍ଦେଶକ ଦେବାନନ୍ଦ, ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟଅମୃତ କୁଲାଙ୍ଗେ, ଓମ୍‌ଫେଡ୍‌ର ପରିଚାଳନା ସମିତି ସଦସ୍ୟଗଣ ଓ ବିଭିନ୍ନ ଦୁଗ୍ଧ ସଂଘର ଅଧକ୍ଷମାନେ ଉପସ୍ଥିତ ଥିଲେ।

### ସଂଗିନ ସ୍ଥିତିରେ ନାରୀ ସୁରକ୍ଷା

# ଅପରାଧୀ ଉପରମୁହାଁ; ସରକାର ଉପାୟଶୂନ୍ୟ

■ ମହିଳା ସୁରକ୍ଷାକୁ ନେଇ ଜାତୀୟସ୍ତରରେ ଅପବାଦ ମୁଣ୍ଡାଉଛି ଓଡ଼ିଶା
■ ଶାସନତନ୍ତ୍ରରେ ଶୃଙ୍ଖଳାର ଅଭାବ, ଉତ୍ତରଦାୟିତ୍ୱ ନେବାକୁ କେହି ନାହିଁ

**ଭୁବନେଶ୍ୱର,୧୯।୭(ସମିସ):** ରାଜ୍ୟରେ ମହିଳା ସୁରକ୍ଷା ସ୍ଥିତି ଏକପ୍ରକାର ସଂଗିନ ହୋଇପଡ଼ିଲାଣି। ପ୍ରତିଦିନ ରାଜ୍ୟର କେଉଁଠି ନା କେଉଁଠି ଦୁଷ୍କର୍ମ, ହିଂସା, ଉତ୍ପୀଡ଼ନର ଶିକାର ହେଉଛନ୍ତି ମହିଳା। ଯାହାକୁ ନେଇ ରାଜ୍ୟ ସରକାର ଦୁର୍ନାମ ମୁଣ୍ଡାଉ ଥିବା ବେଳେ ଏହାକୁ କିନ୍ତୁ ନିୟନ୍ତ୍ରଣକୁ ଆଣି ପାରୁନାହାନ୍ତି। ରାଜ୍ୟରେ ଦୈନିକ ୧୫ ମହିଳା ଦୁଷ୍କର୍ମର ଶିକାର ହେଉଥିବା ବେଳେ ମହିଳାମାନେ ଘରୁ ବାହାରକୁ ଗୋଡ଼ କାଢ଼ିବାକୁ ଭୟ କଲେଣି। ପ୍ରଥମେ ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ହୋଇଥିଲା। ଗତ ୮ଦିନ ମଧ୍ୟରେ ଏଫଏମ କଲେଜରେ ଛାତ୍ରୀ ଆତ୍ମଦାହ ଏବଂ ଶନିବାର ବଳଙ୍ଗାରେ ଜଣେ ଛାତ୍ରୀଙ୍କୁ ଦୁର୍ବୃତ୍ତ କିରାସିନି ଢାଳି ନିଆଁ ଲଗାଇଦେବା ରାଜ୍ୟରେ ଗୁରୁତର ଆଇନ ଶୃଙ୍ଖଳା ସ୍ଥିତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସରକାର କେଉଁଠି ବୋଲି ଲୋକେ ପ୍ରଶ୍ନ କରୁଥିବା ବେଳେ ରାଜ୍ୟ ସରକାର ଏକପ୍ରକାର ଉପାୟଶୂନ୍ୟ ହୋଇପଡ଼ିଛନ୍ତି। ରାଜ୍ୟରେ ବର୍ତ୍ତମାନ ଅପରାଧୀଙ୍କ ଶାସନ ଚାଲିଛି ବୋଲି ବିରୋଧୀ ସରକାରଙ୍କୁ ତାଚ୍ଛଲ୍ୟ କରୁଥିବା ବେଳେ ମହିଳା ସୁରକ୍ଷାକୁ ନେଇ ଜାତୀୟସ୍ତରରେ ଅପବାଦ ମୁଣ୍ଡାଉଛି ଓଡ଼ିଶା।

ଗୋପାଳପୁର, ବାଲେଶ୍ୱର ଏବଂ ପୁରୀ ବଳଙ୍ଗା ଘଟଣାକୁ ନେଇ ଓଡ଼ିଶା ଏବେ ଜାତୀୟ ସ୍ତରରେ ଦୁର୍ନାମ ମୁଣ୍ଡାଉଛି। କେବଳ ଜାତୀୟ ସ୍ତରରେ ନୁହେଁ, ଗତ ଜୁନରେ ଆମେରିକା ପରି ଦେଶ ମଧ ନିଜ ଦେଶର ନାଗରିକ ଓଡ଼ିଶା ଆସିବା ପୂର୍ବରୁ ଆବଶ୍ୟକ ଅନୁମତି ନେବାକୁ ପରାମର୍ଶ ଦେଇଥିଲା। ଯାହା ମହିଳା ସୁରକ୍ଷାକୁ ନେଇ ରାଜ୍ୟର ଗୁରୁତର ସ୍ଥିତିକୁ ଦର୍ଶାଉଛି। ଏକଦା ସୁଦୃଢ଼ ଆଇନ ଶୃଙ୍ଖଳା ସ୍ଥିତି ପାଇଁ ଜାତୀୟସ୍ତରରେ ସୁନାମ ଅର୍ଜିଥିବା ଓଡ଼ିଶା ଏବେ ପ୍ରତିଦିନ ନାରୀ ବିରୋଧୀ ହିଂସା ପାଇଁ ଜାତୀୟ ଗଣମାଧ୍ୟମର ଶିରୋନାମା ପାଲଟୁଛି। ଦିଲ୍ଲୀରେ କଂଗ୍ରେସ ପକ୍ଷରୁ ପ୍ରାୟ ପ୍ରତିଟି ଘଟଣାରେ ସାମ୍ବାଦିକ ସମ୍ମିଳନୀ କରାଯାଉଥିବା ବେଳେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ପରି ନେତା ଓଡ଼ିଶା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରୁଛନ୍ତି। ଏପଟେ ରାଜ୍ୟରେ ପ୍ରମୁଖ ବିରୋଧୀ ବିଜେଡି ମଧ ପ୍ରତିଟି ଘଟଣାରେ ମୁଖର ହୋଇ ସରକାରଙ୍କୁ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଚାପ ସୃଷ୍ଟି କରୁଛି। ଏହାସତ୍ତ୍ୱେ ସରକାର କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ ନକରିବାକୁ ନେଇ ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଲାଣି।

ବୁଦ୍ଧିଜୀବୀ ମହଲର ଯୁକ୍ତି ଅନୁଯାୟୀ ସରକାରରେ କୌଣସି ଉତ୍ତରଦାୟିତ୍ୱ ନରହିବା କାରଣରୁ ପରିସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଶାସନତନ୍ତ୍ରରେ ଶୃଙ୍ଖଳା ନଥିବା ବେଳେ ସରକାର ନିଜସ୍ୱ ସ୍ତରରେ କୌଣସି ନିଷ୍ପତ୍ତି ନେବାକୁ ସକ୍ଷମ ନୁହନ୍ତି। ପୁନଶ୍ଚ କୌଣସି ଗୁରୁତର ଘଟଣାରେ କେହି ଉତ୍ତରଦାୟିତ୍ୱ ମୁଣ୍ଡାଉ ନଥିବାରୁ ଶାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଲଗାମହୀନ ହୋଇ ପଡ଼ିଲାଣି। ଯାହାଫଳରେ ଅପରାଧୀଙ୍କ ମନୋବଳ ରାଜ୍ୟରେ ବର୍ତ୍ତମାନ ଉପରମୁହାଁ ହେବାରେ ଲାଗିଛି। ପୁଲିସ ପ୍ରଶାସନ ଉପରୁ ଅପରାଧୀଙ୍କ ଭୟ ଛାଡ଼ିଗଲାଣି।

ବିଶେଷକରି ଗତ ବର୍ଷେ ୧ ମାସ ମଧ୍ୟରେ ଯେତେ ଅଘଟଣ ଘଟିଛି, ସରକାର କାହା ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ତାହାର ଫଳ ଏବେ ସରକାର ନିଜେ ଭୋଗୁଛନ୍ତି ବୋଲି ବିଶେଷଜ୍ଞ ମହଲ ମତ ରଖିଛନ୍ତି। ଏପଟେ ରାଜ୍ୟରେ ମହିଳା ସୁରକ୍ଷା ଦିନକୁ ଦିନ ସଙ୍ଗିନ ହେଉଥିବା ବେଳେ ଏହା ରାଜ୍ୟର ସାମଗ୍ରିକ ବିକାଶ ପ୍ରକ୍ରିୟାକୁ ମଧ୍ୟ ଗୁରୁତର ଭାବେ ପ୍ରଭାବିତ କରିବ। ଆଇନ ଶୃଙ୍ଖଳା ସ୍ଥିତି କାରଣରୁ ଓଡ଼ିଶାକୁ ଗତ କିଛି ବର୍ଷରେ ନିବେଶକଙ୍କ ସୁଅ ଛୁଟୁଥିଲା। ଯାହାର ସୁଫଳ ନିକଟରେ ଅନୁଷ୍ଠିତ ମେକ ଇନ୍ ଓଡ଼ିଶା କନକ୍ଲେଭରେ ମଧ୍ୟ ମୋହନ ସରକାରଙ୍କୁ ମିଳିଥିଲା। ମାତ୍ର ରାଜ୍ୟର ଆଇନ ଶୃଙ୍ଖଳା ଯଦି ପ୍ରତ୍ୟହ ଏପରି ନିମ୍ନଗାମୀ ହୁଏ, ତାହେଲେ ଓଡ଼ିଶାରେ ନିବେଶ, କାରବାର କରିବା ପୂର୍ବରୁ ନିବେଶକ ଏକାଧିକ ବାର ଚିନ୍ତା କରିବେ। ଯାହାର ନକରାତ୍ମକ ଫଳ ଓଡ଼ିଶାକୁ ହିଁ ଭୋଗିବାକୁ ପଡ଼ିବ। ତେଣୁ ସରକାର ତୁରନ୍ତ ଏପରି ଘଟଣାରେ କଡ଼ା ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।




# ସେବାରେ ସମର୍ପଣ ପୁଷ୍ପାଞ୍ଜଳି

**ପେସାରେ ସେ ଜଣେ ଆଶା କର୍ମୀ । ତାଙ୍କ ନିଶା କିନ୍ତୁ ସମାଜସେବା । ବଣଜଙ୍ଗଲ ଘେରା ଦୁର୍ଗମ ଅଞ୍ଚଳରେ ଘର ଘର ବୁଲି ଲୋକଙ୍କୁ ସେ ସ୍ୱାସ୍ଥ୍ୟ ସଚେତନ କରିଥାନ୍ତି । ବର୍ଷାଦିନେ ପରିବେଶକୁ ନିର୍ମଳ ରଖି ମଶା, ମାଛି, ବିଷାକ୍ତ କୀଟପତଙ୍ଗ ପ୍ରାଦୁର୍ଭାବକୁ କିପରି ପ୍ରତିହତ କରାଯିବ ସେଥିପ୍ରତି ଧ୍ୟାନ ଦେଇଥାନ୍ତି । ଏଥିସହ ଗର୍ଭବତୀ ମହିଳା, ଶିଶୁ ଓ ବୃଦ୍ଧାଙ୍କୁ ବର୍ଷାଦିନେ ସଂକ୍ରମଣ ହେଉଥିବା ରୋଗ ଓ ଏହାର ପ୍ରତିକାର ବ୍ୟବସ୍ଥାକୁ ନେଇ ଲୋକଙ୍କୁ ସଚେତନ କରିଥାନ୍ତି । ସେହି ପରପୋକାରୀ ମହିଳା ଜଣକ ହେଉଛନ୍ତି, ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ସିନ୍ଦୂରଶୀଳ ଗ୍ରାମର ପୁଷ୍ପାଞ୍ଜଳି ମେହେର ।**

୪୬ ବର୍ଷିୟା, ଏହି ମହିଳା ଆଶା କର୍ମୀ ଭାବେ କାର୍ଯ୍ୟ କରି ଉପାନ୍ତ ଅଞ୍ଚଳରେ ଲୋକଙ୍କୁ ସେବା ପ୍ରଦାନ କରନ୍ତି ।

ପାହାଡ଼ ପର୍ବତ ଘେରା ଦୁର୍ଗମଅଞ୍ଚଳରେ ଘରକୁ ଘର ବୁଲି ସେ ଲୋକଙ୍କୁ ସଚେତନ କରନ୍ତି । ବର୍ଷାଋତୁରେ ଜଙ୍ଗଲ ପରିବେଷ୍ଟିତ ଅଞ୍ଚଳରେ ମଶା, ମାଛି, କୀଟ ପତଙ୍ଗର ପ୍ରାଦୁର୍ଭାବ ବଢ଼ିଥାଏ । ଏହାକୁ ପ୍ରତିହତ କରିବା ସହ ଲୋକଙ୍କୁ ପରିବେଶ ନିର୍ମଳ ରଖିବା ପାଇଁ ସେ ଦ୍ୱାର ଦ୍ୱାର ବୁଲି ଅବଗତ କରିଥାନ୍ତି । ଏପରିକି ଥଣ୍ଡା, କାଶ ଜ୍ୱର, ଡାଇରିଆ, ଡେଙ୍ଗୁ ଭଳି ମାରାତ୍ମକ ରୋଗରୁ ଦୂରେଇ ରଖିବା ପାଇଁ ପ୍ରାଥମିକ ସ୍ତରରେ କେଉଁ ପଦକ୍ଷେପ ନିଆଯିବ ତା' ଉପରେ ସଚେତନ କରିଥାନ୍ତି । ବିଶେଷ କରି ବର୍ଷାଦିନେ ଗର୍ଭବତୀ ମହିଳା, ଶିଶୁ ବୟସ୍କ ବ୍ୟକ୍ତିଙ୍କୁ ରୋଗ ସଂକ୍ରମଣ ଓ ଏହାର ପ୍ରତିକାର ଉପରେ ଧ୍ୟାନ ଦେଇଥାନ୍ତି । ଲୋକେ ଅସୁସ୍ଥ ହେଲେ ଡାକ୍ତରଙ୍କ ପାଖକୁ ନେଇ ରକ୍ତ ପରୀକ୍ଷା କରିବା ସହ ରୋଗ ନିରାକରଣରେ ସହାୟତା କରିଥାନ୍ତି । ନାଳନର୍ଦ୍ଦମା ସଫା କରିବା, ଘର କିମ୍ବା ବିଦ୍ୟାଳୟ ନିକଟରେ ପାଣି ଜମା ହେବାକୁ ନ ଦେବା, ଘର ଚତୁଃପାର୍ଶ୍ୱକୁ କୀଟନାଶକ (ଡିଡିଟି) ସିଞ୍ଚନ କରି ପରିବେଶ ସୁସ୍ଥ ରଖିବା ଦିଗରେ ସେ କାର୍ଯ୍ୟ କରିଥାନ୍ତି । ଏଥିସହ ମଶାରୀ ଟାଙ୍ଗି ଶୋଇବା, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟଯତ୍ନ, ପୁଷ୍ଟିକର ଆହର ସହ ବିଭିନ୍ନ ସ୍ୱାସ୍ଥ୍ୟଯତ୍ନର ସୁରକ୍ଷା ନିଜେ କରି, ଅନ୍ୟକୁ ଶିଖାଇବାକୁ ଲୋକଙ୍କୁ ପରାମର୍ଶ ଦେଇଥାନ୍ତି । ସେବାରୁ ଆତ୍ମସନ୍ତୋଷ ମିଳେ ସେ ବୋଲି ସେ କହିଛନ୍ତି ।

ରିପୋର୍ଟ- ଶୁଭ୍ରାଂଶୁ କୁମାର ନାଏକ
ସିନାପଲି, ନୂଆପଡ଼ା

# ଘରେ ତିଆରି ପରଫ୍ୟୁମ୍



**ମହିଳାମାନେ ନିଜକୁ ସତେଜ ରଖିବା ପାଇଁ ପରଫ୍ୟୁମ୍ ଓ ଡିଓଡ୍ରାଣ୍ଟ ବ୍ୟବହାର କରିଥାନ୍ତି । ଏହା ଦୁର୍ଗନ୍ଧ ଦୂର କରି ମୁଡ୍‌କୁ ଫ୍ରେସ୍ କରିଥାଏ; କିନ୍ତୁ ବଜାରରେ ମିଳୁଥିବା ପରଫ୍ୟୁମ୍‌ର ମୂଲ୍ୟ ବୃଦ୍ଧି ହେତୁ ଏହା କିଣିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ । ସେହିପରି ଟଙ୍କା ଦେଇ କିଣିବା ସତ୍ତ୍ୱେ, ଏହାର ସୁଗନ୍ଧ ବେଶୀ ସମୟ ରହି ନ ଥାଏ । ତେଣୁ ଘରେ କର୍ମ ଖର୍ଚ୍ଚରେ କିପରି ପରଫ୍ୟୁମ୍ ତିଆରି କରିପାରିବେ । ଜାଣିବା ସେ ବିଷୟରେ...**

- ଗୋଟିଏ ସ୍ପ୍ରେ ବୋତଲ ନେଇ ଭଲରେ ଧୋଇ ଖରାରେ ଶୁଖାଇ ଦିଅନ୍ତୁ ।
- ଗୋଟିଏ ପାତ୍ରରେ ଅଧା କପ୍ ଗୋଲାପ ଜଳ, ଅଧା କପ୍ ଡିଷ୍ଟିଲ୍‌ଡ ୱାଟର ନିଅନ୍ତୁ । ଗୋଲାପ ଜଳ ତ୍ୱଚାକୁ ଥଣ୍ଡା ରଖୁଥିବାବେଳେ, ଡିଷ୍ଟିଲ୍‌ଡ ୱାଟର ପରଫ୍ୟୁମ୍‌କୁ ହାଲୁକା ଏବଂ ତ୍ୱଚା ଅନୁକୂଳ କରିଥାଏ ।
- ଏହାପରେ ଏଥିରେ ୧୫-୨୦ ବୁନ୍ଦା ଏସେନ୍‌ସିଆଲ୍ ଅଏଲ୍ ପକାଇ ଗୋଟିଏ ସଫା ଚାମଚରେ ମିଶାଇ ଦିଅନ୍ତୁ । ଏହାପରେ ଅଳ୍ପ ଅଳ୍ପ କରି ଏହାକୁ ସ୍ପ୍ରେ ବୋତଲରେ ସାଇତି ରଖନ୍ତୁ ।
- ବାହାରକୁ ଯିବା ସମୟରେ ସ୍ପ୍ରେ ବୋତଲକୁ ହାଲୁକା ହଲାଇ ବେକ, ହାତ, ଓ ଡ୍ରେସ୍‌ରେ ପକାନ୍ତୁ । ଏହାର ସୁଗନ୍ଧ ଖୁବ୍ ହାଲୁକା ହୋଇଥାଏ । ତେଣୁ ଏକାଧିକଥର ବ୍ୟବହାର କରିପାରିବେ ।

# ଫେଶନରେ ସ୍ଲିଭ୍‌ଲେସ୍ କୁର୍ତ୍ତୀ

**ସାଧାରଣତଃ ବର୍ଷାଦିନେ ଗୁଳୁଗୁଳି ଅନୁଭୂତ ହୋଇଥାଏ । ତେଣୁ ଏ ଦିନେ ମହିଳାମାନେ ହାଲୁକା, ଆରାମଦାୟକ ପୋଷାକ ପିନ୍ଧିବାକୁ ଚାହାଁନ୍ତି । ଯାହା ଷ୍ଟାଇଲିଶ୍ ସହ ଏକ କ୍ଲାସି ଲୁକ୍ ଦେଇଥାଏ । ତେବେ ବର୍ଷାଦିନିଆ ଫେଶନ୍‌ରେ ଏବେ ସ୍ଲିଭ୍‌ଲେସ୍ କୁର୍ତ୍ତୀର ଚାହିଦା ଅଧିକ ରହିଛି । ଜାଣିବା ସେ ବିଷୟରେ...**

**ଏମ୍ବ୍ରୋଡୋରୀ –** କୌଣସି ପାର୍ଟି, ଫଙ୍କ୍‌ସନ୍, ଉତ୍ସବକୁ ଯାଉଥିଲେ, ଏ ପ୍ରକାର ଏମ୍ବ୍ରୋଡୋରୀ ଡିଜାଇନ୍ କୁର୍ତ୍ତୀ ପିନ୍ଧିପାରିବେ । ଏହା ସୁନ୍ଦର ସହ ଖୁବ୍ ଷ୍ଟାଇଲିଶ୍ ଦେଖାଯାଏ । ଏହାର ବିଭିନ୍ନ ଡିଜାଇନ ଓ ରଙ୍ଗ ଉପଲବ୍ଧ ରହିଛି । ଏହି କୁର୍ତ୍ତୀ ସହ ଝୁମ୍‌କା ସୁନ୍ଦର ମାନିଥାଏ ।

**ପ୍ରିଣ୍ଟେଡ୍ –** ସାଧାରଣତଃ ଅଫିସ୍ ଆଉଟ୍‌ଫିଟ୍‌ରେ ଏକ ଷ୍ଟାଇଲିଶ୍ ଲୁକ୍ ପାଇବାକୁ ଚାହୁଁଥିଲେ, ପ୍ରିଣ୍ଟେଡ୍ ସ୍ଲିଭ୍‌ଲେସ୍ କୁର୍ତ୍ତୀ ପିନ୍ଧିପାରିବେ । ଏଥିରୁ ଏକ ଭିନ୍ନ ଲୁକ୍ ମିଳିଥାଏ । ଏହା ଅନ୍‌ଲାଇନ୍‌ରେ ବିଭିନ୍ନ ଡିଜାଇନରେ ଉପଲବ୍ଧ ।



**ସିଲ୍‌କ –** ଭିଡ଼ରୁ ଭିନ୍ନ ଦିଶିବାକୁ ଚାହୁଁଥିଲେ, ଏପରି କୁର୍ତ୍ତୀ ପିନ୍ଧିପାରିବେ । ଏ ପ୍ରକାର କୁର୍ତ୍ତୀ ଏବେ ଟ୍ରେଣ୍ଡରେ ରହିଛି । ଏହାକୁ ବିଭିନ୍ନ ପୂଜା, ଉତ୍ସବରେ ପିନ୍ଧିପାରିବେ । ଏହା ହାଲୁକା ହୋଇଥିବାରୁ ପିନ୍ଧିବାକୁ ଆରମଦାୟକ ଲାଗିଥାଏ ।

# ତାୱା ସିଙ୍ଗଡ଼ା

ମୋ ହାଣ୍ଡିଶାଳରୁ...



### ଆବଶ୍ୟକ ସାମଗ୍ରୀ

ମଇଦା – ୨୦୦ ଗ୍ରାମ୍, ଦହି – ଅଧା କପ୍, ବେକିଂ ସୋଡ଼ା – ଏକ ଚାମଚ, ଦେଶି ଘିଅ – ଏକ ଚାମଚ, ସିଝା ଆଳୁ – ଦୁଇଗୋଟି, ଗ୍ରୀନ୍‌ମଟର – ଏକ କପ୍, କଟା ଅଦା - ଏକ ଚାମଚ, ଜୀରା – ଏକଚାମଚ, ଧନିଆ – ଏକ ଚାମଚ, ପାନମହୁରୀ – ଅଧା ଚାମଚ, ସୋରିଷ – ଅଧା ଚାମଚ, ହଳଦୀଗୁଣ୍ଡ – ଅଧା ଚାମଚ, ଲଙ୍କା ଗୁଣ୍ଡ – ଅଧା ଚାମଚ, କସୁରୀ ମେଥି – ଅଧା ଚାମଚ, ଧନିଆ ପାଉଡର – ଅଧା ଚାମଚ, ଲୁଣ ସ୍ୱାଦ ଅନୁସାରେ , ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ଗୋଟିଏ ପାତ୍ରରେ ଅଧା କପ୍ ଦହି ନେଇ ସେଥିରେ ଅଧା ଚାମଚ ଚିନି, ଲୁଣ ଓ ବେକିଂସୋଡ଼ା ଦେଇ ଗୋଳାନ୍ତୁ । ଏହାପରେ ମଇଦା ପକାଇ, ଅଳ୍ପ ପାଣି ଦେଇ ଚକଟି ସୂତା କପଡ଼ାରେ କିଛି ସମୟ ଘୋଡ଼ାଇ ରଖନ୍ତୁ । ପରେ ଏକ ପାତ୍ରରେ ସିଝା ଆଳୁକୁ ଛଡ଼ାଇ ଚକଟନ୍ତୁ । ଏହାପରେ ଗ୍ୟାସ୍ ଲଗାଇ ପ୍ୟାନ୍ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ ସେଥିରେ ଜିରା, ପାନମହୁରୀ, ଗୋଟାଧନିଆ, ସୋରିଷ, କଟା ଅଦା, ଗ୍ରୀନ୍ ମଟର, ଲଙ୍କାଗୁଣ୍ଡ, ଧନିଆଗୁଣ୍ଡ ଦେଇ ଭାଜନ୍ତୁ । ଏହାକୁ ସିଝା ଆଳୁରେ ଦେଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାପରେ ଚକଟି ରଖିଥିବା ମଇଦାକୁ ଛୋଟ ଗୁଳା କରି ବେଲନ୍ତୁ । ପୂର୍ବରୁ ପ୍ରସ୍ତୁତ କରି ରଖିଥିବା ଆଳୁ ଷ୍ଟଫିଂ ପୂର ଦେଇ ମଇଦାକୁ ତ୍ରିଭୂଜାକାର ଦିଅନ୍ତୁ । କଡ଼େଇରେ ତାୱା ବସାଇ ଅଳ୍ପ ତେଲ ଦେଇ ସିଙ୍ଗଡ଼ାସବୁକୁ ଦେଇ ସେକନ୍ତୁ । ଦୁଇପାଖ ନାଲି ହୋଇଗଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ତାୱା ସିଙ୍ଗଡ଼ା' ।

# ଏମିତି ରଖନ୍ତୁ ହ୍ୟାଣ୍ଡବ୍ୟାଗ୍

**ପୋଷାକ ପରି ହ୍ୟାଣ୍ଡବ୍ୟାଗ୍‌ର ମଧ୍ୟ ଲୋକପ୍ରିୟତା ରହିଛି । ମହିଳାମାନେ ଭଳିକି ଭଳି, ଦାମୀ ବ୍ୟାଗ୍ ଧରିବାକୁ ପସନ୍ଦ କରିଥାନ୍ତି । ଏଥିରେ ସେମାନେ ଦରକାରୀ କାଗଜପତ୍ର, ସହ ଆବଶ୍ୟକୀୟ ସାମଗ୍ରୀ ରଖିଥାନ୍ତି । ହେଲେ ଅଧିକ ବ୍ୟବହାର କରିବା ଦ୍ୱାରା ବ୍ୟାଗ୍ ଅପରିଷ୍କାର ହୋଇଯାଏ । ଏହା କିପରି ସଫା କରିବେ ଜାଣି ରଖନ୍ତୁ ।**

### ଅଦରକାରୀ କାଗଜ ସଫା

ଅନେକ ସମୟରେ ବ୍ୟାଗ୍‌ରେ ଅଦରକାରୀ କାଗଜ ପତ୍ର ରହି, ବ୍ୟାଗ୍‌କୁ ଅପରିଷ୍କାର କରିଥାଏ । ତେଣୁ ମଝିରେ ମଝିରେ ବ୍ୟାଗ୍‌ରୁ ଅଦରକାରୀ ଜିନିଷ କାଢ଼ି ସଫା କରିବା ଜରୁରୀ । ଏହାଦ୍ୱାରା ବ୍ୟାଗ୍ ସଫା ହେବା ସହ ଜିନିଷ ରଖିବାକୁ ଜାଗା ମଧ୍ୟ ବଢ଼ିଥାଏ ।



### ୧୫ ଦିନରେ ଥରେ ସଫା

ଦୈନନ୍ଦିନ ଅଫିସ୍ ନେଇ ଯାଉଥିବା ବ୍ୟାଗ୍‌କୁ ୧୫ ଦିନରେ ଥରେ ସଫା କରିବା ଆବଶ୍ୟକ । ଏଥିପାଇଁ ଗୋଟିଏ ପାତ୍ରରେ ନଖ ଉଷୁମ ଗରମପାଣି ନିଅନ୍ତୁ । ସେଥିରେ ଅଳ୍ପ ସାମ୍ପୁ ମିଶାଇ ଗୋଳାଇ ଦିଅନ୍ତୁ । ଏଥିରେ ଏକ କପଡ଼ା ବୁଡ଼ାଇ ତାକୁ ଭଲରେ ଚିପୁଡି ଦିଅନ୍ତୁ । ଏହି କପଡ଼ାରେ ବ୍ୟାଗ୍‌ର ବାହାରପାର୍ଶ୍ୱକୁ ଭଲ ଭାବେ ପୋଛି ସଫା କରନ୍ତୁ । ହାଣ୍ଡବ୍ୟାଗ୍ ଯେପରି ଅଧିକ ଓଦା ନ ହୁଏ, ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ।

### ଖରାରୁ ଦୂରେଇ ରଖନ୍ତୁ

ହ୍ୟାଣ୍ଡବ୍ୟାଗ୍ କିମ୍ବା ପର୍ସକୁ ପାଣିରେ ଧୁଅନ୍ତୁ ନାହିଁ । ଏଥିସହ ଖରାରେ ଶୁଖାନ୍ତୁ ନାହିଁ । ଏହାଦ୍ୱାରା ବ୍ୟାଗ୍‌ର ରଙ୍ଗ ଛାଡ଼ି ଯାଏ । ସେହିପରି ଏହାକୁ ଓଦା ସ୍ଥାନରୁ ଦୂରେଇ ରଖିବା ଜରୁରୀ ।


### ଦୁର୍ଗନ୍ଧ ଦୂର

ପର୍ସରୁ ଦୁର୍ଗନ୍ଧ ଆସୁଥିଲେ, ଏଥିପାଇଁ ବେକିଂ ସୋଡ଼ା ବ୍ୟବହାର କରିପାରିବେ । ଗୋଟେ ପ୍ୟାକେଟ୍ ବେକିଂ ସୋଡ଼ାକୁ ବ୍ୟାଗ୍‌ରେ ୨୪ ଘଣ୍ଟା ରଖି ଦିଅନ୍ତୁ । ଏହାଦ୍ୱାରା ବ୍ୟାଗର ଦୁର୍ଗନ୍ଧ ଆପେ ଆପେ ଦୂର ହୋଇଥାଏ । ତେବେ ଏହି ଉପାୟ ଆପଣାଇ ଦାମୀ ବ୍ୟାଗ୍‌କୁ ସଫା କରିପାରିବେ ।

# ସେଓ ଚୋପାରେ ଫେସ୍‌ପ୍ୟାକ୍



**ସେଓ ଉଭୟ ଶରୀର ଓ ତ୍ୱଚା ପାଇଁ ଖୁବ୍ ଉପକାରୀ ହୋଇଥାଏ । ହେଲେ ଅନେକ ଏହାର ଚୋପାକୁ ଅଦରକାରୀ ଭାବି ଫିଙ୍ଗି ଦିଅନ୍ତି; କିନ୍ତୁ ଚାହିଁଲେ ସେଓ ଚୋପାକୁ ଉପଯୋଗ କରି ଫେସ୍‌ପ୍ୟାକ୍ ପ୍ରସ୍ତୁତ କରିପାରିବେ । ଏହା ତ୍ୱଚା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଦୂର କରିଥାଏ ।**



- ସେଓ ଚୋପାକୁ ଖରାରେ ଶୁଖାଇ ଗୁଣ୍ଡ କରନ୍ତୁ । ଗୋଟିଏ ପାତ୍ରରେ ସେଓ ଚୋପା ଗୁଣ୍ଡ ନେଇ ସେଥିରେ କ୍ଷୀର ମିଶାନ୍ତୁ ।
- ଏହାକୁ ମୁହଁ ଓ ବେକରେ ଭଲଭାବେ ଲଗାନ୍ତୁ । ୨୫ ମିନିଟ୍ ପରେ ମୁହଁକୁ ଧୋଇ ଦିଅନ୍ତୁ । ସପ୍ତାହକୁ ଥରେ ଏହି ଫେସ୍‌ପ୍ୟାକ୍ ବ୍ୟବହାର କରିପାରିବେ ।
- ସେହିପରି ସେଓ ଚୋପାରେ କିଛି ଦହି ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁରେ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ ।
- ମୁହଁ ଶୁଖିଯିବା ପରେ ଧୋଇ ଦିଅନ୍ତୁ । ସପ୍ତାହକୁ ଦୁଇଥର ଏହି ପ୍ୟାକ୍ ଲଗାଇବା ଦ୍ୱାରା ମୁହଁ ଉଜ୍ଜ୍ୱଳ ଦିଶିବ ।
- ସେଓ ପାଉଡ୍‌ରେ ଓଟ୍‌ସ ଓ ଦହି ମିଶାଇ ଲଗାନ୍ତୁ । ଏହା ଦ୍ୱାରା ମୁହଁ କୋମଳ ହୋଇଥାଏ ।

# ଚିଆ ସିଡ୍‌ସ, ଚାଉଳ ପାଣିରେ ନିର୍ମିତ ଜେଲ୍

**କେଶଝଡ଼ା ବର୍ତ୍ତମାନ ସମୟରେ ଏକ ମୁଖ୍ୟ ସମସ୍ୟା । ଏହା ଉଭୟ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟବସ୍ଥା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଅନେକ ମହିଳା କେଶଝଡ଼ାକୁ ରୋକିବା ପାଇଁ ବିଭିନ୍ନ ତେଲ, ସାମ୍ପୁ ଆଦି ଲଗାଇଥାନ୍ତି । ହେଲେ ଏହା ସେତେ ପ୍ରଭାବୀ ହୋଇ ନଥାଏ । ତେଣୁ କେଶଝଡ଼ା ସମସ୍ୟାକୁ ପ୍ରାକୃତିକ ଉପାୟରେ ରୋକିବା ପାଇଁ ଚିଆ ସିଡ୍‌ସ ଓ ଚାଉଳଧୂଆ ପାଣିରୁ ଜେଲ୍ ପ୍ରସ୍ତୁତ କରି ଲଗାଇପାରିବେ । ଏହା କେଶଝଡ଼ା ରୋକିବା ସହ ଚନ୍ଦାପଣ ଦୂର କରିଥାଏ ।**

### ପ୍ରସ୍ତୁତି

ପ୍ରଥମେ ଚାଉଳକୁ ଦୁଇତିନି ଥର ଧୋଇ ମଇଳା ପାଣି କାଢ଼ି ଦିଅନ୍ତୁ । ଏହାପରେ ଭଲ ପାଣି ଦେଇ ୨୦ ମିନିଟ୍ ବତୁରାନ୍ତୁ । କିଛି ସମୟ ପରେ ଚାଉଳକୁ ଛାଣି ପାଣି ଅଲଗା କରନ୍ତୁ । ସେଥିରେ ଚିଆ ସିଡ୍‌ସ ମିଶାଇ, ଭିଟାମିନ୍-ଇ କ୍ୟାପ୍‌ସୁଲ୍, ଏସେନ୍‌ସିଆଲ୍ ତେଲ ମିଶାଇ ୨୦-୨୫ ମିନିଟ୍ ରଖନ୍ତୁ । ଏହାକୁ ଚାମଚରେ ଘାଣ୍ଟି ଏକ ଜେଲ୍ ପ୍ରସ୍ତୁତ କରନ୍ତୁ ।

### ଲଗାଇବା ବିଧି

- ଏହି ଜେଲକୁ କେଶମୂଳରୁ ନେଇ, ଅଗ ଯାଏ, ସମ୍ପୂର୍ଣ୍ଣ କେଶରେ ଭଲ କରି ଲଗାନ୍ତୁ । ଏହାକୁ କିଛି ମିନିଟ୍ ହାଲୁକା ହାତରେ ମସାଜ୍ କରନ୍ତୁ ।
- ଏହାକୁ ଲଗାଇବା ପରେ କେଶରେ ଏକ ଟାୱେଲ ଘୋଡ଼ାଇ ୩୦ ମିନିଟ୍ ବା ଏକ ଘଣ୍ଟା ରଖି ଦିଅନ୍ତୁ ।
- ଏହାକୁ ଥଣ୍ଡାପାଣିରେ ଧୋଇ ଦିଅନ୍ତୁ । ପରେ କେଶରେ ସାମ୍ପୁ ଓ କଣ୍ଡିସନର୍ ଲଗାଇ ପୁଣି ଥରେ ଧୋଇ ଦିଅନ୍ତୁ ।
- ଏହାକୁ ଲଗାଇବା ଦ୍ୱାରା କେଶ ଧୀରେ ଧୀରେ ବଢ଼ିଥାଏ । ଏହାକୁ ନିୟମିତ ବ୍ୟବହାର କରିବା ଦ୍ୱାରା ଚନ୍ଦାପଣ ଦୂର ହୋଇ ନୂଆ କେଶ ଉଠିଥାଏ ।




## ଏସିଆ କପ୍ ହକି କ୍ୟାମ୍ପ୍‌ରେ ଓଡ଼ିଶାରୁ ୫ ସାମିଲ

ନୂଆଦିଲ୍ଲୀ,୧୯।୭ (ଏଜେନ୍ସି): ଚୀନ୍‌ରେ ଚଳିତବର୍ଷ ସେପ୍ଟେମ୍ବର ୫ରୁ ଆରମ୍ଭ ହେବାକୁ ଯାଉଛି ବରିଷ୍ଠ ମହିଳା ଏସିଆ କପ୍ ହକି। ଏହି ପ୍ରତିଯୋଗିତା ଲାଗି ଭାରତୀୟ ଦଳର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବେଙ୍ଗାଲୁରୁର ସାଇ ସେଣ୍ଟରରେ ଜୁଲାଇ ୨୧ରୁ ୨୯ ଯାଏ ହେବାକୁ ଥିବା ପ୍ରଥମ କୋଚିଂ କ୍ୟାମ୍ପ ଲାଗି ଏକ ୪୦ ଜଣିଆ କୋର୍ ଗ୍ରୁପ୍ ଚୟନ କରାଯାଇଛି। ଏସିଆ କପ୍‌କୁ ଗୁରୁତ୍ୱ ଦେବାର ଅର୍ଥ ହେଉଛି ଟାଇଟଲ ବିଜୟୀ ଦଳ ସିଧାସଳଖ ୨୦୨୬ ମହିଳା ବିଶ୍ୱକପ୍ ହକିକୁ ଯୋଗ୍ୟତା ଅର୍ଜନ କରିଛି। ଏହି ୪୦ ଜଣିଆ କୋର୍ ଗ୍ରୁପ୍‌ରେ ଓଡ଼ିଶାରୁ ୫ ଖେଳାଳି ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଗୋଲରକ୍ଷକ ମାଧୁରୀ କିଣ୍ଡୋ, ଡିଫେଣ୍ଡର ଜ୍ୟୋତି ଛତ୍ରୀ, ସୁଜାତା କୁଜୁର, ମିଡ୍‌ଫିଲ୍ଡର ଆଜମିନା କୁଜୁର, ସୁନେଲିତା ଟପ୍ପୋ ପ୍ରମୁଖ ସ୍ଥାନ ପାଇଛନ୍ତି। ବେଙ୍ଗାଲୁରୁରେ କ୍ୟାମ୍ପ ପରେ ଟିମ୍ ସିଧାସଳଖ ହାଙ୍ଗଝୋଉ ଯାତ୍ରା କରିବେ। ଏହି କ୍ୟାମ୍ପରେ ହେଡ୍ କୋଚ୍ ହରେନ୍ଦ୍ର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେବ।

## ବେଙ୍ଗଲ ରଣଜୀ ସମ୍ଭାବ୍ୟ ଦଳରେ ସାମି



କୋଲକାତା,୧୯।୭ (ଏଜେନ୍ସି): ଭାରତୀୟ ଦଳର ଫାଷ୍ଟ ବୋଲର ମହମ୍ମଦ୍ ସାମିଙ୍କୁ ଆସନ୍ତା ରଣଜୀ ସିଜନ ଲାଗି ବେଙ୍ଗଲ ସମ୍ଭାବ୍ୟ ଦଳରେ ସାମିଲ କରାଯାଇଛି। ଆଇପିଏଲ୍‌ରେ ନିରାଶାଜନକ ଖେଳିବା ପରେ ତାଙ୍କ ଫିଟ୍‌ନେସ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଏବେ ସେ ସିଜନର ପ୍ରଥମ ମ୍ୟାଚ୍‌ରେ ପୂର୍ବାଞ୍ଚଳ ପକ୍ଷରୁ ଦୁଲୀପ ଟ୍ରଫି ଖେଳି ପ୍ରତିଯୋଗିତାମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ଭାରତୀୟ ଦଳ ସହ ଇଂଲଣ୍ଡ ଗସ୍ତରେ ଯାଇଥିବା ଆକାଶ ଦୀପ ଓ ଅଭିମନ୍ୟୁ ଈଶ୍ୱରନ, ଭାରତୀୟ କ୍ରିକେଟ ଦଳର ଅନ୍ୟତମ ଫାଷ୍ଟ ବୋଲର ମୁକେଶ କୁମାର, ଆଇପିଏଲ୍ ଷ୍ଟାର ଅଭିଷେକ ପୋରେଲ ଓ ଶାହାବାଜ ଅହମ୍ମଦ୍, ସିନିୟର ବ୍ୟାଟର ଅନୁଷ୍ଟୁପ ମଜୁମଦାରଙ୍କ ମଧ୍ୟ ୫୦ ଜଣିଆ ସମ୍ଭାବ୍ୟ ଦଳରେ ସ୍ଥାନ ମିଳିଛି। ଅନୁଷ୍ଟୁପ କ୍ରମାଗ ଦ୍ୱିତୀୟ ବର୍ଷ ଲାଗି ଦଳର ନେତୃତ୍ୱ ନେବାର ସମ୍ଭାବନା ରହିଛି।

## ନିର୍ଦ୍ଧାରିତ ସମୟରେ ହେବ ଚେନ୍ନାଇ ଓପନ ଟେନିସ

ଚେନ୍ନାଇ,୧୯।୭ (ଏଜେନ୍ସି): ବିଶ୍ୱର ଅନ୍ୟତମ ଟାଣୁଆ ଟୁର୍ଣ୍ଣାମେଣ୍ଟ ଚେନ୍ନାଇ ଓପନ ଟେନିସ ନିର୍ଦ୍ଧାରିତ ସମୟରେ ଚେନ୍ନାଇରେ ଆରମ୍ଭ ହେବ ବୋଲି କିଂବଦନ୍ତୀ ଖେଳାଳି ତଥା ତାମିଲନାଡୁ ଟେନିସ ସଂଘ ସଭାପତି ବିଜୟ ଅମୃତରାଜ ପ୍ରକାଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ମେକ୍ସିକୋରେ ଆୟୋଜିତ ହୋଇଥିଲା। କିନ୍ତୁ ତାମିଲନାଡୁ ସରକାରଙ୍କ ସହଯୋଗ ପରେ ଏହାକୁ ଚେନ୍ନାଇ ସ୍ଥାନାନ୍ତର କରାଯାଉଛି ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ କରୁଥିବା ସଂସ୍ଥା ଅକ୍ଟାଗନ ଆସନ୍ତା ୩ ବର୍ଷ ଲାଗି ଚେନ୍ନାଇରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଚୁକ୍ତିବଦ୍ଧ ହୋଇଛି। କିନ୍ତୁ ଏଠାରେ ଷ୍ଟାଡିୟମ୍ ନବୀକରଣ, ନୂଆ କୋର୍ଟ ସ୍ଥାପନ ଆଦି କାର୍ଯ୍ୟକ୍ରମ ଚାଲୁଥିବାରୁ ଏହା ନିର୍ଦ୍ଧାରିତ ସମୟରେ ଆୟୋଜନ ନେଇ ଆଶଙ୍କା ପ୍ରକାଶ ପାଇଛି। କିନ୍ତୁ ଏହି ସବୁ କାମ ଲାଗି ତାମିଲନାଡୁ ସରକାର ୧୨ କୋଟି ଟଙ୍କା ବ୍ୟୟ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ ଘୋଷଣା କରିଛନ୍ତି। ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ଏହି ଟୁର୍ଣ୍ଣାମେଣ୍ଟ ନିର୍ଦ୍ଧାରିତ ସମୟ ଅକ୍ଟୋବର ୨୭ରୁ ଆରମ୍ଭ ହୋଇ ନଭେମ୍ବର ୨ରେ ଶେଷ ହେବ ବୋଲି ଅମୃତରାଜ କହିଛନ୍ତି।

### ଓଲ୍ଡ ଟ୍ରାଫୋର୍ଡରେ ଗୋଟିଏ ମ୍ୟାଚ୍ ଜିତିନି ଭାରତ; ଚୂଡାନ୍ତ ଏକାଦଶ ଚୟନକୁ ନେଇ ଦ୍ୱନ୍ଦ୍ୱ

# ଗିଲ୍‌ଙ୍କ ପାଇଁ ଅଗ୍ନି ପରୀକ୍ଷା ଚତୁର୍ଥ ଟେଷ୍ଟ

ଓଲ୍ଡ ଟ୍ରାଫୋର୍ଡ,୧୯।୭ (ଏଜେନ୍ସି)



ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍ ଶେଷ ହୋଇଛି। ଏହା ମଧ୍ୟରୁ ଇଂଲଣ୍ଡ ୨ଟି ଓ ଭାରତ ଗୋଟିକରେ ବିଜୟୀ ହୋଇଛି। ସିରିଜ୍‌ରେ ୧-୨ରେ ପଛୁଆ ଥାଇ ଭାରତ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଚତୁର୍ଥ ଟେଷ୍ଟ ଖେଳିବାକୁ ଯାଉଛି। ଏହି ସିରିଜ୍‌ରେ ଭାରତର ନେତୃତ୍ୱ ନେଉଛନ୍ତି ୨୫ ବର୍ଷୀୟ ଯୁବ ଅଧିନାୟକ ଶୁବମନ ଗିଲ୍। ପ୍ରଥମ ୩ଟି ଟେଷ୍ଟର ଗୁରୁତ୍ୱପୂର୍ଣ୍ଣ ସମୟରେ ଥଣ୍ଡା ମିଜାଜ ନେଇ ପରିସ୍ଥିତିର ଉଚିତ ମୁକାବିଲା କରିଛନ୍ତି ଏହି ଅଧିନାୟକ। ପିଚ୍‌ରେ ନିଜର ଆକ୍ରମଣାତ୍ମକ ବ୍ୟାଟିଂ ଓ ପଡ଼ିଆରେ ରଣନୀତି ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ବରିଷ୍ଠ ଖେଳାଳିଙ୍କୁ ପ୍ରଭାବିତ କରିଛନ୍ତି ଗିଲ୍। କିନ୍ତୁ ଟେଷ୍ଟ ସିରିଜ୍ ପଛୁଆ ଥିବା ବେଳେ ଚତୁର୍ଥ ମୁକାବିଲାରେ ସେ କିପରି ରଣନୀତି ସହ ଦଳର ନେତୃତ୍ୱ ନେବେ ତାହାକୁ ନେଇ ଏବେ ସୃଷ୍ଟି ହୋଇଛି ଅନେକ ପ୍ରଶ୍ନ। ଅନ୍ୟପକ୍ଷରେ କହିବାକୁ ଗଲେ ଚତୁର୍ଥ ଟେଷ୍ଟ ହେବ ଅଧିନାୟକ ଗିଲ୍‌ଙ୍କ ଲାଗି ଅଗ୍ନି ପରୀକ୍ଷା। ଯଦିଓ ଗିଲ୍‌ଙ୍କ ଲାଗି ଏହା ଏକ କଷ୍ଟସାଧ୍ୟ କାମ ତଥାପି ଏହି ସମୟରେ ହିଁ ଜଣେ ସେନାପତିର ନେତୃତ୍ୱ ନେବାର ଅସଲ ପରୀକ୍ଷା ହୋଇଥାଏ। ଗିଲ୍ ଏଭଳି ଏକ ପରୀକ୍ଷାରେ ଅବତୀର୍ଣ୍ଣ ହୋଇଛନ୍ତି। ଏଥିରେ ସେ ସଫଳ ହେବେ କି ବିଫଳ ତାହା ସମୟ କହିବ।

ଅଷ୍ଟ୍ରେଲିଆର କିଂବଦନ୍ତୀ ଖେଳାଳି ତଥା ପୂର୍ବତନ ଅଧିନାୟକ ଗ୍ରେଗ୍ ଚାପେଲ ନିକଟରେ ଲେଖିଥିଲେ, ଗିଲ୍ ଏବେ ସମର୍ଥକଙ୍କ ଆଶା ପୂରଣ କରିବା ସହ ପ୍ରଦର୍ଶନରେ ସ୍ଥିରତା ବଜାୟ ରଖିବାର ସମୟ ଆସିଛି। ଏହା ହିଁ ସିରିଜ୍‌ର ଫଳାଫଳ ନିର୍ଣ୍ଣୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଚତୁର୍ଥ ଟେଷ୍ଟ ଗିଲ୍‌ଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଅପେକ୍ଷା କରିଛି। ଏହାକୁ ମୁକାବିଲା କରିବା କଷ୍ଟକର କଥା।

ଲଢୁଆ ଓ ଭଲ ଖେଳିବା ସତ୍ତ୍ୱେ ଦଳର ସମୀକରଣ ଓ ଫର୍ମକୁ ନେଇ ମଧ୍ୟ କିଛି ଅସୁବିଧା ରହିଛି। ତାହା ମଧ୍ୟରୁ ପ୍ରଥମଟି ହେଉଛି ଓଲ୍ଡ ଟ୍ରାଫୋର୍ଡରେ ଚୂଡାନ୍ତ ଏକାଦଶ ଚୟନ। ଏହି ଟେଷ୍ଟରେ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଖେଳିବେ ନା ତାଙ୍କୁ ବିଶ୍ରାମ ଦିଆଯିବ ତାହା ହେଉଛି ପ୍ରଥମ ନିଷ୍ପତ୍ତି। ସେହିପରି ନଂ-୩ରେ କରୁଣ ନାୟାରଙ୍କୁ ୪ଟି ଇନିଂସରେ ଖେଳିବାର ସୁଯୋଗ ଦିଆଯାଇଛି। ସେ ଭଲ ଆରମ୍ଭ କରିଥିଲେ ମଧ୍ୟ ବଡ଼ ସ୍କୋର କରିପାରି ନାହାନ୍ତି। ଏଭଳି ସ୍ଥିତିରେ ତାଙ୍କୁ ପୁଣିଥରେ ସୁଯୋଗ ଦିଆଯିବ ନା ଅନ୍ୟ କେହି ଖେଳିବେ ତାହା ହେଉଛି ଦ୍ୱିତୀୟ ବଡ଼ ନିଷ୍ପତ୍ତି। ଏବେ ସୁଦ୍ଧା ଭାରତୀୟ ସ୍ପିନର ସେମାନଙ୍କ ଯାଦୁ ଦେଖାଇ ନାହାନ୍ତି। ଏଭଳି ସମୟରେ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କୁ ସୁଯୋଗ ଦିଆଯିବ ନା ନାହିଁ, ତାହା ହେଉଛି ତୃତୀୟ ନିଷ୍ପତ୍ତି। ଏହି ସବୁ ନିଷ୍ପତ୍ତି ନେବାରେ ଗିଲ କେତେ ପରିପକ୍ୱତା ପ୍ରଦର୍ଶନ କରୁଛନ୍ତି ତାହା ଉପରେ ତାଙ୍କ ଅଧିନାୟକତ୍ୱର ଓ ଏହି ସିରିଜ୍‌ର ଭବିଷ୍ୟତ ନିର୍ଭର କରୁଛି।

ଚଳିତ ସିରିଜର ତୃତୀୟ ମୁକାବିଲାରେ ଗିଲ୍‌ଙ୍କ ବ୍ୟାଟିଂ ଫେଲ ମାରିଥିଲା। କିନ୍ତୁ ସେ ଏହି ସିରିଜ୍‌ରେ ଏଯାଏ ୬ଟି ଇନିଂସରୁ ୬୦୭ ରନ୍ କରିସାରିଛନ୍ତି। ଏଣୁ ସେ ଜଣେ ବ୍ୟାଟର ଭାବେ ସଫଳତା ପାଇଛନ୍ତି। ଏ ସମ୍ପର୍କରେ ଇଂଲଣ୍ଡର ପୂର୍ବତନ ଅଧିନାୟକ ଆଣ୍ଡ୍ରୁ ଷ୍ଟ୍ରସ୍ କହନ୍ତି, ଅଧିନାୟକ ହେବାର ପ୍ରାଥମିକ ପର୍ଯ୍ୟାୟରେ ବ୍ୟାଟିଂ ଓ ନେତୃତ୍ୱ ନେବାରେ ଜଣେ ଖେଳାଳିଙ୍କୁ ଉପଯୁକ୍ତ ସମନ୍ୱୟ ରଖିବାରେ ବିଶେଷ କଷ୍ଟ ସ୍ୱୀକାର କରି ନ ଥାନ୍ତି। ଗିଲ୍‌ଙ୍କ କ୍ଷେତ୍ରରେ ତାହା ଘଟିଛି। ସେ ଜଣେ ପ୍ରତିଭାସମ୍ପନ୍ନ ଖେଳାଳି। ନେତୃତ୍ୱ ନେବାର ଅଧିକ ଦାୟିତ୍ୱ ତାଙ୍କୁ ବ୍ୟାଟିଂରେ ସଫଳତା ଆଣିବାକୁ ଉତ୍ସାହିତ କରିଛି। କିନ୍ତୁ ଅଧିକ ଦିନ ହେଲେ ଏଥିରେ ସନ୍ତୁଳନ ରଖିବା କଷ୍ଟକର ହୋଇଥାଏ। ମୋ ମତରେ ଗିଲ୍ ଏବେ ଠିକ୍ ରାସ୍ତାରେ ଚାଲିଛନ୍ତି। ସେ ଏହି ରାସ୍ତାରେ ଚାଲିଲେ କିଛି ଅସୁବିଧା ହେବ ନାହିଁ ବୋଲି ଷ୍ଟ୍ରସ୍ ଆଶା ପ୍ରକାଶ କରିଛନ୍ତି।

ଏପରି ଏକ ହାଇଭୋଲ୍ଟେଜ୍ ସିରିଜ୍‌ରେ ଚାପର ମୁକାବିଲା କରିବା କଷ୍ଟକର ହୋଇଥାଏ। ଏହାକୁ ମୁକାବିଲା କରିବାକୁ ଗିଲ୍ କିଛି କୌଶଳ ଶିଖିବା ଉଚିତ୍। ନିଜ ଉପରେ ବିଶ୍ୱାସ ରଖିବା, ପଡ଼ିଆରେ ଆବଶ୍ୟକତା ଅନୁଯାୟୀ ଯୋଜନା କରିବା ଓ ଯୋଜନାରେ ପରିବର୍ତ୍ତନ କରିବା ଜଣେ ଅଧିନାୟକଙ୍କ ଲାଗି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାମ। ମୋର ବିଶ୍ୱାସ ଅଧିନାୟକ ଭାବେ ଗିଲ୍ ଏଯାଏ ସବୁଠିକ୍ କରିଆସିଛନ୍ତି। ଏହାକୁ ବଜାୟ ରଖିପାରିଲେ ସେ ଜଣେ ବିଚକ୍ଷଣ ଅଧିନାୟକ ହୋଇପାରିବେ ବୋଲି ଇଂଲଣ୍ଡର ପୂର୍ବତନ ଅଧିନାୟକ ଡେଭିଡ ଗାୱାର କହିଛନ୍ତି। ନେତୃତ୍ୱ ନେବାର ଏହା ପ୍ରକୃଷ୍ଟ ସମୟ ଓ ବୟସ ବୋଲି ମଧ୍ୟ ଗାୱାର ମତଦେଇଛନ୍ତି।

# ଭାରତ-ଇଂଲଣ୍ଡ ମୁକାବିଲାରେ ବର୍ଷା ବାଧକ

**ଦ୍ୱିତୀୟ ମହିଳା ଦିନିକିଆ**

ଲଣ୍ଡନ,୧୯।୭ (ଏଜେନ୍ସି): ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଶନିବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ମହିଳା ଦିନିକିଆ ମ୍ୟାଚ୍‌ରେ ସ୍ମୃତି ମନ୍ଧାନାଙ୍କ ୪୨ ଓ ଦୀପ୍ତି ଶର୍ମାଙ୍କ ଅପରାଜିତ ୩୦ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ୨୯ ଓଭରରେ ୮ ୱିକେଟ ହରାଇ ୧୪୩ ରନ୍ କରିଛି। ଅନ୍ୟମାନଙ୍କ ମଧ୍ୟରେ ହର୍ଲିନ ଦେଓଲ ୧୬ ଓ ଅରୁନ୍ଧତି ରେଡ୍ଡି ୧୪ ରନ୍ କରି ଦୁଇ ଅଙ୍କ ଛୁଇଁବାରେ ସମର୍ଥ ହୋଇଛନ୍ତି। ଇଂଲଣ୍ଡ ପକ୍ଷରୁ ବିଶ୍ୱର ନମ୍ବର-୧ ସ୍ପିନର ବାମହାତୀ ସୋଫି ଇକ୍ଲେଷ୍ଟୋନ୍ ୩ଟି, ଏମ୍ ଆର୍ଲଟ ଓ ଲିନ୍‌ସେ ସ୍ମିଥ୍ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି। ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ୪ ୱିକେଟରେ ଜିତି ଭାରତ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ତୃତୀୟ ମ୍ୟାଚ୍ ଆସନ୍ତା ୨୨ରେ ଅନୁଷ୍ଠିତ ହେବ।

ପୂର୍ବରୁ ଅନବରତ ବର୍ଷା ଯୋଗୁଁ ଏହି ମ୍ୟାଚ୍ ପ୍ରଭାବିତ ହୋଇଥିଲା। ମ୍ୟାଚ୍ ଆରମ୍ଭରୁ ବର୍ଷା ଲାଗି ରହିବାରୁ ନିର୍ଦ୍ଧାରିତ ସମୟରେ ଖେଳ ଆରମ୍ଭ ହୋଇ ପାରି ନ ଥିଲା। ବର୍ଷା ଯୋଗୁଁ ୨ଘଣ୍ଟାରୁ ଅଧିକ ଖେଳ ବାଧାପ୍ରାପ୍ତ ହେବା ଫଳରେ ଏହି ମ୍ୟାଚ୍‌କୁ ୨୯ ଓଭର ବିଶିଷ୍ଟ କରାଯାଇଥିଲା। ଏଥିରେ ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ଭାରତକୁ ଆମନ୍ତ୍ରଣ କରିଥିଲା। ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ବ୍ୟାଟିଂ ଆରମ୍ଭ କରି ଭାରତ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳର ପ୍ରମୁଖ ଖେଳାଳିଙ୍କ ମଧ୍ୟରେ ପ୍ରତୀକା ରାୱଲ ୩, ଅଧିନାୟିକା ହରମନପ୍ରୀତ୍ କୌର ୭, ଜେମିମା ରୋଡ୍ରିଗ୍ସେଜ୍ ୩, ୱିକେଟରକ୍ଷକ ତଥା ପାୱାର ହିଟ୍‌ର ରିଚା ଘୋଷ ୨ ରନ୍‌ରେ ଆଉଟ ହୋଇଥିଲେ। ପ୍ରଥମେ ବର୍ଷା ଓ ଦ୍ୱିତୀୟରେ ପ୍ରମୁଖ ଖେଳାଳିଙ୍କ ବିଫଳତା ବଳରେ ଭାରତ ଏକ ବଡ଼ ସ୍କୋର କରିପାରି ନ ଥିଲା। ଇଂଲଣ୍ଡର ଦୁଇ ସ୍ପିନର ଇକ୍ଲେଷ୍ଟୋନ୍ ଓ ସ୍ମିଥ୍ ୮ଟି ମଧ୍ୟରୁ ୫ଟି ୱିକେଟ ନେଇଥିଲେ।

**ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

## ବ୍ୟାଡ୍‌ମିଣ୍ଟନ, ଟିଟି କ୍ୱାର୍ଟରରେ ଭାରତ

ଭୁବନେଶ୍ୱର, ୧୯।୭ (ସମିସ): ଭାରତୀୟ ବ୍ୟାଡ୍‌ମିଣ୍ଟନ ଓ ଟେବୁଲ ଟେନିସ ଟିମ୍ ଜର୍ମାନୀର ରୁର-ରାଇନ୍‌ରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଆସନ୍ତକାଲି ମାଲେସିଆ ସହ ଉଭୟ ଦଳର ମୁକାବିଲା ହେବ। ଏଥିରେ ବିଜୟୀ ହେଲେ ଭାରତକୁ ପଦକ ମିଳିବା ନିଶ୍ଚିତ। ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳରେ କିଟ୍‌ର ଅବିନାଶ ମହାନ୍ତି ଡବଲ୍ସରେ ଖେଳିଥିଲେ। ଉଭୟ ଦଳକୁ ମଧ୍ୟ କିଟ୍‌ରେ ପ୍ରଶିକ୍ଷଣ ଦିଆଯାଇଥିଲା। କ୍ୱାର୍ଟର ଫାଇନାଲରେ ଦଳ ବିଜୟୀ ହେଲେ କିଟ୍ ଲାଗି ଏକ ବଡ଼ ଉପଲବ୍ଧି ହେବ। ଗତ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତ ୨୭ଟି ପଦକ ବିଜୟୀ ହୋଇଥିଲା। ଏଥର ଏହାକୁ ଭାରତ ଅତିକ୍ରମ କରିବା ଲକ୍ଷ୍ୟରେ ରହିଛି। ସୋମବାରଠାରୁ ଆଥ୍‌ଲେଟିକ୍ସ ଓ ଆର୍ଚରୀ ଇଭେଣ୍ଟ ଆରମ୍ଭ ହେବ। ଓଡ଼ିଶାରରେ ପ୍ରଶିକ୍ଷଣ ନେଉଥିବା ଅନିମେଶ କୁଜୁରଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ସେ ୧୦୦, ୨୦୦ ଓ ୪ ଗୁଣା ୪୦୦ ମିଟର ରିଲେ ଇଭେଣ୍ଟରେ ଭାଗନେବେ।

## କାଉଣ୍ଟି କ୍ରିକେଟରୁ ଓହରିଲେ ଋତୁରାଜ

ନାଗପୁର,୧୯।୭ (ଏଜେନ୍ସି): ଇଂଲଣ୍ଡରେ କାଉଣ୍ଟି କ୍ରିକେଟ ଖେଳିବାକୁ ବିଶ୍ୱର ପ୍ରାୟ ସମସ୍ତ ଖେଳାଳି ଆଶାୟୀ ଥା'ନ୍ତି। କିନ୍ତୁ ଏଥିରେ କେତେକ ଖେଳାଳି ସୁଯୋଗ ପାଇ ମଧ୍ୟ ଭିନ୍ନ ଭିନ୍ନ କାରଣରୁ ଖେଳିପାରି ନ ଥାନ୍ତି। ଭାରତର ଅନ୍ୟତମ ପ୍ରତିଷ୍ଠିତ ଖେଳାଳି ତଥା ଆଇପିଏଲ୍ ଟିମ୍ ଚେନ୍ନାଇ ସୁପର କିଙ୍ଗ୍‌ସର ଅଧିନାୟକ ଋତୁରାଜ ଗାଏକୱାଡ୍ ସୁଯୋଗ ପାଇ ମଧ୍ୟ ଖେଳି ପାରି ନାହାନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଏହି ହାଇ ପ୍ରୋଫାଇଲ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ଚଳିତ ସିଜନରେ ଡିଫେଣ୍ଡିଂ ଚାମ୍ପିଅନ ସରେ ପକ୍ଷରୁ ସେ ଆସନ୍ତା ୨୨ରେ ପ୍ରଥମ ମ୍ୟାଚ ସହ ୫ଟି ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ଥିଲା।

## ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଆଜି

ଭୁବନେଶ୍ୱର,୧୯।୭ (ସମିସ): ଓଡ଼ିଶାର ପ୍ରମୁଖ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍ଆର୍ ଚେସ ସେଣ୍ଟର ଓ ଡି ୱେଙ୍ଗରବିୱେର୍ବର ମିଳିତ ସହଯୋଗରେ ଆସନ୍ତାକାଲି ବା ରବିବାର ଜୁଲାଇ ୨୦ ତାରିଖ ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ ଅବସରରେ ଏସ୍ଆର ରାଜ୍ୟସ୍ତରୀୟ ଓପନ ସ୍କୁଲ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। କଟକ ତ୍ରିଶୁଳିଆସ୍ଥିତ ସେରେମୋନିୟମ ମଣ୍ଡପ ପରିସରରେ ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ମୋଟ ୨୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଚାମ୍ପିଅନ ଖେଳାଳି ୫,୦୦୦ ଟଙ୍କା ସହ ଟ୍ରଫି ପାଇବେ। ମୋଟ ୧୫ ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ ଏସ୍ଆର ଚେସ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ ସଭାପତି ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି।

**୧୬ ବର୍ଷରୁ କମ୍ ଏସୀୟ ଭଲିବଲ**

## ଭାରତର କାଂସ୍ୟ ବିଜୟ ସହ ବିଶ୍ୱକପ୍ ଲାଗି ଯୋଗ୍ୟତା



ନାଖୋନ୍ ପାଥମ,୧୯।୭ (ଏଜେନ୍ସି): ଜୁନିଅର ଭଲିବଲରେ ଭାରତକୁ ମିଳିଛି ଏକ ବଡ଼ଫ ସଫଳତା। ଥାଇଲାଣ୍ଡର ନାଖୋନ ପାଥମଠାରେ ଶେଷ ହୋଇଥିବା ୧୬ ବର୍ଷରୁ କମ୍ ଏସୀୟ ଭଲିବଲ ଚାମ୍ପିଅନସିପ୍‌ରେ ଶକ୍ତିଶାଳୀ ଜାପାନକୁ ହରାଇ ଭାରତ କାଂସ୍ୟ ପଦକ ବିଜୟୀ ହୋଇଛି। ଏହା ଫଳରେ ଉଭୟ ଦଳ ସହ ଦୁଇ ଫାଇନାଲିଷ୍ଟ ଇରାନ ଓ ପାକିସ୍ତାନ ମଧ୍ୟ ୧୭ ବର୍ଷରୁ କମ୍ ଏଫ୍ଆଇଭିବି ବିଶ୍ୱକପ୍ ଭଲିବଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା କତାରରେ ଅଗଷ୍ଟ ୧୯ରୁ ୨୯ ଯାଏ ଖେଳାଯିବ। ଗତକାଲି ସେମିଫାଇନାଲରେ ପାକିସ୍ତାନ ନିକଟରୁ ଶୋଚନୀୟ ପରାଜୟ ବରଣ କରିବା ପରେ ଆଜି ବା ଶନିବାର ଜାପାନକୁ ହରାଇବା ଭାରତୀୟଙ୍କ ଲାଗି ନିଶ୍ଚିତଭାବେ ଏକ ଉଲ୍ଲେଖନୀୟ ସଫଳତା। ବିଶେଷକରି ଜାପାନ ନିକଟରୁ ପ୍ରଥମେ ହାରିଥିବା ଭାରତ କାଂସ୍ୟ ପଦକ ମୁକାବିଲାକୁ ୨୫-୨୧, ୧୨-୨୫, ୨୫-୨୩, ୧୮-୨୫, ୧୫-୧୦ରେ ଜିତିଥିଲା। ଭାରତ ପକ୍ଷରୁ ଅବଦୁଲା ୧୬, ଅପ୍ରତିମ ୧୬, ରଫିକ୍ ୧୨ ପଏଣ୍ଟ ସ୍କୋର କରିଥିଲେ।

**ସାହାଣୀ କପ୍-୨୦୨୫**

# ସୁନ୍ଦରଗଡ଼, ବାଲେଶ୍ୱର, ମୟୂରଭଞ୍ଜର ବିଜୟ

ଭୁବନେଶ୍ୱର,୧୯।୭ (ସମିସ):



ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ରାଜ୍ୟର ୪ଟି ଜୋନ୍‌ରେ ଖେଳାଯାଉଛି। ଶନିବାର କେନ୍ଦୁଝର ଜୋନ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ସୁନ୍ଦରଗଡ଼ ଓ ବାଲେଶ୍ୱର ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ସୁନ୍ଦରଗଡ଼ ୨-୦ ଗୋଲରେ ସୁବର୍ଣ୍ଣପୁରକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ଜାମିର ଓରାମ ଓ ମହେଶ ପ୍ରଧାନ ଗୋଲ ସ୍କୋର କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ବାଲେଶ୍ୱର ରାଜୁ ସିଂଙ୍କ ଡବଲ ଗୋଲ ବଳରେ ଢେଙ୍କାନାଳକୁ ୪-୦ ଗୋଲରେ ପରାସ୍ତ କରିଛି। ବିଜୟ ଦଳ ପକ୍ଷରୁ ଜଗନ୍ନାଥ ସୋରେନ୍ ଓ ମଧୁ ସୋରେନ ଅନ୍ୟ ଦୁଇଟି ଗୋଲ ଦେଇଥିଲେ। ସେହିପରି ବୌଦ୍ଧ ଜୋନ୍‌ରେ ବରଗଡ଼ ଓ କଳାହାଣ୍ଡି ବିଜୟୀ ହୋଇଛନ୍ତି। ଦ୍ୱିତୀୟ ମ୍ୟାଚ୍‌ରେ ବରଗଡ଼ ୩-୦ ଗୋଲରେ ଦେବଗଡ଼କୁ ପରାସ୍ତ କରିଛି। ଆନନ୍ଦ ଓରାମ, ଅଙ୍କିତ ବେହେରା ଓ ସଞ୍ଜୀବ ଦଣ୍ଡସେନା ବିଜୟୀ ବରଗଡ଼ ପକ୍ଷରୁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

### ମୟୂରଭଞ୍ଜର ବୃହତ୍ ବିଜୟ

ବ୍ରହ୍ମପୁର ଜୋନ୍‌ରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ରାୟଗଡ଼ାକୁ ୯-୦ ଗୋଲରେ ହରାଇ ମୟୂରଭଞ୍ଜ ଜିଲ୍ଲା ବୃହତ୍ ବିଜୟ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ବୀରସିଂହ ନାଏକ ହ୍ୟାଟ୍ରିକ୍ ଓ ରାଇସେଢ଼ ଟୁଡୁ ଡବଲ ଗୋଲ ସ୍କୋର କରିଥିଲେ। ୧୧ ନମ୍ବର ଜର୍ସି ପରିହିତ ବୀରସିଂହ ଖେଳର ୧୫, ୧୭ ଓ ୨୬ତମ ମିନିଟ୍‌ରେ ୩ଟିଯାକ ଗୋଲ ସ୍କୋର କରିଥିଲେ। ସେହିପରି ଖେଳର ୩୦ତମ ଓ ୯୦ତମ ମିନିଟ୍‌ରେ ରାଇସେନ ୨ଟି ଗୋଲ ଦେଇଥିଲେ।

ଠାକୁର ମୁର୍ମୁ ୨ଟି, ମାନଚିତ୍ର ମାର୍ଣ୍ଡି ଓ ସଲାହି ଟୁଡୁ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହି ଜୋନ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ କୋରାପୁଟ ଜିଲ୍ଲା ୨-୦ ଗୋଲରେ ମାଲକାନଗିରିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ କିସାନ ମାଝୀ ଓ ଜିତୁ ମୁଦୁଲି ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

### ପ୍ରକାଶଙ୍କ ହ୍ୟାଟ୍ରିକ୍ ସହ ୬ ଗୋଲ

କେନ୍ଦ୍ରାପଡ଼ା ଜୋନ୍‌ରେ ପାରାଦୀପ ପୋର୍ଟ ଟ୍ରଷ୍ଟ ମଧ୍ୟ ବୃହତ୍ ବିଜୟ ହାସଲ କରିଛି। ଏଠାରେ ଖେଳାଯାଇଥିବା ମ୍ୟାଚରେ ପାରାଦୀପ ପୋର୍ଟ ୯-୨ ଗୋଲରେ ପୁରୀ ଜିଲ୍ଲାକୁ ପରାସ୍ତ କରିଛି। ବିଜୟୀ ପାରାଦୀପ ପକ୍ଷରୁ ୭ ନମ୍ବର ଜର୍ସି ପିନ୍ଧିଥିବା ପ୍ରକାଶ ନାୟକ ଡବଲ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ସେ ଏକାକୀ ଖେଳର ୩୦, ୩୬, ୬୦, ୭୩, ୮୫ ଓ ୯୦ ମିନିଟ୍‌ରେ ଗୋଲ ଦେଇଥିଲେ। ସେହିପରି ସୁନାରାମ କେରାଇ, ସୂର୍ଯ୍ୟକାନ୍ତ ଦାସ ଓ ରିତିକ କନୋଜିଆ ଗୋଟିଏ ଲେଖାଏଁ ଗୋଲ ଦେବାରେ ସମର୍ଥ ହୋଇଛନ୍ତି। ପୁରୀ ପକ୍ଷରୁ କାହ୍ନୁ ମଲ୍ଲିକ ଓ ସ୍ମୃତିରଞ୍ଜନ ବେହେରା ଗୋଟିଏ ଲେଖାଏଁ ଗୋଲ ଶୁଝାଇଥିଲେ। ଏହି ଜୋନ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ କଟକ ୩-୦ ଗୋଲରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ବିଜୟୀ କଟକ ଦଳ ପକ୍ଷରୁ ପି ଟୁଡୁ, ବାପୁନି ବିନ୍ଧାଣି ଓ ଦୀନବନ୍ଧୁ ଦାସ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା କଟକ ୨-୦ ଗୋଲରେ ଆଗୁଆ ରହିଥିଲା।

## ପୁଲିସ୍ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୯।୭ (ସମିସ): ଆମେରିକାରେ ଅନୁଷ୍ଠିତ ବିଶ୍ୱ ପୁଲିସ୍ ଓ ଅଗ୍ନିଶମ କ୍ରୀଡ଼ାରେ ପଦକ ବିଜେତା କ୍ରୀଡ଼ାବିତ୍‌ଙ୍କୁ ଆଜି ପୁଲିସ୍ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ସମ୍ବର୍ଦ୍ଧିତ କରିଛନ୍ତି। ଏହି କ୍ରୀଡ଼ାରେ ଓଡ଼ିଶାରୁ ୫ଜଣ ପୁରୁଷ ଓ ୨ଜଣ ମହିଳା ପୁଲିସ୍ କର୍ମଚାରୀ ଅଂଶଗ୍ରହଣ କରି ଭାରତ ଲାଗି ୨୦ଟି ପଦକ ଜିତିଥିଲେ। ତାହା ମଧ୍ୟରେ ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ଟି କାଂସ୍ୟ ପଦକ ରହିଥିଲା। ଏହି ସଫଳତା ଆଣି ଓଡ଼ିଶା ତଥା ଭାରତକୁ ଗୌରବ ମଣ୍ଡିତ କରିଥିବା ପୁଲିସ୍ କ୍ରୀଡ଼ାବିତ୍‌ମାନଙ୍କୁ ଆଜି କ୍ୟାମ୍ପ କାର୍ଯ୍ୟାଳୟରେ ଡିଜିପି ଖୁରାନିଆ ସମ୍ବର୍ଦ୍ଧିତ କରିଥିଲେ। ଏହି କ୍ରୀଡ଼ାରେ ଅଶୋକ ଦଣ୍ଡସେନା ଏକାକୀ ୭ ସ୍ୱର୍ଣ୍ଣ ଓ ରିଲେ ରେସ୍‌ରେ ଗୋଟିଏ ରୌପ୍ୟ ପଦକ ଜିତିଥିଲେ। ମହିଳା କ୍ରୀଡ଼ାବିତ୍ ସୁସ୍ମିତା ଟିଗ୍‌ଗା ୨ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ୧ଟି କାଂସ୍ୟ ପଦକ, ସବିତା ଟପ୍ପୋ ୧ ସ୍ୱର୍ଣ୍ଣ ଓ ୨ଟି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡି ଭଗବାନ ରେଡ୍ଡି, ସୁମନ ଶେଖର ଦାସ, ରୀତେଶ ରାୟ ମଧ୍ୟ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଅଭିଷେକ ପଟ୍ଟନାୟକଙ୍କୁ ଗୋଟିଏ କାଂସ୍ୟ ମିଳିଥିଲା। ଆଜି ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଡିଜିପିଙ୍କ ବ୍ୟତୀତ ବରିଷ୍ଠ ପୁଲିସ୍ ଅଧିକାରୀ ଅରୁଣ ବୋଥ୍ରା, ରାଜେଶ କୁମାର, ଏସ୍ ଦେବଦତ୍ତ ସିଂ, ପ୍ରତୀକ ମହାନ୍ତି, ନରସିଂହ ଭୋଳ, ଜୟନାରାୟଣ ପଙ୍କଜ, ବିବେକାନନ୍ଦ ଶର୍ମା ଓ ପୁଲିସ୍ କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS

# ଖୋଲାଖୋଲି ବିକ୍ରି ହେଉଛି ଅସ୍ୱାସ୍ଥ୍ୟକର ଖାଦ୍ୟ

## ● ହୋଟେଲଗୁଡ଼ିକରେ ଖାଦ୍ୟର ମାନ ଯାଞ୍ଚ ଦାବି

ଉମରକୋଟ, ୧୯।୭(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଏକ ବ୍ୟବସାୟୀକ ପେଣ୍ଠସ୍ଥଳୀ ହୋଇଥିବା ବେଳେ ଆଖପାଖ ବ୍ଲକ ଲୋକ ସହ ଦେଶର ବିଭିନ୍ନ ରାଜ୍ୟରୁ ପ୍ରତିଦିନ ଲୋକ ଏଠାକୁ ବ୍ୟବସାୟ କାର୍ଯ୍ୟରେ ଆସନ୍ତି। ସହରର ରାସ୍ତା କଡ଼ରେ ଥିବା ବିଭିନ୍ନ ଉଠା ଦୋକାନ ଓ ହୋଟେଲରୁ ଲୋକେ ଖାଦ୍ୟ ଖାଇଥାନ୍ତି। କିନ୍ତୁ ଉଠା ଦୋକାନୀ ଓ କିଛି ହୋଟେଲରେ ଖାଦ୍ୟ ଗୁଡ଼ିକ ପ୍ରସ୍ତୁତିରେ ପରିଷ୍କାର ପରିଚ୍ଛନ୍ନତା ରଖୁ ନ ଥିବା ଲୋକେ ଅଭିଯୋଗ କରୁଛନ୍ତି। ଯାହାକି କୌଣସି ସମୟରେ ଡାଇରିଆ ବ୍ୟାପିବା ଆଶଙ୍କା ପ୍ରକାଶ କରାଯାଇଛି। ଯଦି ଦୂଷିତ ଜଳ ଓ ଖାଦ୍ୟ ପାଇଁ ଡାଇରିଆ ବ୍ୟାପେ ତେବେ ପରିସ୍ଥିତି ଅଣାୟତ୍ତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରି କରୁଥିବା ହୋଟେଲ ଗୁଡ଼ିକର ଖାଦ୍ୟର ମାନ ଯାଞ୍ଚ କରିବା ପାଇଁ ଦାବି ହେଉଛି। କିଛି ହୋଟେଲରେ ଫିଲଟରର ପାଣିରେ ଜିଆ ଦେଖିବାକୁ ମିଳିଛି ଓ ମିଠା ଦୋକାନରେ ରସମୋଲେଇରେ ମାଛି ମରିଥିବା ମଧ୍ୟ ଦେଖିବାକୁ ମିଳିଛି। ତତ୍ ସହରର ବିଭିନ୍ନ ସାହିରେ ସଫେଇ ହେଉନାହିଁ। ଅଳିଆ ଆବର୍ଜନା ଦୀର୍ଘ ଦିନ ହେବ ପଡ଼ି ରହି ଦୁର୍ଗନ୍ଧ ହେଉଛି ସଂକ୍ରମଣ ହେବାର ଆଶଙ୍କା ରହିଛି। ସେହିପରି ଅନେକ ସ୍ଥାନରେ ଡ୍ରେନ୍ ଭିତରେ ପାଣି ପାଇପ ଯାଇଛି। ଅନେକ ପାଇପ୍ ପୁରୁଣା ହୋଇଯାଇଥିବାରୁ ଡ୍ରେନ ପାଣି ପାଇପ୍ ଯୋଗେ ପ୍ରବେଶ କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଫଳରେ ଡାଇରିଆ ସହ ଜଣ୍ଡିସ ବ୍ୟାପିବାର ସମ୍ଭାବନା ରହିଛି। ଏଣୁ ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ ଭିତରେ ଯାଇଥିବା ପାଣି ପାଇପକୁ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ତୁରନ୍ତ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଖାଦ୍ୟର ମାନ ଓ ଦୂଷିତ ପାଣି ଯାଞ୍ଚ କରିବାର ଆବଶ୍ୟକତା ରହିଛି। ତୁରନ୍ତ ଜନସ୍ୱାସ୍ଥ୍ୟ ବିଭାଗ, ପୌର ପରିଷଦ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ପଦକ୍ଷେପ ନେବା ପାଇଁ ସହରବାସୀ ଦାବି କରିଛନ୍ତି।




ସଙ୍ଗେ ଡାଇରିଆ ନିୟନ୍ତ୍ରଣ ନେଇ ପ୍ରଶାସନ ସ୍ୱତନ୍ତ୍ର ଆକ୍ସନ ପ୍ଲାନ୍ ଗ୍ରହଣ କରିବା ପାଇଁ ଦାବି ମଧ୍ୟ ହୋଇଛି। ଯଦି ଏଥିରେ ବିଳମ୍ବ ଘଟେ ତେବେ ଉମରକୋଟ ସହର ହିଁ ଡାଇରିଆ ମହାମାରୀ ରୂପ ଧାରଣ କରିବାର ଆଶଙ୍କା ପ୍ରକାଶ କରିଛନ୍ତି ବୁଦ୍ଧିଜୀବୀ।

# ଉତ୍କଳ ସାମ୍ବାଦିକ ସଂଘର ବନ୍ଧୁମିଳନ ଓ ଚାରାରୋପଣ


ନନ୍ଦପୁର, ୧୯।୭(ସମିସ): ଉତ୍କଳ ସାମ୍ବାଦିକ ସଂଘ ତରଫରୁ ଆଜି ନନ୍ଦପୁର ସ୍ଥିତ ପର୍ଯ୍ୟଟନ ସ୍ଥଳୀ ରାଣୀଡୁଡୁମାରେ ସାମ୍ବାଦିକଙ୍କ ବନ୍ଧୁ ମିଳନ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର, ଡୁମାଣି ପତ୍ରିକାର ସମ୍ପାଦକ ଅକ୍ଷୟ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ୍ ମିଶ୍ର, ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା ସାଙ୍ଗଠନିକ ସମ୍ପାଦକ ଚୈତନ୍ୟ ହନ୍ତାଳ, ଜିଲ୍ଲା ସାଧାରଣ ସମ୍ପାଦକ ନରସିଂହ ବ୍ରହ୍ମା, ବରିଷ୍ଠ ସାମ୍ବାଦିକ ସୁଦର୍ଶନ ସେନାପତି, ଜିଲ୍ଲା ଉପସଭାପତି ତ୍ରିନାଥ ଖରାଙ୍କ ସହ ସମାଜସେବୀ ମୁନା ଦଳପତି ଓ ବିପିନ ମହାନ୍ତି, ନନ୍ଦପୁର ବନପାଳ ଗୋପୀନାଥ ପାଙ୍ଗିଙ୍କ ସହିତ ସାମ୍ବାଦିକ ଶଙ୍କର ପାଙ୍ଗି, ହାରେସ ଖିଲ, ଦୂର୍ଗା ପ୍ରସାଦ ପାଢ଼ୀ, ପ୍ରଣୟ ପ୍ରସାଦ ପଟ୍ଟନାୟକ, ହିରଣ୍ୟ ବିଶୋଇ, ମୋନୋଜ ମୁଦୁଲି, ରମେଶ କୁମାର ଅଧିକାରୀ, ବିମଳ ସ୍ମିଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଣୀ ଡୁଡୁମା ପର୍ଯ୍ୟଟନ ସ୍ଥଳୀ ପରିସରରେ ଚାରାରୋପଣ କରାଯାଇଥିଲା। ଏହାସହ ନନ୍ଦପୁର ବ୍ଲକର ଗତକାଲି ୫ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଉତ୍କଳ ସାମ୍ବାଦିକ ସଂଘରେ ନୂତନ କରି ଜଡ଼ିତ ହୋଇଥିବାବେଳେ ଶନିବାର ଆଉ ୪ ଜଣ ସ୍ୱେଚ୍ଛାକୃତ ଭାବେ ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ସଂଘ ସହ ଜଡ଼ିତ ହୋଇଥିଲେ। ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ କର ଯୋଗଦେଇଥିବା ନୂତନ ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସଂଘର ଆଭିମୁଖ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ।






## ଆସ୍ଥା ଅନ୍ତେବାସୀଙ୍କ ଗହଣରେ ଜନ୍ମଦିନ ପାଳିଲେ ପୌର ଅଧ୍ୟକ୍ଷ

କୋରାପୁଟ, ୧୯।୭(ସମିସ): ଆସ୍ଥା ଅନୁଷ୍ଠାନରେ ରହୁଥିବା କୁନିକୁନି ପିଲାଙ୍କ ଗ୍ରହଣରେ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ନିଜ ଜନ୍ମଦିନ ପାଳନ କରିଛନ୍ତି। ଶନିବାର ପୂର୍ବାହ୍ନରେ ସେ ଆସ୍ଥା ଅନୁଷ୍ଠାନରେ ପହଞ୍ଚିବା ପରେ ଅଧ୍ୟକ୍ଷଙ୍କୁ କର୍ମଚାରୀ ଓ ପିଲାମାନେ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସେ ପିଲାମାନଙ୍କୁ ବିସ୍କୁଟ ଓ ଚକ୍‌ଲେଟ ଦେବା ସହ କେକ୍ କାଟି ଜନ୍ମଦିନ ପାଳନ କରିଥିଲେ।




# ମୈତ୍ରୀ ପକ୍ଷରୁ ଛାତ୍ରୀଙ୍କୁ ପାଠ୍ୟପୁସ୍ତକ ବଣ୍ଟନ

ଲକ୍ଷ୍ମୀପୁର, ୧୯।୭(ସମିସ): ଲକ୍ଷ୍ମୀପୁର ଅଞ୍ଚଳର ମୈତ୍ରୀ ଇମ୍ପା ପ୍ରାଇଭେଟ୍ ଲିମିଟେଡ କମ୍ପାନୀ ଦ୍ୱାରା ଲକ୍ଷ୍ମୀପୁର ହାଟପଦା ନିକଟସ୍ଥ ୟୁଏନ ରାଜୁ ବାଳିକା ଉଚ୍ଚ ବିଦ୍ୟାଳୟର ଅନ୍ତେବାସୀ ଛାତ୍ରୀମାନଙ୍କୁ ପାଠ୍ୟ ପୁସ୍ତକ ଓ ପାଠ୍ୟ ଉପକରଣ ସାମଗ୍ରୀ ବଣ୍ଟନ କରାଯାଇଛି। ଏହାସହ ସ୍ୱେଟର, ଜୋତା, ମୋଜା ଭଳି କେତେକ ସାମଗ୍ରୀ ମଧ୍ୟ ବଣ୍ଟନ କରିଛନ୍ତି। ଏହି ସମୟରେ ପୂର୍ବତନ ବିଧାୟକ କୈଳାସ କଲେସିକା, ବ୍ଲକ ଅଧ୍ୟକ୍ଷା ସୁଆଇ କୁଲେସିକା, ମୈତ୍ରୀ କର୍ମଚାରୀ ପିଲୁ ଗରଡା, ଜିତେନ୍ଦ୍ର ଗରଡା, ସୁଧୀର ଗରଡା ସହ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟକର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହା ମୈତ୍ରୀ କମ୍ପାନୀ ଯୁବ ଓ ଦକ୍ଷତା ବିକାଶ ପରିଚାଳନା ନିର୍ଦ୍ଦେଶକ ଟି. ବାଲ୍‌ପଓନଙ୍କ ନେତୃତ୍ୱରେ କରାଯାଇଥିଲା।






# ନେରେଡିୱାଲସାରେ ସ୍ୱାସ୍ଥ୍ୟ ଶିବିର

ପଟାଙ୍ଗି, ୧୯।୭(ସମିସ): ଓଡ଼ିଶା ସୀମାନ୍ତ ତଥା କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମ ନେରେଡିୱାଲାସାଠାରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟ ନେରେଡିୱାଲାସା(ତାଡ଼ିୱାଲାସା)ଠାରେ ଶିବିରଟି ଆୟୋଜିତ ହୋଇଥିଲା। ପଟାଙ୍ଗି ବ୍ଲକ କାର୍ଯ୍ୟାଳୟ ତଥା ବିଡିଓ ରାମକୃଷ୍ଣ ନାୟକଙ୍କ ନେତୃତ୍ୱରେ ଶିବିର ଅନୁଷ୍ଠିତ ହୋଇଛି। ପଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଭାଗବତ ମୁର୍ମୁଙ୍କ ତତ୍ୱାବଧାନରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ସନ୍ତୋଷ କୁମାର ପଣ୍ଡା, ଶିଶୁରୋଗ ବିଶେଷଜ୍ଞ ଡା. ଶମ୍ଭୁ ଶଙ୍କର ପାତ୍ର, କୋଟିଆ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ବିରେଶ କୁମାର ମହାପାତ୍ର, ଡା. ଦୁର୍ଗା ମାଧବ ପଣ୍ଡା ଓ ଚକ୍ଷୁ ଚିକିତ୍ସା ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ଉପସ୍ଥିତ ରହି ରୋଗୀ ଙ୍କୁ ଚିକିତ୍ସା କରିଥିଲେ। ଶିବିରରେ ବିଭିନ୍ନ ଗ୍ରାମର ୨୮୬ ବ୍ୟକ୍ତି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସେଥିମଧ୍ୟରୁ ୩୫ ଜଣ ସ୍ତ୍ରୀ ଓ ପ୍ରସୂତି, ୯୨ ଜଣ ଶିଶୁ, ୮୭ ଜଣ ଚକ୍ଷୁ ରୋଗୀ ଓ ୭୨ ଜଣ ଅନ୍ୟ ସାଧାରଣ ରୋଗୀ ଯୋଗ ଦେଇଥିଲେ। ୧୯୪ଜଣଙ୍କର ରକ୍ତଚାପ, ରକ୍ତଶର୍କରା ଆଦି ଅଣ ସଂକ୍ରାମକ ରୋଗ ପରୀକ୍ଷା ଓ ପରାମର୍ଶ, ୧୧୨ ଜଣଙ୍କ ମ୍ୟାଲେରିଆ ପରୀକ୍ଷା, ଦୃଷ୍ଟିଦୋଷ ଥିବା ୩୧ବ୍ୟକ୍ତିଙ୍କୁ ମାଗଣା ଚଷମା ବଣ୍ଟନ ସହିତ ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ପଟାଙ୍ଗି ପଞ୍ଚାୟତ ସମିତି ପକ୍ଷରୁ ଏବିଡିଓ ବେଦାନ୍ତ କୁମାର ମାଝୀ, ଏଇଇ ବିଶ୍ୱନାଥ ମାଦାନି, ଏପିଓ ସୌମେନ୍ଦ୍ର ନାୟକ, କୋଟିଆ ଜେଇଇ ଅଜୟ ରାମ ତରାଇ ଓ ପିଇଓ ପଣ୍ଡା ଗୋଲାରୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ସେହିପରି ପଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିପିଏମ୍ ରଶ୍ମିତା ସ୍ୱାନ, ପିଏଚଇଓ ଆରତୀ ଗୁଡିଆ ଓ ସୁପରଭାଇଜର ସୁବ୍ରତ ଶର୍ମାଙ୍କ ସହିତ କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ରହି ସ୍ୱାସ୍ଥ୍ୟ ଶିବିର ପରିଚାଳନା କରିଥିଲେ। ବହୁ ସଂଖ୍ୟକ ଅଙ୍ଗନବାଡି ଓ ଆଶାକର୍ମୀ ସହଯୋଗ କରିଥିଲେ।











## ମଶା ଦାଉରୁ ରକ୍ଷା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ପଦକ୍ଷେପ

# ଆବାସିକ ବିଦ୍ୟାଳୟରେ ନିମ୍ବପତ୍ର ମିଶ୍ରିତ ତେଲ ପ୍ରୟୋଗ

ରାୟଗଡ଼ା, ୧୯।୭ (ସମିସ)

ସମ୍ପ୍ରତି ଆବାସିକ ବିଦ୍ୟାଳୟରେ ବିଦ୍ୟାର୍ଥୀମାନଙ୍କୁ ମ୍ୟାଲେରିଆ, ଡେଙ୍ଗୁ ଓ ଚିକନଗୁନିଆ ଭଳି ମାରାତ୍ମକ ରୋଗରୁ ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଔଷଧ ଯୁକ୍ତ ମଶାରୀ ବ୍ୟବହାର, କୀଟନାଶକ ଔଷଧ ସିଞ୍ଚନ, ପରିବେଶ ସଫା ସୁତୁରା ରଖିବା ଓ ଜ୍ୱର ହେଲେ ତ୍ୱରିତ ଚିକିତ୍ସା ବ୍ୟବସ୍ଥା କରିବା ଭଳି ପଦକ୍ଷେପ ନିଆଯାଉଛି। କିନ୍ତୁ ଏବେ ଏସବୁ ବ୍ୟବସ୍ଥା ପରିବର୍ତ୍ତେ ରାୟଗଡ଼ା ଜିଲ୍ଲାରେ ଏକ ସମ୍ପୂର୍ଣ୍ଣ ନିଆରା ଉପାୟ କରିବା ପାଇଁ ପ୍ରୟାସ କରାଯାଇଛି। ଏଥିରେ ସଫଳତା ମଧ୍ୟ ପରିଲକ୍ଷିତ ହେଉଛି। ମଶା ଦାଉରୁ ରକ୍ଷା ପାଇଁ ନିମ୍ବ ତେଲର ଉପଯୋଗିତାକୁ ଆଖି ଆଗରେ ରଖି ସାମାନ୍ୟ ତେଲରେ ନିମ୍ବ ପତ୍ର ମିଶାଇ କିଛି ସମୟ ସିଝେଇବା ପରେ ଯେଉଁ ତେଲ ପ୍ରସ୍ତୁତ ହେଉଛି, ତାକୁ ବିଦ୍ୟାର୍ଥୀଙ୍କ ଦେହରେ ବ୍ୟବହାର କରିବା ପାଇଁ ସମସ୍ତ ଆବାସିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ତାଲିମ ସହ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ଆବାସିକ ବିଦ୍ୟାଳୟରେ ଏହା ବ୍ୟାପକ ରୂପରେ ପ୍ରସ୍ତୁତ କରାଯାଉଛି। ଏହାର ବ୍ୟବହାର ଦ୍ୱାରା ମଶା କାମୁଡିବା ନିୟନ୍ତ୍ରଣ କରାଯାଇପାରୁଛି। ରାୟଗଡ଼ା ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମମତା ଚୌଧୁରୀ ଏହି ପ୍ରକ୍ରିୟାକୁ ନେଇ ଜିଲ୍ଲାସ୍ତରୀୟ ବୈଠକରେ ରଖିଥିଲେ। ଜିଲ୍ଲାପାଳ ପାରୁଲ ପଟୱାରି ଏହାର ସଫଳତା ଦେଖିବା ପରେ ଏହାକୁ ବ୍ୟାପକ ପ୍ରଚଳନ ପାଇଁ ସମସ୍ତ ଡବ୍ଲୁ୍ୟଇଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହା ମ୍ୟାଲେରିଆ, ଡେଙ୍ଗୁ ଓ ଚିକୁନଗୁନିଆ ବ୍ୟାପୁଥିବା ମଶାଙ୍କୁ ନିୟନ୍ତ୍ରଣ କରିବା ସଙ୍ଗେ ବିଭିନ୍ନ ଚର୍ମ ରୋଗ ପାଇଁ ମଧ୍ୟ ଉପାଦେୟ ହୋଇପାରେ। ରାୟଗଡ଼ା ଜିଲ୍ଲାର ଶିକ୍ଷା ଓ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ହଷ୍ଟେଲ ଗୁଡିକରେ ଅନ୍ତେବାସୀ ଭାବେ ରହି ଆସୁଥିବା ଛାତ୍ରଛାତ୍ରୀମାନେ ବର୍ଷା ଦିନେ ପ୍ରାୟତଃ ମଶା କାମୁଡ଼ିବା ଦ୍ୱାରା ମ୍ୟାଲେରିଆ, ଡେଙ୍ଗୁ ଭଳି ରୋଗରେ ଆକ୍ରାନ୍ତ ହେଉଥିବାବେଳେ ଅନେକ ଅନ୍ତେବାସୀ ମୃତ୍ୟୁ ବରଣ କରିଥିବା ମଧ୍ୟ ନଜିର ରହିଛି। ଯାହାକୁ ଜିଲ୍ଲା ପ୍ରଶାସନ ଅତି ଗମ୍ଭୀର ଭାବେ ଚିନ୍ତା କରି ପିଲାଙ୍କୁ ମଶା ଦାଉରୁ ରକ୍ଷା କରିବାକୁ ବିଭିନ୍ନ ଯତ୍ନ ନେବାକୁ ପଦକ୍ଷେପ ଗ୍ରହଣ କରୁଛି।



# ମହିଳାଙ୍କ ଆତ୍ମହତ୍ୟା ଘଟଣା; ସ୍ୱାମୀ ଗିରଫ



ବିଷମ କଟକ, ୧୯।୭ (ସମିସ): ଗୁରୁବାର ବେକରେ ରଶି ଲଗାଇ ବିବାହିତ ମହିଳା ଆତ୍ମହତ୍ୟା କରିବା ଘଟଣାରେ ବିଷମ କଟକ ପୁଲିସ ଥାନାରେ ଅଟକ ରଖିଥିବା ସ୍ୱାମୀ ମକର କାଡ୍ରାକାଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ, ରାୟଗଡ଼ା ଜିଲ୍ଲା ବିଷମ କଟକ ଥାନା ଅନ୍ତର୍ଗତ ଚାଞ୍ଚଡାଗୁଡା ଗ୍ରାମର ମାଠିଆ ସାହିରେ ମକର କାଡ୍ରାକାଙ୍କ ସ୍ତ୍ରୀ ଅନୁ ବ୍ରେକବାଡା ତାଙ୍କ ଘରେ ଫାଶି ହୋଇ ମୃତ୍ୟୁବରଣ କରିଥିଲେ। ଏନେଇ ମୃତ ମହିଳାଙ୍କ ବାପା ତାଙ୍କ ଝିଅ ହତ୍ୟା କରାଯାଇଥିବା ନେଇ ବିଷମକଟକ ଥାନାରେ ସ୍ୱାମୀ ମକର କାଡ୍ରାକାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏ ମାମଲାରେ ବିଷମ କଟକ ପୁଲିସ୍ ସ୍ୱାମୀକୁ ଥାନାରେ ଅଟକ ରଖି ପଚରାଉଚରା କରି ତଦନ୍ତ ଚଳାଇଥିଲା। ତଦନ୍ତରେ ମକର କାଡ୍ରାକା ନିୟମିତ ଭାବେ ତାଙ୍କ ସ୍ତ୍ରୀକୁ ଯୌତୁକ ପାଇଁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିବା ପୁଲିସ ଜାଣିବାକୁ ପାଇଛି। ସ୍ୱାମୀର ଅତ୍ୟାଚାର ସହି ନପାରି ସ୍ତ୍ରୀ ଫାଶି ହୋଇଯାଇଥିବା ଅଭିଯୋଗରେ ପୁଲିସ୍ ସ୍ୱାମୀ ମକର କାଡ୍ରାକାଙ୍କ ବିରୋଧରେ ବିଷମ କଟକ ଥାନାରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ମକରକୁ ଜେଲ ହାଜତକୁ ପଠାଇଦିଆଯାଇଥିବା ବିଷମ କଟକ ଥାନାଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢି ସୂଚନା ଦେଇଛନ୍ତି।

# ପୂର୍ବତନ ସରପଞ୍ଚ ସେକ୍ ଗୋଫୁରଙ୍କୁ 'ମାନବ ବନ୍ଧୁ' ସମ୍ମାନ



ନନ୍ଦପୁର, ୧୯।୭ (ସମିସ): ଚଳିତ ବର୍ଷ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ କବି ସମାରୋହ ସମ୍ମିଳନୀରେ ନନ୍ଦପୁର ବ୍ଲକର ସମାଜସେବୀ ତଥା ପୂର୍ବତନ ସରପଞ୍ଚ ସେକ ଗୋଫୁର୍‌ଙ୍କୁ ମାନବ ବନ୍ଧୁ ସମ୍ମାନରେ ସମ୍ମାନିତ କରାଯାଇଛି। ସେକ୍ ଗୋଫୁର୍ ଥିବା ଗ୍ରାମ ପଞ୍ଚାୟତରେ ସରପଞ୍ଚ ଭାବେ ଅନେକ କାର୍ଯ୍ୟ କରିବା ସହ ଶିକ୍ଷା କ୍ଷେତ୍ରରେ ତାଙ୍କ ଅବଦାନ ଅତୁଳନୀୟ ବୋଲି ଅନୁଷ୍ଠିତ ସମାରୋହରେ ଉପସ୍ଥିତ ଅତିଥିମାନେ କହିଥିଲେ। ଏହି ଅବସରରେ ମୁଖ୍ୟଅତିଥି ମାଲକାନଗିରି ଜିଲ୍ଲା ଶ୍ରମ ଅଧିକାରୀ ବିନି ମୁଦୁଲି, ମୁଖ୍ୟବକ୍ତା ଦେଓମାଳି ପବ୍ଲିକ ସ୍କୁଲ ଅଧ୍ୟକ୍ଷ କର୍ମତ ଅଲ୍ଲୀ, ସମ୍ମାନିତ ଅତିଥି ଭାବେ ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ଚିତ୍ରକୋଣ୍ଡା ପୂର୍ବତନ ବିଧାୟକ ଡମ୍ବୁର ସୀସା, ଅବସରପ୍ରାପ୍ତ ଅଧ୍ୟାପକ ବିଜୟ କୁମାର ମିଶ୍ର, ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ସଭାପତି ଡା. ରାଜେନ୍ଦ୍ର କୁମାର ପାଢ଼ୀ, ସଂସଦର ସମ୍ପାଦକ କବି ବିଚିତ୍ର ନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଶ୍ରୀଗୋଫୁରଙ୍କୁ ସମ୍ମାନିତ କରିଥିଲେ।

## ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା

କୋଷାଗୁମୁଡା, ୧୯।୭ (ସମିସ): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ କୋଷାଗୁମୁଡା ତରଫରୁ ନୂତନ କରି ଯୋଗଦେଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୌମେନ୍ଦ୍ର ଭୌମିକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଗାମ୍ବର ହରିଜନ ଉପସ୍ଥିତ ଥିଲେ। ସଂଘର ସଭାପତି ଅଞ୍ଜନ କୁମାର ଖଟୁଆ, ସମ୍ପାଦକ ନାରାୟଣ ମାଝୀ, ଉପସଭାପତି ଲୋକନାଥ ଭତରା, ସହସମ୍ପାଦକ ଲାଭବାନ ହରିଜନ, କାର୍ଯ୍ୟକାରୀ ସମ୍ପାଦକ ଧନ ଭତରା, କୋଷାଧ୍ୟକ୍ଷ ଲକ୍ଷ୍ମଣ କୁମାର ସେଟ୍ଠୀ, ବରିଷ୍ଠ ଶିକ୍ଷକ ନରେନ୍ଦ୍ର ଭତରା, ସୁରେନ୍ଦ୍ର ନାଥ ସ୍ୱାଇଁ, ଭୁବନାନନ୍ଦ ଜେନା ଆଦି ଯୋଗଦେଇଥିଲେ।

## ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର କୋର୍ଟରେ ଦଣ୍ଡିତ


# ଗାଡ଼ି ମାଲିକ ନିର୍ଦ୍ଦୋଷରେ ଖଲାସ


ଜୟପୁର, ୧୯।୭ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଜିଲ୍ଲା କୋର୍ଟ ପକ୍ଷରୁ ଗତ ୧୨ ବର୍ଷ ପୂର୍ବେ ମାତାଲ ଅବସ୍ଥାରେ ଦୁର୍ଘଟଣା ଘଟାଇବା ଯୋଗୁଁ ୮ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟଣାରେ ଡ୍ରାଇଭରଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଅନ୍ୟପଟରେ ଆବଶ୍ୟକ ପ୍ରମାଣ ଅଭାବରୁ ଗାଡି ମାଲିକଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ଆଜି ଜିଲ୍ଲା ଜଜ୍ ପ୍ରଦୀପ କୁମାର ମହନ୍ତ ଏହି ମାମଲାର ବିଚାରଣା କରିବା ସହ ୨୦ଜଣଙ୍କ ସାକ୍ଷ୍ୟ ଏବଂ ୧୭ଟି ବିଭିନ୍ନ କାଗଜପତ୍ରକୁ ନେଇ ତାଙ୍କ ରାୟରେ ଅଭିଯୁକ୍ତ ଟ୍ରକ୍ ଡ୍ରାଇଭର କୋଟପାଡ ଥାନା ବିଜରାପାଲ୍ଲୀ ଗ୍ରାମର ଗୋବର୍ଦ୍ଧନ ଗାଦବା (୪୯)ଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଟଙ୍କା ଅନାଦେୟ ସ୍ଥଳେ ଅଧିକ ୧ ବର୍ଷ ୩ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ଆବଶ୍ୟକ ପ୍ରମାଣ ଅଭାବରୁ ଅନ୍ୟତମ ଅଭିଯୁକ୍ତ ଟ୍ରକ୍ ମାଲିକ ତଥା ବୋରିଗୁମ୍ମା ଥାନା ସଦର ହାଟପଦାର ବାସିନ୍ଦା ନୀଳମାଧବ ବିଶୋୟୀଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ମାମଲା ଅନୁଯାୟୀ, ଗତ ୨୦୧୩ ଫେବୃୟାରୀ ୧୮ରେ ଜୟପୁର ସଦରଥାନା ଡଙ୍ଗରଛିଞ୍ଚି ଗ୍ରାମପଞ୍ଚାୟତର ବାରଙ୍ଗାପୁଟ ଗ୍ରାମର ରଘୁନାଥ ଗାଦବାଙ୍କ ଝିଅର ସ୍ଥାନୀୟ କଦମଗୁଡା ଗ୍ରାମର ଜନୈକ ଯୁବକଙ୍କ ସହ ବିବାହ ନେଇ କନ୍ୟାଯାତ୍ରୀକୁ ନେବା ପାଇଁ ଏକ ଟ୍ରକ (ଓଆର୦୭-ଇ-୦୦୯୬)କୁ ଭଡା ଆକାରରେ ନିଆଯାଇଥିଲା। କିନ୍ତୁ ଉକ୍ତ ଦିନ ଟ୍ରକ୍ ଡ୍ରାଇଭର ମଦ ପିଇ ବାରଙ୍ଗାପୁଟ ଗ୍ରାମରେ ବୁଲୁଥିବା ଦେଖି ସ୍ଥାନୀୟ ଗ୍ରାମର କନ୍ୟାପକ୍ଷର କିଛି ଲୋକ ଉକ୍ତ ଡ୍ରାଇଭରଙ୍କୁ ଗାଡିଚଳାଇବାକୁ ମନା କରିବା ସହ ତାଗିଦ କରିଥିଲେ। କିନ୍ତୁ ମଦ୍ୟପ ଡ୍ରାଇଭର ପାଲଟା ବିରୋଧ କରୁଥିବା ଲୋକଙ୍କୁ ଧମକଚମକ ଦେଇଥିଲା। ଟ୍ରକ୍‌କୁ ଦ୍ରୁତଗତିରେ ନେଇ ସ୍ଥାନୀୟ ଥୁରିଡି ଗ୍ରାମ ନିକଟରେ ରାସ୍ତାର ଏକ ବୁଲାଣିରେ ଜାଣିଶୁଣି ଡ୍ରାଇଭର ଜଣକ ଟ୍ରକ୍‌କୁ ଓଲଟାଇ ଦେଇଥିଲେ। ଉକ୍ତ ଟ୍ରକରେ ୩୦ରୁ ଊର୍ଦ୍ଧ୍ୱ କନ୍ୟାଯାତ୍ରୀ ମହିଳା ଓ ଯୁବତୀମାନେ ଯାତ୍ରା କରୁଥିବା ବେଳେ ସେଥିମଧ୍ୟରୁ ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ୨ ଜଣଙ୍କ ଜୟପୁର ଚିକିତ୍ସାଳୟରେ ମୃତ୍ୟୁ ହୋଇଥିଲା। ଅନେକ ଯାତ୍ରୀ ଆହତ ହୋଇଥିଲେ। ଏନେଇ ସଦରଥାନାରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଭାବେ ଏସ୍‌ଆଇ ନରେଶ କୁମାର ପ୍ରଧାନ ତଦନ୍ତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସରକାରଙ୍କ ପକ୍ଷରୁ କ୍ୟାଡେର ପବ୍ଲିକ ପ୍ରସିକ୍ୟୁଟର ମହେନ୍ଦ୍ର କୁମାର ନାଗ ମାମଲାକୁ ପରିଚାଳନା କରିଥିଲେ।





















HELPLINE NUMBERS OF EMERGENCY CONTROL ROOM OF DIFFERENT OFFICES OF KORAPUT DISTRICT

A Helpline Numbers of District Emergency Operation Centre (DEOC), Collectorate, Koraput:

1. Toll Free No.: 1077
2. Land Line No.: 06852-251101

B Helpline Numbers of Emergency Control Room of Different Blocks, Tahasils & ULBs:

| Sl. No. | Name of the Block /Tahasil/ULB | Emergency Control Room Number of ... | | |
|---|---|---|---|---|
| | | Block | Tahasil | ULB |
| 1 | Boipariguda | 7684838281 | 06854249420 / 9437779898 | |
| 2 | Bandhugaon | 8926200149 | 7978063213 | |
| 3 | Borigumma | 8455976010 / 8260734456 | 8917340487 | |
| 4 | Dasmantpur | 8658687700 | 9438313526 | |
| 5 | Jeypore | 8895430640 | 9437890184 | 7978288349 |
| 6 | Koraput | 06852-250304/9437868677 | 6852359036 | 8018008166 |
| 7 | Kotpad | 06860-295559 | 06860283032 / 9437375722 | |
| 8 | Kundra | 9438420095 / 9439191217 | 7750057854 | |
| 9 | Lamtaput | 7894357949 / 8280408477 | 7008809931 / 7681021436 | |
| 10 | Laxmipur | 9337110574 | 9438104008 | |
| 11 | Nandapur | 8280408480 | 9438135635 | |
| 12 | Narayanpatna | 7008802485 | 9439318030 | |
| 13 | Pottangi | 8280408480 | 7008153736 | |
| 14 | Semiliguda | 6853358045 | 9937778924 | |
| 15 | Sunabeda | | | 9178994221 |

District Administration, Koraput
@koraputdm



# ଡିଜିଟାଲ ଯୁଗରେ ସମ୍ବାଦପତ୍ର



ବହୁ ଆହ୍ୱାନକୁ ସ୍ୱୀକାର କରି କୋଭିଡ୍ କଟକଣା ମଧ୍ୟରେ ୨୦୨୦ ମସିହା ଜୁଲାଇ ୨୦ତାରିଖର ପବିତ୍ର ବାହୁଡ଼ା ଯାତ୍ରା ଦିନ ଅବିଭକ୍ତ କୋରାପୁଟ ଜିଲାର ପ୍ରାଣକେନ୍ଦ୍ର ଭାବେ ପରିଚିତ ଐତିହାସିକ ସହର ଜୟପୁରର ଇରିଗେସନ କଲୋନିରେ 'ସକାଳ'ର ନବନିର୍ମିତ ମୁଦ୍ରଣ ସଂସ୍କରଣକୁ ଆମ ଅନୁଷ୍ଠାନର ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ଶ୍ରୀ ମାନସ ରଞ୍ଜନ ମଙ୍ଗରାଜ, ସିଇଓ ଶ୍ରୀ ସୁବ୍ରତ କୁମାର ଦାସ ଓ ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ନିଜ କରକମଳରେ ଉଦଘାଟନ କରିଥିଲେ। କୋଭିଡ୍ କଟକଣା ଯୋଗୁଁ ସୀମିତ ଲୋକଙ୍କ ମଧ୍ୟରେ ଉଦଘାଟନ ସମାପନ ହୋଇଥିଲା । 'ସକାଳ'ର ଏହି ସଂସ୍କରଣ ପ୍ରାଥମିକ ଭାବେ ତାରିଖ- ୧, ଡିସେମ୍ବର-୨୦୨୦ରୁ 'ସମ୍ବାଦ' ଛାପାଖାନାରୁ ଆରମ୍ଭ ହୋଇଥିଲେ ହେଁ ୮ମାସ ଭିତରେ 'ସକାଳ' ନିଜସ୍ୱ ଛାପାଖାନାରୁ ମୁଦ୍ରଣ ଆରମ୍ଭ ହୋଇଥିଲା। ସମ୍ପ୍ରତି 'ସକାଳ'ର ଜୟପୁର ଛାପାକଳରୁ ଆଉ ଦୁଇଟି ପ୍ରମୁଖ କାଗଜ ମୁଦ୍ରଣ ହେଉଛି। ଫଳରେ ଏଠିକାର ଗ୍ରାହକ ରୁଚି ଅନୁସାରେ ତାଜା ଓ ସତେଜ ଖବର ପାଇବାରେ ସଫଳ ହୋଇଛନ୍ତି। ଓଡ଼ିଆ ଛାପାକଳରେ ଅନ୍ୟ ପ୍ରମୁଖ ଓଡ଼ିଆ ଖବରକାଗଜ ନିର୍ବିଘ୍ନରେ ମୁଦ୍ରଣ କରିବାର ଧାରା 'ସକାଳ'ରୁ ହିଁ ଆରମ୍ଭ ହୋଇଥିଲା। ସମସ୍ତ ପ୍ରତିଦ୍ୱନ୍ଦ୍ୱି ପାଇଁ ଏକ ସୁସ୍ଥ ଓ ସୁଦୃଢ ବାତାବରଣ ତିଆରି କରି ଆଗକୁ ବଢିବାର କଳା ଆମକୁ 'ସକାଳ' ଶିଖାଇଛି। ପ୍ରତିଦ୍ୱନ୍ଦ୍ୱିତାରୁ ବହୁ ଦୂରରେ ରହି 'ସକାଳ' ମୂଳରୁ ଖବରକାଗଜ ଜଗତରେ ନିଜର ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି।

ଏଠାରେ ଉଲ୍ଲେଖ ବାହୁଲ୍ୟ ଯେ, କୋଭିଡ଼ ପୂର୍ବ ତଥା ପର ଓ ସକାଳ ପ୍ରତିଷ୍ଠାର ୪ବର୍ଷ ଭିତରେ ସମାଜରେ ଅନେକ ଆମୂଳଚୂଳ ପରିବର୍ତ୍ତନ ଘଟିଛି। ପାରମ୍ପରିକ ଗଣମାଧ୍ୟମ ଏବେ ଏକ ବଡ଼ ଆହ୍ୱାନର ଦେଇ ଗତି କରୁଛି। ବର୍ତ୍ତମାନର ଡିଜିଟାଲ, ସୋସିଆଲ ମିଡ଼ିଆ, ଏଆଇ ଓ ରିଲ ଯୁଗରେ ବହି ପଢିବା ତ ଦୂରେଥାଉ ଲୋକଙ୍କ ଖବରକାଗଜ ପଢିବା, ଟିଭିରେ ନ୍ୟୁଜ ଦେଖିବା ରୁଚି ଦ୍ରୁତ ଗତିରେ ହ୍ରାସ ପାଇଲାଣି। ପିଲାମାନେ ମୋବାଇଲ ଦେଖିଦେଖି ଖେଳକୁଦ ଭୁଲି ସାରିଲେଣି। ଖବରକାଗଜ ଏକ ମାଧ୍ୟମ ଯିଏକି ଭାଷା ସାହିତ୍ୟ, ଲେଖକ, ପାଠକପାଠିକା, ବିଦ୍ଧିଜୀବୀଙ୍କୁ ସ୍ଥିରଚିତ୍ତରେ ଏକ ସୁସ୍ଥମନରେ ବାନ୍ଧି ରଖି ସମାଜର ପରମ୍ପରା, ଐତିହ୍ୟ ଓ ଆଦର୍ଶକୁ ଆଗେଇ ନେବାରେ ସହାୟକ ହୋଇଥାଏ। ସମ୍ପ୍ରତି ଆଧୁନିକତାର ଡିଜିଟାଲ ଯୁଗର କୌଣସି ସୀମା ନିର୍ଦ୍ଧାରଣ ନଥିବାରୁ ଏହା ଆଗାମୀ ପିଢିଙ୍କ ଭବିଷ୍ୟତ ନେଇ ନାନା ଅନିଶ୍ଚିତତା ସୃଷ୍ଟି କରିଛି। ତା ସହ ଖବର ଗୁଡ଼ିକର ବିଶ୍ୱସନୀୟତା ନେଇ ନାନା ପ୍ରଶ୍ନ ଉତଥାପନ ହେଉଛି। ଅନେକ ସମୟରେ ଅଯଥାରେ ମିଛ ତଥା ଗୁଜବଗୁଡ଼ିକ ପ୍ରଚାର ହେବାରୁ ସମାଜରେ ଅରାଜକତା ସୃଷ୍ଟି ହେଉଛି। ଲୋକେ ଅକାରଣେ ନାନା ସମସ୍ୟା ଭୋଗୁଛନ୍ତି। ଡିଜିଟାଲର ପ୍ରଭାବକୁ ଦେଖି କିଛି ଅସାଧୁ ଲୋକେ ନିଜ ଅନୁସାରେ ଏହାକୁ ଏକ ଅସ୍ତ୍ର ଭାବେ ଉପଯୋଗ କରୁଛନ୍ତି। ଏହା ଅଯଥା ପ୍ରଚାରପ୍ରସାରର ଏକ ମାଧ୍ୟମ ପାଲଟିଛି। ଏଥିପାଇଁ ଲୋକେ ଡିଜିଟାଲର କେଉଁ ପ୍ଲାଟଫର୍ମକୁ ଅଧିକ ଦେଖିବେ ସେନେଇ ସନ୍ଦିହାନ ହେଉଛନ୍ତି। ଏଭଳିସ୍ଥିତିରେ ଯେଉଁ ପରିମାଣରେ ଡିଜିଟାଲମିଡ଼ିଆ ଆଗକୁ ବଢୁଛି; ସମପରିମାଣରେ କେତେକ ପ୍ଲାଟଫର୍ମରେ ଏହାର ଲୋକପ୍ରିୟତା ମଧ୍ୟ ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଉଛି। ନିଶ୍ଚିତ ଓ ଅନିଶ୍ଚିତର ରୂପାନ୍ତରଣ ଯୁଗରେ ପାରମ୍ପରିକ ଗଣମାଧ୍ୟମଗୁଡ଼ିକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି। ଏଭଳିସ୍ଥିତିରେ ପ୍ରକୃତ ଗଣମାଧ୍ୟମର ସୁରକ୍ଷା ସକାଶେ ସରକାରଙ୍କ ସହଯୋଗ ଅପରିହାର୍ଯ୍ୟ । କାରଣ ଖବରର ବିଶ୍ୱସନୀୟତା ପାଇଁ ଲୋକେ ପୁଣି ଖବରକାଗଜ ଖୋଜୁଛନ୍ତି। ତେଣୁ ପାରମ୍ପରିକ ମିଡ଼ିଆକୁ ବାନ୍ଧି ରଖିବାର ବେଳ ଉପନୀତ। ଡିଜିଟାଲ, ଏଆଇର ଅପ୍ରାକୃତିକ ପ୍ରତିଦ୍ୱନ୍ଦ୍ୱିତା ଭିତରେ ସମସ୍ତ ପାରମ୍ପରିକ ଗଣମାଧ୍ୟମ ସମାଜରେ ଏକ ସୁସ୍ଥ ପରମ୍ପରା ସୃଷ୍ଟି କରିବା, ଓଡ଼ିଆ ଜାତିକୁ ସୁସଙ୍ଗଠିତ କରି ସୁଦୃଢ କରିବା ନିମିତ୍ତ ଏକମନ, ଏକପ୍ରାଣ ହୋଇ କମ କରିବାର ଆବଶ୍ୟକତା ମନେ ହୁଏ। ଯାହାକୁ ମୂଳରୁ 'ସକାଳ' ଅନୁସରଣ କରିଆସିଛି।

ଜୟପୁର ମୁଦ୍ରଣ ସଂସ୍କରଣର ଚତୁର୍ଥ ବର୍ଷ ପଦାର୍ପଣରେ ଏହି ଅନୁଷ୍ଠାନକୁ ଋଦ୍ଧିମନ୍ତ କରିବାରେ ସହାୟକ ହୋଇଥିବା ଅଗଣିତ ପାଠକପାଠିକା, ବିଜ୍ଞାପନଦାତା, ସରକାରୀ ଓ ବେସରକାରୀ ଅନୁଷ୍ଠାନ, ସାମ୍ବାଦିକ, ଏଜେଣ୍ଟ, ବିତରକ, ଶୁଭେଚ୍ଛୁ ଓ ସମସ୍ତଙ୍କୁ 'ସକାଳ'ର ସାଧୁବାଦ।

**ରାକେଶ କୁମାର ପାଢ଼ୀ**
ଶାଖା ମୁଖ୍ୟ, 'ସକାଳ'
ଜୟପୁର ମୁଦ୍ରଣ ସଂସ୍କରଣ, କୋରାପୁଟ

# ରାମନାଗୁଡ଼ାରେ ଫଳିଲା ଡ୍ରାଗନ୍ ଫଳ

ରାୟଗଡ଼ା,୧୯।୭(ସମିସ)





ରାମନାଗୁଡ଼ା ବ୍ଲକ ଗୋଗୁପାଡୁ ପଞ୍ଚାୟତର ଗୋଟା ଗ୍ରାମରେ ଡ୍ରାଗନ ଫଳ ଫଳିଛି। ଯାହାଯୋଗୁଁ ଏବେ ସ୍ୱାବଲମ୍ବୀ ହୋଇଛନ୍ତି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ। ସୂଚନାନୁଯାୟୀ, ଓଡ଼ିଶା ଜୀବିକା ମିଶନ ପକ୍ଷରୁ ରାମନାଗୁଡ଼ା ବ୍ଲକ୍ ଗୋଗୁପାଡୁ ପଞ୍ଚାୟତର ଗୋଟା ଗ୍ରାମରେ ଡ୍ରାଗନ୍ ଫଳ ଚାଷ କରାଯାଇଥିଲା। ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀ ମା' ନନ୍ଦ ଗଣ୍ଡାକୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ

**ସ୍ୱାବଲମ୍ବୀ ହେଲେ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା**

ଏହି ପ୍ରକଳ୍ପ ହାତକୁ ନେଇଥିଲା ଓଡ଼ିଶା ଜୀବିକା ମିଶନ। ଯାହା ବର୍ତ୍ତମାନ ସଫଳ ରୂପାୟନ ନେଇଥିବା ଦେଖିବାକୁ ମିଳିଛି। ଚାଷୀଙ୍କ ସ୍ୱଳ୍ପ ଆୟକୁ ଦେଖି ଅଧିକା ଆୟ ଯୋଜନାରେ ଏହି ପଦକ୍ଷେପ ନିଆଯାଇଥିଲା। ଓଡ଼ିଶା ଜୀବିକା ମିଶନ ଓ ମା' ନନ୍ଦ ଗଣ୍ଡା ସ୍ୱୟଂ ସହାୟିକା ଗୋଷ୍ଠୀ ମଧ୍ୟରେ ଆଲୋଚନା ପରେ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ଡ୍ରାଗନ ଫଳ ଚାଷ ପାଇଁ ଇଚ୍ଛା ପ୍ରକାଶ କରିଥିଲେ। ପଞ୍ଚାୟତ ସମିତି କାର୍ଯ୍ୟାଳୟରେ କୃଷି ବିଭାଗ, ଉଦ୍ୟାନ ବିଭାଗ, ଓଡିଶା ଜୀବିକା ମିଶନ ଓ ବିଭିନ୍ନ ବିଭାଗକୁ ନେଇ ଏକ କମିଟି ଗଠନ କରାଯାଇଥିଲା। ସବୁ ବିଭାଗର ସହଭାଗିତାରେ ଉକ୍ତ ଚାଷ କିପରି ଉନ୍ନତ ଧରଣର କରାଯିବ ତାହା ସ୍ଥିରୀକୃତ କରାଯାଇଥିଲା। ଡ୍ରାଗନ୍ ଫଳ ଚାଷ ନିମନ୍ତେ ମୃତ୍ତିକା ପରୀକ୍ଷଣ କରାଯାଇଥିଲା। ଏହାପରେ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନା ଓ କୃଷି ବିଭାଗର ପରାମର୍ଶ ଅନୁଯାୟୀ ଜମିକୁ ଚାଷ ଉପଯୋଗୀ କରାଯାଇ ପରବର୍ତ୍ତି ସମୟରେ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କୁ ଉକ୍ତ ଚାଷ ନିମନ୍ତେ କନ୍ଧମାଳ ଜିଲାର ଫିରିଙ୍ଗିଆ ବ୍ଲକ୍‌କୁ ପରିଦର୍ଶନ ପାଇଁ ନେଇ ସେଠାରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାପରେ ସଭ୍ୟାମାନେ ପ୍ରାୟ ୦.୭୫ ଏକର ଜମିରେ ଚାଷ କରିବା ପାଇ ୧୫୦ ଗୋଟି ପୋଲ ଏବଂ ଫ୍ରେମ୍ ତିଆରି କରିଥିଲେ। ଉକ୍ତ ପୋଲ ଏବଂ ଫ୍ରେମ ପାଇଁ ମୋଟ ୧୩୫୦ ଟଙ୍କା ହିସାବରେ ୧ଲକ୍ଷ ୮୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ଏତଦ୍‌ବ୍ୟତିତ ଡ୍ରାଗନ ଫଳ ଚାଷ ପାଇଁ ୬୦୦ ଚାରା ନିମନ୍ତେ ୩୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ଉକ୍ତ ସମସ୍ତ ଖର୍ଚ୍ଚର ଅନୁଦାନ ଓଡିଶା ଜୀବିକା ମିଶନର ଅଧିକ ମୂଲ୍ୟଯୁକ୍ତ ଶସ୍ୟ ଯୋଜନା ଅଧୀନରେ ବହନ କରାଯାଇଥିଲା। ଉଦ୍ୟାନ ବିଭାଗ ତରଫରୁ ଡ୍ରିପ ଏବଂ ଚାରା ନିମନ୍ତେ ସବସିଡିର ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ଫଳ ଅମଳ ସହିତ ବଜାରରେ ବିକ୍ରି ମଧ୍ୟ ଆରମ୍ଭ ହେଲାଣି। ଏହି ଚାଷରୁ ୧ କେଜିକୁ ୩୦୦ ଟଙ୍କା ହିସାବରେ ବର୍ଷକୁ ପ୍ରାୟ ୭ ରୁ ୮ ଲକ୍ଷ ଟଙ୍କା ଆୟ ହେବାର ସମ୍ଭାବନା ରହିଛି। ଏଭଳି ଏକ ନିଆରା ଏବଂ ଉଚ୍ଚ ଜ୍ଞାନ କୌଶଳ ସମ୍ପନ୍ନ ଡ୍ରାଗନ ଫଳ ଚାଷ ଜିଲ୍ଲାପାଳ ତଥା ସିଇଓ ପାରୁଲ ପଟାୱରିଙ୍କ ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଫଳ ହୋଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ସଭ୍ୟାମାନେ କହିଛନ୍ତି।

# ୱେବ୍ ଚ୍ୟାନେଲ୍ ସାମ୍ବାଦିକଙ୍କୁ ହତ୍ୟା ମାମଲାରେ ୨ ଗିରଫ


ମାଲକାନଗିରି,୧୯।୭(ସମିସ)

ମାଲକାନଗିରି ଜିଲ୍ଲାର ୱେବ୍ ଚ୍ୟାନାଲ ସାମ୍ବାଦିକ ଚିନ୍ତାକାଏଲୁ ନରେଶ କୁମାରଙ୍କୁ ହତ୍ୟା ଘଟଣାରେ ପୁଲିସକୁ ମିଳିଛି ବଡ ସଫଳତା। ହତ୍ୟା କାଣ୍ଡରେ ସଂପୃକ୍ତ ଦୁଇ ମୁଖ୍ୟ ଅଭିଯୁକ୍ତଙ୍କୁ ହାଇଦ୍ରାବାଦରୁ ଗିରଫ କରିଛି ମାଲକାନଗିରି ପୁଲିସ। ସେମାନେ ହେଲେ ମୋଟୁ ଥାନା ଅନ୍ତର୍ଗତ ଏମ୍‌ଭି ୭୫ ଗ୍ରାମର ସୁକୁମାର ରାୟ ଓ ଏମ୍‌ପିଭି ୮୨ ଗ୍ରାମର କନକନ ଜୋରଦାର। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏଚ୍ ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅନ୍ତର୍ଗତ ମୁରଲୀଗୁଡାରେ ଗତ ୧୨ ତାରିଖ ଦିନ ସାମ୍ବାଦିକ ଚିନ୍ତାକାଏଲୁ ନରେଶ ଓ ତାଙ୍କର କିଛି ସହଯୋଗୀ ଯାଉଥିବାବେଳେ ତାଙ୍କୁ କିଛି ଦୁର୍ବୃତ୍ତ ଆକ୍ରମଣ କରିଥିଲେ। ଫଳରେ ସାମ୍ବାଦିକ ନରେଶଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟମାନେ ସେଠାରୁ ଜୀବନ ବଞ୍ଚାଇ ଚାଲି ଯାଇଥିବା ବେଳେ ଦୁର୍ବୃତ୍ତମାନେ ସେମାନଙ୍କ କାର ମଧ୍ୟ ନେଇ ଯାଇଥିଲେ। ଏହି ଘଟଣାକୁ ନେଇ ମାଲକାନଗିରି ପୁଲିସ ବେସ ତତ୍ପରତା ଦେଖାଇ ଏସ୍‌ପି ଶ୍ରୀ ପାଟିଲଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ଏହି ଟିମ୍ ଦୁଇ ହତ୍ୟାକାରୀଙ୍କୁ ହାଇଦ୍ରାବାଦରୁ ଗିରଫ କରିଥିବାବେଳେ ସେମାନେ ବ୍ୟବହାର କରିଥିବା ଗାଡି ମଧ୍ୟ ଜବତ କରିଛି। ଘଟଣାର ତଦନ୍ତ ବର୍ତ୍ତମାନ ମଧ୍ୟ ଜାରି ରହିଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ଅଧିକ ତଥ୍ୟ ମିଳିବାର ସମ୍ଭାବନା ରହିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଆବଶ୍ୟକ ସ୍ଥଳେ ସେମାନଙ୍କୁ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।



# ଆଇନଜୀବୀ ଜି.ମନ୍ମଥ ରାଓଙ୍କ ପରଲୋକ

ବିଷମ କଟକ,୧୯।୭(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ୍‌ର ବରିଷ୍ଠ ଆଇନଜୀବୀ ଜି.ମନ୍ମଥରାଓଙ୍କ ପରଲୋକ ଘଟିଛି। ହାଇଦ୍ରାବାଦର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ବର୍ଷ ବୟସ ହୋଇଥିଲା। ମଅତ୍ୟୁ ଶଯ୍ୟା ନିକଟରେ ତାଙ୍କ ଧର୍ମପତ୍ନୀ ଜି. ରମାଦେବୀ ଓ ସାନପୁଅ ଜି.ଶ୍ରୀକାନ୍ତ ଉପସ୍ଥିତ ଥିଲେ। ସେ ବିଷମ କଟକ ମା' ମାର୍କମା ମହାବିଦ୍ୟାଳୟ ପ୍ରତିଷ୍ଠାର ମୂଖ୍ୟ ପୁରୋଧା ରହିଥିଲେ। ରବିବାର ତାଙ୍କ ପାର୍ଥୀବ ଶରୀର ବିଷମ କଟକ ଜନ୍ମମାଟିରେ ପହଞ୍ଚିବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି। ସ୍ୱର୍ଗତ ରାଓଙ୍କ ବିୟୋଗରେ ବିଷମ କଟକ ଓକିଲ ସଂଘ ସଭାପତି ସନ୍ତୋଷ କୁମାର ପଣ୍ଡା,



ରାୟଗଡା ଓକିଲ ସଂଘ ସଭାପତି ଦେବୀ ପଟ୍ଟନାୟକ, ଗୁଣପୁର ଓକିଲ ସଂଘ ସଭାପତି ଗୌରୀଶଙ୍କର ଦାଶ, ବରିଷ୍ଠ ଆଇନଜୀବୀ କୃଷ୍ଣ ଚନ୍ଦ୍ର ସାହୁ, ଚନ୍ଦ୍ରମୌଳି ପଟ୍ଟନାୟକ, ଏସ୍. ବାବୁରାଓ, ବୃନ୍ଦାବନ ଗୌଡ, ଦିଲିପ ପଟ୍ଟନାୟକ, ପ୍ରଶାନ୍ତ କୁମାର ରଥ, ବିଷମ କଟକ ବିଧାୟକ ନିଳମାଧବ ହିକକା, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା, ପୂର୍ବତନ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧିର କୁମାର ଦାଶ, ମା' ମାର୍କମା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ସୁଦର୍ଶନ ରଥ, ବର୍ତ୍ତମାନର ଅଧ୍ୟକ୍ଷ ଉମାଶଙ୍କର ରତ୍ନାଲୁ, ଡ. ଅଶ୍ୱିନି ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି।

# ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ପାଇଁ ପ୍ରସ୍ତୁତି ବୈଠକ



ରାୟଗଡା,୧୯।୭(ସମିସ): ଆଗାମୀ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ପାଇଁ ଏକ ପ୍ରସ୍ତୁତି ବୈଠକ ରାୟଗଡ଼ା ଜିଲ୍ଲା ପରିଷଦର ସିଡିଓ ତଥା ଇଓ ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳଛାୟା, ଆଇସିଡିଏସ୍, ମୌଳିକ ଭିତ୍ତିଭୂମି ଏବଂ ସାମାଜିକ ବିକାଶ ପ୍ରମୁଖ ବିଭାଗର ଅଧିକାରୀଙ୍କ ସହିତ ଆକାଂକ୍ଷୀ ବ୍ଲକର ବିଡିଓ, ଆକାଂକ୍ଷୀ ବ୍ଲକ ବ୍ୟକ୍ତିବିଶେଷ ଏବଂ ପିରାମଲ ଫାଉଣ୍ଡେସନ ଦଳ ବୈଠକରେ ଅଂଶଗ୍ରହଣ କରିଥିଲେ। ପଦ୍ମପୁର ବ୍ଲକ ୬ଟି ପ୍ରମୁଖ ସୂଚକାଙ୍କ ମଧ୍ୟରୁ ୫ଟି ସୂଚକାଙ୍କ ହାସଲ କରିଛି। ସେହିପରି ମୁନିଗୁଡ଼ା ୩ଟି ସୂଚକାଙ୍କ ହାସଲ କରିଛି। ଜିଲ୍ଲାସ୍ତରରେ ରାୟଗଡ଼ା ଦୁଇଟି ସୂଚକାଙ୍କରେ ୧୦୦ ପ୍ରତିଶତ ସଂତୃପ୍ତି ହାସଲ କରିଛି। ଯାହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ବୈଠକରେ କୁହାଯାଇଥିଲା। ଏହି ସଫଳତାଗୁଡ଼ିକୁ ବଜାୟ ରଖିବା ଏବଂ ଆଗାମୀ ୭ ଦିନିଆ କାର୍ଯ୍ୟକ୍ରମର ସଫଳ ପ୍ରଚଳନ ପାଇଁ ବିସ୍ତୃତ ଯୋଜନାଗୁଡ଼ିକର ଗୁରୁତ୍ୱ ଉପରେ ସିଡିଓ ଗୁରୁତ୍ୱାରୋପ କରିଥିଲେ। ଅର୍ଥପୂର୍ଣ୍ଣ ଗୋଷ୍ଠୀ ଅଂଶଗ୍ରହଣ ଓ ଦୀର୍ଘକାଳୀନ ପ୍ରଭାବ ସୁନିଶ୍ଚିତ କରିବା ପାଇଁ ଏକ ସହଯୋଗୀ ରଣନୀତି ସହିତ ବୈଠକ ଶେଷ ହୋଇଥିଲା।

# ମେଧାବୀ ଛାତ୍ର ସତ୍ୟ ନାଚିକାକୁ ଆର୍ଥିକ ସହାୟତା

ରାୟଗଡା,୧୯।୭(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ସିନ୍ଦିପଦର ଗ୍ରାମର ମେଧାବୀ ଛାତ୍ର ସତ୍ୟ ନାଚିକା ଚଳିତ ବର୍ଷ ଭାରତୀୟ ବୈଷୟିକ ଶିକ୍ଷା ଅନୁଷ୍ଠାନ ମାଡ୍ରାସରେ ନାମ ଲେଖିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ତାଙ୍କର ବାପା ବଦ୍ରୁ ନାଚିକା ମୃତ୍ୟବରଣ କରିଥିବା ବେଳେ ତାଙ୍କର ମା' ସାଲେମା ନାଚିକାଙ୍କ ବୟସାଧିକ ହେତୁ ପରିବାର ଆର୍ଥିକ ଅବସ୍ଥା ଭଲ ନଥିବାରୁ ସୁଦୂର ମାଡ୍ରାସରେ ଯାଇ ପାଠ ପଢିବା ସମ୍ଭବପର ହୋଇପାରିବ ନାହିଁ ବୋଲି ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶିବିରରେ ଆର୍ଥିକ ସହାୟତା ପାଇଁ ଆବେଦନ ପତ୍ର ଦାଖଲ କରିଥିଲେ। ଜିଲ୍ଲାପାଳ ପାରୁଲ ପଟାୱରୀଙ୍କ ଅନୁମୋଦନ କ୍ରମେ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର ସତ୍ୟ ନାଚିକାଙ୍କୁ ୬୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ସତ୍ୟ ନାଚିକାଙ୍କ ଏହି ଅଭିନବ ଯାତ୍ରା ପାଇଁ ଜନସାଧାରଣ ଓ ପ୍ରଶାସନ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।




# ଖରିଫ ଋତୁ ପାଇଁ ଚାଷୀଙ୍କ ପଞ୍ଜୀକରଣ ଆରମ୍ଭ

ରାୟଗଡ଼ା,୧୯।୭(ସମିସ): ରାୟଗଡ଼ା ଜିଲ୍ଲାରେ ଚଳିତ ଖରିଫ ଋତୁ ୨୦୨୫-୨୬ ନିମନ୍ତେ ଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟା ଶନିବାରଠାରୁ ଆରମ୍ଭ ହୋଇ ଅଗଷ୍ଟ ୨୦ ପର୍ଯ୍ୟନ୍ତ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପତ୍ର ସଂଖ୍ୟା ୧୨୩୩୧/ ୧୬.୦୮.୨୦୨୫ ଅନୁଯାୟୀ ଚାଲୁ ରହିବ ବୋଲି ଆଜି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ କହିଛନ୍ତି। ବିଭାଗ ପକ୍ଷରୁ ଜିଲ୍ଲାର ସମସ୍ତ ଚାଷୀଙ୍କୁ ଚଳିତ ବର୍ଷ ଚାଷୀ ପଞ୍ଜୀକରଣ ସମ୍ପୂର୍ଣ୍ଣ ନୂତନ ଭାବରେ କରାଯିବ ଏବଂ ପୂର୍ବ ବର୍ଷର ନବୀକରଣ କରାଯିବାର କୌଣସି ବ୍ୟବସ୍ଥା ନାହିଁ ବୋଲି ଅବଗତ କରାଯାଇଛି। ଏହି ପ୍ରକ୍ରିୟାରେ ଚାଷୀଙ୍କର ଇ - କେୱାଇସି ଓ ବ୍ୟାଙ୍କ ଖାତା ସହ ଆଧାର ସଂଯୋଗୀକରଣ ବାଧ୍ୟତାମୂଳକ କରାଯାଇଥିବା ଯୋଗାଣ ଅଧିକାରୀ ଦାଶରଥି ସୋରେନ ଜଣାଇଛନ୍ତି।



















## ନିୟନ୍ତ୍ରିତ ବଜାର କମିଟି କୋରାପୁଟ

କୋରାପୁଟ ଉପଖଣ୍ଡ ଅଞ୍ଚଳ ର ସମସ୍ତ ଚାଷୀ ଭାଇ ଭଉଣୀ ମାନଙ୍କୁ ଜୟପୁର ସଂସ୍କରଣ ଓଡିଆ ଖବର କାଗଜ " ସକାଳ " ର ଚତୁର୍ଥ ବାର୍ଷିକୋତ୍ସବ ଅବସରରେ ନିୟନ୍ତ୍ରିତ ବଜାର କମିଟି କୋରାପୁଟ ତରଫରୁ ଅନେକ ଶୁଭେଚ୍ଛା ଓ ଶୁଭକାମନା।

ସମସ୍ତ ଚାଷୀ ଭାଇ ଭଉଣୀ ମାନଙ୍କୁ ଅନୁରୋଧ ,ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳିତ ଜାତୀୟ କୃଷି ବଜାର କୁନ୍ଦୁଲି (electronic-National Agricultural Market (e-NAM) ରେ ନିଜର ଉତ୍ପାଦିତ କୃଷିଜାତ ଦ୍ରବ୍ୟ ଅନ ଲାଇନ ମାଧ୍ୟମ ରେ ବିକ୍ରିବଟା କରି ଉଚିତ ମୂଲ୍ୟ ପାଆନ୍ତୁ । ଉକ୍ତ ଜାତୀୟ କୃଷି ବଜାର କୁନ୍ଦୁଲି ରେ ସମସ୍ତ ଆନୁଷଙ୍ଗିକ ସୁବିଧା ଯଥା :- ପିଣ୍ଡି , କଭରପିଣ୍ଡି ,ଗୋଦାମ ଗୃହ ,କୃଷକ ବିଶ୍ରାମ ସ୍ଥଳୀ, ପାନୀୟ ଜଳ , ବଜାର ଆଲୋକିକରଣ ,ୱେ-ବ୍ରିଜ, ଏଟିଏମ, ପରିଶ୍ରାଗାର (ପୁରୁଷ ଓ ମହିଳାଙ୍କ ପାଇଁ ), dormitory , ନିଲାମ ଗୃହ, ଲାବୋରଟୋରୀ,ମିନି ଶୀତଳ ଭଣ୍ଡାର , ଇତ୍ୟାଦି ର ସୁବିଧା କରାଯାଇଅଛି। ଏଣୁ ସମସ୍ତ ଚାଷୀ ଓ ବ୍ୟବସାୟୀ ମାନଙ୍କୁ ଅନୁରୋଧ, ସେମାନେ ନିଜ ନିଜର ନାମ ଜାତୀୟ କୃଷି ବଜାର ପୋର୍ଟାଲ ରେ ପଞ୍ଜୀକରଣ କରି ନିଜର ଉତ୍ପାଦିତ କୃଷିଜାତ ଦ୍ରବ୍ୟ ବିକ୍ରି କରି ଲାଭବାନ ହୁଅନ୍ତୁ।

ସ୍ୱା/-
ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି କୋରାପୁଟ

ସ୍ୱା/-
ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି କୋରାପୁଟ

# ଜିଲ୍ଲା ମୂଳନିବାସୀ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠିତ



ମାଲକାନଗିରି,୧୯।୭(ସମିସ)

ମାଲକାନଗିରି ଜିଲ୍ଲା ସଦର ଅନ୍ତର୍ଗତ କୁମୁଟିଗୁଡ଼ା ସ୍ଥିତ ଆଦିବାସୀ କମ୍ୟୁନିଟି ଗୃହରେ ଅନୁସୂଚିତ ଜାତି ଜନଜାତି ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ଜାରାଶବର ମାଡିଙ୍କ ସଭାପତିତ୍ୱରେ ଏକ ଜରୁରୀକାଳିନ ସଭା ଅନୁଷ୍ଠିତ ହୋଇଥିଲା। ବିଶ୍ୱ ମୂଳନିବାସୀ ଦିବସ ପାଳନ ସମୟରେ ପଛୁଆ ବର୍ଗ ଓ ଅଳ୍ପ ସଂଖ୍ୟକ ଲୋକମାନେ ବାଦ ପଡିଯାଉଥିବାରୁ ପୂର୍ବରୁ ରହିଥିବା ଅନୁସୂଚିତ ଜାତି ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟିକୁ ଭଙ୍ଗକରି ଜିଲ୍ଲା ମୂଳନିବାସୀ ମିଳିତ କ୍ରିୟାନୁଷ୍ଠାନ କମିଟି ନାମରେ ଏକ ନୂତନ କମିଟି ଗଠନ କରାଯାଇଛି।

ସର୍ବସମ୍ମତିକ୍ରମେ ଏ କମିଟିର ସଭାପତି ଜାରାଶବର ମାଡି ଓ ସାଧାରଣ ସମ୍ପାଦକ ଭାବେ ହରିବନ୍ଧୁ ଗଲୋରୀଙ୍କୁ ଚୟନ କରାଯାଇଛି। ଉପଦେଷ୍ଟା କମିଟିରେ ପ୍ରଭାକର ହନ୍ତାଳ, ରଥୀକୃଷ୍ଣ ପାତ୍ର, ବାଲାରାଜୁ ଗେମେଲ, ଘନଶ୍ୟାମ ମାଡକାମୀ, ଗୋପୀ ପାଙ୍ଗି ଓ ବିଜୟ ପୁସୁର ସ୍ଥାନ ପାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ସୋନୁ ଅନୁଗୁ ଓ ଜିଲ୍ଲା ସଂଯୋଜକ ଭାବେ ଡମ୍ବରୁ ବାଘଙ୍କୁ ଚୟନ କରାଯାଇଛି। ଉପସଭାପତି ଭାବେ ଘେନୁ ମୁଦୁଲି, ଇର୍ମା ପଡ଼ିଆମୀ, ବଳରାମ ଅନୁଗୁକିଆ, ମୁକ୍ତା ହନ୍ତାଳ, ବି. କାମେଶ୍ୱର ରାଓ ଓ ମନୋଜ ମାଳି ସ୍ଥାନ ପାଇଥିବା ବେଳେ କର୍ଣ୍ଣେଶ୍ୱର ପୋଟଲାଙ୍କୁ କୋଷାଧ୍ୟକ ଭାବେ ଚୟନ କରାଯାଇଛି। ସମାନ ରୂପେ ଯୁଗ୍ମ ସମ୍ପାଦକ, ସାଙ୍ଗଠନିକ ସଂପାଦକ ଭାବେ ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଛି। ବିଶ୍ୱ ମୂଳନିବାସୀ ଦିବସ ପାଳନ ଉପଲକ୍ଷେ ଚଳିତ ମାସ ୨୩ ତାରିଖରେ ପୁନର୍ବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି କ୍ରିୟାନୁଷ୍ଠାନ କମିଟିର ସଭାପତି ଜାରାଶବର ମାଡି ସୂଚନା ଦେଇଛନ୍ତି। ଆଜିର ଏହି ବୈଠକରେ ଜିଲ୍ଲାର ପ୍ରାୟ ସବୁ ବର୍ଗର ମୂଳନିବାସୀମାନେ ଯୋଗ ଦେଇଥିଲେ। ହରିବନ୍ଧୁ ଗଲୋରୀ ସଭା ପରିଚାଳନା କରିଥିଲେ। ଶେଷରେ ସଭାପତିଙ୍କ ଧନ୍ୟବାଦ ଅର୍ପଣ ପରେ ସଭାସାଙ୍ଗ କରାଗଲା।

# ବାଲିମେଳା ଟାଉନ ହଲ୍ ସମ୍ମୁଖ ରାସ୍ତା ମରଣଯନ୍ତା

କୋରୁକୋଣ୍ଡା, ୧୯।୭(ସମିସ)

ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ଗୋପବନ୍ଧୁ ଛକ ଠାରୁ ମନ୍ତ୍ରୀ ଛକ ପର୍ଯ୍ୟନ୍ତ ତଥା ବାଲିମେଳା ଏନ୍‌ଏସିର

- ରାସ୍ତା ଓ ଡ୍ରେନ୍ କଂକ୍ରିଟ ଉଠି ସୃଷ୍ଟି ହୋଇଛି ଗର୍ତ୍ତ
- ଦୁର୍ଦ୍ଦଶା ଭୋଗୁଛନ୍ତି ଅଞ୍ଚଳବାସୀ



କଲ୍ୟାଣ ମଣ୍ଡପ ସମ୍ମୁଖରେ ଥିବା ମୁଖ୍ୟ ରାସ୍ତା ମରଣଯନ୍ତା ପାଲଟିଛି। ଉଭୟ ପାର୍ଶ୍ୱର ରାସ୍ତା ଦବିବା ସହ ବିଭିନ୍ନ ସ୍ଥାନରେ କଂକ୍ରିଟ ବାହାରି ଆଁ କରିଛି। ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ସ୍ଥାନରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ଖାଲି ଏତିକି ନୁହେଁ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଡ୍ରେନ୍ ଗୁଡିକର କାନ୍ଥରେ ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। କିଛି ସ୍ଥାନରେ ଡ୍ରେନ୍‌ର କାନ୍ଥ ଭୁଶୁଡି ପଡ଼ିଥିବା ଦେଖିବାକୁ ମିଳିଛି।ବାଲିମେଳା ସହରର ଏହି ମୁଖ୍ୟ ରାସ୍ତା ଦେଇ ଜୀବନକୁ ବାଜି ଲଗାଇ ପ୍ରତିଦିନ ଅଞ୍ଚଳର ଲୋକେ ବିଭିନ୍ନ ଅଞ୍ଚଳକୁ ଯାତାୟତ କରୁଛନ୍ତି।

ଏହା ସହରର ମୁଖ୍ୟ ରାସ୍ତା ହୋଇଥିବାବେଳେ ଦୀର୍ଘ ବର୍ଷ ହେବ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗର୍ତ୍ତ ସୃଷ୍ଟି ହୋଇ ରହିଛି। ଯାହାଫଳରେ ଏହି ରାସ୍ତା ପାର୍ଶ୍ୱର୍ ଏବେ ଦୁର୍ଘଟଣାର କାରଣ ପାଲଟିଛି। ବାଲିମେଳା ସହରବାସୀଙ୍କ ସମେତ ପ୍ରତିଦିନ ଆଖ ପାଖ ବିଭିନ୍ନ ପଞ୍ଚାୟତର ଲୋକେ ବିଭିନ୍ନ କାର୍ଯ୍ୟ ନେଇ ବାଲିମେଳା ସହରକୁ ଯାତାୟାତ କରିଥାନ୍ତି। ଏହି ରାସ୍ତା ଖରାପ ଥିବାରୁ ଜନ ସାଧାରଣ ଏହି ରାସ୍ତା ଦେଇ ଯାତାୟାତ କରିବା ସମୟରେ ବହୁ ବସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାକୁ ମରାମତି କରିବା ନିମନ୍ତେ ବାଲିମେଳା ସହରର ନିର୍ବାଚିତ ଜନ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ସହରବାସୀଙ୍କ ପକ୍ଷରୁ ବହୁବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ବି କୌଣସି ପଦକ୍ଷପ ନିଆଯାଉନଥିବା ଅଭିଯୋଗ ହୋଇଛି। ଏହି ରାସ୍ତାଟି ବଡଦାଣ୍ଡ ହୋଇଥିବାରୁ ଚଳିତ ବର୍ଷ ରଥଯାତ୍ରା ସମୟରେ ଲୋକଙ୍କୁ ଦୁର୍ଘଟଣାରୁ ଏଡାଇବା ପାଇଁ ପ୍ରଶାସନ ପକ୍ଷରୁ ଏହି ରାସ୍ତାର ଦୁଇ ପାର୍ଶ୍ୱରେ ଖୁଣ୍ଟ ପୋତା ଯାଇ ବେରିକେଟ କରାଯାଇଥିଲା। ହେଲେବି ଆଜି ପର୍ଯ୍ୟନ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗୁନି ବୋଲି ଲୋକେ ଅଭିଯୋଗ କରିଛନ୍ତି।

ଏନେଇ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ମହାଦେବ କୁମ୍ଭାରଙ୍କୁ ପଚାରିବାରୁ ବାରମ୍ବାର କାହିଁକି କହୁଛନ୍ତି ବୋଲି ଓଲଟା ପ୍ରଶ୍ନ କରିବା ସହ ଯାହା କହିବାର ଅଛି ମାଲକାନଗିରି ଅଫିସକୁ ଯାଇ ସେମାନଙ୍କୁ କୁହନ୍ତୁ ବୋଲି କହିଥିଲେ। କୌଣସି କାରଣରୁ କନିଷ୍ଠ ଯନ୍ତ୍ରୀ ଶ୍ରୀ କୁମ୍ଭାର ଦୁଇଜଣ ଲୋକଙ୍କୁ ନେଇ ଖାଲଖମା ହୋଇଥିବା ରାସ୍ତା ଓ ଡ୍ରେନ୍‌ର ମାପ ନେଉଥିବା ଦେଖିବାକୁ ମିଳିଛି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷପ କରି ଏହି ରାସ୍ତା ଆଉ ଡ୍ରେନ୍‌କୁ ନିର୍ମାଣ କରିବାକୁ ସହରବାସୀ ଦାବି କରିଛନ୍ତି।

# ସହକାରୀ ଯନ୍ତ୍ରୀଙ୍କ ରାତିଅଧିଆ ବଦଳିକୁ ନେଇ ଚର୍ଚ୍ଚା

ଖଇରପୁଟ,୧୯।୭(ସମିସ): ମାଲକାନଗିରି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଭୋଳାନାଥ ସେଠିଙ୍କ ହଠାତ୍ ବଦଳିକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ତେବେ ବଦଳି ଆଦେଶରେ ସାରା ରାଜ୍ୟରେ କେବଳ ଜଣଙ୍କ ନାମ ରହିଥିବା ବେଳେ ବଦଳି ସହ ସଂଗେ ସଂଗେ ରିଲିଫ ମଧ୍ୟ କରାଯାଇଥିବା ସନ୍ଦେହକୁ ଘନୀଭୂତ କରାଉଥିବା ଚର୍ଚ୍ଚା ହେଉଛି। ହଠାତ୍ ଏଭଳି ବଦଳି କାହିଁକି ତାହାକୁ ନେଇ ବିଭିନ୍ନ ମହଲରେ ନାନା ଆଲୋଚନା ହେଉଛି। ସୂଚନା ଥାଉକି, ପୂର୍ବରୁ ଏହି ବିଭାଗର ବିଭିନ୍ନ ଦୁର୍ନୀତି ଖବର ସାମ୍ନାକୁ ଆସିବା ପରେ ଭିଜିଲାନ୍ସ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କୁ ଗିରଫ କରିଥିଲା। ତେବେ କିଛି ନିମ୍ନମାନର ରାସ୍ତାର ବିଲ କରିବାକୁ ମନା କରିବାରୁ ଏଭଳି ବଦଳି ହେବା ଚର୍ଚ୍ଚା ହେଉଛି। ଗୋଟିଏ ବି ସହକାରୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଗରେ ନଥିବା ବେଳେ ଏହି ଗୋଟିଏ ସହକାରୀ ଯନ୍ତ୍ରୀଙ୍କୁ କେଉଁ ଉଦ୍ଦେଶ୍ୟରେ ବଦଳି କରାଯାଇଛି ତାକୁ ନେଇ ସବୁଠି ଚର୍ଚ୍ଚା ଜୋର୍ ଧରିଛି। ଏପଟେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ମୁଖ୍ୟ ଯନ୍ତ୍ରୀଙ୍କୁ ପଚାରିବାରୁ ବଦଳି ନିର୍ଦ୍ଦେଶ ଥିଲା ଏବଂ ସଂଗେ ସଂଗେ ରିଲିଫ ପାଇଁ ଉପରୁ ଚାପ ରହିଥିଲା ବୋଲି କହିଛନ୍ତି।

